# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୪/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, July 24/2023 | Page 14 | ₹ 7.00

୪୯ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 239 | ମୂଲ୍ୟ ₹୭/-




**ସିରାଜଙ୍କୁ ୫ ଉଇକେଟ**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ବୋଲର ମହମ୍ମଦ ସିରାଜ ୫ଉଇକେଟ ସଫଳତା ପାଇଛନ୍ତି।

୧୪

୦୨

**ବିବାଦୀୟ ସାକ୍ଷାତ୍କାର ପରେ ସନି ଲିଓନଙ୍କୁ ମିଳିଥିଲା ସମର୍ଥନ**

ଅଭିନେତ୍ରୀ ସନି ଲିଓନ ୨୦୧୬ରେ ଦେଇଥିବା ସାକ୍ଷାତ୍କାରକୁ ନେଇ ବିବାଦ ଦେଖାଯାଇଥିଲା। ପରେ ବଲିଉଡ୍‌ରୁ ତାଙ୍କୁ ସମର୍ଥନ ମିଳିଥିଲା।





ହୀରାକୁଦ ଡ୍ୟାମ୍‌ର ୫ଟି ଗେଟ୍ ଦେଇ ରବିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେଉଛି।

# ସାପ କାମୁଡ଼ାରେ ୩ ଛାତ୍ରୀଛାତ୍ର ମୃତ

**ଘରୋଇ କୋଚିଂ ସେଣ୍ଟରରେ ଅଘଟଣ**

- ୫ ଦିନ ପୂର୍ବେ ଅନ୍ୟ ଏକ ଛାତ୍ରାବାସରେ ଜଣଙ୍କ ମୃତ୍ୟୁ ହୋଇଥିଲା
- ବିନା କାଗଜପତ୍ରରେ ଚାଲିଥିବା ଅଭିଯୋଗ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ(ମହେଶ୍ୱର ଦାଶ),୨୩।୭

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଜାଳି ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଥିବା ଏକ ଘରୋଇ ଛାତ୍ରାବାସରେ ଅଭାବନୀୟ ଘଟଣା ଘଟିଯାଇଛି। ଶନିବାର ରାତିରେ ଛାତ୍ରୀଛାତ୍ର ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ାରେ ୩ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଛାତ୍ରୀ, ଜଣେ ଛାତ୍ର ଥିବା ଜଣାପଡ଼ିଛି। ମୃତ ଛାତ୍ରୀଛାତ୍ର ହେଲେ ଘଟଗାଁ ବ୍ଲକ୍ ବଡ଼ବେରବେଡ଼ା ଗ୍ରାମର ଗୋବର୍ଦ୍ଧନ ନାଏକଙ୍କ ଝିଅ ଏଲିନା ନାଏକ(୮), ଯୋଡ଼ା ବ୍ଲକ ଉଚ୍ଚବାଲି ଗ୍ରାମର ଛତିଶ କୁମାର ନାଏକଙ୍କ ଝିଅ ସ୍ନେହାଶ୍ରୀ ନାଏକ(୯) ଓ ବାମେବାରୀ ଥାନା ନୟାଗଡ଼ ଅଞ୍ଚଳର ମନୋଜ କୁମାର ନାଏକଙ୍କ ପୁଅ ରାଜା ନାଏକ(୧୦)। ଗୁରୁତର ଛାତ୍ର ହେଲେ ବଡ଼ବିଲ ଥାନା ଠାକୁରାଣୀ ଗ୍ରାମର ରଞ୍ଜନ ନାଏକଙ୍କ ପୁଅ ଆକାଶ ନାଏକ(୧୨)। ବେଆଇନ ଭାବେ ଛାତ୍ରାବାସ ଚାଲୁଥିବା ଅଭିଯୋଗ ହେଉଥିବା ବେଳେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ପରେ ଅନେକ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରକୁ ନେଇ ପଳାଇଛନ୍ତି।

ସୂଚନା ଅନୁଯାୟୀ, ଅବସରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ମହାନ୍ତଙ୍କ ନିଶ୍ଚିନ୍ତପୁର ଗ୍ରାମରେ ଏକ ଘରୋଇ କୋଚିଂ ସେଣ୍ଟର ରହିଛି। ସେଠାକାର ଛାତ୍ରାବାସରେ ୧୧୬ ଜଣ ଅନ୍ତେବାସୀ ରହୁଛନ୍ତି। ସମସ୍ତ ଅନ୍ତେବାସୀଙ୍କ ଶୋଇବା ପାଇଁ ଖଟ ଦିଆଯାଇ ନ ଥିବାରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ଷତି ଭାରତର, ଲାଭ ଚାଇନାର**

# ମନଇଚ୍ଛା ପାଣି ଛାଡୁଛି ଛତିଶଗଡ଼

## ସମନ୍ୱୟ ଅଭାବରୁ ବସିପାରୁନି ମହାନଦୀ ଜଳ ପରିଚାଳନା ବୈଠକ

ସମ୍ବଲପୁର, ୨୩।୭(ଶୁଭାଶିଷ ପାଢ଼ୀ)

ମହାନଦୀ ପାଣିକୁ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଆନ୍ତଃରାଜ୍ୟ ଜଳ ବିବାଦ ଲାଗିରହିଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକାଧିକ ବ୍ୟାରେଜ ନିର୍ମାଣ କରିଥିବାରୁ ତଳମୁଣ୍ଡରେ ଜଳ ପ୍ରବାହ ଠିକ୍ ଭାବେ ହୋଇପାରୁ ନାହିଁ। ବିଶେଷକରି ଅଣମୌସୁମୀ ସମୟରେ ମହାନଦୀ ଶୁଖିଲା ପଡୁଥିବାବେଳେ ମୌସୁମୀ ସମୟରେ ଛତିଶଗଡ଼ ମନଇଚ୍ଛା ଗେଟ ଖୋଲି ବନ୍ୟା ସ୍ଥିତି ସୃଷ୍ଟି କରୁଛି। ଉଭୟ ରାଜ୍ୟ ମଧ୍ୟରେ ଥିବା ଜଳ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରୁ ନାହିଁ। ବିଶେଷକରି ବନ୍ୟାଜଳ ପରିଚାଳନାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବାରୁ ବୈଠକ ମଧ୍ୟ ଠିକ୍ ଭାବେ ବସିପାରୁ ନାହିଁ। କେବଳ ଜ୍ଞାନକୌଶଳ, ଆଇଏମ୍‌ଡିର ପୂର୍ବସୂଚନା ଆଧାରରେ ଅନୁମାନ କରି ହୀରାକୁଦ ନଦୀବନ୍ଧ ଯୋଜନାର ଜଳ ପରିଚାଳନା କରାଯାଉଛି ବୋଲି ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି।

ମୁଖ୍ୟଯନ୍ତ୍ରୀଙ୍କ କହିବା ହେଲା, ୨୦୧୯ ଅଗଷ୍ଟ ପରଠାରୁ ବନ୍ୟାଜଳ ନିଷ୍କାସନ ଓ ପରିଚାଳନା ନେଇ ଛତିଶଗଡ଼ ରାଜ୍ୟ ଅସହଯୋଗ କରିଆସୁଛି। ଦୀର୍ଘ ୪ବର୍ଷ ହେଲା ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ସମନ୍ୱୟ ରହୁନାହିଁ। ଜାତୀୟ ଡ୍ୟାମ୍ ସୁରକ୍ଷା କମିଟି କିମ୍ବା ଆନ୍ତଃରାଜ୍ୟ ଉପକମିଟି ବୈଠକ ଉଭୟ ରାଜ୍ୟ ଭିତରେ ହୋଇପାରୁ ନାହିଁ। ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ବାରମ୍ବାର ବୈଠକ ପାଇଁ ଚିଠି କରିବା ପରେ ମଧ୍ୟ ଛତିଶଗଡ଼ ଉତ୍ତର ଦେଉନି କିମ୍ବା ବୈଠକ ବସିପାରୁନି। ଏପରି କି ଛତିଶଗଡ଼ରେ ଥିବା ଡ୍ୟାମ୍‌ଗୁଡ଼ିକର ଗେଟ୍ ଖୋଲିବା, ବର୍ଷା ପରିମାଣ, କେତେ ପରିମାଣ ପାଣି ଜଳଭଣ୍ଡାରକୁ ପ୍ରବେଶ କରିବ ସେ ନେଇ ଛତିଶଗଡ଼ ସୂଚନା ଦେଉନାହିଁ। ଜଳଭଣ୍ଡାରରେ ଜଳରଖିବା କ୍ଷମତା ଓ ସମୟକୁ ନେଇ ରୁଲକର୍ଭ ନିୟମ ରହିଛି। ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ଏହି ନିୟମ ହୋଇଥିଲା। ହେଲେ ଛତିଶଗଡ଼ ଏହାର ଖୋଲା ☞ପୃଷ୍ଠା-୪

## ହୀରାକୁଦରୁ ଛଡ଼ାଗଲା ପ୍ରଥମ ବନ୍ୟାଜଳ

**୫ ଗେଟ୍ ଦେଇ ଜଳ ନିଷ୍କାସନ**

ସମ୍ବଲପୁର,୨୩।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରୁ ରବିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ଧାର୍ଯ୍ୟ ସମୟ ଓ ଲଗ୍ନ ଅନୁସାରେ ପୂଜାର୍ଚ୍ଚନା ପରେ ପ୍ରଥମେ ବାମପାର୍ଶ୍ୱର ୭ ନମ୍ବର ସ୍ଲୁଇସ ଗେଟ୍ ଖୋଲାଯାଇଥିଲା । ପରେ ବାମପଟର ୨ ଓ ଡାହାଣ ପାର୍ଶ୍ୱର ଅନ୍ୟ ୨ ଏପରି ମୋଟ ୫ ଗେଟ୍ ଖୋଲାଯାଇଥିଲା। ସକାଳ ୬ଟାରୁ ୯ଟା ୪୦ମିନିଟ ମଧ୍ୟରେ ଶୁଭବେଳା ରହିଥିବାବେଳେ ଠିକ୍ ୯ଟା ସମୟରେ ଗେଟ୍ ଖୋଲିଥିଲା। ଏବେ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ☞ପୃଷ୍ଠା-୪

# ଜେଇ ସିଭିଲ ମେନ୍ ପରୀକ୍ଷା ରଦ୍ଦ

**ସେପ୍ଟେମ୍ବର ୩ରେ ସାନି ପରୀକ୍ଷା**

- ପ୍ରଶ୍ନପତ୍ର ଲିକ୍: ବାଲେଶ୍ୱର ଏସ୍‌ପିଙ୍କ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର/ବାଲେଶ୍ୱର, ୨୩।୭ (ଅନୁରାଧା ମହାରଣା /ମାନସ ବିଶ୍ୱାଳ)

ଗତ ୧୬ ତାରିଖରେ ହୋଇଥିବା ଜେଇ ସିଭିଲ ମେନ୍ ପରୀକ୍ଷାକୁ ରଦ୍ଦ କରାଯାଇଥିବା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ଅଧ୍ୟକ୍ଷ ଅଭୟ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗର ତଦନ୍ତ କରି ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଦେଇଥିବା ରିପୋର୍ଟ ଅନୁସାରେ ଏହି ପରୀକ୍ଷାକୁ ରଦ୍ଦ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ସାନି ପରୀକ୍ଷା ହେବା ନେଇ ଓଏସ୍ଏସ୍‌ସି ପକ୍ଷରୁ କୁହାଯାଇଛି। ରବିବାର ଅପରାହ୍ନରେ ଏସ୍‌ପି ଅଫିସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ☞ପୃଷ୍ଠା-୪






# ବିଦେଶ ଯାଉଛନ୍ତି, ମଣିପୁର ଆସନ୍ତୁ

**ମେଇତି ସମ୍ପ୍ରଦାୟ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମଣିପୁର ହାଇକୋର୍ଟଙ୍କ ଏ ସମ୍ପର୍କିତ ରାୟ ଉତ୍ତର-ପୂର୍ବ ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ମେ' ୩ରୁ ଜାତିଆଣ ହିଂସା ଏବଂ ଯୌନହିଂସାରେ ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେବେଠୁ ଅଦ୍ୟାବଧି ୭ ଦେଶ ଗସ୍ତ କଲେଣି। ଏହି ଉଚ୍ଚସ୍ତରୀୟ ଗସ୍ତବେଳେ ୧.୭୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସରକାରୀ ଭାବେ କୁହାଯାଉଛି, ଯାହାକି ପ୍ରକୃତରେ ଆହୁରି ଅଧିକ ହୋଇପାରେ। ଇତିମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଣିପୁର ଗସ୍ତ କରିସାରିଥିବାବେଳେ ଦେଶର ପ୍ରଧାନମନ୍ତ୍ରୀ କାହିଁକି ହିଂସା ପ୍ରଭାବିତ ରାଜ୍ୟକୁ ଯାଉନାହାନ୍ତି ବୋଲି ଅନେକ ବିରୋଧୀ ନେତା, ସାମାଜିକ କର୍ମୀ ଓ ଅଧିକାର କର୍ମୀ ପ୍ରଶ୍ନ କରିଛନ୍ତି।**

- ପ୍ରଧାନମନ୍ତ୍ରୀଙ୍କ ତତ୍କାଳ ହସ୍ତକ୍ଷେପ ଲୋଡ଼ିଲେ ଲୌହମାନବୀ ଇରୋମ ଶର୍ମିଳା

ଇମ୍ଫାଲ/କୋଲକାତା/ନୂଆଦିଲ୍ଲୀ,୨୩।୭



ଭାଜପା ଶାସିତ ଜାତିଆଣ ହିଂସା ଓ ଯୌନ ହିଂସା ପ୍ରଭାବିତ ମଣିପୁରରେ ଆଦିବାସୀ ମହିଳାମାନଙ୍କୁ ଉଲଗ୍ନ ପରେଡ୍ ଏବଂ ଗଣବଳାତ୍କାର କରାଯିବା ଘଟଣାକୁ ରବିବାର ନାଗରିକ ଅଧିକାର କର୍ମୀ ଇରୋମ ଚାନୁ ଶର୍ମିଳା ଅତ୍ୟନ୍ତ ଅମାନବୀୟ ବୋଲି ଅଭିହିତ କରିଛନ୍ତି। ତାଙ୍କ ରାଜ୍ୟର ସ୍ଥିତିରେ ସୁଧାର ଆଣିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳ ହସ୍ତକ୍ଷେପ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। କେବଳ ଏତିକି ନୁହେଁ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂ ନିଜ ବିଫଳତା ସ୍ୱୀକାର ☞ପୃଷ୍ଠା-୪

## ୭ ଦେଶ ବୁଲି ୧.୭୯ କୋଟି ଖର୍ଚ୍ଚ କରିଛନ୍ତି ପ୍ରଧାନମନ୍ତ୍ରୀ



ବେଙ୍ଗାଲୁରୁ,୨୩।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ଏବଂ ଜୁଲାଇ ମାସରେ ଆମେରିକା, ଫ୍ରାନ୍ସ ସମେତ ୭ ରାଷ୍ଟ୍ର ଗସ୍ତ କରିଥିଲେ। ଏ ବାବଦରେ କେନ୍ଦ୍ର ସରକାର ୧.୭୯ କୋଟି ଟଙ୍କା ବ୍ୟୟ କରିଛନ୍ତି। ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ପୃଥିବୀ କକ୍ଷ ଛାଡ଼ିବ ଚନ୍ଦ୍ରଯାନ-୩

ବେଙ୍ଗାଲୁରୁ,୨୩।୭

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପ୍ରେରଣ କରିଥିବା ଚନ୍ଦ୍ରଯାନ-୩ ଖୁବ୍‌ଶୀଘ୍ର ପୃଥିବୀ କକ୍ଷ ଛାଡ଼ି ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିବା ପାଇଁ ଅଗ୍ରସର ହେଉଛି। ଧୀରେ ଧୀରେ ଏହା ଚନ୍ଦ୍ରର ନିମ୍ନ କକ୍ଷପଥକୁ ଯିବା ସହ ଅଗଷ୍ଟ ୨୩ରେ ସଫ୍ଟ ଲ୍ୟାଣ୍ଡିଂ କରିବ ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ଗତ ୧୪ ତାରିଖରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ☞ପୃଷ୍ଠା-୪

## ସେକ୍ସ ସିନ୍ ବେଳେ ଗୀତା ପାଠକୁ ବିରୋଧ

**ବିବାଦରେ ଫିଲ୍ମ 'ଓପେନ୍‌ହାଇମର'**

ନୂଆଦିଲ୍ଲୀ,୨୩।୭

ବିଶ୍ୱର ପ୍ରଥମ ପରମାଣୁ ବୋମାର ମାଷ୍ଟରମାଇଣ୍ଡ ରବର୍ଟ ଓପେନ୍‌ହାଇମରଙ୍କ ବାୟୋପିକ୍ (ଆତ୍ମଜୀବନୀ ଚଳଚ୍ଚିତ୍ର) ଶୁକ୍ରବାର ରିଲିଜ୍ ହୋଇଛି। ଏହା ଭଲ ରେଟିଂ ହାସଲ କରିବା ସହ ବକ୍ସ ଅଫିସ୍‌ରେ ଚହଳ ସୃଷ୍ଟି କରିଛି। କିନ୍ତୁ ଏହାର ଏକ ବିବାଦୀୟ ସିନ୍ ଅନେକ ଭାରତୀୟ ଦର୍ଶକଙ୍କୁ ମର୍ମାହତ କରିଛି। କ୍ରିଷ୍ଟୋଫର ନୋଲନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ 'ଓପେନ୍‌ହାଇମର'ରେ ଏକ ସେକ୍ସ ସିନ୍‌ରେ ଭଗବଦ୍ ଗୀତା ପଢ଼ିବା ନେଇ 'ସେଭ୍ କଲ୍‌ଚର ସେଭ୍ ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ବିରୋଧ କରାଯାଇଛି।

ରବର୍ଟ ଓପେନ୍‌ହାଇମର ଭୂମିକାରେ ଅଭିନୟ କରୁଛନ୍ତି ସିଲିୟନ ମର୍ଫି। ଫିଲ୍ମର ଏକ ଦୃଶ୍ୟରେ ଜଣେ ମହିଳା ଓପେନ୍‌ହାଇମରଙ୍କ ସହ ସମ୍ଭୋଗ କରୁଛନ୍ତି। ଏହି ସମୟରେ ମହିଳା ଜଣକ ଓପେନ୍‌ହାଇମରଙ୍କ ☞ପୃଷ୍ଠା-୪




## ୨୮% ସମର୍ଥନ ହରାଇଲେ କିଶିଦା



ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ କ୍ୟାବିନେଟ୍ ପ୍ରତି ୨ ମାସ ମଧ୍ୟରେ ୧୭% ଜନ ସମର୍ଥନ ହ୍ରାସ ପାଇଛି। ମାତ୍ର ୨୮% ଜାପାନୀ ଏବେ କିଶିଦା ସରକାରଙ୍କୁ ସମର୍ଥନ କରୁଥିବା ନେଇ ରବିବାର 'ମାଇନିଚି ଶିମ୍ବୁନ୍' ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଗତ ଫେବୃୟାରୀରୁ ଅଦ୍ୟାବଧି ଜନ ସମର୍ଥନ ୩୦% ତଳକୁ ଖସିବାରେ ଏହା ହେଉଛି ପ୍ରଥମ। ସମର୍ଥନ ହରାଉଥିବା କିଶିଦା ଆଗକୁ ନିଜ କ୍ୟାବିନେଟରେ ଅଦଳବଦଳ ପାଇଁ ଚିନ୍ତା କରୁଛନ୍ତି।

## ଇଶାକ୍ ହେବେ ପାକ୍‌ର ଅନ୍ତରୀଣ ପ୍ରଧାନମନ୍ତ୍ରୀ



ଆର୍ଥିକ ଦୁର୍ଗତି ଓ ରାଜନୈତିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଶାସକ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ ପାର୍ଟି ଅର୍ଥମନ୍ତ୍ରୀ ଇଶାକ୍ ଡାରଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ବାଛିପାରେ। ନ୍ୟାଶନାଲ ଆସେମ୍ବ୍ଲିରେ ସରକାରଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୧୪ରେ ଶେଷ ହେଉଥିବାରୁ ତାଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଦେବା ପାଇଁ ବିଚାର କରାଯାଉଛି। ପରବର୍ତ୍ତୀ ନିର୍ବାଚନ ତାରିଖ ନିର୍ବାଚନ କମିଶନ ଘୋଷଣା କରିବେ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ରବିବାର ସୂଚନା ଦେଇଛନ୍ତି।

## ହାରିଯିବେ କି ପେଡ୍ରୋ



ସ୍ପେନ୍‌ରେ ନୂଆ ସରକାର ଗଠନ ପାଇଁ ରବିବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ୨୦୧୮ ଜୁନ୍‌ରୁ ପ୍ରଧାନମନ୍ତ୍ରୀ ଥିବା ପେଡ୍ରୋ ସାନ୍‌ଚେଜ୍(୫୧)ଙ୍କ ସୋସିଆଲିଷ୍ଟ ସରକାର ବିରୋଧରେ ଜନମତ ଗଲେ ୫୦ ବର୍ଷ ମଧ୍ୟରେ ଦକ୍ଷିଣପନ୍ଥୀ ଦଳ ପ୍ରଥମ ଥର ପାଇଁ କ୍ଷମତାଚ୍ୟୁତ ହେବ। ବିରୋଧୀ ନେତା ଆଲ୍‌ବର୍ଟୋ ନୁନେଜ୍ ଫେଇଜୁଙ୍କ ପିପୁଲ୍ସ ପାର୍ଟି ସପକ୍ଷରେ ଫଳାଫଳ ଆସିପାରେ ବୋଲି ଓପିନିୟନ୍ ପୋଲ୍‌ଗୁଡ଼ିକ ଭବିଷ୍ୟବାଣୀ କରିଛନ୍ତି। ପ୍ରକାଶ ଯେ, ୧୯୭୦ ଦଶକରେ ଫ୍ରାନ୍ସିସ୍କୋ ଫ୍ରାଙ୍କୋଙ୍କ ଏକଛତ୍ରବାଦୀ ଶାସନର ଅନ୍ତ ଘଟିବା ପରେ ସୋସିଆଲିଷ୍ଟ ୱାର୍କର୍ସ ପାର୍ଟି କ୍ଷମତାସୀନ ହୋଇଥିଲା।

## ପୁଅକୁ କ୍ଷମତା ଦେବେ ହୁନ୍



୧୯୯୮ରୁ ନିରବଚ୍ଛିନ୍ନ ଭାବେ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଆସିଥିବା ହୁନ୍ ସେନ୍ ସାଧାରଣ ନିର୍ବାଚନରେ ନିଜ ଦଳ କାମ୍ବୋଡିଆନ୍ ପିପୁଲ୍ସ ପାର୍ଟି (ସିପିପି) ଅଭୂତପୂର୍ବ ବିଜୟ ହାସଲ କରିଥିବା ରବିବାର ଦାବି କରିଛନ୍ତି। ଆସିଥିବା ୮୪% ଫଳାଫଳରୁ ଜନମତ ହୁନ୍‌ଙ୍କ ସପକ୍ଷରେ ଯାଇଥିବା କୁହାଯାଉଛି। ସେ ନିଜ ବଡ଼ପୁଅ ହୁନ୍ ମନେଟ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଇବାକୁ ଯାଉଛନ୍ତି। କିନ୍ତୁ ଏହା ପୂର୍ବରୁ ମନେଟ୍‌ଙ୍କୁ କୌଣସି ନ୍ୟାଶନାଲ ଆସେମ୍ବ୍ଲି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଜିତିବାକୁ ପଡ଼ିବ।

### ସଂକ୍ଷେପରେ

## ଟୁଇଟର ବ୍ରାଣ୍ଡ, ଲୋଗୋ ବଦଳିବ

**ନୂଆଦିଲ୍ଲୀ,୨୩।୭:** ଟୁଇଟରର ବ୍ରାଣ୍ଡ ଏବଂ ଲୋଗୋକୁ ଖୁବ୍‌ଶୀଘ୍ର ବିଦାୟ ଦିଆଯିବ ବୋଲି ଏହାର ମାଲିକ ଏଲନ୍ ମସ୍କ ରବିବାର କହିଛନ୍ତି। ସେ ଏହି ପ୍ଲାଟ୍‌ଫର୍ମକୁ ପୁନଃ ନାମକରଣ କରିବାକୁ ଯୋଜନା କରୁଛନ୍ତି। ଚାଇନାର ୱେଚାଟ୍ ଭଳି ସୁପର ଆପ୍ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେ ଅନ୍ୟ ଏକ ଟୁଇଟ୍‌ରେ ପୋଷ୍ଟ କରିଥିବା X ଲୋଗୋ ଯଦି ଭଲ ହୁଏ, ତେବେ ସୋମବାର ସାରା ବିଶ୍ୱରେ ଏହାକୁ ଲୋଗୋ ଭାବେ ବ୍ୟବହାର କରାଯିବ ବୋଲି ମସ୍କ କହିଛନ୍ତି।

## ଅନୁପ୍ରବେଶ ଉଦ୍ୟମ: ୨ ଚାଇନା ନାଗରିକ ଗିରଫ

**ପାଟନା,୨୩।୭:** ବିହାରର ପୂର୍ବ ଚମ୍ପାରନ ଜିଲା ଅନ୍ତର୍ଗତ ଭାରତ-ନେପାଳ ସୀମାରୁ ୨ ଜଣ ଚାଇନା ନାଗରିକଙ୍କୁ ଗିରଫ କରାଯାଇଛି। ସେମାନେ ବିନା କାଗଜପତ୍ରରେ ବେଆଇନ ଭାବେ ଭାରତରେ ପ୍ରବେଶ ଉଦ୍ୟମ କରୁଥିଲେ। ସେମାନଙ୍କ ଅନୁପ୍ରବେଶ ଉଦ୍ଦେଶ୍ୟ ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ୍ୟ ଗୁପ୍ତଚର ଗିରି ସନ୍ଦେହ କରାଯାଉଛି। ସେମାନଙ୍କ ନାଁ ଝାଓ ଜିଙ୍ଗ୍ ଏବଂ ଏଫ୍‌ୟୁ କଙ୍ଗ ଓ ଘର ଜିଆଙ୍ଗଜି ପ୍ରଦେଶରେ ବୋଲି ଜଣାପଡ଼ିଛି। ଶନିବାର ରାତିରେ ରକ୍ସାଉଲ୍ ସହରରେ ଥିବା ଭାରତୀୟ ସୀମାଶୁଳ୍କ କାର୍ଯ୍ୟାଳୟ ନିକଟରୁ ସେମାନଙ୍କୁ ଗିରଫ କରାଯାଇଛି।

## ବିମାନରେ ପରିସ୍ରା କଲେ ମହିଳା

**ୱାଶିଂଟନ,୨୩।୭:** ବିମାନ ଯାତ୍ରୀମାନଙ୍କ ବିଶୃଙ୍ଖଳିତ ଆଚରଣ ଗତ କିଛି ମାସ ହେଲା ବାରମ୍ବାର ସାମ୍ନାକୁ ଆସୁଛି। କେଉଁଠି ଜଣେ ଯାତ୍ରୀ ଅନ୍ୟ ଜଣକ ଉପରେ ପରିସ୍ରା କଲାଣି ତ ପୁଣି କେଉଁଠି ଯାତ୍ରୀ ବିମାନର ଜରୁରୀ ଡୋର୍ ଖୋଲିଦେଲାଣି। ଏଭଳି ଆଉ ଏକ ଘଟଣା ଆମେରିକାର ସ୍ପିରିଟ୍ ଏୟାରଲାଇନ୍ସ ବିମାନରେ ଘଟିଛି। ବିମାନ କର୍ମଚାରୀମାନେ ଜଣେ ମହିଳା ଯାତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରେଷ୍ଟରୁମ୍ ବ୍ୟବହାର କରିବାକୁ ନ ଦେବାରୁ ସେ ବିମାନରେ ପରିସ୍ରା କରିବାକୁ ବାଧ ହୋଇଛନ୍ତି। ମହିଳା ଜଣକ ୨ ଘଣ୍ଟା ଅପେକ୍ଷା କରିବା ପରେ ଆଉ ରହିପାରିଲେ ନାହିଁ ବୋଲି କହିଛନ୍ତି। ସେ ବିମାନ ଚଟାଣରେ ପରିସ୍ରା କରୁଥିବାବେଳେ ଜଣେ କ୍ୟାବିନ୍ କ୍ରିଉ ଏହାର ଭିଡିଓ ରେକର୍ଡ କରିଥିଲେ।

# ଭାରତରେ 'ଅକିରା' ଆତଙ୍କ



**ନୂଆଦିଲ୍ଲୀ,୨୩।୭**

ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ଡେଟା ଚୋରି ପରେ ଲୋକଙ୍କଠାରୁ ଅର୍ଥ ଅସୁଲ ପାଇଁ ବ୍ୟବହୃତ ଇଣ୍ଟରନେଟ୍ ରାନ୍‌ସମୱେର ଭାଇରସ୍ 'ଅକିରା'କୁ ନେଇ ଦେଶବିଦେଶରେ ଆତଙ୍କ ସୃଷ୍ଟି ହୋଇଛି। ଭାରତରେ ମଧ୍ୟ ଏହାର ପ୍ରାଦୁର୍ଭାବ ବଢୁଥିବାରୁ ଦେଶର ସଂଘୀୟ ସାଇବର ସିକ୍ୟୁରିଟି ଏଜେନ୍ସି ସିଇଆର୍‌ଟି-ଇନ୍ ପକ୍ଷରୁ ରବିବାର ସତର୍କ କରାଯାଇଛି।

ସଦ୍ୟ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ, ଅକିରା ଭାଇରସ୍ ଏକ ବିପଜ୍ଜନକ ମାଲ୍‌ୱେର, ଯାହାକି ୱିଣ୍ଡୋଜ୍ ଏବଂ ଲାଇନକ୍ସଭିତ୍ତିକ କମ୍ପ୍ୟୁଟର ସିଷ୍ଟମ୍‌ଗୁଡ଼ିକୁ ଟାର୍ଗେଟ କରିଥାଏ। ସାଇବର ସ୍ପେସ୍‌ରେ ଏହି ମାଲ୍‌ୱେର ଦ୍ରୁତଗତିରେ ମାଡ଼ିଚାଲିଛି। ଏକ ହ୍ୟାକର୍ ଗୋଷ୍ଠୀ ଏହାକୁ ବ୍ୟବହାର କରି ପ୍ରଥମେ ଲୋକଙ୍କ କମ୍ପ୍ୟୁଟରରୁ ସେମାନଙ୍କ ତଥ୍ୟ ଚୋରି କରୁଛନ୍ତି। ପରେ ତାକୁ ସିଷ୍ଟମ୍‌ରେ ଡେଟା ଏନ୍‌କ୍ରିପ୍ଟ କରି ଏଭଳି ଦାବି କରୁଛନ୍ତି ଯେ, ସେଥିରେ ଲୋକେ ଭୟଭୀତ ହୋଇ ଅର୍ଥ ଦେବାକୁ ବାଧ ହେଉଛନ୍ତି। ଏହାର ଶିକାର ହୋଇଥିବା

### ସତର୍କ କରାଇଲା ସିଇଆର୍‌ଟି-ଇନ୍

- ମାଲୱେର୍ ବ୍ୟବହାର କରି ସିଷ୍ଟମ୍‌ରୁ ଡେଟା ଚୋରି
- ଦାବି ମୁତାବକ ଅର୍ଥ ନ ଦେଲେ ଡାର୍କ ୱେବ୍‌ରେ ପୋଷ୍ଟ

ବ୍ୟକ୍ତି ଦାବି ମୁତାବକ ଟଙ୍କା ନ ଦେଲେ ହ୍ୟାକରମାନେ ତାଙ୍କ ଡେଟାକୁ ଡାର୍କ ୱେବ୍ ବ୍ଲଗ୍‌ରେ ଛାଡ଼ିଦେଉଛନ୍ତି ବୋଲି ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ପକ୍ଷରୁ ଇଣ୍ଟରନେଟ୍ ୟୁଜର୍ସଙ୍କ ଉଦ୍ଦେଶ୍ୟରେ ଚେତାବନୀ ଦିଆଯାଇଛି। ସାଇବର ଆକ୍ରମଣର ମୁକାବିଲା ଏବଂ ଫିଶିଙ୍ଗ୍ ତଥା ହ୍ୟାକିଂ ଆସଲ୍ଟ ନିରୋଧୀ କେନ୍ଦ୍ରୀୟ କାରିଗରି ସଂସ୍ଥା ଆହୁରି କହିଛି ଯେ, ରାନ୍‌ସମୱେର ଗ୍ରୁପ୍ ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍) ସର୍ଭିସ୍ ଜରିଆରେ ଟାର୍ଗେଟ ବ୍ୟକ୍ତିଙ୍କ ପରିବେଶକୁ ଆୟତ୍ତ କରିବାରେ ସକ୍ଷମ। ବିଶେଷକରି ମଲ୍ଟି-ଫ୍ୟାକ୍ଟର ଅଥେଣ୍ଟିକେଶନ୍‌କୁ ଏନେବଲ୍ କରି ନ ଥିବା ୟୁଜର୍ସ ଏହାର ଶିକାର ହେଉଛନ୍ତି। ରାନ୍‌ସମୱେର ହେଉଛି ଏକ କମ୍ପ୍ୟୁଟର ମାଲ୍‌ୱେର, ଯାହାକି ୟୁଜର୍ସଙ୍କୁ ନିଜ ଡେଟା ବ୍ୟବହାର କରିବାକୁ ଦେଇ ନ ଥାଏ। ଏନିଡେସ୍କ, ୱିନ୍-ରାର୍ ଏବଂ ପିସିହଣ୍ଟର ଭଳି ଟୁଲ୍ସ ଜରିଆରେ ଡେଟାକୁ ସଂକ୍ରମିତ କରି ଏହାର ବ୍ୟବହାରକୁ ବ୍ଲକ୍ କରିଦେବା ଫଳରେ ସିଷ୍ଟମ୍ ଅଚଳ ହୋଇଯାଇଥାଏ। କିନ୍ତୁ କମ୍ପ୍ୟୁଟର ଅଚଳ ହେବା ପୂର୍ବରୁ ଅକିରା ସମ୍ପୃକ୍ତ ସିଷ୍ଟମ୍‌ରେ ଚଳାଉଥିବା ପ୍ରାଦୁର୍ଭାବକୁ ୟୁଜର୍ସ ଜାଣିପାରି ନ ଥାନ୍ତି।

➩ଅକିରା ହେଉଛି ରାନ୍‌ସମୱେର ଫାମିଲିର ନୂଆ ସଦସ୍ୟ। ୨୦୧୭ର ଅକିରା ସାମ୍ନାକୁ ଆସିଥିବାବେଳେ ୨୦୨୩ ମାର୍ଚ୍ଚରେ ୧୬ କମ୍ପାନୀ ଉପରେ ସାଇବର ଆକ୍ରମଣ ପାଇଁ ଏହାକୁ ପ୍ରଥମ ଥର ବ୍ୟବହାର କରାଯାଇଥିଲା।

➩ଏହା ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ଚୋରି ପରେ ୟୁଜର୍ସଙ୍କୁ ଅନେକ ନିୟୁତ ଡଲାର ଦାବି କରାଯାଇଥାଏ। ଅର୍ଥ ନ ଦେଲେ ତଥ୍ୟ ଲିକ୍ କରିଥାନ୍ତି ହ୍ୟାକର୍ସ।

➩ବିଶ୍ୱବ୍ୟାପୀ କର୍ପୋରେଟ୍ ନେଟ୍‌ୱର୍କରେ ଏହାକୁ ପ୍ରବେଶ କରାଇ ସେମାନେ ଶିକ୍ଷା, ଫାଇନାନ୍ସ, ରିଅଲ ଇଷ୍ଟେଟ୍, ମାନୁଫାକ୍ଚରିଂ ଏବଂ କନ୍‌ସଲ୍ଟିଂ କମ୍ପାନୀଗୁଡ଼ିକରୁ ବହୁ ଅର୍ଥ ଆଦାୟ କରିଥିବା ଜଣାପଡ଼ିଛି।




ଅକିରା ମାଲ୍‌ୱାର ଜରିଆରେ ଏନ୍‌କ୍ରିପ୍ଟ କରାଯାଇଥିବା ଏକ ସିଷ୍ଟମର ଫାଇଲ୍।

## 'ପରୋକ୍ଷ ଦଣ୍ଡ ପାଇଁ ଜାମିନ ଅଗ୍ରାହ୍ୟ ମନା'

**ନୂଆଦିଲ୍ଲୀ,୨୩।୭ (ପି.ଟି.)**

ଜଣେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହେବା ପୂର୍ବରୁ ପରୋକ୍ଷ ଦଣ୍ଡ ଭାବେ ତାଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀର ଏକ ଅଦାଲତ କହିଛନ୍ତି। ୧୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ଋଷି ରାଜ ନାମକ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅବସରରେ କୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଫୌଜଦାରି ଆଇନ ବ୍ୟବସ୍ଥାର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ଅଭିଯୁକ୍ତ ଦୋଷୀ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ସେ ନିର୍ଦ୍ଦୋଷ ବୋଲି ସ୍ୱତନ୍ତ୍ର ବିଚାରପତି ସୁନେନା ଶର୍ମା କହିଥିଲେ। ଏପରିକି ଅଭିଯୁକ୍ତ ଦୋଷୀ ବୋଲି ପ୍ରାଥମିକ ଅନୁଧ୍ୟାନରୁ ବିଶ୍ୱାସ କରାଗଲେ ମଧ୍ୟ ତାଙ୍କ ଜାମିନକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅଭିଯୁକ୍ତ ମାସେରୁ ଊର୍ଦ୍ଧ୍ୱ ବିଚାର ବିଭାଗୀୟ ହାଜତରେ ରହିଲେଣି ଏବଂ ଅଭିଯୋଗ ସମ୍ପର୍କିତ ଅଡିଓ ଏବଂ ଭିଡିଓ ରେକର୍ଡ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହସ୍ତଗତ ହୋଇସାରିଛି। ଅଭିଯୁକ୍ତ ଜଣେ ସରକାରୀ ଚାକିରିଆ। ଲାଞ୍ଚ ମାମଲାରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲେ ମଧ୍ୟ ପୂର୍ବରୁ ତାଙ୍କ ନାଁରେ କୌଣସି ଅପରାଧ ମାମଲା ନାହିଁ। ଏଭଳି ସ୍ଥିତିରେ ଅଭିଯୁକ୍ତ ଖସି ପଳାଇଯିବେ କିମ୍ବା ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗ ଭିତ୍ତିହୀନ ବୋଲି ବିଚାରପତି କହିଥିଲେ।

# ପୁଣି ବିପଦ ସଙ୍କେତ ଟପିଲା ଯମୁନା

### ଦିଲ୍ଲୀରେ ବନ୍ୟା ସତର୍କତା ଜାରି

**ନୂଆଦିଲ୍ଲୀ,୨୩।୭**



ହରିୟାଣାର ହାଥନିକୁଣ୍ଡ ବ୍ୟାରେଜରୁ ୨ ଲକ୍ଷ କ୍ୟୁସେକ୍ ଜଳ ଛଡ଼ାଯିବା ପରେ ଦିଲ୍ଲୀରେ ଯମୁନା ଜଳସ୍ତର ପୁଣିଥରେ ବିପଦ ସଙ୍କେତ ଅତିକ୍ରମ କରିଛି। ରବିବାର ଅପରାହ୍ନ ୩ଟାରେ ଜଳସ୍ତର ୨୦୬.୨୬ ମିଟର ହୋଇଥିବାବେଳେ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ଜଳସ୍ତର ବଢ଼ିବାରୁ ଦିଲ୍ଲୀରେ ହାଇ ଆଲର୍ଟ ଜାରି କରାଯିବା ସହ ତଳିଆ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି। ଦିଲ୍ଲୀ ସରକାର ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ମନ୍ତ୍ରୀ ଆତିଶି କହିଛନ୍ତି। ଜଳସ୍ତର ୨୦୬.୭ ମିଟର ଅତିକ୍ରମ କଲେ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବନ୍ୟା ହେବ। ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଲାଗି ସରକାର ପୂର୍ଣ୍ଣ ପ୍ରସ୍ତୁତିରେ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ରିଲିଫ କ୍ୟାମ୍ପ ଖୋଲାଯିବା ସହ ବନ୍ୟା ଆଶଙ୍କା ଥିବା ଯମୁନା ବଜାର ଏବଂ ଯମୁନା ଖଦାର ଆଦି ଅଞ୍ଚଳରେ ସତର୍କ ରହିବା ଲାଗି ନିୟମିତ ପ୍ରଚାର କରାଯାଉଛି। ମନ୍ତ୍ରୀ ସୌରଭ ଭରଦ୍ୱାଜ ରବିବାର ଅପରାହ୍ନରେ ୱାଜିରାବାଦ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଗତ ସପ୍ତାହରେ ଏହି ପ୍ଲାଣ୍ଟ ପାଇଁ ଦିଲ୍ଲୀରେ ବନ୍ୟା ହୋଇଥିଲା ଓ ରାଜଧାନୀର ବିଭିନ୍ନ ଅଞ୍ଚଳକୁ ଜଳଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିଲା।

## ଟୋଲ୍ ପ୍ଲାଜାରେ ଏମ୍‌ଏନ୍‌ଏସ୍ କର୍ମୀଙ୍କ ଭଙ୍ଗାରୁଜା

**ନାଶିକ,୨୩।୭**

ରାଜ୍ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍)ର ୧୦ରୁ ୧୨ ଜଣ କର୍ମୀ ଶନିବାର ରାତି ୨ଟା ୯ ମିନିଟରେ ସମୃଦ୍ଧି ମହାମାର୍ଗର ସିନ୍ନାରଠାରେ ଥିବା ଏକ ଟୋଲ୍ ପ୍ଲାଜାରେ ଭଙ୍ଗାରୁଜା କରିଛନ୍ତି। ରାଜଙ୍କ ପୁଅ ତଥା ଏମ୍‌ଏନ୍‌ଏସ୍ ଛାତ୍ର ସଂଗଠନର ସଭାପତି ଅମିତ୍ ଠାକ୍‌ରେ ଶନିବାର ରାତିରେ କାର୍ ଯୋଗେ ଅହମ୍ମଦନଗରରୁ ସିନ୍ନାର ଯାଉଥିବାବେଳେ ୯ଟା ୧୫ରେ ଟୋଲ୍ ପ୍ଲାଜା ଅତିକ୍ରମ କରିଥିଲେ। ଫାଷ୍ଟାଗ୍ ସମୟ ଅତିକ୍ରାନ୍ତ ହୋଇଥିବାରୁ ଟୋଲ୍ ପ୍ଲାଜାର ବୁମ୍ କାମ କରି ନ ଥିଲା। ଫଳରେ ଅମିତଙ୍କୁ ଟୋଲ୍ ପ୍ଲାଜାରେ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଏଥିରେ ଉତ୍କ୍ଷିପ୍ତ ଦଳୀୟ କର୍ମୀମାନେ ଟୋଲ୍ ପ୍ଲାଜା ଭଙ୍ଗାରୁଜା କରିଥିବା ପୋଲିସ କହିଛି।

## ମଦ କିଣିବା ପାଇଁ ୬ ମାସର ଶିଶୁକୁ ବିକିଦେଲେ ଦମ୍ପତି

**କୋଲକାତା,୨୩।୭**

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ପାଣିହାଟି ଅଞ୍ଚଳରେ ଏକ ଦମ୍ପତି ସେମାନଙ୍କର ୬ ମାସର ଶିଶୁକୁ ବିକ୍ରି କରିଦେଇଛନ୍ତି। ମଦ କିଣିବାକୁ ଟଙ୍କା ଯୋଗାଡ଼ କରିବା ପାଇଁ ସେମାନେ ଶିଶୁ ବିକ୍ରି କରିଥିଲେ। ପୋଲିସ ରବିବାର ସେମାନଙ୍କୁ ଗିରଫ କରିଛି। ଏହି ବିକ୍ରିରେ ମଧ୍ୟସ୍ଥି ଭୂମିକା ନେଇଥିବା ଶିଶୁର ଜେଜେବାପାଙ୍କୁ ମଧ୍ୟ ଗିରଫ କରାଯାଇଛି। ଶିଶୁଟିକୁ ପୋଲିସ ଏପର୍ଯ୍ୟନ୍ତ ଉଦ୍ଧାର କରି ନ ଥିବାବେଳେ ଏହା ପଛରେ ପିଲା ଚୋର ର୍‌ୟାକେଟ ସମ୍ପୃକ୍ତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଗିରଫ

### ମା' ବାପାଙ୍କ ସହ ଜେଜେବାପା ଗିରଫ

ଜୟଦେବ ଚୌଧୁରୀ(ବାପା), ସଥୀ ଚୌଧୁରୀ (ମାଆ) ଏବଂ କନାଇ ଚୌଧୁରୀ (ଜେଜେବାପା) ଶିଶୁଟିକୁ କାହାକୁ ବିକିଲେ ଜାଣିବା ପାଇଁ ପୋଲିସ ସେମାନଙ୍କୁ ଜେରା କରୁଛି। କିଛିଦିନ ହେଲା ଶିଶୁଟିକୁ ନ ଦେଖି ପଡୋଶୀ ପଚାରିବାରୁ ସେ ସମ୍ପର୍କୀୟଙ୍କ ଘରେ ରହିଥିବା ମାଆବାପା କହିଥିଲେ। ଏଥିରେ ସନ୍ଦେହ କରି ଗାଁ ଲୋକେ ସ୍ଥାନୀୟ କାଉନ୍‌ସିଲରଙ୍କୁ ଜଣାଇବା ପରେ ସେ ପୋଲିସକୁ ଖବର ଦେଇଥିଲେ।

### ଫୁର୍‌ସତ୍

## ଟ୍ରକ୍ ଚୋରି କରି ୧.୬ ଲକ୍ଷର ଟମୋଟୋ ବିକିଦେଲେ

**ବେଙ୍ଗାଲୁରୁ**



ଦେଶର ପ୍ରଯୁକ୍ତି ରାଜଧାନୀ ଭାବେ ପରିଚିତ ବେଙ୍ଗାଲୁରୁରେ ରହସ୍ୟଜନକ ଭାବେ ଟମାଟୋ ଟ୍ରକ୍ ଡକାୟତି ହୋଇଛି। ଟମାଟୋ ବୋଝେଇ ଟ୍ରକ୍ ଅପହରଣ କରିବା ଅଭିଯୋଗରେ ଏକ ଦମ୍ପତିଙ୍କୁ ପୋଲିସ ଗିରଫ କରିଛି। ଶୀଘ୍ର ଅର୍ଥ ଉପାର୍ଜନ କରିବା ଲାଗି ତାମିଲନାଡୁ ଦମ୍ପତି ଏମ୍. ଭାସ୍କରନ୍ (୩୮) ଓ ସିନ୍ଧୁଜା (୩୫) ଚୋରି ଟ୍ରକ୍‌ରୁ ୧.୬ ଲକ୍ଷ ଟଙ୍କାର ଟମାଟୋ ବିକ୍ରି କରିଦେଇଥିବା ପୋଲିସ କହିଛି। ଖବର ଅନୁଯାୟୀ, ଗତ ୮ ତାରିଖ ରାତିରେ ଟ୍ରକ୍ ଡ୍ରାଇଭର ଏ. ଶିବାନ୍ନ ଆର୍‌ଏମ୍‌ସି ୟାର୍ଡ ଥାନାରେ ପହଞ୍ଚି ତାଙ୍କ ମିନିଟ୍ରକ୍‌କୁ ଅଜଣା ବ୍ୟକ୍ତି ନେଇଯାଇଥିବା ଅଭିଯୋଗ କରିଥିଲେ। ଟ୍ରକ୍‌ରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୨୧୦ ଟ୍ରେ ଟମାଟୋ ବୋଝେଇ ହୋଇଥିଲା। ଗୋରାଗୁଣ୍ଟେପାଲ୍ୟା ଜଙ୍କ୍‌ଶନରେ ଟ୍ରକ୍‌ଟି ସେମାନଙ୍କ କାର୍‌ରେ ଘଷି ହୋଇଯାଇଥିବା ମିଛ ଅଭିଯୋଗ କରି ଅଭିଯୁକ୍ତ ଦମ୍ପତି ଡ୍ରାଇଭରଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଶିବାନ୍ନ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଟ୍ରକ୍ ନେଇଯାଇଥିଲେ। ପୋଲିସ ଅଭିଯୁକ୍ତ ଓ ସେମାନଙ୍କ କାର୍‌କୁ ଧରିବା ପାଇଁ ୨୦୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତାମିଲନାଡୁର ଭାନିୟାମ୍ବାଡ଼ି ଆଡକୁ କାର୍‌ଟି ଯାଉଥିବା ଜାଣିବାକୁ ପାଇଥିଲେ। ତେବେ ପୋଲିସକୁ ଚକ୍‌ମା ଦେବା ପାଇଁ ଅଭିଯୁକ୍ତ ଉକ୍ତ କାର୍‌ର ନମ୍ବର ପ୍ଲେଟ୍ ବଦଳାଇ ଦେଇଥିଲେ ମଧ୍ୟ ଟ୍ରକ୍ ନମ୍ବର ପ୍ଲେଟ୍ ବଦଳାଇପାରି ନ ଥିଲେ। ଶେଷରେ ଶୁକ୍ରବାର ରାତିରେ ଅଭିଯୁକ୍ତ ଦମ୍ପତିଙ୍କୁ ବାନିୟାମ୍ବାଡ଼ି ଘରୁ ଗିରଫ କରାଯାଇଥିବା ପୋଲିସ କହିଛି। ଚୋରି ଖବର ପ୍ରଚାର ହେବା ପରେ ଅଭିଯୁକ୍ତ ଉକ୍ତ ଖାଲି ଟ୍ରକ୍‌କୁ ଦେଭାନହାଲିଠାରେ ଛାଡ଼ି ପଳାଇଥିଲେ। ଏହି କାର୍ଯ୍ୟରେ ଦମ୍ପତିଙ୍କୁ ସହାୟତା କରିଥିବା ବେଙ୍ଗାଲୁରୁର କୁମାର ଏବଂ ମହେଶଙ୍କୁ ପୋଲିସ ଖୋଜୁଛି। ଭାସ୍କରନ୍‌ଙ୍କ ନାଁରେ ଚୋରି, ଡକାୟତି ଆଦି ୧୦ ମାମଲା ରହିଛି।

## ୨୦୧୬ର ସାକ୍ଷାତ୍‌କାର ପରେ ସନି ଲିଓନଙ୍କୁ ମିଳିଥିଲା ବଲିଉଡ୍ ସମର୍ଥନ

**ମୁମ୍ବାଇ**



ଅଭିନେତ୍ରୀ ସନି ଲିଓନ ୨୦୧୬ରେ ଜଣେ ଖବରଦାତାଙ୍କୁ ଏକ ସାକ୍ଷାତ୍‌କାର ଦେଇଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଏହା ପରେ ବଲିଉଡ୍‌ର ଅଭିନେତାମାନେ କିପରି ତାଙ୍କ ସମର୍ଥନରେ ଆଗେଇ ଆସିଥିଲେ, ତାହା ସନି ପ୍ରକାଶ କରିଛନ୍ତି। ଏହି ଅଭିନେତ୍ରୀ ୨୦୧୨ରେ ଚଳଚ୍ଚିତ୍ର 'ଜିସ୍ମ ୨'ରେ ଅଭିନୟ ଜରିଆରେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ଏହା ପରେ ସେ ବଲିଉଡ୍‌ର ବିଭିନ୍ନ ଫିଲ୍ମରେ କାମ କରିବା ସହ ସାକ୍ଷାତ୍‌କାରରେ ନିଜର ବୁଦ୍ଧିମତ୍ତା ବଳରେ ଅନେକଙ୍କୁ ପ୍ରଭାବିତ କରିଛନ୍ତି। ୨୦୧୬ ସାକ୍ଷାତ୍‌କାର ବେଳେ ତାଙ୍କୁ ସେକ୍ସିଷ୍ଟ କୁହାଯିବାର କାରଣ ସମ୍ପର୍କରେ ପ୍ରଶ୍ନ ହେବାରୁ ଏହା ମର୍ଯ୍ୟାଦାର କଥା ବୋଲି କହିଥିଲେ। ଉକ୍ତ ସାକ୍ଷାତ୍‌କାର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସନିଙ୍କୁ ସମାଲୋଚିତ ହେବାକୁ ପଡ଼ିଥିଲା। ତେବେ ବଲିଉଡ୍‌ରୁ ତାଙ୍କୁ ସମର୍ଥନ ମିଳିଥିଲା ବୋଲି ସେ କହିଛନ୍ତି। ବଲିଉଡ୍‌ର ଖ୍ୟାତନାମା ଅଭିନେତା ଆମିର ଖାନ୍, ଅନିଲ କପୁର, ହ୍ରିତିକ ରୋଶନ ଏବଂ ସୋନମ କପୁର ତାଙ୍କୁ ଫୋନ୍ କରି ସମର୍ଥନ ଜଣାଇଥିଲେ। ସାକ୍ଷାତ୍‌କାରକୁ ନେଇ ଗର୍ବ ଅନୁଭବ କରୁଛୁ ଏବଂ ମନୋବଳ ଦୃଢ଼ ରଖିବାକୁ କେତେଜଣ ଫୋନ୍ କରି ପରାମର୍ଶ ଦେଇଥିଲେ ବୋଲି ସନି କହିଛନ୍ତି।

## କୋବ୍ରା ବାଟାଲିୟନ ଯବାନଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ସୁନାବେଡା: ସୁନାବେଡାସ୍ଥିତ କୋବ୍ରା ବଟାଲିୟନର ବାରାକରେ ରବିବାର ଜଣେ ଯବାନ ବେକରେ ରଶିବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ଉତ୍ତର ପ୍ରଦେଶ ଇତହା ଜିଲା ନଗଲାକୁଆ ଗ୍ରାମର ଓମ୍ ବାବୁଙ୍କ ପୁଅ ଅମରପାଲ ସିଂ ବୋଲି ଜଣାପଡିଛି। ଯବାନ ଜଣକ କିଛିଦିନ ତଳେ ଏଠାରେ ନୂଆ କରି ଯୋଗ ଦେଇଥିବା ବେଳେ ସେ କେଉଁ ପରିସ୍ଥିତିରେ ଏପରି ଚରମ ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି। ସୁନାବେଡା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛନ୍ତି। ୨୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଜାରି ରଖିଛନ୍ତି। ବଟାଲିୟନର ସମସ୍ତ ଅଧିକାରୀ ପହଞ୍ଚିଛନ୍ତି। ଅମରପାଲଙ୍କ ପରିବାର ଲୋକଙ୍କ ନିକଟକୁ ଖବର ପଠାଯାଇଛି।

### ସଂକ୍ଷେପରେ

## ମଝି ଆକାଶରେ ବିମାନଯାତ୍ରୀଙ୍କ ମୃତ୍ୟୁ

### ଚିକିତ୍ସା ପାଇଁ ହାଇଦ୍ରାବାଦ ଯାଉଥିଲେ

**ଭୁବନେଶ୍ୱର,୨୩।୭ (ସୂର୍ଯ୍ୟକାନ୍ତ ବେହେରା):** କୋଲକାତାରୁ ହାଇଦ୍ରାବାଦ ଯାଉଥିବା ଏକ ବିମାନରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରତନ କର୍ମାକର। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଅଧିକ ଚିକିତ୍ସା ପାଇଁ ପୁଅ ଓ ସମ୍ପର୍କୀୟଙ୍କ ସହ ଶନିବାର ରାତିରେ ଇଣ୍ଡିଗୋ ବିମାନ (ନଂ.୬ଇ୭୭୨୫)ରେ କୋଲକାତାରୁ ହାଇଦ୍ରାବାଦ ଯାଉଥିଲେ। ହେଲେ ମଝି ଆକାଶରେ ରତନ ଅଧିକ ଅସୁସ୍ଥ ହୋଇପଡିଥିଲେ। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ବିମାନକୁ ବିଳମ୍ବିତ ରାତିରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ପରେ ତୁରନ୍ତ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହା ଜାଣିବାକୁ ଏୟାରପୋର୍ଟ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କବି ଜୟନ୍ତ ମହାପାତ୍ର ଅସୁସ୍ଥ

**କଟକ, ୨୩।୭ (କାର୍ତ୍ତିକ ସାହୁ):** କବି ଜୟନ୍ତ ମହାପାତ୍ର ରବିବାର ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଏବେ କଟକ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନରେ ରହି ଚିକିତ୍ସିତ ହେଉଛନ୍ତି। ହୃଦ୍‌ରୋଗ ବିଭାଗର ଡାକ୍ତର ତାଙ୍କ ବାସଭବନକୁ ଆସି ପରୀକ୍ଷାନିରୀକ୍ଷା କରି ଔଷଧ ପ୍ରଦାନ କରିବା ସହ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ମହାପାତ୍ରଙ୍କ ଅସୁସ୍ଥ ଖବର ପ୍ରଚାରିତ ହେବା ପରେ ତାଙ୍କ ପ୍ରଶଂସକମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସୀମାନ୍ତରେ ଯବାନ-ମାଓବାଦୀ ଗୁଳି ବିନିମୟ

**ମାଲକାନଗିରି,୨୩।୭(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ପ୍ରକାଶ ଯେ, ବିଜାପୁର ଜିଲା ଜାଙ୍ଗଲା ଥାନା ପୋଟେନର ଓ କେସାମୁଣ୍ଡି ମଧ୍ୟରେ ଥିବା ଜଙ୍ଗଲରେ ବହୁସଂଖ୍ୟକ ମାଓବାଦୀ ଏକ ବୈଠକ କରୁଥିବା ଖବର ପାଇ ସିଆର୍‌ପିଏଫ୍ ଯବାନମାନେ ଉକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ କରିଥିଲେ। ତେବେ ଯବାନମାନେ ଆସୁଥିବା ଖବର ପାଇ ମାଓବାଦୀମାନେ ଆଗରୁ ଭେରମଗଡ ଜଙ୍ଗଲ ନିକଟରେ ଜଗି ବସିଥିଲେ। ଯବାନମାନେ ଜଙ୍ଗଲ ନିକଟରେ ପ୍ରବେଶ କରିବା ପରେ ପ୍ରଥମେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ତେବେ ପ୍ରାୟ ୨୦ ମିନିଟ୍ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ବିଜାପୁର ଏସ୍‌ପି ଆଞ୍ଜନେୟ ବୈଷ୍ଣବ କହିଛନ୍ତି, ଏହି ଗୁଳି ବିନିମୟରେ ଯବାନମାନେ ସୁରକ୍ଷିତ ଅଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ସେଠାରେ କୋମ୍ବିଂ ଅପରେଶନ ଜାରି ରହିଛି। ଜଙ୍ଗଲରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି କହିଛନ୍ତି।

# ବନ ସଂରକ୍ଷଣ ସଂଶୋଧନ ବିଲ୍‌କୁ ବିରୋଧ

### ୩ ଦିନ ତଳେ ମଞ୍ଜୁରୀ ଦେଇଛି ଜେପିସି

**ନୂଆଦିଲ୍ଲୀ,୨୩।୭**

ବନ ସଂରକ୍ଷଣ ସଂଶୋଧନ ବିଲ୍‌କୁ ବୈଜ୍ଞାନିକ, ରକ୍ଷଣଶୀଳ, ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ମହଲରୁ ଜୋର୍‌ଦାର ବିରୋଧ କରାଯାଇଛି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ଦିଲ୍ଲୀ ଓ ୧୬ ରାଜ୍ୟର ଜନସାଧାରଣ ଏବଂ ଜଳବାୟୁ କର୍ମୀମାନେ ଏହି ବିବାଦୀୟ ବିଧେୟକ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ 'ସେଭ୍ ଇଣ୍ଡିଆନ ଫରେଷ୍ଟସ୍' ଏବଂ 'ସ୍କ୍ରାପ୍ ଫରେଷ୍ଟ କଞ୍ଜରଭେଶନ ଆମେଣ୍ଡମେଣ୍ଟ ବିଲ୍ ୨୦୨୩' ହାସ୍‌ଟ୍ୟାଗ୍ ସହ ଅନ୍‌ଲାଇନରେ ବିଲ୍ ବିରୋଧରେ ଅଭିଯାନ ଚଳାଇଥିଲେ। ଏହାବ୍ୟତୀତ ରାଜନେତା ଓ ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ଇ-ମେଲ୍ ଜରିଆରେ ସେମାନଙ୍କ ଆପତ୍ତି ସମ୍ପର୍କରେ ଅବଗତ କରାଇଥିଲେ। ସରକାର ତୁରନ୍ତ ବିଲ୍ ରଦ୍ଦ କରିବାକୁ ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ,



ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଅନ୍ୟ ରାଜ୍ୟରୁ ଦାବି କରାଯାଇଥିଲା। ଏହା ସତ୍ତ୍ୱେ ବନ ସଂରକ୍ଷଣ ଆଇନ, ୧୯୮୦ରେ ସଂଶୋଧନ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଆଣିଥିବା ବନ ସଂରକ୍ଷଣ ସଂଶୋଧନ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଅନୁମୋଦନ କରିଛି।

ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ବନ ବିଭାଗର ମଞ୍ଜୁରୀ ବିନା ଜଙ୍ଗଲ ଜମିକୁ ପର୍ଯ୍ୟଟନ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବ୍ୟବହାର ପାଇଁ ସୁଯୋଗ ସୃଷ୍ଟି ହେବ। ଏହା ଭାରତର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ବିନାଶର କାରଣ ହେବ ବୋଲି ରକ୍ଷଣଶୀଳ ଗୋଷ୍ଠୀ ଅଭିଯୋଗ ଆଣିଛନ୍ତି। ଗତ ମାର୍ଚ୍ଚରେ ବନ ସଂରକ୍ଷଣ ସଂଶୋଧନ ବିଲ୍ ଲୋକ ସଭାରେ ଆଗତ ହେବା ପରେ ଏହାକୁ ଜେପିସିକୁ ପଠାଯାଇଥିଲା।

**ବିରୋଧ କାହିଁକି**

- ❖ ପରିବେଶବିତ୍‌ମାନଙ୍କ ଯୁକ୍ତି ହେଲା,ବନ ସଂରକ୍ଷଣ ଆଇନ ୧୯୮୦ର ପ୍ରସ୍ତାବିତ ସଂଶୋଧନ ଫଳରେ ସରକାରୀ ରେକର୍ଡରେ ଜଙ୍ଗଲ ଜମି ଦର୍ଶାଯିବା ନେଇ ୧୯୯୬ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅକାମୀ ହୋଇଯିବ।
- ❖ ପ୍ରସ୍ତାବିତ ସଂଶୋଧନ ତଫସିଲଭୁକ୍ତ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀ(ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬ ଏବଂ ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ ୧୯୯୬ର ବିରୁଦ୍ଧାଚରଣ କରିପାରେ, ଯାହାକି ବଞ୍ଚିତ ସମ୍ପ୍ରଦାୟଗୁଡ଼ିକର ଅଧିକାର ସୁରକ୍ଷା ପାଇଁ ପ୍ରଣୟନ କରାଯାଇଥିଲା।
- ❖ ପ୍ରସ୍ତାବ ଅନୁସାରେ ରାସ୍ତା ଓ ରେଲଲାଇନର ଉଭୟ ପାର୍ଶ୍ୱରେ ୦.୧୦ ହେକ୍ଟର ଜଙ୍ଗଲ ଜମିକୁ ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣ ସକାଶେ ପୂର୍ବରୁ ନିଆଯାଉଥିବା ଜଙ୍ଗଲ ମଞ୍ଜୁରୀରୁ ବାଦ୍ ଦିଆଯିବା ଫଳରେ ଜଙ୍ଗଲ ଧ୍ୱଂସ ବଢ଼ିଚାଲିବା ସହ ପରିବେଶ ସନ୍ତୁଳନ କମିବ।

ସାଧାରଣତଃ ପରିବେଶ ସମ୍ପର୍କିତ ବିଲ୍ ସ୍ଥାୟୀ ସଂସଦୀୟ କମିଟିକୁ ପଠାଯାଇଥାଏ। ପୂର୍ବତନ ପରିବେଶ ମନ୍ତ୍ରୀ ତଥା କଂଗ୍ରେସ ନେତା ଜୟରାମ ରମେଶ ଏହାର ଅଧ୍ୟକ୍ଷ ଅଛନ୍ତି। ତେବେ ନିୟମର ଉଲ୍ଲଂଘନ କରାଯାଇ ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଥିବାରୁ ଜୟରାମ ଏହାର ବିରୋଧ କରିଥିଲେ।

ଜେପିସି ପାଇଥିବା ୧,୩୦୯ଟି ସ୍ମାରକପତ୍ରକୁ ୪ ବିଷୟ ଉପରେ ଆପତ୍ତି ଜଣାଇଥିବା ସମସ୍ତ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହିତ ପରିବେଶ ମନ୍ତ୍ରଣାଳୟକୁ ମଧ୍ୟ ମତାମତ ଲୋଡ଼ି ପଠାଯାଇଥିଲା। ସେହିପରି କମିଟି ଏହି ପ୍ରସଙ୍ଗରେ ପ୍ୟାନେଲ ଆଗରେ ନିଜ ମତାମତ ଉପସ୍ଥାପନ କରିଥିବା ୧୨ ବିଶେଷଜ୍ଞଙ୍କ ପରାମର୍ଶ ମଧ୍ୟ ନିଆଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମେତ ଆଉ କେତେକ ମନ୍ତ୍ରଣାଳୟର ମତାମତ ମଧ୍ୟ ମଗାଯାଇଥିଲା। ବିଲ୍‌ର ସମସ୍ତ ଧାରାକୁ ନେଇ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପରେ ୨୦୦ ପୃଷ୍ଠା ସମ୍ବଳିତ ରିପୋର୍ଟ ଜୁଲାଇ ୨୦ରେ ପାର୍ଲାମେଣ୍ଟରେ ଜେପିସି ପକ୍ଷରୁ ଉପସ୍ଥାପନ କରାଯାଇଥିଲା।






## ମୋବାଇଲ ଚୋରି ଅଭିଯୋଗରେ ହାତଗୋଡ଼ ବାନ୍ଧି ଅଭିଯୁକ୍ତଙ୍କୁ ମାଡ଼



ଅଭିଯୁକ୍ତଙ୍କୁ ବାନ୍ଧି ରାସ୍ତାରେ ଯୁବକମାନେ ମାଡ଼ ମାରୁଛନ୍ତି।

### ସୋସିଆଲ ମିଡିଆରେ ଭାଇରାଲ

**ପାରାଦୀପ,୨୩।୭(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଭୂତମୁଣ୍ଡାଇ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ମୋବାଇଲ ଚୋରି ଅଭିଯୋଗରେ ଜଣଙ୍କୁ ନିର୍ଯାତନା ଦିଆଯାଇଛି। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କିନ୍ତୁ ନିର୍ଯାତନା ସମ୍ପର୍କରେ ଲକ୍ ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି। ଅପରପକ୍ଷେ ମୋବାଇଲ ଚୋରି ଘଟଣାରେ ରବିବାର ଲକ୍ ଥାନାରେ ଏକ ମାମଲା (୨୯୧/୨୩)ରୁଜୁ ହୋଇଛି। ଉକ୍ତ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କର ବେହେରା। ପୋଲିସ ସୂଚନା ଅନୁଯାୟୀ, ଶଙ୍କରଙ୍କ ସମେତ ଏହି ମୋବାଇଲ ଚୋରି ଘଟଣାରେ ଆଉ ୨ ଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ମଧ୍ୟରେ ନିର୍ଯାତନା ପାଇଥିବା ଯୁବକ ଜଣକ ଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ଭିଡିଓରେ ଦେଖିବାକୁ ମିଳିଛି ଯେ, ନିର୍ଯାତନା ଦିଆଯାଇଥିବା ଅଭିଯୁକ୍ତଙ୍କୁ ଅର୍ଦ୍ଧଉଲଗ୍ନ କରି ରଶିରେ ବାନ୍ଧି ତାଙ୍କୁ ମାଡ଼ ମରାଯାଉଛି। ଏଥିସହ ଟ୍ରକ କ୍ୟାବିନ ଆଗରେ ବାନ୍ଧି ଦିଆଯାଇଛି। ଏହି ଘଟଣାର ପୀଡ଼ିତ ଏପର୍ଯ୍ୟନ୍ତ ଥାନାକୁ ଆସିନାହାନ୍ତି ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି। ପୂର୍ବରୁ ଏଭଳି ଘଟଣା ଏକାଧିକ ଥର ଏହି ରାଜପଥରେ ଦେଖିବାକୁ ମିଳିଛି।

# ୪ କଲରାପତରିଆ ବାଘ ଚମଡ଼ା ଜବତ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଲ୍ଲୁଆଲ), ୨୩।୭**

- ୩ ଅଭିଯୁକ୍ତ କୋର୍ଟଚାଲାଣ
- ବିକ୍ରି ପାଇଁ ଡିଲ୍ ବେଳେ ମାଡ଼ିବସିଲା ବନ ବିଭାଗ

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଡୁକୁରା ରେଞ୍ଜ ଖୁଣ୍ଟା ଥାନା ଅଧୀନ ବହଳଦା ଗ୍ରାମରେ ବନ ବିଭାଗ ଚଢ଼ାଉ କରି ୪ କଲରାପତରିଆ ବାଘ ଚମଡ଼ା ଜବତ କରିଛି। ଏହି ଘଟଣାରେ ଜଡ଼ିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ମଙ୍ଗଳ ସିଂ(୩୨), ବୁଦ୍ଧୁରାମ ସିଂ(୪୦), ରୂପୟ ମାରାଣ୍ଡି (୫୦)। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ୍ ଆକ୍ଟ ଅନୁଯାୟୀ ଏକ ମାମଲା(ନଂ.୩୭ବିଏ/୨୩) ରୁଜୁ କରି ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, କଲରାପତରିଆ ବାଘ ଚମଡ଼ା ବିକ୍ରି ପାଇଁ ଡିଲ୍ ଚାଲୁଥିବା ଖବରପାଇ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି



ଜବତ ୪ ବାଘ ଚମଡ଼ା।

ଆରମ୍ଭ ହୋଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ମିଳିତ ଭାବେ ଚଢ଼ାଉର ରୂପରେଖ ସ୍ଥିର କରିଥିଲେ। ଉଭୟଙ୍କ ଅଧୀନରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସମେତ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ଓ ରାଇରଙ୍ଗପୁର ଡିଭିଜନର କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଶିମିଳିପାଳ ପାଦଦେଶରେ ଥିବା ଡୁକୁରା ରେଞ୍ଜ ଖୁଣ୍ଟା ଥାନା ବହଳଦା ଗ୍ରାମରେ ଚଢ଼ାଉ କରି ବାଘ ଚମଡ଼ା ଜବତ କରିଥିଲା। ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ତେବେ ଏହି ବାଘଗୁଡ଼ିକୁ ଅଭିଯୁକ୍ତମାନେ ଶିକାର କରିଛନ୍ତି ନା ଅନ୍ୟ କିଏ ଶିକାର କରିଛି ତାହାକୁ ନେଇ ତଦନ୍ତ ଜାରି ରହିଛି। ମୃତ ବାଘଗୁଡ଼ିକର ବୟସ ୫ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ନମୁନା ସଂଗ୍ରହ ପରେ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ପରୀକ୍ଷାଗାରକୁ ପଠାଯିବ। ସେଠାରୁ ରିପୋର୍ଟ ଆସିବା ପରେ ବାଘଗୁଡ଼ିକର ଲିଙ୍ଗ ଓ ବୟସ ଜଣାପଡ଼ିବ ବୋଲି ବନ ବିଭାଗ କହିଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଖୁଣ୍ଟା ଥାନା ଭୋଳାଗଡ଼ିଆ ଓ ଝାରପୋଖରିଆ ଥାନା କତରା ପୋଲ ଟାୱାର ନିକଟରୁ ପୋଲିସ ୨ଟି କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଗତ ୭ ମାସ ମଧ୍ୟରେ ୬ବାଘ ଚମଡ଼ାକୁ ପୋଲିସ ଓ ବନ ବିଭାଗ ଜବତ କରିଛନ୍ତି। ତେବେ ପ୍ରତିଦିନ ଚାଲିଥିବା ଶିକାରକୁ ରୋକିବା ସହ ଶିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟ ବନଜନ୍ତୁଶୂନ୍ୟ ହୋଇପଡ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।



ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଛେଳିଆ(କ) ପଞ୍ଚାୟତ ଗଙ୍ଗାହାର ନଦୀର ଖଡ଼ିକାପଦା ପୋଲ ଉପରେ ପ୍ରବାହିତ ବର୍ଷାଜଳ।

## ଖଡ଼ିକାପଦା ପୋଲ ଉପରେ ୩ ଫୁଟ ପାଣି

**ବଡ଼ସାହି,୨୩।୭(ସମ୍ବିତ କୁମାର ରାଉତ)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଛେଳିଆ(କ) ପଞ୍ଚାୟତ ଅଧୀନ ଗଙ୍ଗାହାର ନଦୀର ଖଡ଼ିକାପଦା ପୋଲ ଉପରେ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ଏହି ରାସ୍ତା ଚାନ୍ଦଡ଼ିହାସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଦେଇ କୁଆମରାକୁ ସଂଯୋଗ କରୁଥିବା ବେଳେ ପାଖାପାଖି ୩୦ ଗ୍ରାମର ଲୋକେ ଗମନାଗମନ ପାଇଁ ଏହା ଉପରେ ନିର୍ଭର କରନ୍ତି। ପୋଲଟିର ଉଚ୍ଚତା କମ୍ ଥିବାରୁ ସାମାନ୍ୟ ବର୍ଷା ହେଲେ ତାହା ବୁଡ଼ିଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ତଳେ ନିର୍ମାଣ ହୋଇଥିବା ଏହି ପୋଲ ଦୁର୍ବଳ ହେବା ସହିତ ଭାରିଯାନ ଚଳାଚଳ ହେଲେ ପୋଲ ଦୋହଲୁଛି। ପୋଲର ଦୁଇ ପାର୍ଶ୍ୱ ଦବିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ତେବେ ପୋଲ ଉପରେ ପାଣି ଚାଲୁଥିବା ବେଳେ ସ୍ଥାନୀୟ ଯୁବକମାନେ ମିଳିତ ହୋଇ ତିନିଚକିଆ ରିକ୍ସା ସାହାଯ୍ୟରେ ବାଟୋଇମାନଙ୍କୁ ପାରି କରି ପରିଶ୍ରମର ମୂଲ୍ୟ ବାବଦକୁ କିଛି ଟଙ୍କା ନେଉଥିବା ଦେଖିବାକୁ ମିଳିଛି।

# ଭଡ଼ାଘରୁ ଡାକ୍ତରଙ୍କ ଗଳିତ ମୃତଦେହ ଜବତ

### ସାଲେପୁର ସିଏଚ୍‌ସିରେ କାର୍ଯ୍ୟରତ ଥିଲେ

**କଟକ,୨୩।୭ (କାର୍ତ୍ତିକ ସାହୁ)**

ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏକ ଭଡ଼ା ଘରୁ ଡ. ମାଲାଦି ଭେଙ୍କଟ ଚନ୍ଦ୍ରଶେଖର(୫୩)ଙ୍କ ଗଳିତ ମୃତଦେହକୁ ପୋଲିସ ରବିବାର ସକାଳେ ଜବତ କରିଛି। ସେ କଟକ ଜିଲା ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ କାର୍ଯ୍ୟରତ ଥିଲେ। ପୋଲିସ ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଥାନା ଅଧୀନ ସିଲ୍‌ଭର୍ ସିଟି ହସ୍ପିଟାଲ ସମ୍ମୁଖରେ ଥିବା ଅବସରପ୍ରାପ୍ତ ଡାକ୍ତର ହରିପ୍ରସାଦ ମହାନ୍ତିଙ୍କ ଘରେ ଭେଙ୍କଟ ଚନ୍ଦ୍ରଶେଖର ୪ ବର୍ଷ ହେବ ଭଡ଼ାରେ ରହୁଥିଲେ। ସେ ସାଲେପୁର ସିଏଚ୍‌ସିରେ ଚାକିରି କରିଥିବାରୁ ଏଠାରେ ରହି ଯିବାଆସିବା କରନ୍ତି। ସେ ଅବିବାହିତ ଥିଲେ। ଏଥିସହ ସେ ଦୀର୍ଘଦିନ ହେବ



ଡାକ୍ତରଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅନୁସନ୍ଧାନ କରୁଛି।

ହୃଦ୍‌ରୋଗ ଓ ଶ୍ୱାସରୋଗରେ ପୀଡ଼ିତ ଥିଲେ। ତାଙ୍କର କେହି ନିଜ ଲୋକ ନାହାନ୍ତି। ତେଣୁ କାହାରି ଠିକଣା ସେ ନ ଦେଇଥିବା ମହାନ୍ତି କହିଛନ୍ତି। ଗତ ୩/୪ ଦିନ ହେବ ତାଙ୍କୁ କେହି ଦେଖିନାହାନ୍ତି। ତେବେ ଦୁର୍ଗନ୍ଧ ଆସିବାରୁ ମହାନ୍ତି ପୋଲିସକୁ ଖବର ଦେଇଥିଲେ। ଅପରପକ୍ଷରେ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ କହିଛନ୍ତି, ଉକ୍ତ ଘରୁ ଦୁର୍ଗନ୍ଧ ବାହାରୁଥିବା ସମ୍ପର୍କରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲୋକଙ୍କଠାରୁ ଖବର ମିଳିଥିଲା। ତୁରନ୍ତ ପୋଲିସ କର୍ମଚାରୀ ଉକ୍ତ ସ୍ଥାନରେ ମୁତୟନ କରାଯାଇଥିଲା। ରବିବାର ସକାଳେ ଚାଉଳିଆଗଞ୍ଜ ପୋଲିସ ସେଠାରେ ପହଞ୍ଚିବା ପରେ ଘରର ଭିତରପଟୁ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ସାକ୍ଷୀମାନଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରି କବାଟର ଚାବି ଭଙ୍ଗାଯାଇଥିଲା। ଭିତରକୁ ଯିବା ପରେ ଖଟ ଉପରେ ଡାକ୍ତରଙ୍କ ମୃତଦେହ ପଡିଥିଲା। ମୃତଦେହ ପୁରା ଫୁଲିଯାଇଥିଲା। ତାଙ୍କ ସର୍ଭିସ ବୁକ୍ ଓ ଆଧାର କାର୍ଡରୁ ସ୍ଥାୟୀ ଠିକଣା ବାହାର କରି ପରିବାର ଲୋକଙ୍କୁ ଖବର ଦିଆଯିବ ବୋଲି ଏସିପି କହିଛନ୍ତି।

# 'ଜାମିଆ ଭଳି ଶିକ୍ଷାନୁଷ୍ଠାନ ବୌଦ୍ଧିକ ନେତୃତ୍ୱ ପ୍ରଦାନରେ ଅଗ୍ରଣୀ ଭୂମିକା ନେଇଛି'

**ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)**

ଅସହମତିକୁ ବିରୋଧାଭାସରେ ପରିଣତ କରିବା ଗଣତନ୍ତ୍ର ପାଇଁ କୌଣସି ଅଭିଶାପ ଠାରୁ କମ୍ ନୁହେଁ। ଗୋଟିଏ ଛାତ ତଳେ ବିରୋଧ ଏବଂ ଅସହମତି ସ୍ୱାଭାବିକ ଅଟେ। କିନ୍ତୁ ବିରୋଧକୁ ପ୍ରତିଶୋଧରେ ବଦଳାଇବା ପ୍ରଜାତନ୍ତ୍ର ପାଇଁ ଭଲ ନୁହେଁ। ଆଲୋଚନା ଏବଂ ବିଚାରବିମର୍ଶ ଏହାର ଏକମାତ୍ର ନିରାକରଣ ବୋଲି ରବିବାର ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଉପରାଷ୍ଟ୍ରପତି ଜଗଦୀପ ଧନକର୍ ଯୋଗଦେଇ ଏହା କହିଛନ୍ତି।

ସେହିପରି ଏହି ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ, ଡିଗ୍ରୀ ଓ ମେଡାଲ ପାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭକାମନା। ଅମୃତକାଳର ମହତ୍ତ୍ୱପୂର୍ଣ୍ଣ ସମୟରେ ଜାମିଆ ଭଳି ଶିକ୍ଷାନୁଷ୍ଠାନ ଦେଶର ବୌଦ୍ଧିକ ନେତୃତ୍ୱ ପ୍ରଦାନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ଭାରତ ଉପରେ ଅନେକ ଭରସା ଅଛି। ଶିକ୍ଷା ଓ ଜ୍ଞାନ ବ୍ୟତୀତ ବୈଶ୍ୱିକ

### ବିରୋଧକୁ ପ୍ରତିଶୋଧରେ ବଦଳାଇବା ପ୍ରଜାତନ୍ତ୍ର ପାଇଁ ଭଲ ନୁହେଁ: ଧନକର୍



ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାବର୍ତ୍ତନ ସମାରୋହରେ ଯୋଗଦେଇଥିବା ଉପରାଷ୍ଟ୍ରପତି ଜଗଦୀପ ଧନକର୍ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କଲ୍ୟାଣର ଚିନ୍ତା କରାଯାଇପାରିବ ନାହିଁ। ଜାମିଆ ଜାତୀୟ ଶିକ୍ଷା ନୀତି(ଏନଇପି)ର ପରିକଳ୍ପନା ଅନୁସାରେ ବୈଶ୍ୱିକ ମାନବ ପ୍ରସ୍ତୁତ କରିବା ସହ ୱେଷ୍ଟର୍ନ ୱାର୍ଲଡ୍ ଏବଂ ଗ୍ଲୋବାଲ ସାଉଥରେ ଅସମାନତା ହ୍ରାସ କରିବା ଦିଶାରେ ବି ନିଜର କର୍ତ୍ତବ୍ୟ ପାଳନ କରିବ। ସାମ୍ପ୍ରତିକ ସମୟରେ ନୂଆ ମହାଶକ୍ତି ଭାବେ ଭାରତ ଦୁନିଆ ଆଗରେ ଉଭା ହେଉଛି। ମନୁଷ୍ୟ ସଭ୍ୟତାର ପ୍ରାରମ୍ଭରୁ ମାନବତା ପାଇଁ ଚିନ୍ତା କରି ଆସିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତି କେବଳ ଦେଶର ୧୪୦ କୋଟି ନାଗରିକଙ୍କ ବୌଦ୍ଧିକ କ୍ଷମତାକୁ ବଢାଇବା ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ହୋଇଛି। ଶିକ୍ଷା ନୀତିକୁ କେବଳ କ୍ରିୟାନ୍ୱୟନ କରିବା ନୁହେଁ ବରଂ ତାହାକୁ ଅନୁଭବ ମଧ୍ୟ କରିବା ଦରକାର। ବିଶ୍ୱର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜାମିଆ ଶିକ୍ଷାନୁଷ୍ଠାନକୁ ଅତ୍ୟାଧୁନିକ ରିସର୍ଚ୍ଚ ସେଣ୍ଟର ବନାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଦରକାର। ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମାନବତାର ସେବା କରିବା ପାଇଁ ପ୍ରତିବଦ୍ଧ ହେବାକୁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଜୁଲାଇ, ୨୦୨୩

**ଆଜିର ମନ୍ତବ୍ୟ**

ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପରିଚାଳନା ଓ ମିଳିତ ନେତୃତ୍ୱରେ କଂଗ୍ରେସ ଛତିଶଗଡ଼ ବିଧାନସଭା ନିର୍ବାଚନ ଲଢ଼ିବ। ଦଳ ଜିତିଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ବଘେଲଙ୍କ ନାଁକୁ ପ୍ରଥମେ ବିଚାରକୁ ନିଆଯିବ। **-ଟି.ଏସ୍. ସିଂଦେଓ, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟି ମାଟି ଚାଳଘର**
**ନିଆଁ ପାଣିକୁ ସଦା ଡର ।**

ସାଧାରଣତଃ ଝାଟିମାଟିରେ ତିଆରି ହୋଇଥିବା ଚାଳ ଘରଟିରେ ନିଆଁ ଲାଗିଯିବାର ଭୟ ରହିଥାଏ। ଠିକ୍ ସେମିତି ବର୍ଷା ପାଣିରେ ଚାଳ ଘରଟି ସମ୍ପୂର୍ଣ୍ଣ ଓଦା ହୋଇଯାଉଥିବା କାରଣରୁ ଏହା ଶୀଘ୍ର ନଷ୍ଟ ହୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଥାଏ। ତେଣୁ ଏଭଳି ଘରେ ବାସ କରୁଥିବା ବ୍ୟକ୍ତି ସଦାବେଳେ ଆତଙ୍କିତ ଅବସ୍ଥାରେ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝଡ଼ି ବରଷା**
**କାଠ ଚାଉଳ ଥିଲେ ଭରସା।**

ଝଡ଼ି ବର୍ଷା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥାଏ। ଫଳସ୍ୱରୂପ ହୁସିଆର ବ୍ୟକ୍ତି ବହୁ ପୂର୍ବରୁ ଘର ମଧ୍ୟରେ ଖାଦ୍ୟପେୟ ତଥା ଜାଳେଣି ସାମଗ୍ରୀମାନ ମହଜୁଦ କରି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ସାପ କାମୁଡ଼ା ମୃତ୍ୟୁରେ ଓଡ଼ିଶା ଦ୍ୱିତୀୟ

- ୩ ବର୍ଷରେ ଯାଇଛି ୨,୮୩୯ ଜୀବନ, ମୟୂରଭଞ୍ଜରେ ସର୍ବାଧିକ
- କେବଳ ଜୁଲାଇ ୨୩ ଦିନରେ ୧୧ଜଣଙ୍କ ମୃତ୍ୟୁ ସୂଚନା
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନାହିଁ ଉନ୍ନତ ଚିକିତ୍ସା

ଭୁବନେଶ୍ୱର,୨୩।୭(ଅଭିଜିତ ଦାସ)

ଓଡ଼ିଶାରେ ସାପ କାମୁଡ଼ା ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ବର୍ଷାଦିନ ଆସିଲେ ସାପକୁ ନେଇ ବିଶେଷକରି ଗ୍ରାମାଞ୍ଚଳରେ ଭୟ ବଢ଼ୁଛି। ଉନ୍ନତ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସାପ କାମୁଡ଼ା ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଯାଉଥିବା ଅଭିଯୋଗ ହେଉଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି)ର ରିପୋର୍ଟ ଅନୁଯାୟୀ, ସାପ କାମୁଡ଼ା ମୃତ୍ୟୁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପ୍ରତିବର୍ଷ ରାଜ୍ୟରେ ଏହି ମୃତ୍ୟୁହାର ପ୍ରାୟ ୨.୨ ପ୍ରତିଶତ ବଢ଼ିଚାଲିଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତଥ୍ୟ ଅନୁଯାୟୀ, ଗତ ୩ ବର୍ଷରେ ରାଜ୍ୟରେ ୨ ହଜାର ୮୩୯ ଜଣଙ୍କ ଜୀବନ ଯାଇଛି। ପ୍ରାକୃତିକ ଦୁର୍ବିପାକରେ ହୋଇଥିବା ମୃତ୍ୟୁସଂଖ୍ୟାର ଏହା ହେଉଛି ୩୮%। ତେବେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୩୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ ଜିଲାରେ ୧୯୭ ଜଣଙ୍କ ଜୀବନ ନେଇଛି ସାପ। ସେହିପରି କେନ୍ଦୁଝରରେ ୧୮୯, ମାଲକାନଗିରିରେ ୧୬୨ ଓ ବାଲେଶ୍ୱରରେ ୧୫୬ ଜଣ ସାପ କାମୁଡ଼ାରେ ଆଖି ବୁଜିଛନ୍ତି। ତେବେ ଚଳିତବର୍ଷର ସାପ କାମୁଡ଼ା ମୃତ୍ୟୁର ସ୍ପଷ୍ଟ ଚିତ୍ର ଆସି ନ ଥିଲେ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାପକାମୁଡ଼ା ଘଟଣା ସାମ୍ନାକୁ ଆସିଛି। କେବଳ ଜୁଲାଇ ମାସର ୨୩ ତାରିଖ ପର୍ଯ୍ୟନ୍ତ ସାପ କାମୁଡ଼ାରେ ୧୧ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

ପୂର୍ବତନ ପିସିସିଏଫ୍ ବିଜୟ କେତନ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ସାପ କାମୁଡାରେ ଓଡ଼ିଶାରେ ଯେତେ ଲୋକଙ୍କ ମୃତ୍ୟୁ ଘଟୁଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଗ୍ରାମାଞ୍ଚଳର କୃଷକ ଓ ମହିଳା। ସାଧାରଣତଃ ଜୁନ୍‌ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ସର୍ବାଧିକ ସାପ କାମୁଡାଜନିତ ଅପମୃତ୍ୟୁ ଦେଖାଯାଏ। ବର୍ଷାଋତୁ ଓ ବନ୍ୟା ସମୟରେ ସାପଙ୍କୁ ଦେଖିବାକୁ ମିଳିଥାଏ। ସାପ କାମୁଡା ମୃତ୍ୟୁ ହାରକୁ ଦେଖିଲେ ଅନ୍ୟୁନ ୭୭% ମୃତ୍ୟୁ ଆଧୁନିକ ବା ଉନ୍ନତ ଚିକିତ୍ସା ଅଭାବରୁ ହେଉଥିବା ଜଣାପଡୁଛି। ଅନ୍ୟପକ୍ଷରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ କହିଛନ୍ତି, ସାପ କାମୁଡ଼ା ମୃତ୍ୟୁକୁ କେନ୍ଦ୍ର ସରକାର ତାଙ୍କ ଜାତୀୟ ପ୍ରାକୃତିକ ଦୁର୍ବିପାକଜନିତ ମୃତ୍ୟୁ ଭାବେ ଗ୍ରହଣ କରୁ ନ ଥିବାବେଳେ ଓଡ଼ିଶା ସରକାର ଏହାକୁ ଏକ ବିପର୍ଯ୍ୟୟଜନିତ ମୃତ୍ୟୁ ଭାବେ ତାଲିକାଭୁକ୍ତ କରିଛନ୍ତି। ସାପ କାମୁଡ଼ାରେ କାହାର ମୃତ୍ୟୁ ହେଲେ ଷ୍ଟେଟ୍ ସ୍ପେସିଫିକ ଡିଜାଷ୍ଟର ଆକ୍ଟରେ ରାଜ୍ୟ ସରକାର ୪ ଲକ୍ଷ ଟଙ୍କାର କ୍ଷତିପୂରଣ ମୃତକଙ୍କ ପରିବାରକୁ ଦେଉଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା, ରାଜ୍ୟର ଅଧିକାଂଶ ହସ୍ପିଟାଲରେ ସାପ କାମୁଡ଼ା ରୋଗୀଙ୍କ ଲାଗି ଆବଶ୍ୟକ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନାହିଁ। କେତେକ ହସ୍ପିଟାଲରେ ଆଣ୍ଟି ଭେନମ୍ ଇଞ୍ଜେକ୍ସନ ରଖାଯାଉଥିଲେ ମଧ୍ୟ ଉନ୍ନତମାନର ଚିକିତ୍ସା ବା ଆଇସିୟୁ ସୁବିଧା, ଠିକ୍ ଡାଇଗ୍ନୋସିସ୍ ହୋଇପାରୁ ନ ଥିବାରୁ ଅକାଳରେ ଜୀବନ ଚାଲିଯାଉଛି। ଗ୍ରାମାଞ୍ଚଳରେ ଅଧିକାଂଶ ସାପ କାମୁଡ଼ା ଘଟଣା ଦେଖାଯାଉଛି। ପୀଡିତଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ମାତ୍ର ସେଠାରେ ଆବଶ୍ୟକ ଚିକିତ୍ସା ମିଳି ନ ଥାଏ। ଜିଲା ବା ରାଜ୍ୟର ବଡ଼ ବଡ଼ ହସ୍ପିଟାଲକୁ ନିଆଯିବାବେଳକୁ ବିଳମ୍ବ ହୋଇଯାଉଥିବାରୁ ରୋଗୀଙ୍କ ଜୀବନ ବଞ୍ଚାଇବା ପ୍ରାୟତଃ କଷ୍ଟକର ହୋଇପଡିଥାଏ। ଆଉ କେତେକ କ୍ଷେତ୍ରରେ ଲୋକେ ସାପ କାମୁଡ଼ିଲେ ଝଡ଼ାଫୁଙ୍କାକୁ ବିଶ୍ୱାସ କରି ଅଯଥା ବିଳମ୍ବ କରିଦେଇଥାନ୍ତି। ରୋଗୀ ସଙ୍କଟାପନ୍ନ ହେଲେ ଡାକ୍ତରଖାନା ନେଉଛନ୍ତି। ତେଣୁ ଆବଶ୍ୟକ ସଚେତନତା ସହ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ପ୍ରେମିକଙ୍କୁ ଭେଟିବା ଲାଗି ଗାଁର ବିଜୁଳି କାଟୁଥିଲେ ଯୁବତୀ

**ଉଭୟଙ୍କୁ ବିବାହ କରାଇଲେ ଗ୍ରାମବାସୀ**

ପାଟନା,୨୩।୭

ବିହାର ବେଟ୍ଟିହା ଅଞ୍ଚଳର ପ୍ରୀତି ନାମ୍ନୀ ଯୁବତୀ ତାଙ୍କ ପ୍ରେମିକ ରାଜକୁମାରଙ୍କୁ ଅନ୍ଧାର ମଧ୍ୟରେ ଭେଟିବା ପାଇଁ ସାରା ଗାଁର ବିଜୁଳି କାଟିଦେଉଥିଲେ। ବାରମ୍ବାର ବିଜୁଳି କଟୁଥିବାରୁ ଗାଁ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ଶେଷରେ ଗାଁ ଲୋକେ ପ୍ରେମୀଯୁଗଳଙ୍କୁ ଏକାଠି ଥିବା ସମୟରେ ଧରିବାରୁ ବିଜୁଳି କାଟ୍‌ର ରହସ୍ୟ ପଦାକୁ ଆସିଛି। ପ୍ରୀତି ଓ ରାଜକୁମାରଙ୍କ ପ୍ରେମ ସମ୍ପର୍କ ପଶ୍ଚିମ ଚମ୍ପାରନର ଦୁଇ ଗାଁରେ ସପ୍ତାହେ ହେଲା ଉତ୍ତେଜନା ସୃଷ୍ଟି କରିଥିଲା। ବାରମ୍ବାର ବିଜୁଳି କଟୁଥିବାରୁ ଗାଁରେ ଚୋରି ବଢ଼ିବା ସହ ଲୋକେ ଅସୁବିଧାରେ ପଡ଼ିଥିଲେ। ଗାଁ ଲୋକେ ବାରମ୍ବାର ବିଦ୍ୟୁତ କାର୍ଯ୍ୟାଳୟରେ ଅଭିଯୋଗ କରି ବିଫଳ ହୋଇଥିଲେ। ଶେଷରେ ବିଜୁଳି କାଟ୍‌ର ପ୍ରକୃତ କାରଣ ଜାଣିବାକୁ ସେମାନେ ଉଦ୍ୟମ ଆରମ୍ଭ କରିଥିଲେ। ପୁଣି ଥରେ ବିଜୁଳି ଯାଇଥିବାବେଳେ ସେମାନେ ରାଜକୁମାର ଓ ପ୍ରୀତିଙ୍କୁ ଏକାଠି ଧରିଥିଲେ। ସେମାନେ ରାଜକୁମାରଙ୍କୁ ମାଡ଼ ମାରୁଥିବାବେଳେ ପ୍ରୀତି ତାଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରେ ଦୁଇ ଗାଁର ଲୋକେ ରାଜକୁମାରଙ୍କୁ ପ୍ରୀତିଙ୍କ ସହ ବିବାହ କରାଇବାକୁ ପ୍ରସ୍ତାବ ଦେଇଥିଲେ। ସ୍ଥାନୀୟ ମନ୍ଦିରରେ ସେମାନଙ୍କର ବିବାହ ସମ୍ପନ୍ନ ହୋଇଛି।

## ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

ରୂପ୍‌ସା, ୨୩।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମାଛଧରା କେନ୍ଦ୍ରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଭୁଟୁଭୁଟି ବୁଡ଼ିଯିବାରୁ ଜଣେ ମତ୍ସ୍ୟଜୀବୀ ନିଖୋଜ ଥିଲେ। ତାଙ୍କ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୩) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ମତ୍ସ୍ୟଜୀବୀ ହେଲେ ସିଂଲା ଥାନା ସାଉଡ଼ିହି ଗ୍ରାମର ଜିତେନ୍ଦ୍ର ପାତ୍ର (୫୦)। ପ୍ରକାଶ ଯେ, ନାରାୟଣୀ ନାମକ ଭୁଟୁଭୁଟିରେ ନାବିକ ସମେତ ମୋଟ୍ ୭ଜଣ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯାଇଥିଲେ। ଶନିବାର ଢେଉ ମାଡ଼ରେ ଭୁଟୁଭୁଟି ଭାରସାମ୍ୟ ହରାଇ ସମୁଦ୍ରରେ ବୁଡ଼ିଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ସାପ କାମୁଡ଼ାରେ ...

ସବୁଦିନ ପରି ଅନେକ ଛାତ୍ରୀଛାତ୍ର ଶନିବାର ମଶିଣା ପକାଇ ତଳେ ଶୋଇଥିଲେ। କିଛି ଅନ୍ତେବାସୀ ରାତି ୩ଟାରେ ବାହାରକୁ ପରିସ୍ରା ପାଇଁ ଉଠିଥିବା ବେଳେ ଛାତ୍ର ଶୋଇଥିବା କୋଠରି ମଧ୍ୟରୁ ଏକ ବିଷାକ୍ତ ସାପ ବାହାରକୁ ଆସୁଥିବା ଦେଖିଥିଲେ। ଏ ବିଷୟରେ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଅବଗତ କରିବା ପରେ କର୍ମଚାରୀମାନେ ମିଳିତ ଭାବରେ ସାପଟିକୁ ବାଡେଇ ମାରିଦେଇଥିଲେ। ସାପଟିକୁ ମାରିଦେବା ପରେ ଜଣକ ପରେ ଜଣେ ତୃତୀୟ ଶ୍ରେଣୀରେ ପଢୁଥିବା ଏଲିନା, ସ୍ନେହାଶ୍ରୀ, ପଞ୍ଚମ ଶ୍ରେଣୀରେ ପଢୁଥିବା ରାଜା ଓ ଆକାଶ ଗୁରୁତର ହୋଇପଡ଼ିଥିଲେ। କର୍ତ୍ତୃପକ୍ଷ ତୁରନ୍ତ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଏଲିନା, ସ୍ନେହାଶ୍ରୀ ଓ ରାଜାଙ୍କୁ ମୃତ ଘୋଷଣା କରିଥିଲେ। ଆକାଶଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରିଥିଲେ। ଖବର ପାଇ ପରିବାର ଲୋକେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ବାରିଆ ପୋଲିସ ୩ ଛାତ୍ରୀଛାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଭାବକ ଦମୟନ୍ତୀ ନାଏକ କହିଛନ୍ତି, ଝିଅ ଏଲିନା ସହ ଶନିବାର କଥା ହୋଇଥିଲି। ୩୦ ତାରିଖରେ ଘରକୁ ଆସିବ ବୋଲି କହିଥିଲା। ଆଜି ସକାଳେ ଝିଅର ବାନ୍ତି ହେଉଥିବା ନେଇ କୋଚିଂ ସେଣ୍ଟାରୁ ଫୋନ ଆସିଥିଲା। ଡାକ୍ତରଖାନାରେ ପହଞ୍ଚିବା ବେଳକୁ ଝିଅର ମୃତ୍ୟୁ ଘଟିଥିଲା। ଦ୍ରୌପଦୀ ନାଏକ କହିଛନ୍ତି, ଝିଆରୀ ଉକ୍ତ ଛାତ୍ରାବାସରେ ରହି ପଢୁଥିଲେ। ଝିଆରୀଙ୍କୁ ସାପ କାମୁଡ଼ିଥିବା କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ତାଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଲେ ବୋଲି କହିଥିଲେ। ଛତିଶ ନାଏକ କହିଛନ୍ତି, ଭଲ ପାଠ ପଢ଼ିବ ବୋଲି ଝିଅକୁ ଛାତ୍ରାବାସକୁ ପଠାଇଥିଲି। କର୍ତ୍ତୃପକ୍ଷଙ୍କ ଅବହେଳାକୁ ଝିଅର ଜୀବନ ଚାଲିଗଲା ବୋଲି କହିଛନ୍ତି। ବର୍ଷକୁ ଛାତ୍ରୀଛାତ୍ର ଜଣକ ପିଛା ୨୦ ହଜାର ଟଙ୍କା ଛାତ୍ରାବାସକୁ ଦେଉଥିଲେ। ମାତ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଆଜ୍‌ବେଷ୍ଟସ୍ ଘରେ ଅନ୍ତେବାସୀମାନେ ବିପଦପୂର୍ଣ୍ଣ ଭାବେ ରହୁଥିଲେ ବୋଲି ଅନ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଘଟଣାରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ତଦନ୍ତ ଆଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ସହକାରୀ ଜିଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ନାଏକ ଓ ଭୂଇଁପୁର ରାଜସ୍ୱ ନିରୀକ୍ଷକ ଅଲେଖ ମାଝି ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଘଟଣା ସମ୍ବନ୍ଧରେ ଅନୁଧ୍ୟାନ କରିଛନ୍ତି। ଏପରିକି ଉକ୍ତ ଛାତ୍ରାବାସରେ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହିତ ତଦନ୍ତ ରିପୋର୍ଟ ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝିଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀ ରମେଶ ଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ସରକାରୀ ଏବଂ ଘରୋଇ ଛାତ୍ରାବାସଗୁଡ଼ିକର ଯାଞ୍ଚ କରି ଏହାର ଏକ ତାଲିକା ପ୍ରସ୍ତୁତ କରାଯିବ। ଏହାସହିତ ବେସରକାରୀ ଛାତ୍ରାବାସ ଏବଂ କୋଚିଂ ସେଣ୍ଟର ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଅଣାଯିବ। କୋଚିଂ ସେଣ୍ଟରର ମାଲିକ ଖଗେଶ୍ୱର ମହାନ୍ତ କହିଛନ୍ତି, ସେ ପିଲାମାନଙ୍କ ସହିତ ତଳେ ସବୁଦିନ ଭଳି ଶୋଇଥିଲେ। ତେବେ ଦୁର୍ଭାଗ୍ୟର ବିଷୟ ଏଭଳି ଅଘଟଣ ଘଟିଗଲା। ସେ ଅନ୍ୟ ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଚିତି ସାପକୁ ଦେଖି ମାରି ଦେଇଥିଲେ। ସବୁଦିନ ଫିନାଇଲ ପକାଇବା ସହ ସତର୍କତା ପଦକ୍ଷେପ ନିଆଯାଇଥାଏ ବୋଲି କହିଥିଲେ। ମାତ୍ର ଛାତ୍ରାବାସ ପାଇଁ ଶିକ୍ଷା ବିଭାଗ କିମ୍ବା ସ୍ଥାନୀୟ ପୋଲିସଠାରୁ କୌଣସି ଅନୁମତି ନିଆଯାଇନାହିଁ ବୋଲି ନିଜେ ମାଲିକ ମଧ୍ୟ ସ୍ୱୀକାର କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିଦେଶ ଯାଉଛନ୍ତି, ମଣିପୁର ...

- ଯୌନହିଂସାର ଶିକାର ପୀଡ଼ିତାଙ୍କୁ ଭେଟିବା ପାଇଁ ଇମ୍ଫାଲରେ ସ୍ୱାତୀ ମାଲିଆଲ



କରି ଉତ୍ତର-ପୂର୍ବ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି 'ଲୌହମାନବୀ' ନାମରେ ପରିଚିତା ୫୧ ବର୍ଷୀୟା ପୁରସ୍କାର ବିଜୟିନୀ ଇରୋମ ଦାବି କରିଛନ୍ତି। ଅତୀତରେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍ଏସ୍‌ପିଏ) ଉଚ୍ଛେଦ ଦାବିରେ ଦୀର୍ଘ ୧୬ ବର୍ଷ ଧରି ଅନଶନ କରିଥିବା ମଣିପୁର ବାସିନ୍ଦା ଇରୋମ ଶର୍ମିଳା ଏକ ସାକ୍ଷାତ୍‌କାରରେ କହିଛନ୍ତି, ମେ' ୪ରେ କାଙ୍ଗ୍‌ପୋକ୍‌ପି ଜିଲାରେ ୨ ଜଣ ମହିଳାଙ୍କ ଦେହରୁ ପୋଷାକ କାଢ଼ି ସେମାନଙ୍କୁ ଉଲଗ୍ନ ବୁଲାଯିବାବେଳର ଭିଡିଓ ଦେଖିବା ପରେ କାନ୍ଦି ପକାଇଥିଲେ। ଜୁଲାଇ ୧୯ରେ ସାମ୍ନାକୁ ଆସିଥିବା ଏହି ଦୃଶ୍ୟ ଅମାନବୀୟ ଏବଂ ବିଚଳିତ କରିଦେବା ଭଳି, ଯାହାକୁ ଦେଖି ସେ ଚକିତ, ମର୍ମାହତ। ଏହା ସ୍ପଷ୍ଟ ଯେ ମଣିପୁରରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ସ୍ଥିତି ନିୟନ୍ତ୍ରଣ ବାହାକୁ ଚାଲିଯାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହିଁକି ନୀରବ ରହିଛନ୍ତି? ସେ ମଣିପୁରବାସୀଙ୍କୁ ସୁରକ୍ଷା ଦେବା ଉଚିତ। ମଣିପୁର ଜନସାଧାରଣଙ୍କ ଦୁର୍ଦ୍ଦଶାକୁ ନେଇ ସେ ଚିନ୍ତିତ ଥିଲେ ଏଥିରେ ନିଶ୍ଚିତ ଭାବେ ହସ୍ତକ୍ଷେପ କରିବେ। ଗୁଜରାଟ ଜନତାଙ୍କ ଭଳି ମଣିପୁରୀମାନେ ମଧ୍ୟ ତାଙ୍କ ନେତୃତ୍ୱ ଆବଶ୍ୟକ କରୁଛନ୍ତି। ଆଇରନ୍ ଲେଡି ଇରୋମଙ୍କ ମତରେ ମୁଖ୍ୟମନ୍ତ୍ରୀ ବିରେନ୍ ସିଂ ମତଭେଦ ଦୂର କରି ରାଜ୍ୟର ସମସ୍ତ ୬୦ ବିଧାୟକଙ୍କ ସହ ଆଲୋଚନା କରିବା ଉଚିତ। ଜଣ ଜଣ କରି ସମସ୍ତଙ୍କ ମତାମତ ନେଇ ମେଇତି-କୁକି ସମ୍ପ୍ରଦାୟ ମଧ୍ୟରେ ଲାଗିରହିଥିବା ହିଂସାରେ ପୂର୍ଣ୍ଣଚ୍ଛେଦ ପକାଇବା ହେଉଛି ବର୍ତ୍ତମାନ ସମୟର ସର୍ବୋଚ୍ଚ ପ୍ରାଥମିକତା ବୋଲି ଇରୋମ କହିଛନ୍ତି। ଇତିମଧ୍ୟରେ ମଣିପୁର ସରକାରଙ୍କ ଦାଗିଦ୍‌କୁ ଭ୍ରୂକ୍ଷେପ ନ କରି ଦିଲ୍ଲୀ ମହିଳା ଆୟୋଗ (ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିଆଲ ଇମ୍ଫାଲରେ ପହଞ୍ଚିଛନ୍ତି। ଯୌନହିଂସାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଭେଟି ସେ ଆଇନଗତ ସହାୟତା ପ୍ରଦାନ କରିବେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ଯିବେ। ଏନେଇ ସ୍ୱାତୀ କହିଛନ୍ତି, ପୀଡ଼ିତାଙ୍କୁ ଭେଟିବା ପାଇଁ ଦୟାକରି ମୋତେ ଅନୁମତି ଦିଆଯାଉ। ମୁଁ ଏଠାକୁ ରାଜନୀତି କରିବାକୁ ଆସିନାହିଁ। ପ୍ରଧାନମନ୍ତ୍ରୀ ମୋଦି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମଣିପୁର ଗସ୍ତ କରନ୍ତୁ। ମୁଁ ରାଜ୍ୟପାଳଙ୍କୁ ମଧ୍ୟ ଭେଟିବାକୁ ଚେଷ୍ଟା କରିବି ବୋଲି ଇମ୍ଫାଲ ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ ସେ ସୂଚନା ଦେଇଛନ୍ତି। ଇମ୍ଫାଲ ଗସ୍ତ ପୂର୍ବରୁ ରାଜ୍ୟ ସରକାର ଆଇନ ଶୃଙ୍ଖଳା ଆଳ ଦେଖାଇ ତାଙ୍କୁ ସେଠାକୁ ଯିବାକୁ ବାରଣ କରିଥିଲେ। ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ଉଦାସୀନତାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ଏନ୍. ବିରେନ୍ ସିଂ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ମଣିପୁରକୁ ଶାନ୍ତି ଫେରିବ ନାହିଁ। ପ୍ରଧାନମନ୍ତ୍ରୀ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାରର ପତନକୁ ଘଣ୍ଟ ଘୋଡ଼ାଇବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକୁ ନିନ୍ଦିତ କରନ୍ତୁ ନାହିଁ। ମଣିପୁର ପ୍ରସଙ୍ଗରେ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ୨ ଦିନ ବେକାର ଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ବିରୋଧୀ ଦଳଗୁଡ଼ିକୁ ହାତଯୋଡ଼ି ଗୃହ ଚଳାଇବାକୁ ଦେବା ପାଇଁ ଅନୁରୋଧ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ରାଜନୀତି କରା ନ ଯାଉ ବୋଲି ଅନୁରାଗ କହିଛନ୍ତି। ସୋମବାର ମଣିପୁର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ମିଳିତ ବିକ୍ଷୋଭ କରିବାକୁ ଥିବାବେଳେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଏହି ମନ୍ତବ୍ୟ ଦେଇଛନ୍ତି।

## ୭ ଦେଶ ବୁଲି ୧.୭୯ କୋଟି...

ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ମେ' ୧୯ରୁ ଜୁଲାଇ ୧୫ ମଧ୍ୟରେ ପ୍ରଧାନମନ୍ତ୍ରୀ ଜାପାନ, ପପୁଆ ନିଉଗିନି, ଅଷ୍ଟ୍ରେଲିଆ, ଆମେରିକା, ଇଜିପ୍ଟ, ଫ୍ରାନ୍ସ ଏବଂ ୟୁଏଇ ଗସ୍ତ କରିଥିଲେ। ଏଥିପାଇଁ ମୋଟ ୧,୭୯,୩୮,୭୧୭ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଧାନମନ୍ତ୍ରୀଙ୍କର ଗସ୍ତର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିବାବେଳେ ଅନ୍ୟ କ୍ୟାବିନେଟ ମନ୍ତ୍ରୀମାନଙ୍କ ଖର୍ଚ୍ଚ ସମ୍ପୃକ୍ତ ମନ୍ତ୍ରଣାଳୟ ବହନ କରିଥାଏ। ଉଚ୍ଚସ୍ତରୀୟ ଗସ୍ତ ଦ୍ୱାରା ବିଦେଶୀ ରାଷ୍ଟ୍ର ସହ ସମ୍ପର୍କ ସୁଦୃଢ଼ କରିବା ସହିତ ଭାରତର ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବୈଶ୍ୱିକ ସ୍ତରରେ ସମ୍ପର୍କ ସୁଦୃଢ଼ ହେଉଥିବା ସରକାର କହିଆଗନ୍ତି।

## ଜେଇ ସିଭିଲ ମେନ୍ ...

ଏସ୍‌ପି ସାଗରିକା ସୂଚନା ଦେଇଛନ୍ତି ଯେ, ଗତ ୧୬ତାରିଖରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ କରାଯାଇ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପ୍ରାଥମିକ ତଦନ୍ତବେଳେ ଅଭିଯୁକ୍ତ ଓ ପରୀକ୍ଷାର୍ଥୀମାନଙ୍କ ମତରେ ତାଳମେଳ ରହୁ ନ ଥିଲା। ଏହାକୁ ଭିତ୍ତି କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ଏପରି କି ଆସନ୍ତା ଦିନରେ ହେବାକୁ ଥିବା କିଛି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇପାରେ ବୋଲି ପୂର୍ବରୁ ଓଏସ୍‌ଏସ୍‌ସିରୁ ଏକ ଜେନେରାଲ ଆଲର୍ଟ ମେସେଜ୍ ଆସିଥିଲା। ତେଣୁ ଏହାକୁ ରୋକିବା ପାଇଁ ବାଲେଶ୍ୱର ପୋଲିସର ଲୋକାଲ ଇଣ୍ଟେଲିଜେନ୍ସି ଗ୍ରୁପ୍‌କୁ ଆଲର୍ଟ କରାଯାଇଥିଲା। ତଦନ୍ତ ସମୟରେ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଏବଂ ମୂଳ ପ୍ରଶ୍ନପତ୍ର ମେଳ ଖାଉଥିବା ଜଣାପଡ଼ିଛି। ତେଣୁ ପରୀକ୍ଷା ପୂର୍ବରୁ କେତେଜଣ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା ସେ ସମ୍ପର୍କିତ ରିପୋର୍ଟ ଓଏସ୍‌ଏସ୍‌ସିକୁ ପ୍ରଦାନ କରାଯାଇଛି ବୋଲି ନାଥ କହିଥିଲେ। ଏଥିସହ ଏହି ର୍‌ୟାକେଟରେ ଓଡ଼ିଶାରୁ ଯେଉଁମାନେ ସାମିଲ ଅଛନ୍ତି, ସେମାନେ ମିଡିଲ୍ ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ଏହାର ମୁଖ୍ୟ ବା ମାଷ୍ଟରମାଇଣ୍ଡ ରାଜ୍ୟ ବାହାରେ ରହିଛନ୍ତି। ସେଥିପାଇଁ ଆମର ଟିମ୍ ବିଭିନ୍ନ ରାଜ୍ୟରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ। ଚଳିତ ମାସ ୨୧ ତାରିଖରେ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଜେରା କରିବାରୁ ପୂର୍ବରୁ ସେମାନେ ମଧ୍ୟପ୍ରଦେଶ, ଦିଲ୍ଲୀ, ବିହାରର କିଛି ମାମଲାରେ ସାମିଲ ଅଛନ୍ତି। ସେମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ ହୋଇଛି। ଅଭିଯୁକ୍ତମାନେ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ କରି ପରୀକ୍ଷାର୍ଥୀଙ୍କୁ ଦେଉଥିଲେ। ପେପର ଦେବା ପରେ ୫୦% ଟଙ୍କା ଏବଂ ମନୋନୀତ ହେବା ପରେ ବାକି ଟଙ୍କା ନେଉଥିଲେ। ଏହି ସ୍କାମ୍‌ରେ ସମ୍ପୃକ୍ତ ମୋଟ୍ ୯ଜଣ ଓଡ଼ିଶା ରାଜ୍ୟର ଭୁବନେଶ୍ୱରରୁ ଏମ୍‌ଡି ସମିରୁଦ୍ଦିନ, ମୁସ୍ତାଖିନ ଖାଁ, ସାଇନା ପରବିନ୍ ଓ ଖୋର୍ଦ୍ଧା ଅଞ୍ଚଳରୁ ବିଶ୍ୱରଞ୍ଜନ ମହାପାତ୍ରଙ୍କୁ ଗିରଫ କରାଯିବା ସହ ବିହାର ରାଜ୍ୟର ଅଜୟ କୁମାର, ବିଜେନ୍ଦ୍ର କୁମାର, ରାଜ କୁମାର ଓ ଦୀପକ କୁମାର ଏବଂ ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଅଞ୍ଚଳର ଏମ୍‌ଡ଼ି.କେ.ସିଦ୍ଦିକଙ୍କୁ ଗିରଫ କରାଯାଇଛି ବୋଲି ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

## ମନଇଚ୍ଛା ପାଣି ଛାଡୁଛି ...

ଉଲ୍ଲଂଘନ କରୁଛି। ଏନେଇ ମହାନଦୀ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ ହୋଇଥିବା ସାହୁ କହିଛନ୍ତି। ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦ ବହୁବର୍ଷ ହେବ ଲାଗି ରହିଛି। ଏହି ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଟ୍ରିବ୍ୟୁନାଲର ଏକ ଟିମ୍ ଜୁନ୍ ମାସରେ ହୀରାକୁଦ ଜଳଭଣ୍ଡାର ଓ ପାରିପାର୍ଶ୍ୱିକ ସ୍ଥିତି ଏବଂ ଛତିଶଗଡ଼ର ବିଭିନ୍ନ ଜଳଭଣ୍ଡାର ଓ ପାରିପାର୍ଶ୍ୱିକ ସ୍ଥିତି ବୁଲି ରିପୋର୍ଟ ସଂଗ୍ରହ କରିଛନ୍ତି। ଏପରିସ୍ଥଳେ ଛତିଶଗଡ଼ ମନମାନି କରି ଚାଲିଛି। କେତେବେଳେ କଲ୍‌ମା ବ୍ୟାରେଜର ସମସ୍ତ ଗେଟ୍ ଖୋଲି ହୀରାକୁଦ ଡ୍ୟାମ୍ ପ୍ରତି ବିପଦ ସୃଷ୍ଟି କରୁଛି ତ କେତେବେଳେ ସବୁ ଗେଟ୍ ବନ୍ଦ କରିଦେଇ ଚିରସୋତ୍ରା ମହାନଦୀ ଶୁଖିଲା କରିଦେଉଛି। ଏହାକୁ ନେଇ ପରିବେଶବିତ୍, ରାଜନୈତିକ ଦଳ, ମହାନଦୀ ବଞ୍ଚାଓ ଅଭିଯାନ ନିନ୍ଦା କରିଆସୁଛନ୍ତି। ଏନେଇ ଛତିଶଗଡ଼ ଜଳସମ୍ପଦ ବିଭାଗ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ହୀରାକୁଦରୁ ଛଡ଼ାଗଲା ...

୭୬,୨୭୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଗେଟ୍ ଖୋଲିବା ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଅନନ୍ୟା ଦାସ, ହୀରାକୁଦ ଡ୍ୟାମ୍‌ର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୫ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଆଗକୁ ସ୍ଥିତି ଦେଖି ଗେଟ୍ ଖୋଲିବା ସଂଖ୍ୟା ପରିବର୍ତ୍ତନ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ସାହୁ କହିଛନ୍ତି।

## ସେକ୍ସ ସିନ୍ ବେଳେ ...




ଦ୍ୱାରା ବଡ଼ପାଟିରେ ଭଗବଦ୍ ଗୀତା ପଢ଼ାଉଥିବା ଦେଖିବାକୁ ମିଳିଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତୁରନ୍ତ ଏହାର ତଦନ୍ତ କରି ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ହୋଇଥିବା ଏହି ଅଭିଯୋଗମୂଳକ ପ୍ରେସ୍ ବିଜ୍ଞପ୍ତିକୁ ଭାରତ ସରକାରଙ୍କ ସୂଚନା କମିଶନର ଉଦୟ ମହୁରକର ଟୁଇଟ୍ କରି ପ୍ରଶ୍ନ କରିଛନ୍ତି ଯେ, ଏହି ଦୃଶ୍ୟ ଥିବା ଫିଲ୍ମକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) କିଭଳି ମଞ୍ଜୁରୀ ଦେଇଛି। ଏଥିରେ ଯେକେହି ବି ହତବାକ୍ ହେବ ବୋଲି ସେ ଦର୍ଶାଇଛନ୍ତି। ଏହା ଖ୍ରୀଷ୍ଟୋଫର ନୋଲନଙ୍କ ପ୍ରଥମ ଫିଲ୍ମ ଭାବେ 'ଆର୍' ରେଟିଂ ପାଇଛି। ଅର୍ଥାତ୍ ଏହା ପ୍ରତିବନ୍ଧିତ। ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ। କୌଣସି ଫିଲ୍ମରେ କଠୋର ଭାଷା, ତୀବ୍ର ଗ୍ରାଫିକ ହିଂସା, ଡ୍ରଗ ଅପବ୍ୟବହାର ଏବଂ ନଗ୍ନତା ରହିଥିଲେ ତାହାକୁ 'ଆର' ରେଟିଂ ମିଳିଥାଏ। କିନ୍ତୁ ଷ୍ଟୁଡିଓରେ ସେକ୍ସ ସିନ୍‌ର ଅବଧିକୁ କାଣ୍ଟଛାଣ୍ଟ କରାଯିବା ପରେ ଭାରତୀୟ ସେନ୍‌ସର ବୋର୍ଡ ଏହି ଫିଲ୍ମକୁ 'ୟୁ/ଏ' ରେଟିଂ ଦେଇଛି, ଯାହାକୁ ପିଲାଙ୍କଠାରୁ ବୟସ୍କଙ୍କ ଯାଏ ଦେଖିପାରିବେ। ଅନ୍ୟପକ୍ଷରେ ଫିଲ୍ମ ସମୀକ୍ଷକମାନେ ଏହାକୁ ଭଲ ରେଟିଂ ଦେଇଛନ୍ତି। ଏନ୍‌ଡିଟିଭି ସିନେ ସମୀକ୍ଷକ ସାଇବାଲ୍ ଚାଟାର୍ଜୀ ୫ ତାରକା ମଧ୍ୟରୁ ୪.୫ ତାରକା ଦେଇଛନ୍ତି।

## ଖୁବ୍‌ଶୀଘ୍ର ପୃଥିବୀ ...

ଏଲ୍‌ଭିଏମ୍-୩ ରକେଟ ସହାୟତାରେ ଚନ୍ଦ୍ରୟାନ-୩କୁ ଚନ୍ଦ୍ର ଅଭିମୁଖେ ପ୍ରେରଣ କରାଯାଇଥିଲା। ଇତିମଧ୍ୟରେ ୪ ଥର ସଫଳତାର ସହ ଏହାକୁ କକ୍ଷ ଉତ୍ଥାନ କରାଗଲାଣି। ମଙ୍ଗଳବାର ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ପଞ୍ଚମ କକ୍ଷ ଉତ୍ଥାନ କରାଯିବ। ଏହାଦ୍ୱାରା ଚନ୍ଦ୍ରଯାନ ଅଧିକରୁ ଅଧିକ ଉଚ୍ଚ କକ୍ଷକୁ ଯାଉଛି। ପରବର୍ତ୍ତୀ ଅର୍ବିଟ ରେଜିଂ ମାନୋଭର ପରେ ଏହା ସିଧାସଳଖ ଚନ୍ଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଚନ୍ଦ୍ର ମାଧ୍ୟାକର୍ଷଣ କ୍ଷେତ୍ର ମଧ୍ୟକୁ ଆସିବା ପରେ ଚନ୍ଦ୍ରୟାନ ଧୀରେ ଧୀରେ ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର କକ୍ଷରେ ପହଞ୍ଚିବା ପରେ ସଫ୍ଟ ଲ୍ୟାଣ୍ଡିଂ ପାଇଁ ଉଦ୍ୟମ ଆରମ୍ଭ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ପାପଗ୍ରହ ମଧ୍ୟସ୍ଥ ଚତୁର୍ଥାଧିପତି ହେତୁ ପାରିବେଶିକ କୁପ୍ରଭାବ ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ, ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ପ୍ରତ୍ୟୁଷ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ ଦେଖାଦେବ।

**ବୃଷ** — ସ୍ୱାସ୍ଥ୍ୟରେ ଅବନତି କାରଣରୁ ସାମୟିକ ଅସୁସ୍ଥତା ଅନୁଭବ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ଯାତ୍ରା ଓ ବନ୍ଧୁ ମିଳନ ସଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି।

**ମିଥୁନ** — ଏକତ୍ର ରବି ଓ ବୁଧଙ୍କ ସ୍ଥିତି ଜନିତ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ସାଧାରଣ ଘଟଣାକୁ ଅତିରିକ୍ତ କରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବିବାଦୀୟ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଅର୍ଥ ସମ୍ପର୍କ, ବ୍ୟବସାୟ, ଯାତ୍ରା, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିବ।

**କର୍କଟ** — କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଖୁସି ରହିବେ। କାର୍ଯ୍ୟକ୍ଷେତ୍ରରେ ଟେନସନ୍ କମିଯିବ ଓ ସହଯୋଗ ଭିତିରେ କାମ କଲେ ଉପକାର ପାଇବେ।

**ସିଂହ** — ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପାରିବାରିକ ଅସ୍ଥିରତା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଆଜିର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ, ଏଣୁ ଭାବିଚିନ୍ତି କାମ କରିବା ଭଲ। ଧର୍ମଚର୍ଚ୍ଚା ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** — ଅକର୍ମକ୍ଷେତ୍ରରେ କାମ ଗୁଡିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶକରିବେ। ନିକଟ ସମ୍ପର୍କୀୟ ମାନଙ୍କ ସହଯୋଗ ପ୍ରତିଶ୍ରୁତି ପାଣିରଗାର ସଦୃଶ ହୋଇପାରେ। ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରୁ ସୁଫଳ ପାଇବେ। ବହୁତ ଦିନରୁ ଅଟକି ରହି ଯାଇଥିବା ଅର୍ଥ ଲାଭରୁ ଖୁସୀ ରହିପାରନ୍ତି।

**ତୁଳା** — କଥା ଦେଇ କଥା ରଖୁନଥିବା କାରଣରୁ ନିଜ ଲୋକ ମାନଙ୍କ ଉପରେ ଭରଷା କରି ପାରିବେ ନାହିଁ। ଯାନବାହାନ ଚାଳାନାରେ ସତର୍କତା ଅବଲମ୍ବନ କରନ୍ତୁ,ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା** — ଆଜି କେତେକ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁ ମାନଙ୍କ ଗହଣରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇ ପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**ଧନୁ** — ଅଷ୍ଟମାଧିପତି କର୍ମଭାବସ୍ଥ ଯୋଗୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପାରିବାରିକ ଜାଳ ବୃଦ୍ଧି ପାଇପାରେଯାହାକି ଅଶାନ୍ତିକୁ ନିମନ୍ତ୍ରଣ କରିପାରେ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ।

**ମକର** — ସକାଳୁ ସକାଳୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡୋଶୀ କେହି ପ୍ରତିବାଦ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ** — ଆଜି ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିପାରେ। ମହିଳାଙ୍କ ପାଇଁ ଦିନଟି ଲାଭଦାୟୀ ହେବ।

**ମୀନ** — ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ବା ସଙ୍ଗକୁ ଟେନସନ୍ କମିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଝଡ ସୃଷ୍ଟିର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ସମସ୍ୟା ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ଷଷ୍ଠୀ ଯୁକ୍ତ ସପ୍ତମୀ ସୋମବାର, ଜୁଲାଇ ୨୪ ତାରିଖ, ଆୟକର ଦିବସ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା, ଘ୦୫/୨୩, ଗତେ, ଘ.୦୭/୦୦, ମଧ୍ୟେ, ଘ.୧୦/୩୫, ଗତେ, ଘ.୦୧/୧୧, ମଧ୍ୟେ, ଶୁଦ୍ଧ ଶୁଭବେଳା। ସକାଳ, ଘ.୦୭/୦୦, ଗତେ, ଘ.୦୮/୩୮, ମଧ୍ୟେ, ରାହୁକାଳ ।।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ପୁଣି ଜଣେ ମହିଳା ମୃତ

**ଟେନ୍‌ସା,୨୩।୭(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡ଼ାରେ ୫ ରୁ ୭ ଟିକିଆ ହାତୀ ପଲଙ୍କ ଉପଦ୍ରବ କମିବାର ନାଁ ନେଉନାହିଁ। ଶନିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ପୁଣି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଆରତୀ ମୁଣ୍ଡା। ଖବର ଲେଖା ହେବା ସୁଦ୍ଧା(୭ଟା) ପୋଲିସ କୌଣସି ମାମଲା ରୁଜୁ କରିନାହିଁ। ସୂଚନାଯୋଗ୍ୟ, ହାତୀ ପଲ କନ୍ତରକୋଇଡ଼ା ରୁଙ୍ଗୁଟା କଲୋନୀ ଗେଟ୍ ସାମ୍ନାରେ ଥିବା ଶାନ୍ତି ମୁଣ୍ଡାଙ୍କ ଘର ଭାଙ୍ଗିବା ସହିତ ଚାଉଳ ଖାଇଥିଲେ। ଏହା ଜାଣିବାପରେ ସ୍ଥାନୀୟ ଲୋକେ ହାତୀଙ୍କୁ ଘଉଡ଼ାଇଥିଲେ। ଏହି ସମୟରେ ଆରତୀ ଘରୁ ବାହାରି ଦୌଡ଼ି ପଳାଉଥିବା ସମୟରେ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ଆରତୀଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁଘଟିଥିଲା। ପରେ ହାତୀପଲ ନିକଟସ୍ଥ ଧୋବାଲାବେଡ଼ା ଗ୍ରାମରେ ପଶି ଦଶରୁ କିଷାନଙ୍କ ଘର ଭାଙ୍ଗିବା ସହିତ ରୋଶନ କିଷାନ ଓ କମଳ କିଷାନଙ୍କ ବାଡ଼ିରେ ପଶି ମକା ଫସଲ ନଷ୍ଟ କରିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ସପ୍ତାହ ମଧ୍ୟରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଲାଣି।

### ଗିଳିଥିବା ୧୦ ବତକଙ୍କୁ ଓଗାଳିଲା ଅଜଗର



**ଢେଙ୍କାନାଳ,୨୩।୭(ରତନ ନାୟାର):** ଢେଙ୍କାନାଳ ଜିଲା ସଦର ଥାନା ଲମ୍ବୋଦରପୁର ଗ୍ରାମସ୍ଥିତ ଏକ ଫାର୍ମ ହାଉସରୁ ରବିବାର ଏକ ୮ଫୁଟ୍ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ସାପଟି ବତକ ଖାଉଥିବା ଦେଖି ଫାର୍ମ ହାଉସ କର୍ମଚାରୀମାନେ ମାଲିକ ମନୋଜ ସାମଲଙ୍କୁ ସୂଚନା ଦେଇଥିଲେ। ମନୋଜଙ୍କଠାରୁ ଖବରପାଇ ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳ ସଦସ୍ୟ ସୂର୍ଯ୍ୟକାନ୍ତ ବେହେରା, ତରଣୀ ନାୟକ, ଶଙ୍କର ନାୟକ ପ୍ରମୁଖ ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ସାପଟି ଗିଳିଥିବା ୧୦ଟି ବତକକୁ ଓଗାଳି ଦେଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଅଜଗରକୁ ବନବିଭାଗ ଉପସ୍ଥିତିରେ ମେଘା ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା।

# ଆସୁଛି ଆଉ ଏକ ଲଘୁଚାପ, ବଢ଼ିବ ବର୍ଷା

ଭୁବନେଶ୍ୱର,୨୩।୭
(ଅନୁରାଧା ମହାରଣା)

ସାରା ରାଜ୍ୟରେ ଏବେ ମୌସୁମୀ ବର୍ଷା ଜାରି ରହିଛି। ଖରା, ଗୁଳୁଗୁଳି ଭିତରେ ତୁହାକୁ ତୁହା ବର୍ଷୁଛି। ଶନିବାର ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ରବିବାର ଦକ୍ଷିଣ ଓଡ଼ିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୩.୧ କିମି ଉଚ୍ଚତାରେ ବାୟୁମଣ୍ଡଳରେ ସକ୍ରିୟ ରହିଛି। ତେବେ ସୋମବାର ପଶ୍ଚିମ-କେନ୍ଦ୍ରୀୟ ତତ୍‌ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ପରବର୍ତ୍ତୀ ୨୪ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ୨୫ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ବିସ୍ତୃତ ଭାବେ ବର୍ଷିବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ତେବେ ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ରାୟଗଡ଼ା, ଗଞ୍ଜାମ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଉକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୫ ତାରିଖରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ମଧ୍ୟ ବର୍ଷା ହେବ। ବିଶେଷକରି ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀର ଜିଲାକୁ ଅଧିକ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ୨୬ ତାରିଖରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇପାରେ। କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପଟେ ସୋନପୁର, ବୌଦ୍ଧ, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ୨୭ ଓ ୨୮ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନୁଗୋଳ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୋନପୁର, ବୌଦ୍ଧ, ନୟାଗଡ଼, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଆଦି ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିବା ସହ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି।

### ଜୁନ୍, ଜୁଲାଇରେ ୧୩% କମ୍ ବର୍ଷା

ଚଳିତ ମୌସୁମୀ ଋତୁରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଜୁନ ୧ରୁ ଜୁଲାଇ ୨୩ ସୁଦ୍ଧା ରାଜ୍ୟରେ ୪୦୧.୩ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୪୫୮.୮ ମିମି ତୁଳନାରେ ୧୩ ପ୍ରତିଶତ କମ୍ ରହିଛି। ଏହି ସମୟ ମଧ୍ୟରେ ମାଲକାନଗିରି ଜିଲାରେ ସର୍ବାଧିକ ୬୮୪.୪ ମିମି ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକ ବର୍ଷାଠାରୁ ୪୨ ପ୍ରତିଶତ ଅଧିକ ରହିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାରେ ସର୍ବନିମ୍ନ ୨୨୧.୮ ମିମି ଅର୍ଥାତ୍ ସ୍ୱାଭାବିକ ବର୍ଷାଠାରୁ ୩୬ ପ୍ରତିଶତ କମ୍ ହୋଇଥିବା ସୂଚନା ଦିଆଯାଇଛି।

# ୮ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଜବତ

- ଉଲୁଣ୍ଡା ବନ ବିଭାଗର ଚଢ଼ାଉ
- ୪ ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀ ଗିରଫ

ସୋନପୁର,୨୩।୭
(ମୃତ୍ୟୁଞ୍ଜୟ ଶତପଥୀ)



ଜବତ ହୋଇଥିବା ଭ୍ୟାନ୍।

ପଶ୍ଚିମବଙ୍ଗକୁ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଏକ ବଡ ର୍ୟାକେଟ୍‌କୁ ଧରିବାରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନବିଭାଗ ସଫଳ ହୋଇଛି। ଏହି ଘଟଣାରେ ୪ ଜଣ ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ରବିବାର ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨୬୦ ବିଡ଼ା କେନ୍ଦୁପତ୍ର (ପ୍ରାୟ ୮ କୁଇଣ୍ଟାଲ) ଜବତ ହୋଇଛି। ସେହିଭଳି ଗୋଟିଏ ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ, ଗୋଟିଏ ବୋଲେରୋ, ଗୋଟିଏ କାର ଓ ଗୋଟିଏ ବାଇକ୍‌କୁ ବନବିଭାଗ ଜବତ କରିଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗକୁ ଚାଲାଣ କରିବା ପାଇଁ ବ୍ୟବସାୟୀମାନେ ଉଲୁଣ୍ଡା ଥାନା ପିପଲକଣ୍ଟା ନିକଟରେ ଏକ ପିକଅପ୍ ଭ୍ୟାନ୍‌ରେ କେନ୍ଦୁପତ୍ର ବୋଝେଇ କରୁଥିଲେ। ଏଜେଣ୍ଟମାନେ ଗ୍ରାମାଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ କରୁଥିଲେ। ନିକଟରେ ସମ୍ବଲପୁର ଅଞ୍ଚଳର ଆନ୍ତଃରାଜ୍ୟ କେନ୍ଦୁପତ୍ର ବ୍ୟବସାୟୀମାନେ ଜଗି ରହିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ସଞ୍ଜୟ ରାଉତ ଟିମ୍ ସହ ଘଟଣାସ୍ଥଳରେ ଚଢାଉ କରିଥିଲେ। ଏହି ଘଟଣାରେ ବ୍ୟବସାୟୀ ତଥା ସମ୍ବଲପୁର ମୋତିଝରଣ ଅଞ୍ଚଳର ସାହାଜାହାନ ଖାଁ(୪୮), ରାଜାନଗର ଅଞ୍ଚଳର ସୟଦ ମୁକ୍ତାର ଅହମ୍ମଦ(୪୫), ପେନସନପଡା ଅଞ୍ଚଳର ସୟଦ ଜାହିଦ(୪୦) ଓ କ୍ଷେତରାଜପୁର ଅଞ୍ଚଳର ସୁଦାମ ପ୍ରସାଦ ଯାଦବ(୫୦)ଙ୍କୁ ଗିରଫ କରାଯାଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଏହି ଘଟଣା ପରେ ଚୋରା କେନ୍ଦୁପତ୍ର ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଚାଷୀଙ୍କ ସହ ଆଲୋଚନା, ସୋଲାର କୋଲ୍ଡ ଷ୍ଟୋର ବୁଲି ଦେଖିଲେ

### କୋଟିଆରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ

ପଟ୍ଟାଙ୍ଗି,୨୩।୭( ଶରତ ଧଳ)


କୋଟିଆରେ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢୀ, ଜିଲାପାଳ ଅବଦାଲ ଏମ. ଅଖତରଙ୍କ ସହ ଅନ୍ୟ ଅଧିକାରୀମାନେ ଆଳୁଚାଷ ଅନୁଧ୍ୟାନ କରୁଛନ୍ତି।

କୋରାପୁଟ ଜିଲା ଗସ୍ତରେ ରବିବାର କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଆସିଥିଲେ। ପ୍ରଥମେ ସେ ଜିଲା ମୁଖ୍ୟାଳୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ପରେ ଜିଲାପାଳ ଅବଦାଲ ଏମ. ଅଖତରଙ୍କ ସହ ପଟ୍ଟାଙ୍ଗି ବ୍ଲକର ବିବାଦୀୟ କୋଟିଆ ପଞ୍ଚାୟତ ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ପାଢୀ ପ୍ରଥମେ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଚାଷୀମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ଚାଷ ସମ୍ପର୍କରେ ଜିଲାପାଳ ଏବଂ ପ୍ରମୁଖ ଶାସନ ସଚିବ ପାଢୀ ଚାଷୀଙ୍କ ସହ ଆଲୋନା କରିଥିଲେ। ରାଜ୍ୟ କୃଷି ବିଭାଗ କୋରାପୁଟ ଜିଲାରେ ୪ ହଜାର ହେକ୍ଟରଜମିରେ ଆଳୁ ଚାଷ ପାଇଁ ଲକ୍ଷ୍ୟ ରଖିଥିବା ଏବଂ କୋଟିଆରେ ୧୩୦ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ଚାଷୀଙ୍କୁ ସୂଚନା ଦେଇଥିଲେ। ପରେ ପଞ୍ଚାୟତର ଥୁରିଆ ଗ୍ରାମରେ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ଦାୟିତ୍ୱରେ ଥିବା ସୋଲାର କୋଲଡ ଷ୍ଟୋର ବୁଲି ଦେଖିଥିଲେ। କୃଷି ପ୍ରମୁଖ ଶାସନ ସଚିବ ପାଢ଼ୀଙ୍କ ଗସ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ତଥ୍ୟ ମାଗିବାରୁ ଅଧିକାରୀମାନେ ଗଣମାଧ୍ୟମଠାରୁ ଦୂରେଇ ରହିଥିଲେ। ସରପଞ୍ଚ ଲିଜୁ ଗେମେଲ, ଜିଲା ପରିଷଦ ସଦସ୍ୟା ଟିକାଇ ଗେମେଲ, ରାଜ୍ୟ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ ଲେଙ୍କା, ଅତିରିକ୍ତ ନିର୍ଦ୍ଦେଶକ ସୁକାନ୍ତ ସୁବୁଦ୍ଧି, ଜିଲା ଡିଡିଏଚ ସୁଧାମ ଚନ୍ଦ୍ର ବିଶ୍ୱାଳ, ଅତିରିକ୍ତ ଏଏଚଓ ପୁରଞ୍ଜୟ ପାଣିଗ୍ରାହୀ, ପଟ୍ଟାଙ୍ଗି ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଏଇ ବିଶ୍ୱନାଥ ମାଦଲି, ପିଇଓ କଣ୍ଡା ଗୋଲର,ଏଏଚଓ ରାନୁ ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠେଙ୍ଗାରେ ପିଟି ଯୁବକଙ୍କୁ ହତ୍ୟା: ବାପପୁଅ ଗିରଫ

ବଲାଙ୍ଗୀର, ୨୩।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ପଣ୍ଡରାପିଟା ଗାଁରେ ଭାସ୍କର ତାଣ୍ଡି (୩୩)ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ସେହି ଗାଁର ଦୁଇ ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ପ୍ରେମରାଜ ପୋଢ଼ ଏବଂ ତାଙ୍କ ବାପା ମଗଶିର ପୋଢ଼।

ଶନିବାର ପଣ୍ଡରାପିଟା ଗାଁ ବସ୍ତି ଭିତରେ ଭାସ୍କର ଓ ପ୍ରେମରାଜଙ୍କ ମଧ୍ୟରେ କୁଆଡେ ଯୁକ୍ତିତର୍କ ହୋଇଥିଲା। ରାତିରେ ଗାଁ ଦାଣ୍ଡରେ ଥିବା ପ୍ରେମରାଜଙ୍କ ଅଟୋରିକ୍ସାକୁ ଭାସ୍କର ଭଙ୍ଗାରୁଜା କରିବାରୁ ଏକ ଠେଙ୍ଗାରେ ପ୍ରେମରାଜ ଓ ମଗଶିର ମିଳିତ ଭାବେ ଭାସ୍କରଙ୍କୁ ମାଡ଼ ମାରିଥିଲେ। ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ଭାସ୍କର ପଡିଥିଲେ। ରାତି ପ୍ରାୟ ୧୦ଟା ସୁଦ୍ଧା ଘରକୁ ଭାସ୍କର ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବାକୁ ଆସିଥିଲେ। ରାସ୍ତା ଉପରେ ରକ୍ତାକ୍ତ ଅବସ୍ଥାରେ ଭାସ୍କର ପଡିଥିବା ଦେଖି ସେଠାରୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ଭାସ୍କରଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ଏହି ଘଟଣାକୁ ନେଇ ପଣ୍ଡରାପିଟାର ବିଜେ ତାଣ୍ଡି ତାଙ୍କ ଭାଇ ଭାସ୍କରଙ୍କୁ ପିଟି ହତ୍ୟା କରାଯାଇଥିବା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଥାନାରେ ଏକ ମାମଲା (ନଂ. ୨୧୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ କରି ପଣ୍ଡରାପିଟା ଗାଁର ପ୍ରେମରାଜ ଓ ତାଙ୍କ ବାପା ମଗଶିରଙ୍କୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବ୍ୟବହାର କରିଥିବା ଠେଙ୍ଗା ଓ ବାଉଁଶବାଡିକୁ ପୋଲିସ ଜବତ କରିଛି। ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି। ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଘଟଣାର ତଦନ୍ତ କରୁଛନ୍ତି।

# ହାର୍ ନ ମାନିବାଯାଏ ସଫଳ


ଦେବଯାନୀ ଦେଘୁରିଆ

**୯ମ ଶ୍ରେଣୀରେ ପଢୁଥିବା ସମୟରେ ଏକ ଆଲବମ୍ ମାଧ୍ୟମରେ ଓଲିଉଡରେ ପାଦ ଥାପିଥିଲେ ଅଭିନେତ୍ରୀ ଦେବଯାନୀ ଦେଘୁରିଆ। ବେଙ୍ଗଲୀ ହୋଇ ମଧ୍ୟ ଓଡ଼ିଆ ପାଇଁ ଏକ ଅଲଗା ଆକର୍ଷଣ ତାଙ୍କୁ ଟାଣି ଆଣିଥିଲା ଓଲିଉଡ୍‌କୁ। ଓଡ଼ିଆ ଚଳଚ୍ଚିତ୍ର ରସିକ ନାଗର, ରଙ୍ଗିଲା ଟୋକା, ଅଜାତଶତ୍ରୁ, ଇନ୍ଦ୍ରଜାଲ, ସମପାଜୁର ରଘୁ ଆଦିରେ ସେ ଅଭିନୟ ଛାପ ଛାଡ଼ିଛନ୍ତି। ସେହିପରି ୩୦୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଭିଡିଓ ମଧ୍ୟ କରିଛନ୍ତି। ରିଲିଜ୍ ହେବାକୁ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଉଦଣ୍ଡି ସୀତା' ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଆଶାରେ ସେ ଅଛନ୍ତି। ତାଙ୍କ ସହ ଏଥରର ଧରିତ୍ରୀ ଆଳାପ।**

**-ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

**ଧରିତ୍ରୀ ଆଳାପ**

***▶▶ 'ଉଦଣ୍ଡି ସୀତା' ଚଳଚ୍ଚିତ୍ରକୁ ନେଇ କେତେ ଏକ୍ସାଇଟମେଣ୍ଟ ଅଛି?***

-ଏହି ଚଳଚ୍ଚିତ୍ର ମହିଳାକୈନ୍ଦ୍ରିକ। 'ଉଦଣ୍ଡି ସୀତା' ନାମ ସହିତ ସମସ୍ତେ ଆଗରୁ ପରିଚିତ। ଏହା ଏକ ନାମ ନୁହେଁ ତ ଓଲିଉଡ୍ ପାଇଁ ଏକ ବ୍ରାଣ୍ଡ। ନାମ ପୁରୁଣା କିନ୍ତୁ କାହାଣୀ ନୂଆ। ଚାଷୀଭାଇମାନଙ୍କ ଉପରେ ଚଳଚ୍ଚିତ୍ରଟି ନିର୍ମିତ। ବହୁତ ଗର୍ବ ଅନୁଭବ କରୁଛି ଯେ, ମୁଁ ଗୋଟିଏ ଅରିଜିନାଲ କଣ୍ଟେଣ୍ଟରେ କାମ କରିଛି। ଦର୍ଶକ ବର୍ତ୍ତମାନ ଓଡ଼ିଶା ମାଟିର କଥା ଦେଖିବାକୁ ଚାହୁଁଛନ୍ତି। ଓଡ଼ିଶାର ଘରେ ଘରେ କାହାଣୀ ରହିଛି। କୋଣ ଅନୁକୋଣରେ ସୌନ୍ଦର୍ଯ୍ୟ ଭରି ରହିଛି। ଲୋକଙ୍କର ଆଶା, ବିଶ୍ୱାସ ପୁଣି ଥରେ ଆସିଲାଣି। ଓଲିଉଡରେ ସମୟ ସହିତ ସବୁକିଛି ଅପ୍‌ଗ୍ରେଡ୍ ହେବା ଦରକାର। ସେହି ହିସାବରେ ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଥିବାରୁ ମୁଁ ଭାବୁଛି ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିବ।

***▶▶ ପୂର୍ବର 'ଉଦଣ୍ଡି ସୀତା' ସିନେପ୍ରେମୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଆପଣଙ୍କ ଅଭିନୀତ ଏହି ଚଳଚ୍ଚିତ୍ର ସେତିକି ସଫଳତା ପାଇପାରିବ?***

-ସେ କାହାଣୀ ସ୍ତ୍ରୀ, ସ୍ୱାମୀଙ୍କର ଥିଲା। ଏହି କାହାଣୀ ବାପା, ଝିଅଙ୍କ କଥା। ତାହା ପୁଣି ଚାଷୀ ଭାଇଙ୍କ କଥା। ଆମେ ସମସ୍ତେ ଚେଷ୍ଟା କରିଛୁ ଉଦଣ୍ଡି ସୀତାର ନାଁଟାକୁ କେବେ ତଳେ ପକାଇଦେବୁନି। ବିଶେଷକରି ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ଟାଇଟଲକୁ ଜଷ୍ଟିସ୍ ଦେବା ପାଇଁ ବହୁତ ଚେଷ୍ଟା କରିଛନ୍ତି। ଆଶା, ବିଶ୍ୱାସ ଅଛି ଏହି ଚଳଚ୍ଚିତ୍ର ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ।

***▶▶ ଅନେକ ଗ୍ରାମାଞ୍ଚଳରେ ପ୍ରେକ୍ଷାଳୟ ନାହିଁ। ଏହି ଚଳଚ୍ଚିତ୍ର କିଭଳି ଚାଷୀମାନଙ୍କ ପାଖେ ପହଞ୍ଚିପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ଯୋଜନା ଅଛି?***

- ବର୍ତ୍ତମାନ ସମୟରେ ଡିଜିଟାଲରେ ଅନେକ ପ୍ରଚାର ପ୍ରସାର ହୋଇପାରୁଛି। କେହି ଜଣେ ବି ଯଦି ଏହାକୁ ଦେଖୁଛନ୍ତି, ଆଉ ତାଙ୍କୁ ଭଲ ଲାଗୁଛି ସେ ଏହାକୁ ଆଉ ୧୦ଜଣଙ୍କୁ ଦେଖାଇବେ। ଚଳଚ୍ଚିତ୍ରର ଟ୍ରେଲର ୟୁଟ୍ୟୁବରେ ଅପଲୋଡ୍ ହୋଇଛି। ଏହାକୁ ଅନେକେ ପ୍ରଶଂସା କରିଛନ୍ତି। ଏହି ମାଧ୍ୟମରେ ଏହା ଚାଷୀଭାଇଙ୍କ ପାଖରେ ମଧ୍ୟ ପହଞ୍ଚିପାରିବ ବୋଲି ମୋର ଆଶା। ଏହା ବ୍ୟତୀତ ପ୍ରଯୋଜନା ସଂସ୍ଥା ପକ୍ଷରୁ ମଧ୍ୟ ଯୋଜନା କରାଯାଇଛି କିଭଳି ଏହା ଚାଷୀଭାଇଙ୍କଠାରେ ପହଞ୍ଚିପାରିବ। ମୋର ଇଚ୍ଛା କି ସେମାନେ ଆସି ପ୍ରେକ୍ଷାଳୟରେ ବସି ଦେଖନ୍ତୁ।

***▶▶ ପସନ୍ଦ ପାଇଁ ମ୍ୟୁଜିକ୍ ଭିଡିଓ ଅଧିକ କରିଛନ୍ତି ନା ଚଳଚ୍ଚିତ୍ରରେ ସୁଯୋଗ ବେଶି ମିଳିନି?***

- ଫିଲ୍ମରୁ ସୁଯୋଗ କାହିଁକି ବେଶି ଆସିନି ତାହା ତ ମୋ ହାତରେ ନାହିଁ। କିନ୍ତୁ ମ୍ୟୁଜିକ ଭିଡିଓରୁ ହିଁ ପ୍ରାୟ ଅଭିନେତ୍ରୀ, ଅଭିନେତା ଚଳଚ୍ଚିତ୍ର ଜଗତକୁ ଯାଆନ୍ତି। ଆଗରୁ ଆଲବମ୍ ବେଶି ହେଉଥିଲା। ଚଳଚ୍ଚିତ୍ର କମ୍ ହେଉଥିଲା। ତାହା ଭିତରେ ବି ଚଳଚ୍ଚିତ୍ର କରିଛି। ମୋର ପ୍ରାୟ ଆଲବମ୍ ହିଟ୍ ହୋଇଛି। ସେଥିପାଇଁ ଦର୍ଶକଙ୍କୁ ଲାଗୁଥିବ ମୁଁ ଅଧିକ ଆଲବମ୍ କରିଛି।

***▶▶ ଦୀର୍ଘବର୍ଷ ଧରି ଇଣ୍ଡଷ୍ଟ୍ରିକୁ ଆସିଲେଣି। ଆପଣ ଭାବୁଛନ୍ତି କି ନବାଗତାମାନେ ଆସି ଯେତିକି ସଫଳତା ପାଇଲେଣି ସେ ତୁଳନାରେ ପଛରେ ରହିଯାଇଛନ୍ତି?***

-ହଁ, ଏହା ସତକଥା। ମୁଁ ଜାଣିନି ସଫଳତା ବା ବିଫଳତା ପ୍ରକୃତରେ କାହା ପାଇଁ କ'ଣ। ଯେ ପର୍ଯ୍ୟନ୍ତ ତୁମେ ଅଟକି ନାହଁ, ହାର ମାନିନ ସେ ପର୍ଯ୍ୟନ୍ତ ତୁମେ ସଫଳ। ଯେଉଁଦିନ ମୁଁ ଚେଷ୍ଟା କରିବା ବନ୍ଦ କରିଦେବି ସେଦିନଠୁ ମୋର ବିଫଳତା ଆରମ୍ଭ ହେବ। କର୍ମକୁ କେବେ ଛାଡ଼ିନି। ଆତ୍ମବିଶ୍ୱାସ ରହିଛି। ଭଲ କାମ କରିବାକୁ ସବୁବେଳେ ଚେଷ୍ଟା କରିଛି। ସେଥିପାଇଁ ସିନେମା ଜଗତରେ ଟିକ୍ସିକି ଅଛି।

***▶▶ ବଙ୍ଗଳା ଚଳଚ୍ଚିତ୍ର କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ବି କରିଛନ୍ତି। କେଉଁଟା ଅଧିକ ସୁହାଇଛି?***

-ଘର ସବୁବେଳେ ନିଜର। ଘରେ ଯେତିକି ଆରାମ ଲାଗେ, ଆମକୁ ବାହାରେ ସେତିକି ଲାଗେନି। ଠିକ୍ ସେଭଳି ବାହାରୁ ଯେତେ ବି ଅଫର୍ ମିଳୁ ଓଡ଼ିଶାରେ ଗୋଟିଏ ବି ଚଳଚ୍ଚିତ୍ର କଲେ ଶାନ୍ତି ମିଳେ। ଏଠି ଯେଉଁ ସଂଘର୍ଷ କରିଛି, ଏହି ଇଣ୍ଡଷ୍ଟ୍ରି ମୋତେ ଯାହା ଦେଇଛି, ଯେଉଁପରିଚୟ ମୋଠି ଆଜି ଅଛି ତାକୁ ନେଇ ମୁଁ ବହୁତ ଖୁସି। ଓଡ଼ିଶା ଇଣ୍ଡଷ୍ଟ୍ରି ପ୍ରତି ଭଲପାଇବା ଅଛି। ମୁଁ ବେଙ୍ଗଲୀ ଝିଅ ହୋଇପାରେ କିନ୍ତୁ ଜନ୍ମିଛି, ବଢ଼ିଛି, ପଢ଼ିଛି, ସବୁକିଛି ଶିଖିଛି ଏଇଠି।

***▶▶ କିଛି ଅଭୁଲା ସ୍ମୃତି ?***

- ଥରେ ଶୁଟିଂ ସେଟ୍‌ରେ ଗୋଟେ ମାଙ୍କଡ଼ ଆସି ମୋ କୋଳରେ ବସିଥିଲା। ମୁଁ ବହୁତ ଡରିଯାଇଥିଲି। ଯାହା କି ମୁଁ କେବେ ବି ଭୁଲିବିନି। ସେମିତି ଏକ ସ୍ପେଶାଲ ମୋମେଣ୍ଟ ହେଉଛି, ରଙ୍ଗିଲା ଟୋକା ଫିଲ୍ମର ରିଲିଜ ପରେ ବ୍ରହ୍ମପୁରର ଏକ ମନ୍ଦିର ଦର୍ଶନ କରିବାକୁ ଯାଇଥିଲି। ମୋ ପଛେ ପଛେ ୨୦ଜଣ ପରିକ୍ରମା କରୁଥିଲେ। ମୁଁ ବାହାରିବା ପରେ ହଠାତ୍ ମୋ ସାମ୍ନାରେ ପୂରା ଭିଡ଼ ଜମି ଯାଇଥିଲା। ଗାଡ଼ି ଚଳାଚଳ ହୋଇପାରିଲା ନାହିଁ। ପୋଲିସ ଆସି ଭିଡ଼ ଭାଙ୍ଗିଥିଲା, ଯାହା ମୋ ପାଇଁ ଏକ ବ୍ଲେସିଙ୍ଗ୍‌ର କଥା ଥିଲା।

***▶▶ ଅବସର ସମୟରେ କ'ଣ କରନ୍ତି?***

-ଖାଇବାକୁ ବହୁତ ପସନ୍ଦ। ତେଣୁ ନୂଆ କିଛି ଖାଦ୍ୟ ବନାଇ ଖାଏ। ମୋ ପେଟ୍ ସହ ଖେଳିବାକୁ ଭଲ ଲାଗେ। ସାଙ୍ଗମାନଙ୍କ ସହ ଲଙ୍ଗ ଡ୍ରାଇଭ୍‌ରେ ଯାଏ।

***▶▶ ଗୁଜବକୁ କିଭଳି ସାମ୍ନା କରନ୍ତି?***

-ଯେତେବେଳେ ନୂଆ ଆସିଥିଲି ଅସୁବିଧା ହେଉଥିଲା। ଚିନ୍ତା ହେଉଥିଲା। ଯେହେତୁ ମୁଁ ବହୁତ ଇମୋଶନାଲ୍। କିନ୍ତୁ ସମୟ ସହିତ ସବୁ ଠିକ୍ ହୋଇଗଲା।

***▶▶ ରିଲେଶନ୍‌ସିପ୍‌ରେ ଅଛନ୍ତି?***

-ନା।

***▶▶ କ'ଣ ଖାଇବାକୁ ବେଶି ପସନ୍ଦ କରନ୍ତି?***

-କ୍ଷୀର ଭାତ, ଆଳୁ ପୋସ୍ତ

***ପ୍ରିୟ ରଙ୍ଗ?***

-କଳା, ଲାଲ୍।

***▶▶ ଓଡ଼ିଆ ସିନେମାର ପ୍ରିୟ ଅଭିନେତ୍ରୀ, ଅଭିନେତା?***

- ଅପରାଜିତା ମହାନ୍ତି, ମିହିର ଦାସ।

# ୮୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ବନ୍ଦ

- ୩୨୫ ଏଚ୍‌ଏସ୍‌ଏସ୍‌ରେ ୫୦ ପ୍ରତିଶତ ସିଟ୍ ହ୍ରାସ ହେବ
- ୨୫୩ ବିଦ୍ୟାଳୟରୁ ପ୍ରତ୍ୟାହାର ହେବ ୧୩,୮୨୧ ବର୍ଦ୍ଧିତ ସିଟ୍

ଭୁବନେଶ୍ୱର,୨୩।୭
(ଅନୁରାଧା ମହାରଣା)

ସିଟ୍ ତୁଳନାରେ ଯୁକ୍ତ୨ ନାମଲେଖା ହାର କମ୍ ଥିବା ବା ଆଦୌ ହୋଇ ନ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚ୍‌ଏସ୍‌ଏସ୍) ଉପରେ ପଦକ୍ଷେପ ଆରମ୍ଭ ହୋଇଛି। ରାଜ୍ୟର ୮୯ଟି ଏଚ୍‌ଏସ୍‌ଏସ୍‌ରେ ଆଉ ନାମଲେଖା ହେବ ନାହିଁ। ସେହିପରି ୩୨୫ଟି ଏଚ୍‌ଏସ୍‌ଏସ୍‌ରେ ୫୦ ପ୍ରତିଶତ୍ ସିଟ୍ ହ୍ରାସ ହେବ ଓ ୨୫୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବର୍ଦ୍ଧିତ ସିଟ୍ ପ୍ରତ୍ୟାହାର କରିନିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଠିତ ଉଚ୍ଚସ୍ତରୀୟ କମିଟି ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୩୬ ହଜାର ୩୨ଟି ସିଟ୍ ହ୍ରାସ କରାଯାଇ ନାମଲେଖା ହାର ଅପେକ୍ଷାକୃତ ଅଧିକ ରହିଥିବା ଓ ଆବଶ୍ୟକତା ଥିବା ଏଚ୍‌ଏସ୍‌ଏସ୍‌ଗୁଡ଼ିକୁ ଉକ୍ତ ସିଟ୍ ଆବଣ୍ଟନ କରାଯିବ ବୋଲି କୁହାଯାଇଛି।

ତେବେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟର ୮୯ଟି ଏଚ୍‌ଏସ୍‌ଏସ୍‌ରେ ଜଣେ ମଧ୍ୟ ଛାତ୍ରୀଛାତ୍ର ନାମ ଲେଖାଇନାହାନ୍ତି। ତେଣୁ ଉକ୍ତ ଏଚଏସ୍‌ଏସ୍‌ଗୁଡ଼ିକରେ ନାମଲେଖା ନେଇ ନିର୍ଦ୍ଦେଶାଳୟ ପକ୍ଷରୁ କଟକଣା ଜାରି କରାଯାଇଛି। ଓଇ ଆକ୍ଟ, ୧୯୬୯ ରୁଲ୍-୬-ବି(ଜେ)ଅନୁସାରେ ଚଳିତ ଶିକ୍ଷାବର୍ଷଠାରୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ଥିବା **୬୮୦୪ ସିଟ୍‌ରେ** ନାମଲେଖା ହେବନାହିଁ। ସେହିପରି ୨୦୨୧-୨୨ ଶିକ୍ଷାବର୍ଷରେ ବିଭିନ୍ନ ଏଚ୍‌ଏସ୍‌ଏସ୍‌ରେ ବୃଦ୍ଧି କରାଯାଇଥିବା ସିଟ୍ ମଧ୍ୟ ବିଭାଗ ପକ୍ଷରୁ ପ୍ରତ୍ୟାହାର କରିନିଆଯିବ। କାରଣ ୨୦୨୦-୨୧ ଶିକ୍ଷାବର୍ଷରେ ମାଟ୍ରିକ ପାସ୍‌ହାରକୁ ଦୃଷ୍ଟିରେ ରଖି ୮୭୨ ଏଚ୍‌ଏସ୍‌ଏସ୍‌ରେ ପ୍ରାୟ ୫୬ ହଜାର ସିଟ୍ ବୃଦ୍ଧି କରାଯାଇଥିଲା। ପର ଶିକ୍ଷାବର୍ଷରେ ମାଟ୍ରିକ୍ ପାସ୍‌ହାର କମିଛି। ତେଣୁ ଚଳିତବର୍ଷଠାରୁ ୨୫୩ ଏଚ୍‌ଏସ୍‌ଏସ୍‌ରେ ବର୍ଦ୍ଧିତ ୧୩ ହଜାର ୮୨୧ ସିଟ୍ ପ୍ରତ୍ୟାହାର କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ଗତ ୨ ଶିକ୍ଷାବର୍ଷରେ ୩୨୫ଟି ଏଚ୍‌ଏସ୍‌ଏସ୍‌ରେ ଥିବା ୩୦,୮୧୪ ସିଟ୍‌ର ଏକ ଚତୁର୍ଥାଂଶ ସିଟ୍‌ରେ ନାମଲେଖା ହୋଇପାରିନାହିଁ। ତେଣୁ ଉକ୍ତ ଏଚ୍‌ଏସ୍‌ଏସଗୁଡ଼ିକରୁ ସିଟ୍ ସଂଖ୍ୟା ୫୦ ପ୍ରତିଶତ କମାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନରେ ସିଟ୍ ସଂଖ୍ୟା ୧୫ ହଜାର ୪୦୭କୁ ହ୍ରାସ ପାଇବ।

ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ ଏଚ୍‌ଏସ୍‌ଏସ୍ ଏହି ତାଲିକାରେ ରହିଛି। ଏହିକ୍ରମରେ ଭୁବନେଶ୍ୱରର ଏକାଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଭୁବନେଶ୍ୱର ବ୍ଲକର ପ୍ରାୟ ୯ଟି ଏଚ୍‌ଏସ୍‌ଏସ୍‌ରେ ଜଣେ ମଧ୍ୟ ବିଦ୍ୟାର୍ଥୀ ନାମ ଲେଖାଇନାହାନ୍ତି। ସେହିପରି ୨୦୨୦-୨୧ ଶିକ୍ଷା ବର୍ଷରେ ବୃଦ୍ଧି କରାଯାଇଥିବା ସିଟ୍‌ରେ କେହି ନାମ ଲେଖାଇ ନ ଥିବାରୁ ଭୁବନେଶ୍ୱରର ୧୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସିଟ୍ ପ୍ରତ୍ୟାହାର କରିନିଆଯିବ। ସେହିପରି ୩୩ଟି ଏଚ୍‌ଏସ୍‌ଏସ୍ କଳା, ବିଜ୍ଞାନ ଓ ବାଣିଜ୍ୟରେ ଏକ ଚତୁର୍ଥାଂଶ ନାମଲେଖା ହୋଇପାରି ନ ଥିବାରୁ ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫୦ ପ୍ରତିଶତ ସିଟ୍ ହ୍ରାସ କରାଯିବ ବୋଲି ସୂଚନା ଦିଆଯାଇଛି।

# '୩୦ ସୁଦ୍ଧା ଦାବି ପୂରଣ ନ କଲେ ବିରୋଧୀଙ୍କ ସହ ମିଶିଯିବୁ'

### ସରକାରଙ୍କୁ ଡ୍ରାଇଭର ସଂଘର ଚେତାବନୀ

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚର ଦାବିକୁ ସରକାର ଆସନ୍ତା ୩୦ ତାରିଖ ମଧ୍ୟରେ ପୂରଣ କରନ୍ତୁ। ନଚେତ୍ ସେମାନେ ବିରୋଧୀଙ୍କ ସହିତ ମିଶିଯିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ, ଜୁନ୍ ୧୨ ତାରିଖରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୋଟର ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ ଗଠନ ଲାଗି କହିଥିଲେ। ଘୋଷଣାର ୧୫ ଦିନ ମଧ୍ୟରେ ଏହି ବୋର୍ଡ ଗଠନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କରାଗଲା ନାହିଁ। ଏହା ଭିତରେ ଅନେକ ଡ୍ରାଇଭର ଏବଂ କର୍ମଚାରୀ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ସହିତ ଆହତ ହେଉଥିଲେ ମଧ୍ୟ ସେମାନଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରି ନାହିଁ। ଗତ ୨୨ ତାରିଖରେ ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିବା ସହିତ ରବିବାର ମଧ୍ୟ ତାଙ୍କଠାରୁ ଉତ୍ତର ଜାଣିବାକୁ ଚାହିଁଥିଲୁ। ତେବେ ବୁଝିକି ୩୦ ତାରିଖ ସୁଦ୍ଧା ଜଣାଇବେ ବୋଲି ସମାନ କଥା ସେ ଦୋହରାଇଛନ୍ତି। ବାରମ୍ବାର ବୋର୍ଡ ଗଠନ ପାଇଁ ଦାବି ହୋଇଥିଲେ ବି ସରକାର ଦିନ ଗଡାଇ ଚାଲିଛନ୍ତି। ତେଣୁ ଏଥର ଚରମ ପଦକ୍ଷେପ ନେବାକୁ ଡ୍ରାଇଭର ମହାସଂଘ ଚେତାବନୀ ଦେଇଛି।

ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# କ୍ଷତି ଭାରତର, ଲାଭ ଚାଇନାର

ମଣିପୁର ହିଂସା ଓ ମହିଳାଙ୍କ ଉପରେ ଘଟିଥିବା ବର୍ବରୋଚିତ କାଣ୍ଡ କେବଳ ଭାରତ ନୁହେଁ, ବିଦେଶୀ ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ କ୍ଷମତାସୀନ ହେବା ପରଠାରୁ ସରକାରୀ ଭାବେ ପ୍ରଚାର କରାଯାଉଛି ଯେ, ଭାରତକୁ ସେ ଦେଇଥିବା ନେତୃତ୍ୱ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଛି। ତାଙ୍କ ପୂର୍ବରୁ କୌଣସି ପ୍ରଧାନମନ୍ତ୍ରୀ ଭାରତକୁ ବିଶ୍ୱ ଦରବାରରେ ଏତେମାତ୍ରାରେ ପହଞ୍ଚାଇପାରି ନ ଥିଲେ ବୋଲି କୁହାଯାଉଛି। ହେଲେ ମଣିପୁରରେ ମେ ୪ରେ ମହିଳାଙ୍କ ପ୍ରତି ଘଟିଥିବା ଅମାନୁଷିକ ଘଟଣାର ଭିଡିଓ ଦୀର୍ଘ ଦୁଇ ମାସ ପରେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୋଦିଙ୍କ ଡବଲ ଇଞ୍ଜିନର ସରକାର ଦେଶବାସୀଙ୍କୁ କିଭଳି ଶାସନ ଭେଟି ଦେଇଛି ତାହା ଏବେ ସ୍ପଷ୍ଟ ବୁଝାପଡୁଛି। ବିଗତ ୯ ବର୍ଷରେ ଭାଜପା ସରକାର ଯେଉଁ କ୍ଷତି ଘଟାଇଛି ତାହା ପୂର୍ବରୁ ଦେଶ ଆଉ କାହା ନେତୃତ୍ୱରେ ଏଭଳି ଭୋଗି ନ ଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। କେନ୍ଦ୍ର ଓ ମଣିପୁରରେ ଭାଜପା ସରକାର ଚାଲିଥିବାରୁ ହିଂସାକୁ ରୋକିବା ତ ଦୂରର କଥା, ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ଦେବା ବେଳେ ଦେଶର କଂଗ୍ରେସ ଶାସିତ ରାଜ୍ୟରେ ମହିଳାଙ୍କ ପ୍ରତି ଘଟୁଥିବା ଦୁର୍ବ୍ୟବହାର ବିଷୟରେ ପ୍ରକାଶ କରିବା ତାଙ୍କ ସଂକୀର୍ଣ୍ଣ ରାଜନୈତିକ ଚିନ୍ତାଧାରାକୁ ପଦାରେ ପକାଇଛି।

ମଣିପୁର ଇତିହାସକୁ ମନେପକାଇଲେ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍ପିଏ)କୁ ରାଜ୍ୟରୁ ହଟେଇବା ଲାଗି ସାମାଜିକ କର୍ମୀ ଇରୋମ ଶର୍ମିଳା ୧୬ ବର୍ଷ ଧରି ଅନଶନ କରିଥିଲେ। କାରଣ ସେ ଦେଖିଥିଲେ ଯବାନମାନେ ମହିଳାଙ୍କ ଉପରେ କିଭଳି ଅତ୍ୟାଚାର କରୁଥିଲେ। ସେହିପରି ୩୨ ବର୍ଷୀୟା ଥାଙ୍ଗଜାମ ମନୋରମାଙ୍କୁ ଭାରତୀୟ ଅର୍ଦ୍ଧସାମରିକ ବାହିନୀ ୧୭ ଆସାମ ରାଇଫଲ୍ସର ଯବାନମାନେ ୧୧ ଜୁଲାଇ ୨୦୦୪ରେ ବଳାତ୍କାର ପରେ ହତ୍ୟା କରିଥିଲେ। ଏହି ଘଟଣାର ୫ ଦିନ ପରେ ୩୦ ଜଣ ମଧ୍ୟବୟସ୍କା ମହିଳା ଉଲଗ୍ନ ହୋଇ 'ଭାରତୀୟ ଯବାନ ଆମକୁ ବଳାତ୍କାର କର' (ଇଣ୍ଡିଆନ୍ ଆର୍ମି ରେପ୍ ଅସ୍) ବ୍ୟାନର ଧରି ଇମ୍ଫାଲରେ ଯାଉଥିବାର ଦୃଶ୍ୟ ଭାରତୀୟଙ୍କୁ ସେତେବେଳେ ବିବ୍ରତ କରିଦେଇଥିଲା। ସେହି ଘଟଣାର ୧୯ ବର୍ଷ ପରେ ଏବେ ଜୁଲାଇରେ ଦୁଇ ଜଣ କୁକି ମହିଳାଙ୍କୁ ମେଇତି ସମ୍ପ୍ରଦାୟର ଅସଂଖ୍ୟ ଲୋକ ଉଲଗ୍ନ ପରେଡ୍ କରାଇବାର ଭିଡିଓ ବହୁଳ ପ୍ରସାରିତ ହେବା ଦେଶବାସୀଙ୍କୁ ମର୍ମାହତ କରିଛି। ପୂର୍ବ ଘଟଣାରେ ଶାସକଙ୍କ ଉପରୁ ଆସ୍ଥା ହରାଇଥିବା ମହିଳାମାନେ ଭାରତୀୟ ସେନାର କାର୍ଯ୍ୟକୁ ନିନ୍ଦା କରି ଉଲଗ୍ନ ପ୍ରତିବାଦ କରିଥିଲେ। ବର୍ତ୍ତମାନର ଘଟଣା ସଂଖ୍ୟାଗରିଷ୍ଠ ମେଇତି ସମ୍ପ୍ରଦାୟର ଉତ୍ତ୍ୟକ୍ତ ଜନତା ସଂଖ୍ୟାଲଘୁ ଦୁଇ କୁକି ମହିଳାଙ୍କ ଉପରେ ଅତ୍ୟାଚାର କରିବା ଦର୍ଶାଇ ଦେଇଛି ସବୁକିଛି ସରକାରୀ ପ୍ରାୟୋଜିତ। ମେ ୪ରେ ଏହି ଘଟଣା ଘଟିବା ଓ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ତାହାକୁ ପୋଲିସ ଗୁରୁତ୍ୱ ନ ଦେବା ଅର୍ଥ ମଣିପୁରର ଶାସନ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିଯାଇଛି। କେବଳ ସେତିକି ନୁହେଁ, ଏହି ଅତ୍ୟାଚାର ସମ୍ପର୍କରେ ଜାତୀୟ ମହିଳା କମିଶନ (ଏନ୍ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା, ଯିଏ ନିଜେ ଭାଜପା ସରକାର ଦ୍ୱାରା ଅବସ୍ଥାପିତ ହୋଇଛନ୍ତି, ତାଙ୍କ ଆୟୋଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏନ୍ସିଡବ୍ଲ୍ୟୁ ପାଖରେ ଜୁନ୍ ୧୨ରେ ଏହି କୁକି ମହିଳାଙ୍କ ପ୍ରତି ଅତ୍ୟାଚାର ସମ୍ପର୍କିତ ଅଭିଯୋଗ ପହଞ୍ଚିଥିବା ସତ୍ତ୍ୱେ ସବୁ ନୀରବ ରହିଲେ। ଏଥିରୁ ଜଣାପଡୁଛି, କେନ୍ଦ୍ର ସରକାର କହିପାରିବେନି ତାଙ୍କ ପାଖରେ ତଥ୍ୟ ବା ଖବର ପହଞ୍ଚିପାରି ନ ଥିଲା। ସେହିପରି ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଗାଦିକୁ ରକ୍ଷା କରିବା ଲାଗି କେନ୍ଦ୍ର ସରକାର ସବୁ ବଳ ଲଗାଇ ଦେଇଥିବା ଭଳି ମନେହେଉଛି। ଯେମିତି ଭାରତୀୟ କୁସ୍ତି ଫେଡେରେଶନର ପୂର୍ବତନ ଅଧ୍ୟକ୍ଷ ତଥା ସାଂସଦ ବ୍ରିଜ୍ ଭୂଷଣ ଶରନ ସିଂଙ୍କ ପାଇଁ ନିକଟରେ ସରକାରୀ ସମର୍ଥନ ଦେଖିବାକୁ ମିଳିଥିଲା। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମେ' ଶେଷ ଆଡ଼କୁ ମଣିପୁର ଗସ୍ତ କରିଥିଲେ ମଧ୍ୟ ହିଂସାକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆ ନ ଯିବା କେନ୍ଦ୍ରର ନୀରବତାକୁ ସୂଚିତ କରୁଛି।

ଇତିହାସ ପ୍ରମାଣ ଦେଇଛି ଯେ, ହିଂସା ଦ୍ୱାରା କୌଣସି ଲକ୍ଷ୍ୟ ସାଧନ ହୋଇ ନ ଥାଏ। ପୁଣି ଯେତେବେଳେ ଉତ୍ତ୍ୟକ୍ତ ଜନତା ସରକାରଙ୍କ ସମର୍ଥନରେ ଅସ୍ୱାଭାବିକ ସ୍ଥିତି ଉପୁଜାଇଥାଆନ୍ତି, ସେତେବେଳେ ଅରାଜକତା ରାଜୁତି କରିଥାଏ। ଏହା ଜଣାଶୁଣା ମଣିପୁର ଏକ ସୀମାନ୍ତ ରାଜ୍ୟ। ଅଳ୍ପ କିଛି ଦୂରତାରେ ମ୍ୟାନ୍ମାର (ବର୍ମା) ରହିଛି, ଯେଉଁ ଦେଶର ଶାସକମାନଙ୍କର ଚାଇନା ସହିତ ନିକଟ ଅତୀତରେ ଗଭୀର ସମ୍ପର୍କ ଗଢ଼ିଉଠିଛି। ଏଥିସହିତ ପଡ଼ୋଶୀ ରାଜ୍ୟ ମିଜୋରାମରେ ସାନି ହିଂସା ଦେଖାଦେଲାଣି। ମିଜୋରାମରେ ବସବାସ କରୁଥିବା ବା କାର୍ଯ୍ୟରେ ନିୟୋଜିତ ଥିବା ମେଇତି ସମ୍ପ୍ରଦାୟଙ୍କୁ ସ୍ଥାନୀୟ ମିଜୋ ଓ କୁକିମାନେ ଶତ୍ରୁ ଦୃଷ୍ଟିରେ ଦେଖିଲେଣି। ମିଜୋ ଓ କୁକିମାନେ ଜାତିଗତ ଦୃଷ୍ଟିରୁ ସମ୍ବନ୍ଧରେ ଜଡ଼ିତ। ତେଣୁ ସେଠାରେ କୁକି ସମର୍ଥକମାନେ ସଂଖ୍ୟାଲଘୁ ମେଇତିଙ୍କୁ ଚେତାବନୀ ଦେଲେଣି। ଏଥିରୁ ବୁଝିବାକୁ ହେବ ଯେ, ଉତ୍ତର ପୂର୍ବାଞ୍ଚଳରେ ହିନ୍ଦୁ ଭୋଟ ପାଇଁ ବ୍ୟାକୁଳ ଭାଜପା ଯେଉଁ ନିଆଁ ଲଗାଇଦେଲାଣି ତାହାକୁ ଲିଭାଇବା ପରିସ୍ଥିତିରେ କେହି ଥିଲା ଭଳି ମନେ ହେଉନାହିଁ। ମନେରଖିବାକୁ ହେବ ଯେ, ଏହିସବୁ ଅଞ୍ଚଳରେ ଅନେକ ଦଶନ୍ଧି ଧରି ଉଗ୍ରପନ୍ଥୀମାନେ ବିଚ୍ଛିନ୍ନତାବାଦୀ କାର୍ଯ୍ୟ କରି ଆସୁଥିଲେ। ଅଳ୍ପ କିଛି ବର୍ଷ ହେବ ସେହିସବୁ ଆନ୍ଦୋଳନ ମଉଳି ଆସୁଥିଲା। ସମ୍ଭବତଃ ମଣିପୁରରେ ଚାଲିଥିବା ଭାଜପା ରାଜନୀତି ଦେଶର ଏହି ଅଞ୍ଚଳକୁ ବିପଦମୁହଁକୁ ଠେଲି ଦେଲା। କ୍ଷତି ଭାରତର, ଲାଭ ଚାଇନାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | 4 | 1 | |
| | 8 | | | | 2 | | | |
| | | | 9 | 5 | | | | |
| | 1 | 8 | | | | | | |
| | | | | | | 7 | 9 | |
| 4 | | 6 | 2 | | 9 | 3 | | |
| | | | | 7 | | 6 | | 2 |
| | 5 | 2 | | | 3 | | | |
| | | | | | 8 | | 5 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 2 | 1 | 3 | 5 | 6 | 7 |
| 3 | 1 | 7 | 6 | 5 | 8 | 2 | 9 | 4 |
| 5 | 6 | 2 | 9 | 4 | 7 | 8 | 1 | 3 |
| 6 | 7 | 1 | 5 | 2 | 4 | 9 | 3 | 8 |
| 9 | 2 | 3 | 8 | 6 | 1 | 4 | 7 | 5 |
| 4 | 8 | 5 | 3 | 7 | 9 | 6 | 2 | 1 |
| 7 | 3 | 8 | 4 | 9 | 6 | 1 | 5 | 2 |
| 1 | 5 | 6 | 7 | 8 | 2 | 3 | 4 | 9 |
| 2 | 4 | 9 | 1 | 3 | 5 | 7 | 8 | 6 |

ଗତକାଲିର ଉତ୍ତର

# ଜଳାଭିଷେକ ଓ ବୃକ୍ଷ ଉପାସନା



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ଲୋକ ଚିନ୍ତନରେ ଆନନ୍ଦ ଓ ଅନାଶକ୍ତିର ପ୍ରତୀକ ମଙ୍ଗଳମୟ ଶିବ। ତାଙ୍କୁ ତୋଷ କରିବାର ସହଜ ଉପାୟଟି ହେଉଛି ଜଳାଭିଷେକ। ଶୈବ ମତରେ ଶ୍ରାବଣ ମାସ ହିଁ ଜଳାଭିଷେକର ପ୍ରକୃଷ୍ଟ ସମୟ। ତେଣୁ ଶ୍ରାବଣ ଆସିବା ମାତ୍ରେ ଆରମ୍ଭ ହୋଇଯାଏ ଜଳାଭିଷେକ ପର୍ବ। କାଉଡି କାନ୍ଧେଇ ରାସ୍ତାରେ ଭିଡ ଲଗାନ୍ତି ଦଳଦଳ ବୋଲବମ ଭକ୍ତ। ପିମ୍ପୁଡି ଧାର ପରି ଚାଲୁଥିବା ଏହି ଗେରୁଆ ପିନ୍ଧା ଭକ୍ତଙ୍କୁ ଦେଖି ମନରେ ସ୍ୱତଃ ପ୍ରଶ୍ନ ଉଠେ, ବାସ୍ତବରେ ଏହା ଆଧ୍ୟାତ୍ମିକ ଉଦ୍‌ବେଳନ ନା ଆବେଗିକ ବିଭ୍ରାନ୍ତି ? ଭାକ୍ତିକ ଉଚ୍ଛ୍ୱାସ ନା ତାମସିକ ଉନ୍ମାଦନା ? ଶାସ୍ତ୍ରୀୟ ନା କାଳ୍ପନିକ ? କେଉଁଠି ଅଛି ତା'ର ଉତ୍ସ ?

ସାରା ଭାରତରେ ଶୈବ ଉପାସନାର ଆଦୃତି ଓ ବିସ୍ତୃତିକୁ ନେଇ ଓଡ଼ିଶାର ପ୍ରାୟତଃ ପ୍ରତି ଗାଆଁରେ ଗଢ଼ି ଉଠିଛି ଶିବ ମନ୍ଦିର। ଗାଁ ଲୋକେ ବିଶେଷକରି ମହିଳାମାନେ ପ୍ରତି ସୋମବାର ମନ୍ଦିରକୁ ଯାଇ ମହାଦେବଙ୍କୁ ଦର୍ଶନ କରିବା ଏକ ସାଧାରଣ କଥା। ଶ୍ରାବଣ ସୋମବାରର ଜଳାଭିଷେକ କରିବା ଧାରା ମଧ୍ୟ ପ୍ରାଚୀନ। କିନ୍ତୁ ତାହା ଥିଲା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଓ ନିରାଡ଼ମ୍ବର। ପରବର୍ତ୍ତୀ ସମୟରେ ଅର୍ଥାତ୍ ଏଇ ତିନି ଚାରି ଦଶନ୍ଧି ପୂର୍ବରୁ ବୋଲବମ ପରମ୍ପରା ଓଡ଼ିଶାକୁ ଆମଦାନୀ ହୋଇ ଆସିଲା ପରେ ବଦଳିଗଲା ଚିତ୍ର। ପ୍ରାରମ୍ଭିକ ଅବସ୍ଥାରେ କାଉଡ଼ିବାଲାଙ୍କ ସଂଖ୍ୟା ଥିଲା ନଗଣ୍ୟ। ରାସ୍ତାରେ ଜଣେ ଅଧେ କେହି ପାଣି ଭାର ଧରି ଯାଉଥିଲେ ଏବଂ ତାଙ୍କୁ ବାଟଗଲା ଲୋକ ଚାହୁଁଥିଲେ କୌତୂହଳରେ। ବିଭିନ୍ନ ଭାବରେ ପ୍ରୋତ୍ସାହନ ପାଇ ବର୍ଷକୁ ବର୍ଷ ବଢ଼ିବାକୁ ଲାଗିଲା ସେମାନଙ୍କ ସଂଖ୍ୟା। ଏବେ ପରିସ୍ଥିତି ଏମିତି ହୋଇଛି ଯେ ଶହେ କି ହଜାରରେ ନୁହେଁ, ଲକ୍ଷ ଲକ୍ଷକୁ ନେଇ ଚାଲିଛି ସେମାନଙ୍କ ଗଣତି। ଏମାନେ ଦଳବଦ୍ଧ ହୋଇ ଯାଉଛନ୍ତି ମହାଆଡମ୍ବରରେ। କାଉଡି କାନ୍ଧେଇ ଖାଲି ପାଦରେ ମାଇଲ ମାଇଲ ବାଟ ଚାଲିବା କିଛି ସହଜ କଥା ନୁହେଁ ସତ, କିନ୍ତୁ ନିକଟରେ ଥିବା ଶୈବ ପୀଠରେ ଜଳାଭିଷେକ ନ କରି ଏ ଦୁରନ୍ତ ଯାତ୍ରା କାହିଁକି ? କ'ଣ ପାଇଁ ଆଗ୍ରହ ଓ ଦୁଃସାହସିକତା ? ଏହା ଅଭୀଷ୍ଟ ସାଧନ ନିମନ୍ତେ ଭକ୍ତର ଏକନିଷ୍ଠ ସାଧନା ନା ନିଜର ଅନ୍ଧବିଶ୍ୱାସଜନିତ ଉଦ୍ଦଣ୍ଡପଣ ? କେହି କେହି କହନ୍ତି ବୋଲବମ ଯାତ୍ରା ଅନ୍ତରାଳରେ ରହିଛି ଜଣେ ନିରୁତା ଭକ୍ତର ଆବେଗ, ଆତ୍ମବିଶ୍ୱାସ ଓ ଆତ୍ମନିବେଦନ ? କିନ୍ତୁ ବୁଝିହୁଏ ନାହିଁ ସେମାନଙ୍କ 'ତିଲମଧାରୀ ପାର୍ କରେଗା' ଓ 'ଗଣେଶ ଫାଦର ପାର୍ କରେଗା' ଆଦି ନାରା ଅଭୀଷ୍ଟ ଦେବତାଙ୍କ ପ୍ରତି ଆବେଦନ ନା ତାଚ୍ଛଲ୍ୟପୂର୍ଣ୍ଣ ସମ୍ବୋଧନ ? ହୃଦୟଭର୍ତ୍ତି ଶ୍ରଦ୍ଧା ନିବେଦନ ନା ଅପସଂସ୍କୃତିର ନିର୍ଲଜ୍ଜପଣ ? ଉଚ୍ଚ ସ୍ୱରରେ ମାଇକ ବଜେଇ ଯାତ୍ରା କରିବା ପଛରେ କ'ଣ ଥାଏ, ଆଧ୍ୟାତ୍ମିକତା ନା ଅନାଚାର ? ଭକ୍ତି ନା ମସ୍ତି।



କୁହାଯାଏ ଯେଉଁଠି ଜୀବ, ସେଇଠି ଶିବ। ଜୀବ କଲ୍ୟାଣ ହିଁ ଶିବ ଆରାଧନା। ତାହା ହିଁ ପୁଣ୍ୟ ପ୍ରାପ୍ତିର ପ୍ରକୃଷ୍ଟ ପଥ ବା ପନ୍ଥା। ଜଳାଭିଷେକରେ ଆଶୁତୋଷ ଯେତିକି ତୋଷ ହୁଅନ୍ତି ତା'ଠାରୁ ବେଶି ତୋଷ ହୁଅନ୍ତି ଜୀବ ଜଗତ କଲ୍ୟାଣ ବିଧାନରେ। ଅର୍ଥାତ୍ ଶୈବତତ୍ତ୍ୱ କେବଳ ଏକ ଦାର୍ଶନିକ ପ୍ରଜ୍ଞା ନୁହେଁ, ବ୍ୟକ୍ତି ତଥା ସମାଜ ଜୀବନର ଏକ ଦୃଷ୍ଟିକୋଣ। ଏହାର ବ୍ୟବହାରିକ ଦିଗଟି ବେଶ୍ ବିବିଧ ଓ ବ୍ୟାପକ। ଏହି ଦୃଷ୍ଟିରୁ ବିଚାର କଲେ ପାର୍ଥିବ ଜଗତରେ ବୃକ୍ଷ ହିଁ ଶିବଙ୍କର ଅମୃତ ଅବତାର। ଜଗତ କଲ୍ୟାଣର ସୂତ୍ରଧର। ଶିବ ଯେମିତି ହଳାହଳ ବିଷକୁ ଆକଣ୍ଠ ପାନ କରି ସଂସାରକୁ ରକ୍ଷା କରିଥିଲେ, ବୃକ୍ଷ ସେମିତି ଗରଳ ତୁଲ୍ୟ ଅଙ୍ଗାରକାମ୍ଳକୁ ଶୋଷି ଚାଲିଛି ଜୀବଜଗତର ମଙ୍ଗଳ ପାଇଁ। ଏହି ମର୍ମରେ ଜଳାଭିଷେକ ଯଦି ଔପଚାରିକତା ହୁଏ, ତା'ର ବାସ୍ତବବାଦୀ ଦିଗଟି ହେଉଛି ବୃକ୍ଷରୋପଣ ଓ ଯତ୍ନର ସହ ଜଳ ସିଞ୍ଚନ।

ବୈଶାଖ ମାସରେ ଜଳାଭାବରୁ ଚଉଁରାରେ ଥିବା ତୁଳସୀ ଗଛକୁ ବଞ୍ଚାଇ ରଖିବା ପାଇଁ ବାଉଁଶ ଠେକରା ଦେଇ ସଛିଦ୍ର ଜଳପୂର୍ଣ୍ଣ ଠେକି ବାନ୍ଧିବା ତଥା ବର ଓ ଅଶ୍ୱତ୍ଥ ଆଦି ଗଛ ମୂଳରେ ପାଣି ଢାଳିବା ଆମ ସଂସ୍କୃତିର ଏକ ଅମୂଲ୍ୟ ବିଭବ। ଜଳାଭିଷେକ ଏକ ସୁନ୍ଦର ପ୍ରତୀକ। ଯେଉଁମାନେ ଏହାର ଅର୍ଥ ବୁଝିନାହାନ୍ତି କି ଚଉଁରାରେ କେବେ ପାଣି ଢାଳିନାହାନ୍ତି, ଜଳ ବହୁଳ ଶ୍ରାବଣ ମାସରେ ମହାଦେବଙ୍କ ମଥାରେ ପାଣି ଢାଳିବା ପାଇଁ ସେହିମାନଙ୍କର ବ୍ୟାକୁଳତା ବେଶି ? ଏହା ଏକ ଧର୍ମୀୟ ଉନ୍ମାଦନା ନା ଚତୁର ବଣିକ ଓ ଧର୍ମ ବେପାରୀଙ୍କ କୌଶଳପୂର୍ଣ୍ଣ ଆୟୋଜନ ? ଯାତ୍ରା ଆରମ୍ଭରୁ କାଉଡ଼ିଆ ଆବଶ୍ୟକ କରେ ସୁସଜ୍ଜିତ ବାହୁଙ୍ଗି, ଗେରୁଆ ଗାମୁଛା, ଗେରୁଆ ଗେଞ୍ଜି, ଶିକା ଓ ପିତଳ ଗଡୁ ଇତ୍ୟାଦି, ଯାହାର ସର୍ବନିମ୍ନ ବଜାର ମୂଲ୍ୟ ହଜାରେ ଟଙ୍କାରୁ ଅଧିକ। ଗଣମାଧ୍ୟମରେ ପ୍ରକାଶିତ ଏକ ଆକଳନ ଅନୁଯାୟୀ, ଓଡ଼ିଶାରେ ବାର୍ଷିକ ବୋଲବମ ଯାତ୍ରୀଙ୍କ ସଂଖ୍ୟା ପଚିଶ ଲକ୍ଷରୁ ଅଧିକ । ଅର୍ଥାତ୍ ବୋଲବମ ଯାତ୍ରୀଙ୍କ ପାଇଁ ବାର୍ଷିକ ବେପାରର ପରିମାଣ ଅତି କମ୍‌ରେ ଦୁଇଶହ ପଚାଶ କୋଟି (୧ହଜାରX୨୫ ଲକ୍ଷ) ଟଙ୍କା। ଅନ୍ୟପକ୍ଷରେ ଯାହା ସୌଜନ୍ୟରୁ ହେଉନା କାହିଁକି, ବାଟସାରା ବୋଲବମ ଭକ୍ତଙ୍କୁ ଯୋଗାଇ ଦିଆଯାଏ ନିଃଶୁଳ୍କ ସେବା। ସେମାନଙ୍କ ବିଶ୍ରାମ ପାଇଁ ରାସ୍ତା କଡ଼ରେ ତମ୍ବୁ, ଚାଳିଆ ନିର୍ମାଣ ହୁଏ ଏବଂ ସେଠାରେ ବିତରଣ କରାଯାଏ ଅରୁଆ ଅନ୍ନ ଓ ଡାଲମା। କେତେକ ଶିବିରରେ ଗଞ୍ଜେଇ ଓ ଚିଲମ ଦିଆଯାଏ ମାଗଣାରେ। କିଏ କ'ଣ ଦେଲା ବା କିଏ କେତେ ଲାଭ ଖାଇଲା ତାହା ଏକ ଭିନ୍ନ ପ୍ରସଙ୍ଗ। କିନ୍ତୁ ବିଚରା ବୋଲବମ ଯାତ୍ରୀ ପାଏ କ'ଣ ? ସେ ଟଙ୍କା ଖର୍ଚ୍ଚ କରି ଆବଶ୍ୟକ ସାମଗ୍ରୀ କିଣେ, ପାଣି ଉଠାଇବା ଓ ଢାଳିବା ଉଭୟ ଜାଗାରେ ନନାର ଦାବି ଅନୁସାରେ ବିଦାକି ଦିଏ ଏବଂ ଶେଷରେ ମାଇକ ଓ ଗାଡି ଭଡ଼ା ଦେଇ ଘରକୁ ଫେରେ ଫୋଟକା ଗୋଡ଼ରେ।

ବୋଲବମ ଭକ୍ତଙ୍କ ଗହଳି ପାଇଁ ଅନେକ ସ୍ଥାନରେ ସୃଷ୍ଟି ହେଉଛି ଟ୍ରାଫିକ୍ ସମସ୍ୟା। ପୋଲିସ ରାତି ଦିନ ଜଗିବା ସତ୍ତ୍ୱେ କେଉଁଠି ରାସ୍ତା ଦୁର୍ଘଟଣା ହେଉଛି ତ କେଉଁଠି ଦଳାଚକଟାରେ ଯାଉଛି ଲୋକଙ୍କ ଜୀବନ। ବସ୍ ଓ ରେଳଗାଡ଼ିରେ ଏମାନଙ୍କ ଗହଳି ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛି ସାଧାରଣ ଯାତ୍ରୀ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୋଲବମ ଯାତ୍ରା ପାଇଁ ନଷ୍ଟ ହେଉଛି ଲକ୍ଷ ଲକ୍ଷ ଶ୍ରମ ଦିବସ। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଜଳାଭିଷେକ ନାଁରେ ଦେଶର ପ୍ରକୃତ ସମସ୍ୟାଠାରୁ ଦୂରେଇ ଯାଉଛି ଦେଶର ଯୁବଶକ୍ତି।

ଭାବିଲେ ଦେଖି ଓଡ଼ିଶାରେ ବୋଲବମ ଯାତ୍ରା ନାଁରେ ନଷ୍ଟ ହେଉଥିବା ଅର୍ଥ ଓ କର୍ମ ଦିବସ କଥା ? ବୋଲବମ ଯାତ୍ରାରେ ଶ୍ରମଶକ୍ତି ଅପଚୟ କରୁଥିବା ଭକ୍ତମାନେ ବୃକ୍ଷକୁ ଶିବଙ୍କ ଅବତାର ଭାବି ଯଦି କିଛି ଶ୍ରମ ଓ ସମୟ ବନୀକରଣ ଦିଗରେ ବିନିଯୋଗ କରନ୍ତେ, ତେବେ କ'ଣ ସବୁଜିମାରେ ଭରିଯାଆନ୍ତାନି ଆମ ପରିବେଶ ? ଏହି ପରିପ୍ରେକ୍ଷୀରେ ଆମ ଆଗରେ ଦୁଇଟି ରାସ୍ତା–ଏ ପାଖରେ ଜଳାଭିଷେକର ଔପଚାରିକତା ଓ ଅନ୍ୟ ପାଖରେ ଜନମଙ୍ଗଳ ଓ ପରିବେଶ ସୁରକ୍ଷା। ଆମକୁ ଗୋଟିଏ ରାସ୍ତା ବାଛିବାକୁ ପଡ଼ିବ ବିବେକକୁ ଅଗ୍ରାଧିକାର ଦେଇ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ:୬୩୭୧୬୪୨୪୬୪**

# ପ୍ରତିଭା ଓ ପୁରସ୍କାର



ହରେକୃଷ୍ଣ ଦାସ

ଗୋଟେ ପତ୍ରିକାର ସମ୍ପାଦକ ତଥା ମୋର ବନ୍ଧୁ ସେଦିନ ପରିହାସ ଛଳରେ କହିଲେ, ''କି ଲେଖା ଲେଖୁଛ ହୋ ? ପୁରସ୍କାର ଫୁରସ୍କାର କିଛି ନାହିଁ! ଆମ ମିଲି ଗଲା ସପ୍ତାହରେ ପୁଣି ଗୋଟେ ପୁରସ୍କାର ପାଇଲା। ତମଠୁ ସାତ ପଛରେ ଲେଖା ଆରମ୍ଭ କରି ସେ କେତେଗୁଡ଼ାଏ ପୁରସ୍କାର ପାଇଲାଣି। ତମ ଦ୍ୱାରା କିଛି ହବନି।'' ତାଙ୍କ କଥାର ମର୍ମ ବୁଝିନପାରି ମୁଁ କହିଲି, ''ଦୀର୍ଘ ବର୍ଷ ଧରି ସାହିତ୍ୟ ସାଧନା ଓ ସମ୍ପାଦନାରେ ସକ୍ରିୟ ଥିବା ତମ ଭଳି ଅନେକ ସାହିତ୍ୟିକ କେବେ ବି ନାଁ ଶୁଣିନଥିବା ଲୋକଙ୍କୁ 'ବିଶିଷ୍ଟ ସାହିତ୍ୟିକ' ବୋଲି ବିଭିନ୍ନ ସଭାରେ ସମ୍ବୋଧିତ କରାଯିବାରେ ଆଶ୍ଚର୍ଯ୍ୟାନ୍ୱିତ ହୁଅ ଏବଂ ଏଇଭଳି କିଛି ପିଲା ପୁରସ୍କାର ପାଇଲେ ବି ତାଙ୍କ ବିରୋଧରେ ଚର୍ଚ୍ଚା କର। ତମେ କୋଉ ମିଲି କଥା କହୁଛ ମୁଁ ହୁଏତ ତା' ଲେଖା ପଢ଼ିନି। କିନ୍ତୁ ଅଳ୍ପଦିନ ହେବ ଲେଖୁଥିଲେ କ'ଣ ହେଲା, ତା' ଲେଖାଗୁଡ଼ିକ ବହୁତ ଉଚ୍ଚ ମାନର ହୋଇଥାଇପାରେ। ଭଲ ଲେଖିପାରିବା ପାଇଁ ଜଣେ ବହୁତ ବର୍ଷ ଧରି ଲେଖିଆସୁଥିବା ଜରୁରୀ ବୋଲି ମୁଁ ବିଶ୍ୱାସ କରେନି। ଆଜିକାଲି ତ ଅନେକ ତଥାକଥିତ ବରିଷ୍ଠ ଲେଖକଙ୍କର ଲେଖା ପଢ଼ିଲେ ହସ ଲାଗେ, ଲଜ୍ଜା ବି ଲାଗେ। ଛପା ଅକ୍ଷରରେ ନିଜ ନାଁକୁ ଦେଖିବାର ମୋହରୁ ନିଜକୁ ମୁକାଳି ପାରୁ ନ ଥିବାରୁ ସେମାନେ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାକୁ ଲେଖା ପଠାଉଛନ୍ତି। ସେମାନଙ୍କ ଲେଖା ନ ଛାପିବାର ଦୁଃସାହସ କରିପାରୁ ନ ଥିବାରୁ ତମ ଭଳିଆ ଅନେକ ସମ୍ପାଦକ ସେ ଲେଖାସବୁ ବାଧ୍ୟ ହେଇ ଛାପୁଛନ୍ତି। ହୃଦୟରେ ଉପଯୁକ୍ତ ଭାବନା ଘାଣ୍ଟି ଚକଟି ହେଲେ ଏବଂ ତାକୁ ରୂପ ଦେବାର ସଠିକ କଳାକୌଶଳ ମାଲୁମ ଥିଲେ ଅଳ୍ପ ଦିନ ହେବ ଲେଖୁଥିବା ପିଲାଟିଏ ବି ତଥାକଥିତ ଅଭିଜ୍ଞ ଓ ବୟୋଜ୍ୟେଷ୍ଠଙ୍କଠାରୁ ବହୁତ ଉଚ୍ଚକୋଟୀର ଲେଖା ଲେଖିପାରେ।''

ମୋ କଥାକୁ ନକାରି ଦେଇ ବନ୍ଧୁ କହିଲେ, ''ତମର ଏ ଭାଷଣବାଜିର କିଛି ମୂଲ୍ୟ ନାହିଁ ବୋଲି ଆଗ ଜାଣିରଖ। ମିଲି ଯାହା ଲେଖେ, ତା' ଭିତରୁ ଅଧିକାଂଶ ଲେଖାର ଅର୍ଥ ଆମେମାନେ ବୁଝିବା ତ ଦୂର, ସେ ନିଜେ ବି ବୁଝିନଥିବ। ଯୋଉ ଅଳ୍ପ କିଛି ଲେଖା ବୁଝିହୁଏ, ତା' ଭିତରୁ ଅନେକରେ ଅନ୍ୟମାନଙ୍କ ଲେଖାର ପୂରା ଗୋଟେ ଗୋଟେ ଧାଡ଼ି, ଏମିତିକି ସମ୍ପୂର୍ଣ୍ଣ ପାରାଗ୍ରାଫ୍ ବି ଏତେ ଚତୁରତାର ସହ ଉତାରି ଦିଆହେଇଥାଏ ଯେ ତାକୁ 'ଲେଖାଚୋରି' ବୋଲି କୁହାଯାଇପାରିବ। କିନ୍ତୁ ମୂଳ ଲେଖକମାନେ ଏ କଥା ଜାଣିଲେ ବି ତାକୁ କିଛି ନ କହି ଚୁପ୍ ରହିଯାଉଥିବାରୁ ଏବଂ ଏ କଥା ଜାଣିପାରୁଥିବା ଥୋକେ ଲୋକ ତାକୁ ଚୋରି ନ କହି 'ପ୍ରଭାବିତ' ଲେଖା କହି ବଳ ଯୋଗାଉଥିବାରୁ ସେ ବିନା ଦ୍ୱିଧାରେ ଲେଖିଚାଲିଛି। ତା'ର ପ୍ରଶଂସକଙ୍କ ସଂଖ୍ୟା ବି କିଛି କମ୍ ନୁହଁ। ପୁରସ୍କାର ବି ପାଇଚାଲିଛି।'' ନିଜ ଲେଖା କପି କରାହେଉଥିଲେ ବି କାହିଁକି କେହି କିଛି କହୁନାହାନ୍ତି ବୋଲି ଆଶ୍ଚର୍ଯ୍ୟ ହେଇ ପଚାରିବାରୁ ବନ୍ଧୁ କହିଲେ, ''ସମସ୍ତଙ୍କ ସହିତ ସେ ଏମିତି ମଧୁର ସମ୍ପର୍କ ରଖିଛି ଯେ ମନେମନେ ଯେତେ ରାଗିଲେ ବି କେହି ତା'ର ଦୋଷ ଦୁର୍ବଳତା ଦେଖେଇବାକୁ ଇଚ୍ଛା କରନ୍ତିନି।'' ''ହେଲେ, ଲେଖାଗୁଡ଼ିକର ଏ ଦୋଷକୁ ସମ୍ପାଦକମାନେ ତ ଜାଣିପାରୁଥିବେ। ସେମାନେ କାହିଁକି ଛାପୁଛନ୍ତି ?'' ମୋ ପ୍ରଶ୍ନରେ ବନ୍ଧୁ ଟିକିଏ ବିରକ୍ତ ହେଇ କହିଲେ, ''କେତେଜଣ



ସମ୍ପାଦକ କି ବଡ଼ବଡ଼ିଆଙ୍କ ସହ ତମର ସମ୍ପର୍କ ଅଛି କହିଲ ? କେତେଜଣଙ୍କୁ ତମେ ବିଭିନ୍ନ ସମୟରେ ତୋଷାମଦି କରି ମେସେଜ୍ ଦେଉଚ, କିଛି ଗିଫ୍ଟ ପଠଉଛ ? କିଛି ନ କରି ଚୁପଚାପ୍ ରହିଲେ ତମକୁ ପଚାରିବ କିଏ ? ପୁରସ୍କାର ତ ବହୁତ ଦୂର କଥା।''

ମୁଁ ଫୁଟାଣି ଦେଖେଇ କହିଲି, ''ପୁରସ୍କାର ନ ହଉ, ମତେ ପାଠକୀୟ ଶ୍ରଦ୍ଧା ତ ମିଳୁଛି। ସେଇ ବହୁତ କିଛି। ବିଭିନ୍ନ କ୍ଷେତ୍ରରେ ବହୁ ପୁରସ୍କାର ପାଇଥିବା ଲୋକ ପ୍ରକୃତରେ ସେଥିପାଇଁ ଯୋଗ୍ୟ ନୁହନ୍ତି ବୋଲି ଆମେ ଜାଣୁ। ବିଭିନ୍ନ ପ୍ରକାର ପ୍ରଭାବ ବିସ୍ତାର କରାହେଇ ଅନେକ ପୁରସ୍କାର ଦିଆଯିବା ଘଟଣାକୁ ନେଇ ତୁମୀତୋଫାନ ହେବା ମଧ୍ୟ ଆମେ ଶୁଣୁ। କେବଳ ସାହିତ୍ୟ କାହିଁକି, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ବିଭିନ୍ନ ସୃଜନାତ୍ମକ ତଥା ସମାଜସେବା କ୍ଷେତ୍ରରେ ଅନେକ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଆମେ ଦେଖୁ, ଯେଉଁମାନଙ୍କୁ କୌଣସି ପୁରସ୍କାର ମିଳିନି ଅଥବା ତଥାକଥିତ ବଡ଼ ପୁରସ୍କାର ମିଳିନି। ଅଥଚ ଶସ୍ତା ଲୋକପ୍ରିୟତା ଆପଣେଇଥିବା ଅପେକ୍ଷାକୃତ କମ୍ ପ୍ରତିଭାବାନ୍ ବ୍ୟକ୍ତି କେତେ ପୁରସ୍କାର ପାଇଚାଲିଛନ୍ତି। ପ୍ରଚଣ୍ଡ ପ୍ରତିଭାବାନ୍ ଅନେକ ବ୍ୟକ୍ତି ତାଙ୍କଠାରୁ ଯଥେଷ୍ଟ କମ୍ ପ୍ରତିଭାଯୁକ୍ତ ଅଥଚ ପ୍ରଚଣ୍ଡ ପ୍ରଭାବଯୁକ୍ତ ବ୍ୟକ୍ତିଙ୍କ ସହ ପୁରସ୍କାର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଦୁଃଖଦ ଭାବେ ହାରିଯାଇଥିବାର ଅନେକ ଘଟଣା କ'ଣ ତମେ ଜାଣିନ ? ଏବେ ନିଜେ ତ କହୁଛ ଯେ ହାସ୍ୟାସ୍ପଦ ଲେଖା ଲେଖୁଥିବା ମିଲି ଗୁଡ଼ାଏ ପୁରସ୍କାର ପାଇଲାଣି। ତେଣୁ ପୁରସ୍କାର ଜଣକର ପ୍ରତିଭାର ନିଶ୍ଚିତ ପରିଚୟ ବୋଲି କୁହାଯାଇପାରିବନି। ବିନା ପୁରସ୍କାରରେ କ'ଣ ଭଞ୍ଜ, ଫକୀରମୋହନ ପ୍ରମୁଖଙ୍କ ପ୍ରତିଭାକୁ ନ୍ୟୂନ ବିଚାର କରାଯିବ ?'' ବିରକ୍ତ ହେଇଯାଇ ବନ୍ଧୁ କହିଲେ, ''ହେଃ, ତମକୁ ଯେତେ କହିଲେ ବି ତମେ ହବନି। ତମେ ନିଜକୁ ଭଞ୍ଜ କି ଫକୀରମୋହନଙ୍କ ସହ ତୁଳନା କରନି। ମିଲି ପାଇଥିବା ଭଳି କିଛି ଓଜନିଆ ପୁରସ୍କାର କେମିତି ମିଳିବ ସେଥିପାଇଁ ଚେଷ୍ଟା କର। ତମେ ତ କିଛି କରିବନି, ସେଥିପାଇଁ ମୁଁ ବ୍ୟବସ୍ଥା କରିଦେଇଛି।'' ଉତ୍ସୁକ ହେଇ ପଚାରିଲି, ''ମିଲି ଏମିତି କି ପ୍ରକାର ଓଜନିଆ ପୁରସ୍କାର ପାଇଛି, ଏବଂ ବ୍ୟବସ୍ଥା କ'ଣ ?'' ''ସେ କ'ଣ ଖାଲି ଓଡ଼ିଶା ଭିତରେ ସୀମିତ ଅଛି ? ସେ ପୂରା ଇଣ୍ଟରନ୍ୟାଶନାଲ ଲେଖିକା ହେଇଗଲାଣି। ପୁରସ୍କାରଗୁଡ଼ିକର ନାଁ ତା' ଫେସ୍‌ବୁକ ପେଜ୍‌ରୁ ଦେଖିନେବ। ଏବେ ତମ କଥା ଶୁଣ। ଗୋଟେ ଦାମୀ ଅନୁଷ୍ଠାନ ପାଖରେ ଯୋଗାଯୋଗ କରିଛି। ମାତ୍ର ତିରିଶ ହଜାର ଟଙ୍କା ଦେବାକୁ ପଡ଼ିବ।'' ମୋ ମୁହଁରେ ବିସ୍ମୟ ଦେଖି ବନ୍ଧୁ କହିଲେ, ''ଟଙ୍କା ଦେଇ ପୁରସ୍କାର କିଣୁଛ ବୋଲି ଭାବନି ମ! ବିଭିନ୍ନ ପ୍ରକାର ସେବା ଯୋଗାଉଥିବା ଗୋଟେ ଅନୁଷ୍ଠାନକୁ ତମେ କିଛି ଆର୍ଥିକ ସାହାଯ୍ୟ କରୁଛ ବୋଲି ଭାବ। ତା' ଛଡ଼ା ସେମାନେ ତମକୁ ଗୋଆ ବୁଲେଇ ନେଇ ସେଇଠି ଗୋଟେ ଫଙ୍କ୍ଶନରେ ପୁରସ୍କାର ଦେବେ। ପୁରସ୍କାରର ନାଁଟା ଦାମୀ ଲାଗିବ। ତମେ ଟଙ୍କା ଦେଇଥିବା କଥାଟା ମଧ୍ୟ ଗୁପ୍ତ ରଖାଯିବ।'' ଆକସ୍ମିକ ଭାବେ ଠିକ୍ ସେତିକିବେଳେ ଆସିଥିବା ଏକ ଫୋନ୍ କଲ୍ ରିସିଭ କରିବାମାତ୍ରେ ବନ୍ଧୁ ସଦ୍ୟ ପ୍ରଦାନ କରିଥିବା ବିବରଣୀ ସହ ସମ୍ପୂର୍ଣ୍ଣ ମେଳ ଖାଉଥିବା ଶବ୍ଦରେ ଅଣଓଡ଼ିଆ ଭାଷାରେ ମହିଳା ଜଣକ କହିଲେ, ''ଆପଣ ଏ ବର୍ଷର ମର୍ଯ୍ୟାଦାଜନକ 'ଅମୁକ' ପୁରସ୍କାର ପାଇବା ପାଇଁ ମନୋନୀତ ହେଇଛନ୍ତି।.... ଗୋଆରେ ଏକ ଫଙ୍କ୍ଶନରେ ଆପଣଙ୍କୁ ପୁରସ୍କୃତ କରାଯିବ।'' ବନ୍ଧୁଙ୍କୁ ଚାହିଁ ମୁରୁକି ହସି କହିଲି, ''ଧନ୍ୟବାଦ, ଏ ପୁରସ୍କାର ପାଇବା ପାଇଁ ମୁଁ ଯୋଗ୍ୟ ପ୍ରତିଭା ନୁହେଁ।''

**ଅଧ୍ୟାପକ, ଇଂରାଜୀ ବିଭାଗ**
**ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ସୋସିଆଲ ମିଡିଆ ଏବଂ ଟେକ୍ନୋଲୋଜି ମାନବ ଜୀବନକୁ ବଦଳାଇ ଦେଇଛି। ସୋସିଆଲ ମିଡିଆ ସୂଚନା ପ୍ରଦାନର ଦ୍ରୁତତମ ମାଧ୍ୟମ ପାଲଟିଛି। ବର୍ଷ ବର୍ଷ ପୂର୍ବରୁ ଅଲଗା ହୋଇଥିବା ପ୍ରିୟଜନଙ୍କ ସହ ମିଳିତ ହେବାରେ ସାହାଯ୍ୟ କରୁଛି। କେରଳର ଜଣେ ବ୍ୟକ୍ତିଙ୍କ ସହ ସମାନ ଘଟଣା ଘଟିଛି, ଯିଏ ଚାକିରି ଖୋଜିବା ପାଇଁ ୧୭ ବର୍ଷ ପୂର୍ବେ ବ୍ରିଟେନ ଯାଇ ନିଖୋଜ ତାଲିକାଭୁକ୍ତ ହୋଇଯାଇଥିଲେ। ଏକ ଫେସବୁକ ପୋଷ୍ଟ ତାଙ୍କୁ ୧୭ ବର୍ଷ ପରେ ମା'ଙ୍କ ପାଖକୁ ନେଇଆସିଛି। କେରଳର ରାଜଧାନୀ ଥିରୁଭାନନ୍ତପୁରମର ନାଗାରୁରର ଜଣେ ୩୭ ବର୍ଷ ବୟସ୍କ ବ୍ୟକ୍ତି ଲଣ୍ଡନରେ ଭାରତୀୟ ଉଚ୍ଚ ଆୟୋଗ ଦ୍ୱାରା ଜାରି ଜରୁରିକାଳୀନ ପ୍ରମାଣପତ୍ରରେ ଜୁଲାଇ ୬ରେ ଦିଲ୍ଲୀରେ ପହଞ୍ଚିଥିଲେ। ଜୁଲାଇ ୧୦ରେ, ଯେତେବେଳେ ଓକିଲ ଦୀପା ଯୋଶେଫ ଦିଲ୍ଲୀର ଅନ୍ତର୍ଜାତୀୟ ଟର୍ମିନାଲରେ ଉପସ୍ଥିତ ଥିଲେ। ଦୀପା ଦେଖିଲେ ଜଣେ ବ୍ୟକ୍ତି ସେଠାରେ ଥିବା କାଫେଟେରିଆ କର୍ମଚାରୀଙ୍କ ସହ ଝଗଡା କରୁଛନ୍ତି। ପରେ ଦୀପା ତାଙ୍କ ସୂଚନା ମାଗିଥିଲେ। ସେ କେରଳରେ ତାଙ୍କ ପରିବାର ବିଷୟରେ ସ୍ପଷ୍ଟ ଉତ୍ତର ଦେଇପାରି ନ ଥିଲେ। ଦୀପା ସେହି ବ୍ୟକ୍ତିଙ୍କ କିଛି ଚିତ୍ର ତାଙ୍କ ଫେସବୁକ ଆକାଉଣ୍ଟରେ ଶେୟାର କରିଥିଲେ। ସେ ଆଶା କରିଥିଲେ ଏହି ଚିତ୍ର ମାଧ୍ୟମରେ ବ୍ୟକ୍ତି ତାଙ୍କ ପରିବାରରେ ପହଞ୍ଚି ପାରିବେ। ଦୀପାଙ୍କ ଆଶା ସଫଳ ହୋଇଥିଲା। ସେହି ଦିନ ସନ୍ଧ୍ୟାରେ ଉକ୍ତ ବ୍ୟକ୍ତିଙ୍କ ମା' ପୋଲିସ ଷ୍ଟେଶନରେ ପହଞ୍ଚି ପୁଅ ସମ୍ପର୍କରେ ସମସ୍ତ ତଥ୍ୟ ଦେଇଥିଲେ ଓ ୧୭ ବର୍ଷ ପରେ ତାଙ୍କ ପୁଅଙ୍କୁ ଘରକୁ ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୮

- ପରମାଣୁ ଏବଂ କ୍ଷେପଣାସ୍ତ୍ର ପ୍ରଯୁକ୍ତି କ୍ଷେତ୍ରରେ ଭାରତର ପ୍ରଗତି ପାଇଁ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆମେରିକାରେ କାର୍ଯ୍ୟରତ ୭ ଜଣ ବୈଜ୍ଞାନିକଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ କ୍ଲିଣ୍ଟନ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ।
- ନିଶା ସେବନରେ ଧରାପଡ଼ି ବିବାଦୀୟ ହୋଇପଡ଼ିଥିବା ଶ୍ରୀଲଙ୍କାର ଦୌଡ଼ରାଣୀ ସୁଶାନ୍ତିକା ଜୟସିଂଘେ ଶ୍ରୀଲଙ୍କା ଆମେଚର ଆଥଲେଟିକ ଆସୋସିଏଶନ ଦ୍ୱାରା ମୁକ୍ତ।

## ଚିରନ୍ତନୀ

କେତେ ଉଲ୍କା ପଡ଼େ ଖସି ଗଗନର ପଥେ
ସକରୁଣ ହାସ ଏ ଜଗତେ
ନିମିଷରେ ଦେଖାଦେଇ
ନିମିଷରେ ଯାଏ ନାହିଁ ଦ୍ରବି,
ଏ ଆକାଶେ ଚିହ୍ନ ତା'ର ରହେ
କାହିଁ, ରହେ କାହିଁ ଛବି!
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ବିଡ଼ମ୍ବନାର ବିଷୟ, ରାଜ୍ୟର ବୃହତ୍ ବଣ ଜଙ୍ଗଲ ଏବଂ ବିଭିନ୍ନ ଅଭୟାରଣ୍ୟର ବୃକ୍ଷଲତା, ପଶୁପକ୍ଷୀଙ୍କ ସୁରକ୍ଷା ବଳୟ ଏବେ ସୁଯୋଜନାହୀନ ସଦୃଶ। ଅତୀବ ଦୁଃଖଦ ଖବର ଏବେ ଜନତାଙ୍କ ହୃଦୟ ବିଦାରି ଦେଉଛି– ''ଶିକାରୀଙ୍କ ଗୁଳିଚୋଟରେ ବନ ସୁରକ୍ଷା କର୍ମୀଙ୍କ ମୃତ୍ୟୁ।'' ବନରକ୍ଷୀଙ୍କଠାରୁ ଶିକାରୀମାନେ ବିଶେଷ ଚତୁର ଏଥିରେ ଦ୍ୱିମତ ନାହିଁ। କେତୋଟି ପ୍ରଶ୍ନ– ଶିକାରୀମାନେ ଚାଲାଖ କାହାଠାରୁ ଶିଖିଲେ ? ଏମାନଙ୍କ ଗୁରୁ କିଏ ? ବନ ବିଭାଗର ଦୁର୍ଲଭ ପଶୁପକ୍ଷୀଙ୍କୁ ଶିକାର କରିବା, ସମୟଜ୍ଞାନ କାହାଠାରୁ ହାସଲ କଲେ ? ଓଡ଼ିଶା ଶିକାରୀଙ୍କ ହାତରେ ମାରଣାସ୍ତ୍ର, ସଶସ୍ତ୍ର ମାରଣାସ୍ତ୍ର କେଉଁଠୁ ଆସୁଛି ? ଜଙ୍ଗଲ ସୁରକ୍ଷା କବଚ ଏତେ ଢିଲା କ'ଣ ପାଇଁ ? ଜଙ୍ଗଲ ବିଭାଗର ଗୁପ୍ତଚର ବିଭାଗ କ'ଣ ନିଦ୍ରାଗତ ? ଆହୁରି କେତେ ପ୍ରଶ୍ନ ଅଛି। ଏହାର ଉତ୍ତର ରାଜ୍ୟ ସରକାର ଖୋଜନ୍ତୁ। ସରକାର ଓ ଜଙ୍ଗଲ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଯଦି ଯୋଜନା ନ କରନ୍ତି, ତେବେ ବଣ ଜଙ୍ଗଲ ଲୋପ ପାଇଯିବ। ଅସଂଖ୍ୟ ବୀରାପ୍ପାନ ଆବିର୍ଭାବ ହେବେ।

– **ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭାଜପା ଶାସିତ ମଣିପୁରରେ କୁକି ସଂପ୍ରଦାୟ ମହିଳାଙ୍କୁ ଉଲଗ୍ନ କରି ବୁଲାଇବା ଘଟଣାକୁ ବିରୋଧ କରି ରବିବାର ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିବା ପାଇଁ ନିଆଯାଉଛି।

# ନବୀନଙ୍କ ନୂଆ ରେକର୍ଡ ପରେ ଜୋର୍ ଧରିଲା ରାଜନୀତି

■ ପ୍ରତିଶ୍ରୁତି ଦେଇ ପାଳନ ନ କରିବାରେ ବି ବିଜେଡି ରେକର୍ଡ କରିଛି: ଭାଜପା
■ ସଭାପତି ପଦରୁ ବିଦାହେବା ପରେ ରାଜନୈତିକ ସ୍ଥିତି ହରାଇଛନ୍ତି ସମୀର: ବିଜେଡି

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ନବୀନ ପଟ୍ଟନାୟକ ଦେଶରେ ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ରେକର୍ଡ କାଟି ଏହି ସ୍ଥାନ ହାସଲ କରିଛନ୍ତି। ତେବେ ଏ ସମ୍ପର୍କିତ ଖବର ପ୍ରକାଶ ପରେ ଭାଜପା ଟାର୍ଗେଟ କରିଥିବା ବେଳେ ବିଜେଡି ଏହାର ପାଲଟା ଜବାବ ଦେଇଛି। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ୍ କରି କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରାୟୋଜିତ ପୁରସ୍କାର ଗ୍ରହଣ କରିବାର ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ସରକାର ପୁଳାପୁଳା ପ୍ରତିଶ୍ରୁତି ଦେଉଥିବା ବେଳେ ତାହାକୁ ପାଳନ ନ କରିବାରେ ମଧ୍ୟ ରେକର୍ଡ ସୃଷ୍ଟି କରିସାରିଲାଣି। ଓଡ଼ିଶାର ପ୍ରତି ବ୍ଲକରେ ୩୫% ଜଳସେଚନ ବ୍ୟବସ୍ଥା, ଶୀତଳଭଣ୍ଡାର, ବାସହୀନଙ୍କୁ ପଟ୍ଟା ଓ ଘର ଦେବା, ଶିଳ୍ପାୟନ ମାଧ୍ୟମରେ ସ୍ଥାନୀୟ ଯୁବକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ ତାହାକୁ ପାଳନ ନ କରିବାର ସର୍ବଶ୍ରେଷ୍ଠ ରେକର୍ଡ କରିଛନ୍ତି। ମୋଦି ସରକାର ଘରେ ଘରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ହେଲେ ପାଣି ଦେବା ପାଇଁ ରାଜ୍ୟ ସରକାର ବର୍ତ୍ତମାନ ଅକ୍ଷମ। ଶିଶୁ ଓ ଗର୍ଭବତୀ ମହିଳାଙ୍କ କୁପୋଷଣ ଏବଂ ରକ୍ତହୀନତା ସମସ୍ୟାରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି। ରାଜ୍ୟର ୬ରୁ ୫୯ ମାସର ଶିଶୁଙ୍କ ଭିତରେ ୪୨.୩ ପ୍ରତିଶତ ରକ୍ତହୀନତା ଦେଖାଦେଇଛି। ଏନ୍‌ସିଆରବି ରିପୋର୍ଟ ଅନୁସାରେ ଓଡ଼ିଶା ମହିଳା ବିରୋଧୀ ହିଂସା ଓ ଆପରାଧିକ ମାମଲା ସଂଖ୍ୟାରେ ରେକର୍ଡ ସୃଷ୍ଟି କରିଛି। ତେଣୁ ଦୀର୍ଘ ସମୟ ଶାସନ ବ୍ୟବସ୍ଥା ନୁହେଁ, ବରଂ କର୍ମରୁ ମଣିଷର ପରିଚୟ ବୁଝାପଡ଼େ ବୋଲି ସମୀର କହିଛନ୍ତି।

ବିଜେଡି ନେତା ଲେନିନ୍ ମହାନ୍ତି ଟୁଇଟ୍ କରି କହିଛନ୍ତି ଯେ, ଭାଜପା ନେତା ସମୀର ମହାନ୍ତି ରାଜ୍ୟ ସଭାପତି ପଦରୁ ବିଦା ହେବାପରେ ନିଜର ରାଜନୈତିକ ସ୍ଥିତି ହରାଇଛନ୍ତି। ରାଜନୀତିରେ ତିଷ୍ଠି ରହିବା ପାଇଁ ଏବେ ସେ ଆପ୍ରାଣ ଉଦ୍ୟମ ଚଳାଇବା ସହିତ ଟୁଇଟ୍ ଜରିଆରେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଆମେ ତାଙ୍କର ନିରାଶା ଏବଂ ହତାଶାକୁ ବୁଝୁଛୁ। ପୂର୍ବତନ ସଭାପତି ତାଙ୍କର ଅର୍ଥହୀନ ଏବଂ ବୁଦ୍ଧିହୀନ ଟୁଇଟ୍ ଜରିଆରେ ରାଜନୀତିରେ ପ୍ରାସଙ୍ଗିକ ହୋଇ ରହିବା ଏବଂ ଓଡ଼ିଶା ଭାଜପାରେ ନିଜର ରାଜନୈତିକ ଅସ୍ତିତ୍ୱ ଖୋଜିବାକୁ ଚେଷ୍ଟା କରୁଥିବାରୁ ଆମେ ତାଙ୍କ ପ୍ରତି ସହାନୁଭୂତି ଦେଖାଉଛୁ । ଆମେ ଆଶା କରୁଛୁ ଯେ ରାଜ୍ୟ ଭାଜପା ସହକର୍ମୀମାନେ ତାଙ୍କ ପ୍ରତି ଅନୁରୂପ ଭାବେ ଅଧିକ ଦୟା ଏବଂ ସହାନୁଭୂତି ଦେଖାଇବେ ବୋଲି ଲେନିନ କହିଛନ୍ତି।

# ମଣିପୁର ହିଂସା ଏଡ଼ାଯାଇପାରିଥାନ୍ତା: ଭାଜପା ବିଧାୟକ

ନୂଆଦିଲ୍ଲୀ, ୨୩।୭

ମଣିପୁରରେ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା ଜାତିଆଣ ହିଂସା ଓ ଯୌନହିଂସାକୁ ଏଡ଼ାଯାଇପାରିଥାଆନ୍ତା ବୋଲି ରାଜ୍ୟର ଭାଜପା ବିଧାୟକ ପାଓଲିଏନଲାଲ ହାଓକିପ୍ କହିଛନ୍ତି। ହାଓକିପ୍ ହେଉଛନ୍ତି ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ୧୦ ଆଦିବାସୀ ବିଧାୟକଙ୍କ ମଧ୍ୟରୁ ଅନ୍ୟତମ। କୁକି ବହୁଳ ଜିଲାଗୁଡ଼ିକୁ ନେଇ ସ୍ୱତନ୍ତ୍ର ପ୍ରଶାସନ ପ୍ରତିଷ୍ଠା କରାଯାଉ ବୋଲି ସେ ଗତ ମେ’ରେ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କୁ ପତ୍ର ଲେଖିଥିଲେ। ରବିବାର ଏକ ଜାତୀୟ ଗଣମାଧ୍ୟମରେ ନିଜ ମତାମତ ରଖି ହାଓକିପ୍ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଆଚରଣରୁ ସରକାରୀ ଉଦାସୀନତାର ପ୍ରମାଣ ମିଳୁଛି। କୁକି ଜୁ ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା କରୁଥିବା ମେଇତି ଲିପୁନ୍ ଏବଂ ଅରାମବାଇ ଟେନ୍‌ଗୋଲ୍ ଭଳି ଚରମପନ୍ଥୀ ଗୋଷ୍ଠୀଗୁଡ଼ିକ ସହ ବିରେନ୍ ସିଂଙ୍କ ସୁସମ୍ପର୍କ ରହିଛି। ଏଭଳି ସରକାର ରାଜ୍ୟର ଶାନ୍ତି ପାଇଁ କ୍ଷତିକାରକ। ସେହିପରି ମଣିପୁର ହିଂସାର କେନ୍ଦ୍ରସ୍ଥଳ ଭାବେ ପରିଚିତ ଚୂରାଚାନ୍ଦପୁର ଜିଲା ସାଇକୋଟ୍‌ର ଭାଜପା ବିଧାୟକ ଏକ ସାକ୍ଷାତ୍‌କାରରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରାଯାଇଥାଇପାରେ। ତାଙ୍କ ସହ ଅନେକ ବିଧାୟକ ମୋଦିଙ୍କୁ ଭେଟିବାକୁ ଚାହୁଁଛନ୍ତି। କିନ୍ତୁ ସୁଯୋଗ ଦିଆଯାଉ ନାହିଁ।

# ଚିରଞ୍ଜୀବ, ମୋକିମଙ୍କ ନିଲମ୍ବନ ପଛରେ ୨ ପଟ୍ଟନାୟକଙ୍କ ହାତ

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

କଂଗ୍ରେସରୁ ଚିରଞ୍ଜୀବ ବିଶ୍ୱାଳ ଏବଂ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ନିଲମ୍ବିତ କରିବା ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଏହି ଦୁଇ ନେତାଙ୍କ ସମର୍ଥକମାନେ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବାକୁ ଦାବି କରିବା ସହିତ ରାସ୍ତାକୁ ଓହ୍ଲାଇଛନ୍ତି। ଏକ ଖବରଦାତା ସମ୍ମିଳନୀ କରି ରବିବାର କଂଗ୍ରେସ ନେତା ନରେଶ ମହାନ୍ତି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କୁ ଦଳରୁ ନିଲମ୍ବନ କରିବା ପଛରେ ଦୁଇ ଜଣ ପଟ୍ଟନାୟକ ହିଁ ଷଡଯନ୍ତ୍ର କରିଛନ୍ତି। ଏବେ ନୁହେଁ, ଦୀର୍ଘ ବର୍ଷ ହେଲା କଂଗ୍ରେସକୁ ବରବାଦ କରିବା ପାଇଁ ନିରଞ୍ଜନ ଏବଂ ତାଙ୍କ ପୁଅଙ୍କ ନେତୃତ୍ୱରେ ଷଡଯନ୍ତ୍ର ରଚାଯାଇଛି। ପିସିସି ସଭାପତି ୯ରୁ ୯୦ ବିଧାୟକ ରାଜ୍ୟରେ କରିବାର ସ୍ୱପ୍ନ ଦେଖୁଛନ୍ତି। ହେଲେ ଏହା କିପରି ସମ୍ଭବ ହେବ। ଦଳର ଦୁଇ ଜଣ ବରିଷ୍ଠ ନେତାଙ୍କୁ ନିଲମ୍ବିତ କରି ଏହି ସ୍ୱପ୍ନ କେବେ ହେଲେ ସାକାର ହେଇପାରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଗୋଟେ ବୈଠକକୁ ନେଇ ଏତେ ବଡ ବିଭ୍ରାଟ କରାଗଲା , ଏଥିଯୋଗୁ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ଏହାକୁ ନେଇ କଂଗ୍ରେସ ଲୋକମାନେ ପ୍ରତିବାଦ କରୁଛନ୍ତି। କଟକରେ କଂଗ୍ରେସ କର୍ମୀ ବିରୋଧ କରୁଛନ୍ତି। ଏଥିଲାଗି ପିସିସି ସଭାପତି ଦାୟୀ। ତାଙ୍କ ଦସ୍ତଖତରେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ଅନୁମତି ଆଣି ୨ ନେତାଙ୍କୁ ନିଲମ୍ବିତ କରୁଛନ୍ତି। ହେଲେ ଗଣମାଧ୍ୟମ ଆଗରେ ବାରମ୍ବାର ସଫେଇ ଦେଉଛନ୍ତି ତାଙ୍କର ଏଥିରେ ହାତ ନାହିଁ। ଆଗାମୀ ୮ରୁ ୧୦ ଦିନ ମଧ୍ୟରେ ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେଲେ ବିରାଟ ଆନ୍ଦୋଳନ ହେବ। ଏହି ଘଟଣାରେ ଦିଲ୍ଲୀ ଯାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀଙ୍କ ନିକଟରେ ଫେରାଦ ହେଇ ସେମାନଙ୍କୁ ମଧ୍ୟ ଅବଗତ କରାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସରେ ୪ ପୂର୍ବତନ ପ୍ରଶାସନିକ ଅଧିକାରୀ

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଚାରିଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ପୂର୍ବତନ ଆଇଏଏସ୍ ଅଫିସର ଏବଂ ୨ ଜଣ ପୂର୍ବତନ ଓଏଏସ୍ ଅଫିସର ଅଛନ୍ତି। କଂଗ୍ରେସରେ ସାମିଲ ହୋଇଥିବା ଏହି ପୂର୍ବତନ ପ୍ରଶାସନିକ ଅଧିକାରୀମାନେ ହେଉଛନ୍ତି- ପୂର୍ବତନ ଆଇଏଏସ୍ ଅଫିସର ପଞ୍ଚାନନ ଦାସ ଓ ବିଶ୍ୱନାଥ ଆଚାର୍ଯ୍ୟ ଏବଂ ପୂର୍ବତନ ଓଏଏସ୍ ଅଫିସର ରବୀନ୍ଦ୍ର ନାଥ ମିଶ୍ର ଓ ଉଦ୍ଧବ କର। ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଓ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ଏହି ୪ ପୂର୍ବତନ ଅଫିସର ଦଳରେ ଯୋଗ ଦେଇଛନ୍ତି। ସେ କହିଥିଲେ ଯେ, ଦଳ ପାଇଁ ନିଃସ୍ୱାର୍ଥପର ଭାବେ କାମ କରିବେ। କଂଗ୍ରେସ ହେଉଛି ଏକମାତ୍ର ଦଳ ଯାହା ଦେଶର ଭବିଷ୍ୟତ। କଂଗ୍ରେସ ହିଁ ଏକମାତ୍ର ଦଳ ଯାହା ସୁଶାସନ ଦେଇପାରିବ। ଓଡ଼ିଶା କେତେ ତଳକୁ ଖସିଗଲାଣି ତାହା ଦେଖିବା କଥା। ଭଲ ସୂଚକାଙ୍କରେ ରାଜ୍ୟ ତଳେ ଥିବା ବେଳେ ଖରାପ ସୂଚକାଙ୍କରେ ରାଜ୍ୟ ଉପରେ ରହିଛି। ରାଜ୍ୟରେ ଅପରାଧ ବଢିଛି। ଦଳ ତାଙ୍କୁ କାମ କରିବାର ସୁଯୋଗ ଦେଉ। ଯୁବପିଢ଼ିକୁ ସଶକ୍ତ କରିବା ଦିଗରେ ସେ କାର୍ଯ୍ୟ କରିବେ। ସେ ବିଧାୟକ ବା ଏମ୍‌ପି ହେବାକୁ ଟିକେଟ ମାଗିବେନି କି ମନ୍ତ୍ରୀ ହେବାକୁ କହିବେ ନାହିଁ। ଲୋକ ଏବଂ ଦଳ ପାଇଁ ସେ କାର୍ଯ୍ୟ କରିବାକୁ ଆସିଥିବା କହିଛନ୍ତି। ବିଶ୍ୱନାଥ ଆଚାର୍ଯ୍ୟ କହିଛନ୍ତି, କଂଗ୍ରେସରେ ଯୋଗ ଦେଇଥିବାରୁ ସେ ଖୁସି ଅଛନ୍ତି। ଏଥିପାଇଁ ସେ ନିଜକୁ ଗୌରବାନ୍ୱିତ ମନେକରୁଛନ୍ତି। ଏବେ ସମାଜରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି। ବର୍ତ୍ତମାନ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସମ୍ଭବ ନୁହେଁ। ତେବେ କଂଗ୍ରେସ ସେହି ପରିବର୍ତ୍ତନ ଆଣିପାରିବ। ସେ ସେହି ଆଶା ନେଇ କଂଗ୍ରେସକୁ ଆସିଛନ୍ତି। ଦଳକୁ ମଜଭୁତ କରିବାରେ ସାହାଯ୍ୟ କରିବେ। ତାଙ୍କର ଦକ୍ଷତା ଓ ଶକ୍ତି ଅନୁସାରେ ଦଳ ପାଇଁ ଯାହା ଆବଶ୍ୟକ ହେବ, ତାହା କରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ପିସିସି ସଭାପତି କହିଛନ୍ତି ଯେ, କଂଗ୍ରେସ ପୁରାତନ ସର୍ବବୃହତ ରାଜନୈତିକ ଦଳ। କଂଗ୍ରେସ ସର୍ବଦା ସମାଜର ନିମ୍ନସ୍ତରରେ ଥିବା ଲୋକଙ୍କ ପାଇଁ କାର୍ଯ୍ୟ କରିଆସୁଛି। ରାଜ୍ୟ ସରକାର ୨୩ ବର୍ଷ ଧରି ପ୍ରତିଶ୍ରୁତି ଦେଇ କେବଳ ଧୂଆଁବାଣ କରିଚାଲିଛନ୍ତି। ଏଭଳି କୁଶାସନ ବିରୋଧରେ ଆଗାମୀ ୨୦୨୪ରେ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ବିଜେଡି ଅମଳରେ ପ୍ରଗତି ସ୍ଥାଣୁ ପାଲଟିଛି: ଚେଲ୍ଲା କୁମାର। ଏ ସରକାର ସମୟରେ ଚୋରି, ଡକାୟତି, ନାରୀ ନିର୍ଯାତନା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଗାମୀ ଦିନରେ ଏହି ଯୋଗଦାନ ଦଳକୁ ଆହୁରି ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ କହିଛନ୍ତି, ସମସ୍ତଙ୍କୁ ଦଳରେ କାମ କରିବାର ଅପୂର୍ବ ସୁଯୋଗ ରହିଛି। ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭାବ ଓ ଅସୁବିଧାକୁ ଭଲଭାବେ ଜାଣନ୍ତି। ଏମାନଙ୍କ ପାଖରେ କାର୍ଯ୍ୟକରିବାର ବହୁ ଅଭିଜ୍ଞତା ଅଛି। ସମର୍ପିତ ହୋଇ କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଛନ୍ତି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ୪ ପ୍ରଶାସନିକ ଅଧିକାରୀ।

# ମିଥ୍ୟା ପୁଞ୍ଜିନିବେଶର ଗପ ଶୁଣାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୨୩।୭(ସୁନିତ୍ ମିଶ୍ର)

ଶାସକ ବିଜେଡିର ମନ୍ତ୍ରୀ, ସାଂସଦମାନେ ପୁଞ୍ଜିନିବେଶ ଆଳରେ ବାରମ୍ବାର ବିଦେଶ ଗସ୍ତ କରୁଛନ୍ତି। ଓଡ଼ିଶାର ଗରିବଙ୍କ ଟିକସ ଖର୍ଚ୍ଚରେ ଶାସକ ବିଜେଡିର ନେତାମାନେ ଇଟାଲୀ, ଜାପାନ, ଇସ୍ରାଏଲ, ବ୍ରିଟେନ୍ ଏବେ ଆମେରିକା ଯାଉଛନ୍ତି। ଶନିବାର ଆଇଟି ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଆଇଟି ଟମ୍‌ରେ ଜଣେ କ୍ରୀଡା ସଚିବ, ୫-ଟି ସଚିବ ପୁଞ୍ଜି ଆଣିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ) ଯାଇଛନ୍ତି। ଗତ ୨ରୁ ୩ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଟିମ୍ କୃଷି ଓ ଶିଳ୍ପରେ ପୁଞ୍ଜିନିବେଶ ପାଇଁ ବାରମ୍ବାର ବିଦେଶ ଗସ୍ତ କରିଚାଲିଛନ୍ତି। ଏହି ଟିମ୍‌ଗୁଡିକ ଓଡ଼ିଶାର ଗରିବଙ୍କ ଟିକସ ଟଙ୍କାରେ ବିଳାସପୂର୍ଣ୍ଣ ହୋଟେଲରେ ରହି ପୁଞ୍ଜିନିବେଶର ଆଲୋଚନା କରୁଛନ୍ତି। ସେଥିରୁ ଓଡ଼ିଶା କେତେ ଲାଭାନ୍ୱିତ ହୋଇଛି ତାହାର ଉତ୍ତର ରାଜ୍ୟ ସରକାର ଦିଅନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଯତୀନ୍ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ, ଏହି ଟିମ୍ ଓଡ଼ିଶାକୁ ଆସିବା ପରେ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟବାସୀଙ୍କୁ ମିଥ୍ୟା ପୁଞ୍ଜିନିବେଶର ଗପ ଶୁଣାଉଛନ୍ତି। ବାସ୍ତବରେ ଟଙ୍କାଟିଏ ବି ବିଦେଶ ପୁଞ୍ଜି ଓଡ଼ିଶାକୁ ଆସିନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅଫିସରମାନଙ୍କୁ ବିଦେଶ ବୁଲାଇବା ସହ ବିଳାସପୂର୍ଣ୍ଣ ହୋଟେଲରେ ମଜା ମଜ୍‌ଲିସ କରି ଫେରିବା ଇତ୍ୟାଦି କାର୍ଯ୍ୟ କରାଯାଉଛି। ଅଫିସରମାନଙ୍କୁ ଖୁସି କରାଇବା ପାଇଁ ବାରମ୍ବାର ରାଜ୍ୟ ସରକାର ବିଦେଶ ଗସ୍ତର ଆୟୋଜନ କରୁଛନ୍ତି। ଏଥିରେ କେତେ ଖର୍ଚ୍ଚ ହୋଇଛି, କେତେ ପୁଞ୍ଜି ନିବେଶ ହୋଇଛି ଏବଂ କେଉଁ କେଉଁ ପୁଞ୍ଜିନିବେଶକାରୀଙ୍କୁ ଭେଟିଛନ୍ତି ତାହାର ବିବରଣୀ ସହ ରାଜ୍ୟ ସରକାର ଶ୍ୱେତପତ୍ର ଜାରି କରନ୍ତୁ। ରାଜ୍ୟ ରାଜକୋଷର ଟଙ୍କାକୁ ‘ଅୟସ ଆରାମ’ କରିବାରେ ରାଜ୍ୟ ସରକାରଙ୍କ କୌଣସି ଅଧିକାର ନାହିଁ ବୋଲି ଯତୀନ କହିଛନ୍ତି।

# ବିଜେଡି ପାଇଁ ଅଡୁଆ ହୋଇପାରେ ପ୍ରଦୀପ ସେନା

**ଗୋପାଳପୁର ନିର୍ବାଚନମଣ୍ଡଳୀ**

ବ୍ରହ୍ମପୁର୨୩।୭(ନରସିଂହ ସାହୁ)

ଆଗାମୀ ସାଧାରଣ ନିର୍ବାଚନ ଲାଗି ରାଜନୈତିକ ଦଳଗୁଡ଼ିକ ରଣନୀତି ପ୍ରସ୍ତୁତ କରୁଛନ୍ତି। ଗଞ୍ଜାମ ଜିଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀକୁ ଶାସକ ବିଜେଡି ଫୋକସ କରିଛି। ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଲଗାତର ଭାବେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିବାରୁ ୪ର୍ଥ ଥର ଏହାକୁ ଦଖଲ କରିବାକୁ ଦଳ ରଣନୀତି ପ୍ରସ୍ତୁତିକୁ ଜୋରଦାର କରିଛି। ଅନ୍ୟପକ୍ଷରେ ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଅଢ଼େଇ ବର୍ଷ ତଳୁ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ତାଙ୍କ ସମର୍ଥକମାନେ ପ୍ରଦୀପ ସେନା ନାଁରେ ସ୍ୱତନ୍ତ୍ର ସଙ୍ଗଠନ ଗଠନ କରିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ଯଦି ପ୍ରଦୀପ କୌଣସି ଦଳରୁ ବା ସ୍ୱାଧୀନ ଭାବେ ଲଢ଼ିବେ ତେବେ ବିଜେଡିକୁ ଅଡୁଆ ହୋଇପାରନ୍ତି ବୋଲି ରାଜନୀତି ବିଶ୍ଳେଷକ ମତ ରଖିଛନ୍ତି।

ତେବେ ଗୋପାଳପୁରରୁ କିଏ ବିଜେଡି ପ୍ରାର୍ଥୀ ହେବେ ତାହା ଅସ୍ପଷ୍ଟ ରହିଛି। ତଥାପି ଦଳ ପକ୍ଷରୁ ଘନଘନ ସାଙ୍ଗଠନିକ ସମାବେଶ କରାଯାଉଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହାଙ୍କୁ ପ୍ରାର୍ଥୀ କରିବେ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି।

# ଟାଇଗର ଟିଏମ୍‌ଟି ରିବାରକୁ ସରକାରଙ୍କ ସ୍ୱୀକୃତି

ଭୁବନେଶ୍ୱର, ୨୩।୭

ଶ୍ୟାମ ମେଟାଲିକ୍ସର ପ୍ରମୁଖ ଉତ୍ପାଦ ସେଲ ଟାଇଗର ଟିଏମ୍‌ଟି ରିବାରକୁ ନିକଟରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏପରିକି ଏହାର ଉଚ୍ଚମାନର ଉତ୍ପାଦ ସାଙ୍ଗକୁ ବୃହତ୍ ବିତରଣ ଏବଂ ନିର୍ମାଣ ଓ ଭିତ୍ତିଭୂମି ବିକାଶ ମାଧ୍ୟମରେ ରାଜ୍ୟର ଅଭିବୃଦ୍ଧି କରାଇବା ଦିଗରେ ଶ୍ୟାମ ମେଟାଲିକ୍ସର ପ୍ରତିବଦ୍ଧତାକୁ ମାନ୍ୟତା ଦିଆଯାଇଛି। ଅପରପକ୍ଷରେ ସେଲ ଟାଇଗରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍ୱୀକୃତି ଆମ ଉତ୍ପାଦର ଗୁଣବତ୍ତାର ଏକ ପ୍ରମାଣ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷ କରି ଉନ୍ନତ ତନ୍ୟତା ଶକ୍ତି ଏବଂ ବିସ୍ତାରତା ପ୍ରଦର୍ଶିତ କରୁଥିବା ୮ ମିମିରୁ ୩୨ମିମି ପର୍ଯ୍ୟନ୍ତ ପରିସରର ଏଫଇ ୫୫୦ଡି ଗ୍ରେଡ ସହିତ ଭଲ ଭାବେ ଜ୍ଞାତ ଏହାର ଅବିକଳ ଉତ୍କୃଷ୍ଟତା ପାଇଁ ଅଟଳ ଉତ୍ସର୍ଗୀକୃତ ରହିଥାଏ। ସେଲ ଟାଇଗର ଓଡ଼ିଶାର ଭିତ୍ତିଭୂମି ବିକାଶରେ ଏକ ପ୍ରମୁଖ ମାଇଲଖୁଣ୍ଟ ଚିହ୍ନିତ କରିଛି, ଏପରିକି ଅତ୍ୟାବଶ୍ୟକ ପ୍ରକଳ୍ପ ଏବଂ ବିକାଶ ଦ୍ୱାରା ବହୁସଂଖ୍ୟକ କ୍ଷେତ୍ର ଉପକୃତ ହୋଇପାରିବ।

ଏ ସମ୍ପର୍କରେ ଶ୍ୟାମ ମେଟାଲିକ୍ସର ବରିଷ୍ଠ ଭିପି (ବିକ୍ରି ଏବଂ ବିପଣନ) ଅନୀଶ ମିଶ୍ର କହିଥିଲେ, ସେଲ ଟାଇଗର ପାଇଁ ଓଡ଼ିଶା ସରକାରଙ୍କ ସ୍ୱୀକୃତି କମ୍ପାନୀ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁମୋଦନକୁ ଆମେ ବେଶ୍ ପ୍ରଶଂସା କରୁଛୁ। ଏପରିକି ଆମର ଉତ୍ପାଦ ଅସାଧାରଣ ଗୁଣାତ୍ମକତାର ପ୍ରମାଣ ଭାବେ ବିବେଚନା କରୁଛି।




କମ୍ପାନୀର ବିସ୍ତାରିତ ପହଞ୍ଚ ଏବଂ ରାଜ୍ୟ ସରକାରଙ୍କ ସିଭିଲ କାର୍ଯ୍ୟରେ ସମ୍ପୃକ୍ତି ପ୍ରତିଯୋଗିତାମୂଳକ ମୂଲ୍ୟରେ ସର୍ବଶ୍ରେଷ୍ଠ ସମାଧାନ ପ୍ରଦାନ କରିବାକୁ ଆମର ପ୍ରତିବଦ୍ଧତାକୁ ଦର୍ଶାଏ ବୋଲି ମିଶ୍ର ମତପ୍ରକାଶ କରିଛନ୍ତି। ସେହିଭଳି ସ୍ଥାୟୀ ବିକାଶ ହାସଲ କରିବା ଏବଂ ଓଡିଶାରେ ବଢୁଥିବା ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ହିତାଧିକାରୀ, ଅଂଶୀଦାର ଏବଂ ସରକାରୀ ସଂସ୍ଥା ସହ ଆମେ ସହଯୋଗ କରିବାକୁ ଆଶା କରୁଛୁ। ସେହିପରି ରାଜ୍ୟ ସରକାରଙ୍କ ସିଭିଲ କାର୍ଯ୍ୟର ବିସ୍ତାରିତ ଏବଂ ବ୍ୟାପକ ପରିସର ପାଇଁ ଅନୁମୋଦିତ ସ୍ୱୀକୃତି ପଥ ପରିଷ୍କାର କରିବ।

# ବେଦାନ୍ତ ଆଲୁମିନିୟମର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର, ୨୩।୭, (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଅଭିଯାନ ‘ଆର୍ଟଶାଳା’ର ଶୁଭାରମ୍ଭ କରାଯାଇଛି। ବିଶେଷ କରି କମ୍ପାନୀର ଓଡ଼ିଶା ୟୁନିଟ ଝାରସୁଗୁଡା ପକ୍ଷରୁ ଉକ୍ତ ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାମାଞ୍ଚଳସ୍ତରରେ ଶିକ୍ଷାର ବାତାବରଣ ପରିବର୍ତ୍ତନ ସହ ଆର୍ଟଶାଳା ଜରିଆରେ ଏକ ନିଆରା ସଚେତନତା ଉଭୟ କମ୍ପାନୀର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପରିଚାଳିତ କରାଯାଉଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ଝାରସୁଗୁଡାର ପୂର୍ଣ୍ଣା ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା, ଯେଉଁଠାରେ କମ୍ପାନୀର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଜୀବନ୍ତ ଶିଶୁ ଅନୁକୂଳ ଚିତ୍ର ଆଙ୍କିଥିଲେ ଏବଂ ବିଦ୍ୟାଳୟର କାନ୍ଥକୁ ପାରସ୍ପରିକ ଶିକ୍ଷଣ ସ୍ଥାନ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲେ। ଏପରିକି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ମଜାଳିଆ ତଥା ଆକର୍ଷଣୀୟ ଶିକ୍ଷଣ ସ୍ଥାନ ସୃଷ୍ଟି କରିବାକୁ ‘ଆର୍ଟଶାଳା’ ପଦକ୍ଷେପ ଲକ୍ଷ୍ୟ ରଖିଛି, ଯାହାକି କ୍ଲାସରେ ଉପସ୍ଥାନ ବଢାଇବାକୁ ଉତ୍ସାହିତ କରିବା ସହିତ ଜିଲାର ସାହିତ୍ୟ ହାର ବୃଦ୍ଧି କରିବାରେ ମଧ୍ୟ ସହାୟକ ହୋଇଛି। ଏଭଳି ଏକ ପଦକ୍ଷେପ ‘ବିଲ୍‌ଡିଙ୍ଗ ଏଜ୍ ଲର୍ନିଂ ଏଡ୍’ (ବାଲା) ର ଅଭିନବ ସଂକଳ୍ପରୁ ପ୍ରେରଣା ଆଣିବା ସହିତ ଯୁବସମାଜକୁ ପ୍ରେରଣା ଦେବା ପାଇଁ କଳାର ଶକ୍ତି ବ୍ୟବହାର କରୁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ୍ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, କାରଖାନା ନିକଟବର୍ତ୍ତୀ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ବାତାବରଣ ସୃଷ୍ଟି ପାଇଁ ଆର୍ଟଶାଳା ସହିତ ଆବଶ୍ୟକ ପ୍ରେରଣା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ବିଶେଷ କରି କଳା ଏବଂ ଶିକ୍ଷାର ଏହି ଅନନ୍ୟ ମିଶ୍ରଣ ମାଧ୍ୟମରେ ଆମେ ଏକ ଭିନ୍ନ ପରିବେଶ ସୃଷ୍ଟି କରିବାକୁ ଚାହୁଁଛୁ, ଯେଉଁଠାରେ ସେମାନଙ୍କର ସୃଜନଶୀଳ ସାମର୍ଥ୍ୟରେ ବୃଦ୍ଧି ପାଇପାରିବ। ଏପରିକି ଆମର ଶିକ୍ଷା ପଦକ୍ଷେପ ସାକ୍ଷରତା ବିଭାଜନକୁ ଦୂର କରିବା ଏବଂ ଗୁଣାତ୍ମକ ଶିକ୍ଷା ପାଇଁ ସମ୍ପ୍ରଦାୟର ପ୍ରବେଶକୁ ସୁଦୃଢ କରିବା ପାଇଁ ଏହା ଉଦ୍ଦିଷ୍ଟ। ସେହିଭଳି ଅମ୍ବିକା ନାୟକ କହିଛନ୍ତି, ବେଦାନ୍ତ ଆଲୁମିନିୟମକୁ ସେମାନଙ୍କର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ‘ଆର୍ଟଶାଳା’ ପାଇଁ ଆମେ ଧନ୍ୟବାଦ ଦେଉଛୁ, ଯାହା ମାଧ୍ୟମରେ ସେମାନେ ସମାଜରେ ଶିକ୍ଷା ପାଇଁ ଏକ ଆଦର୍ଶ ମାନଦଣ୍ଡ ସ୍ଥାପନ କରିଛନ୍ତି। ସହଭାଗୀ ଶିକ୍ଷଣ ସ୍ଥାନଗୁଡିକରେ କଳାକୁ ଅନ୍ତର୍ଭୁକ୍ତ କରି କମ୍ପାନୀ ଏକ ପ୍ରେରଣାଦାୟକ ପରିବେଶ ସୃଷ୍ଟି କରୁଛି।



Business

# ସଫଳତାର ଗୁରୁମନ୍ତ୍ର ଦେଲେ ଗରିମା

ଭୁବନେଶ୍ୱର, ୨୩।୭



ଦେଶର ପ୍ରମୁଖ ତଥା ପ୍ରିମିୟର ସିଭିଲ ସର୍ଭିସ କୋଚିଂ ସେଣ୍ଟର ବାଜିରାଓ ଆଇଏଏସ୍ ଏକାଡେମୀର ଓଡ଼ିଶା ଶାଖା ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସିଭିଲି ସର୍ଭିସ ପରୀକ୍ଷାରେ କିଭଳି କୃତକାର୍ଯ୍ୟ ହେବେ ଏବଂ ସଫଳତାର ମୂଳମନ୍ତ୍ର ବିଷୟରେ ଆଶାୟୀ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ଲକ୍ଷ୍ୟରେ ‘ଟକ୍ ଟୁ ଆଇଏଏସ୍ ଟପ୍ପର-୨୦୨୨’ ନାମକ ଏକ ଆଲୋଚନା ଚକ୍ରର ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଲୋକ ସଭା ଆୟୋଗ (ୟୁପିଏସ୍‌ସି)-୨୦୨୨ରେ ସର୍ବଭାରତୀୟ ସ୍ତରରେ ୨ୟ ସ୍ଥାନ ଅଧିକାର କରିଥିବା ଗରିମା ଲୋହିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ସିଭିଲ ସର୍ଭିସ ଆଶାୟୀ ଛାତ୍ରୀଛାତ୍ରମାନଙ୍କୁ ସଫଳତାର ଗୁରୁମନ୍ତ୍ର ଦେବା ସହ ସଭିଲି ସର୍ଭିସ ପରୀକ୍ଷା ପ୍ରସ୍ତୁତିର ବିଭିନ୍ନ କୌଶଳ ଓ ମାନଦଣ୍ଡ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋକପାତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଗରିମାଙ୍କୁ ବାଜିରାଓ ଆଇଏଏସ୍ ଏକାଡେମୀର ପ୍ରତିଷ୍ଠାତା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସମ୍ବର୍ଦ୍ଧିତ କରି ସେ କହିଥିଲେ, ସଫଳତା ପାଇଁ ପାଠପୁସ୍ତକର ଭୂମିକା ଓ ପରିଶ୍ରମ ସହ ଉପଯୁକ୍ତ ମାର୍ଗଦର୍ଶନ, ଅନୁଭବୀ ପରାମର୍ଶଦାତା ଓ ପ୍ରଯୁଜ୍ୟ ଷ୍ଟଡି ମ୍ୟାଟେରିଆଲ ଏବଂ ଲୋକାଭିମୁଖୀ ଦୃଷ୍ଟିକୋଣ ସଫଳତାର ଦ୍ୱାର ଉନ୍ମୁକ୍ତ କରିଥାଏ। ବାଜିରାଓ ଆଇଏଏସ ଏକାଡେମୀ ଓଡ଼ିଶାମାଟିରୁ ଆଗାମୀ ଦିନରେ ଅଧିକରୁ ଅଧିକ ସିଭିଲ ସର୍ଭାଣ୍ଟ ସୃଷ୍ଟି କରିବା ନିମନ୍ତେ ପ୍ରୟାସ ଜାରି ରଖିବ। ଅନ୍ୟମାନଙ୍କ ମଧ୍ୟରେ ବାଜିରାଓ ଆଇଏଏସ ଏକାଡେମୀର ସିଇଓ ଶୁଭ୍ରାଂଶୁ ଶେଖର ଓଝା, ନିର୍ଦ୍ଦେଶିକା ଜ୍ୟୋତିକୁମାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ଆଲୋଚନାଚକ୍ରରେ ଶତାଧିକ ଆଶାୟୀ ଛାତ୍ରୀଛାତ୍ର ଗରିମାଙ୍କ ସହ ଭାବବିନିମୟ ସହ ସଫଳତାର ଗୁରୁମନ୍ତ୍ର ବିଷୟରେ ଆଲୋଚନା କରିଥିଲେ।

## ବିରୂପା ନଦୀରୁ ଗଳିତ ମୃତଦେହ ଜବତ

**ମଙ୍ଗୁଳି-ଜଗତପୁର,(ମାନସ ସାମଲ):** ଜଗତପୁର ଥାନା ଅଧୀନ ବିରୂପା ବ୍ରିଜ ୧୩ ନମ୍ବର ଗେଟ୍‌ରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ରବିବାର ପୋଲିସ ଜବତ କରିଛି। ସକାଳେ କେତେଜଣ ମତ୍ସ୍ୟଜୀବୀ ବିରୂପା ନଦୀରେ ମୃତଦେହ ଭାସୁଥିବା ଦେଖି ଜଗତପୁର ଥାନା ଓ ଚୌଦ୍ୱାର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାଣିରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ମୃତଦେହ ମିଳିଥିବା ସ୍ଥାନଠାରୁ ମାତ୍ର ୧୦ ମିଟର ଦୂରରେ ରଖାଯାଇଥିବା ପ୍ୟାଣ୍ଟଶାର୍ଟ ଜବତ କରି ତଦନ୍ତ ଚଳାଇଛି।



### ସଂକ୍ଷେପରେ

### ଭୋଗରା ଉ.ପ୍ରା. ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ଖୁଣ୍ଟୁଣୀ, ୨୩।୭(ସଚ୍ଚିଦାନନ୍ଦ ପଣ୍ଡା)- ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲା ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ଯୋଗଦେଇ ଅଭିଭାବକଙ୍କ ଜରିଆରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଉପରେ ଆଲୋଚନା କରିଥିଲେ। ଏଥିରେ ଆୟୁଷ ଡାକ୍ତର ଦେବୀପ୍ରସାଦ ଗିରି ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରା ସରପଞ୍ଚ ଅଜିତ୍ କୁମାର ଦାସ, ସାମାଜିକ କର୍ମୀ ଗୌରହରି ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବଳ ମହାନ୍ତି, ସିଆର୍‌ସିସି ସୁବ୍ରତ ସ୍ୱାଇଁ, ମମତା ମହାନ୍ତି, ଦୀପ୍ତିମୟୀ ରାଉତ, ବିସ୍ମିତା ମହାନ୍ତି ଓ ପ୍ରତାପ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ପଣ୍ଡା ଓ ଦୀପ୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରକାଶ ମହାନ୍ତି ଧନ୍ୟବାଦ ଦେଇଥିଲେ।

### କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର କାର୍ଯ୍ୟକାରିଣୀ ବୈଠକ

କଟକ,୨୩।୭ (କାର୍ତ୍ତିକ ସାହୁ)- କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ କାଠଗଡ଼ାସ୍ଥିତ କାୟସ୍ଥ ବୋର୍ଡିଂ ପରିସରରେ ଆୟୋଜିତ ବୈଠକରେ ସଂସଦ ସଭାପତି ଉଦୟ ଶଙ୍କର ରାୟ ଅଧକ୍ଷତା କରିଥିଲେ। ଆସନ୍ତା ଗୁରୁଦିବସ ପାଇଁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଥିଲା।

### ସ୍ୱାସ୍ଥ୍ୟସେବା ଶିବିର

ଖୁଣ୍ଟୁଣୀ, ୨୩।୭(ସଚ୍ଚିଦାନନ୍ଦ ପଣ୍ଡା)- ଖୁଣ୍ଟୁଣୀ କଲ୍ୟାଣ ମଣ୍ଡପଠାରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ସରପଞ୍ଚ କୈଳାସ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୮୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ରଞ୍ଜନ କୁମାର ଦୋରା, ନୀତିଶ କୁମାର ସାହୁ ଓ ଲକ୍ଷ୍ମୀଧର ମହାରଣା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ରୀହରି ଫାଉଣ୍ଡେଶନର ବାର୍ଷିକ ଉତ୍ସବ

କଟକ,୨୩।୭ (କାର୍ତ୍ତିକ ସାହୁ)- ଶ୍ରୀହରି ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ ନିଆରା ଢଙ୍ଗରେ ରବିବାର ପାଳିତ ହୋଇଯାଇଛି। ସ୍ୱାମୀ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ସ୍କୁଲରେ ଥିବା ଅନ୍ତେବାସୀଙ୍କ ଗହଣରେ ୯ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ଦିଆଯାଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ମୁଖ୍ୟବକ୍ତା ବିଧାୟକ ମହମ୍ମଦ ମୋକିମ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଭିମନ୍ୟୁ ଦାସ, ସୁବ୍ରତ ମହାନ୍ତି, ଡା. ଶୁଭକାନ୍ତ ପଣ୍ଡା,ଆଦିତ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ପିତ ନନ୍ଦ, ସୁବାସ ଚନ୍ଦ୍ର ପାଇଟାଳ, ଭାନୁ ସେନାପତି ଏବଂ ପୁଷ୍ପିତା ମହାନ୍ତି, ଶ୍ରୀହରି ଫାଉଣ୍ଡେଶନର ପ୍ରତିଷ୍ଠାତା ମମତା ମହାନ୍ତି ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ‘ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ’

### ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ଆଲୋଚନାଚକ୍ର

କଟକ,୨୩।୭ (କାର୍ତ୍ତିକ ସାହୁ)

ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘର ନବମ ଅଧିବେଶନ ଅବସରରେ ଏକ ଆଲୋଚନାଚକ୍ର ଶତାବ୍ଦୀ ଭବନସ୍ଥିତ ନଳିନୀମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ସଜ୍ଜନ କୁମାର ଶର୍ମା ଉଦ୍‌ଘାଟନ କରି ସମ୍ପ୍ରତି ସମାଜରେ ସୁଧାର ଆଣିବା ପାଇଁ ବୟସ୍କ ବ୍ୟକ୍ତିଙ୍କ ଆଦର୍ଶକୁ ପାଥେୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ବରିଷ୍ଠ ନାଗରିକମାନଙ୍କ ସୁବିଧା ସୁଯୋଗ ପାଇଁ ସବୁ ଶ୍ରେଣୀରୁ ଉଦ୍ୟମ ହେବା ଆବଶ୍ୟକ।



ଆଲୋଚନାଚକ୍ରରେ ସିଏମ୍‌ସି ମେୟର ସୁବାସ ସିଂ ବକ୍ତବ୍ୟ ଦେଉଛନ୍ତି।

ସେହିପରି ମୁଖ୍ୟବକ୍ତା ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଆମ ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ଆମେ ସେଥିପ୍ରତି ଯତ୍ନବାନ ହେବା ଉଚିତ୍। ସମ୍ମାନିତ ଅତିଥି ସଞ୍ଜିତ୍ କୁମାର ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ସମସ୍ତେ ଅତ୍ୟନ୍ତ ତତ୍ପରତାର ସହ ବୁଝିବାକୁ କହିଥିଲେ। ସଂଘ ସଭାପତି ବସନ୍ତ କୁମାର ସେଠୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ବିବରଣୀ ପାଠ ଓ ଉପସଭାପତି ଗଙ୍ଗାଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ପୋରେଟର ପୁଷ୍ପିତା ମହାନ୍ତି ଆଲୋଚନାରେ ଭାଗ ନେଇଥିଲେ। ଅନୁଷ୍ଠାନର ଅନ୍ୟତମ ଉପସଭାପତି ନିବାସ ଚନ୍ଦ୍ର ମିଶ୍ର, ବିକ୍ରମ ଲେଙ୍କା, ବସନ୍ତ କୁମାର ଷଡ଼ଙ୍ଗୀ, ଜ୍ୟୋତିରଞ୍ଜନ ଦାସ, ବିଜୟ କୁମାର ରାଉତ, ଲୀନା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋର କୁମାର ସାହୁ ଧନ୍ୟବାଦ ଦେଇଥିଲେ।


କଟକ କ୍ଲବ ଓ ଶାନ୍ତି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ କଟକ କ୍ଲବରେ ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।



ଆସନ୍ତା ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପାର୍ଶ୍ୱରେ ଥିବା ପାଚେରୀକୁ ନୂତନ ରୂପରେଖ ଦିଆଯାଉଛି।

### ବ୍ଲକ ଉପାଧକ୍ଷାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣା

## ଆକ୍ରମଣକାରୀଙ୍କୁ ଗିରଫ ଦାବି

ଚୌଦ୍ୱାର,୨୩।୭(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉପାଧକ୍ଷା ସୁପ୍ରିୟା ଜେଠୀଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଚୌଦ୍ୱାର ନଗର ବିଜେଡି ପକ୍ଷରୁ ଦାବି ହୋଇଛି। ରବିବାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ବହୁ ଛାମୁଆ କର୍ମୀ ପଦଯାତ୍ରାରେ ଆସି ଚୌଦ୍ୱାର ଥାନାରେ ପହଞ୍ଚିଥିଲେ। ସେଠାରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କୁ ଭେଟି ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଏନେଇ ଏସିପି ସ୍ୱାଇଁ କହିଥିଲେ, ଅଭିଯୁକ୍ତମାନଙ୍କୁ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଗୁରୁବାର ରାତିରେ ଉପାଧକ୍ଷାଙ୍କ ସ୍ୱାମୀ ଧନେଶ୍ୱର ଜେଠୀ କଟକରୁ ବାଇକରେ ଘରକୁ ଫେରୁଥିବାବେଳେ ନଖରା ବଜାର ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାଜନୈତିକ ଆକ୍ରୋଶ ରଖି ଧନେଶ୍ୱରଙ୍କୁ ଆକ୍ରମଣ କରାଯାଇଥିବା ସୁପ୍ରିୟା କହିଛନ୍ତି। ଏହି ଘଟଣାରେ ନଖରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ତାଙ୍କ ସହଯୋଗୀଙ୍କ ହାତ ଥିବା ସୁପ୍ରିୟା ଚୌଦ୍ୱାର ଥାନାରେ ଅଭିଯୋଗ କରିଛନ୍ତି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, କଟକ ଜିଲା ବିଜେଡି ଉପସଭାପତି ପ୍ରେମଚାନ୍ଦ ନାୟକ, ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁଚରଣ ପରିଡା, ଜିଲା ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ, ସାରଦା ରଞ୍ଜନ ପରିଜା, ଭରତ ଚନ୍ଦ୍ର ସାହୁ, କବିତାରାଣୀ ଲେଙ୍କା, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ଅର୍ଜୁନ ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଓ ଦଳୀୟ କର୍ମୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ରାମକୃଷ୍ଣ ସଭାପତି, ବିକ୍ରମ ସମ୍ପାଦକ

### ହରିପୁର-ଦୋଳମୁଣ୍ଡାଇ ପୂଜା କମିଟିର ନୂତନ କର୍ମକର୍ତ୍ତା

କଟକ,୨୩।୭ (କାର୍ତ୍ତିକ ସାହୁ)

ହରିପୁର-ଦୋଳମୁଣ୍ଡାଇ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ଓ ଶପଥ ପାଠ କାର୍ଯ୍ୟକ୍ରମ ମା’ ବିମଳା ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ରାମକୃଷ୍ଣ ହାତୀ, ସମ୍ପାଦକ ବିକ୍ରମ ଛାଟୋଇ, କୋଷାଧକ୍ଷ ବିଶ୍ୱରଞ୍ଜନ ମୂଳିଆ, କାର୍ଯ୍ୟକାରୀ ସଭାପତି ଭାବେ ବିଜୟ ମୂଳିଆ, ଚିନ୍ତାମଣି ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରସାଦ କୁମାର ଜେନା, ସହ ସମ୍ପାଦକ ଶୁଭ୍ରାଂଶୁ ପ୍ରଧାନ, ସନ୍ତୋଷ କୁମାର ସିଂ, ଜୟଦେବ ପ୍ରଧାନ, ନିଶାକର ମୂଳିଆ ମନୋନୀତ ହୋଇଥିଲେ। ସେହିପରି ବଜାର ସଭାପତି ଭାବେ ବସନ୍ତ ମୂଳିଆ, ସମ୍ପାଦକ ସଞ୍ଜୟ ପ୍ରଧାନ, ସହ ସମ୍ପାଦକ ସନ୍ତୋଷ ପ୍ରଧାନ, ଶିବା ମୂଳିଆ, ରୁବୁଲୁ ସ୍ୱାଇଁ, ପ୍ରସନ୍ନଜିତ ସ୍ୱାଇଁ ମନୋନୀତ ହୋଇଥିଲେ। ଶୃଙ୍ଖଳା ସମ୍ପାଦକ ଭାବେ ହାଡ଼ିବନ୍ଧୁ ପ୍ରଧାନ, ସହ ସମ୍ପାଦକ ସୁରେଶ ମହାରଣା, ରଞ୍ଜିତ ମୂଳିଆ, ଶଙ୍କର ମହାରଣା, ଦୀନବନ୍ଧୁ ମୂଳିଆ, ବିନୋଦ ମୂଳିଆ, ଚିନ୍ମୟ ମହାରଣା, ଆୟୁଷ ରଞ୍ଜନ ବେଉରିଆ ମନୋନୀତ ହୋଇଛନ୍ତି। ସେହିପରି ପୂଜା ସମ୍ପାଦକ ସୌମ୍ୟ ରଞ୍ଜନ ପ୍ରଧାନ, ସହ ସମ୍ପାଦକ ସୁବୋଧ ମୂଳିଆ, କକୁନୀ ପ୍ରଧାନ, ହରେକୃଷ୍ଣ ଦାସ, ବାବୁନି ହାତୀ, ସତ୍ୟବ୍ରତ ମୂଳିଆ, ସହ କୋଷାଧକ୍ଷ ଭାବେ ସତ୍ୟରଞ୍ଜନ ମହାରଣା ମନୋନୀତ ହୋଇଥିଲେ। ଅଧିକାରୀ ହରେକୃଷ୍ଣ ପ୍ରଧାନ ଓ କାର୍ଯ୍ୟକାରୀ ମହନ୍ତ ଲିଙ୍ଗରାଜ ହାତୀ ପୂଜା କମିଟିର ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ପଣ୍ଡିତ ଦୟାନିଧି ଶତପଥୀ, ଦୀପକ କୁମାର ଶତପଥୀ ଓ ମା’ ବିମଳାଙ୍କ ମୁଖ୍ୟ ପୂଜକ ପ୍ରଭାକର ଦାସ ପୂଜାର୍ଚ୍ଚନା କରିଥିଲେ।

## ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣରେ ବାଧକ ସାଜିଛି ପାଉତି

### କିଶୋରନଗର ସେବା ସମବାୟ ସମିତି

କଟକ ସଦର,୨୩।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରାଯାଉଛି। ଚଳିତବର୍ଷ କିଶୋର ନଗର ସେବା ସମବାୟ ସମିତି ପକ୍ଷରୁ ପଞ୍ଜୀକରଣବେଳେ ଜଳକର ପାଉତି ଦାଖଲ ବାଧ୍ୟତାମୂଳକ କରାଯାଇଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଇଜମାଇଲି ଜମିର ପାଉତି ଜଣଙ୍କ ପାଖରେ ନାହିଁ। ତେଣୁ ସବୁ ଚାଷୀ ଏହି ପ୍ରମାଣପତ୍ର ଯୋଗାଡ କରିବାରେ ବିଳମ୍ବ ହେଉଥିବାରୁ ପଞ୍ଜୀକରଣରେ ମନ୍ଥରତା ଦେଖିବାକୁ ମିଳିଛି। ଗତବର୍ଷ ଜମିଜମା ରେକର୍ଡ, ଚାଷୀଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସବୁକ ଓ ଭାଗଚାଷୀ କ୍ଷେତ୍ରରେ ଜମି ମାଲିକଙ୍କ ସମ୍ମତି ପତ୍ର ସହ ଆଧାର କାର୍ଡ ଦାଖଲ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ଚଳିତବର୍ଷ ଜଳକର ପାଉତି ଦାଖଲ କରିବା ପାଇଁ କୁହାଯାଉଛି। ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ଅନିଲ କୁମାର ମଣ୍ଡଳଙ୍କୁ ପଚାରିବାରୁ ଜଳକର ପାଉତି ନ ଦେଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନେ ଆବେଦନ ଫର୍ମରେ ସ୍ୱାକ୍ଷର କରିବା ପାଇଁ ମନା କରୁଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କହିଛନ୍ତି। ଅବଶ୍ୟ ଏହି ସର୍ତ୍ତ ନିୟମ ସମ୍ମତ। ମାତ୍ର ଇଜମାଇଲି ଜମି କ୍ଷେତ୍ରରେ ସମସ୍ୟା ଦେଖାଯାଉଛି। ଏହାକୁ କୋହଳ କରିବା ପାଇଁ ଦାବି ହେଉଛି। ଯେଉଁ ଚାଷୀ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଜଳକର ବାକି ରଖିଛନ୍ତି ସେମାନଙ୍କ ପାଇଁ ଏହି ନିୟମ ଲାଗୁ କରାଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିଦ୍ୟାଳୟସ୍ତରୀୟ କୁଇଜ୍, ତର୍କ ପ୍ରତିଯୋଗିତା



କମଳାକାନ୍ତ ବିଦ୍ୟାପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କଟକ,୨୩।୭ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ବିଦ୍ୟାଳୟସ୍ତରୀୟ କୁଇଜ୍, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଯୋବ୍ରାସ୍ଥିତ କମଳାକାନ୍ତ ବିଦ୍ୟାପୀଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମିତିର ବରିଷ୍ଠ ସଦସ୍ୟ ଡ. ସୁଦର୍ଶନ ପଟ୍ଟନାୟକ, ଡ. ସୁବାସିନୀ ଲେଙ୍କା, ଡ. ସଚ୍ଚିଦାନନ୍ଦ ଶତପଥୀ, କମଳାକାନ୍ତ ବିଦ୍ୟାପୀଠର ଆଲୁମ୍ନି ସଦସ୍ୟ ନିଶିକାନ୍ତ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ସମିତିର କୋଷାଧକ୍ଷ ଇଂ. ଧୀରେନ୍ଦ୍ର ବିଶ୍ୱାଳ, ମହେନ୍ଦ୍ର କୁମାର କାୟସ୍ଥ, ନିରଞ୍ଜନ ପାତ୍ର, ସମ୍ପାଦକ ଡା. ଦୀପକ ରାଜ, କବିତା ପାଇଁଶାଣୀ ଓ ଦୀପ୍ତିମୟୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଅଗଷ୍ଟ ୭ରେ ହେବାକୁ ଥିବା ସମିତିର ପ୍ଲାଟିନମ୍ ଜୁବିଲି ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି। ଏଥିସହ ଅପରାହ୍ନରେ ସମିତିର ଏକ ବିଶେଷ ଅଧିବେଶନ ଦୋଳମୁଣ୍ଡାଇସ୍ଥିତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଡ. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ପ୍ଲାଟିନମ ଜୁବିଲି ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସମିତିର ବହୁ ବରିଷ୍ଠ ସଦସ୍ୟ ଯୋଗୋଦେଇ ନିଜର ମତ ଉପସ୍ଥାପନ କରିଥିଲେ।

## ମୋବାଇଲ, ଲାପ୍‌ଟପ୍ ଜବତ: ଯୁବକ ଗିରଫ

ଫୁଲନଖରା,୨୩।୭ (ସତ୍ୟରଞ୍ଜନ ଦାସମହାପାତ୍ର)

ମୋବାଇଲ ଓ ଲାପ୍‌ଟପ୍ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ କାନ୍ଥିପୁର ଗ୍ରାମର କାଳିଆ ଗୋଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଭାଣପୁରରେ ଥିବା ଓରଟେଲ କାର୍ଯ୍ୟାଳୟରେ ସତ୍ୟବ୍ରତ ବାରିକଙ୍କ କାର୍ଯ୍ୟ କରନ୍ତି। ସେ ରହୁଥିବା ଭଡ଼ାଘରୁ ଦୁଇଟି ମୋବାଇଲ ଓ ଗୋଟିଏ ଲାପ୍‌ଟପ୍‌କୁ କାଳିଆ ଗତ ୫ ତାରିଖ ବିଳମ୍ବିତ ରାତିରେ ଚୋରି କରି ନେଇଥିଲେ। ଏନେଇ ସତ୍ୟବ୍ରତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୦୫/୨୩) ରୁଜୁ କରିଥିଲା। ଏଥିସହ ଶନିବାର ତିଗିରିଆରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ‘ସରକାରୀ ଯୋଜନା ଲୋକଙ୍କୁ ଜଣାଅ’

### କର୍ମୀ ସମ୍ମିଳନୀ, ସମୂହ ଦୀପଦାନ କାର୍ଯ୍ୟକ୍ରମ

ଚୌଦ୍ୱାର,୨୩।୭(ଆଶୁତୋଷ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦ୍ୱିତୀୟ ସର୍ବାଧିକ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ଫଳରେ ତାଙ୍କ ଦୀର୍ଘାୟୁ କାମନା କରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତସ୍ଥିତ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ କରାଯାଇଥିଲା। ଯୁବ ସଙ୍ଗଠକ ତୀର୍ଥାନନ୍ଦ ସୁବୁଦ୍ଧିରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁସଂଖ୍ୟକ ବିଜେଡି କର୍ମୀ ଦୀପଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଦଳର ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ରାଉତଙ୍କ ପୌରୋହିତ୍ୟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ବିଶ୍ୱାଳ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ଅଧିକ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କୁ ଜଣାଇବା ପାଇଁ କର୍ମୀମାନଙ୍କୁ ବୁଝାଇଥିଲେ। ଏହି ସମ୍ମିଳନୀରେ ସରପଞ୍ଚ ଦିଲ୍ଲୀପ କୁମାର ଭୋଇ, ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ରଞ୍ଜନ ପରିଡା, ମନୋରଞ୍ଜନ ସ୍ୱାଇଁ, ଶରତ ଚନ୍ଦ୍ର ନାୟକ, ପ୍ରେମାନନ୍ଦ ସାମଲ, ରବୀନ୍ଦ୍ର ସାମଲ, ଭରତ ସ୍ୱାଇଁ, ରବୀନ୍ଦ୍ର ବେହେରା, ବିବେକାନନ୍ଦ ସୁବୁଦ୍ଧିରାୟ, ସୁବାସ ରାଉଳଙ୍କ ସମେତ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



କଟକ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ।

## ସ୍ୱନାମଧନ୍ୟ ସାହିତ୍ୟିକ ଥିଲେ ପ୍ରାଣକୃଷ୍ଣ ପରିଜା

### ସମନ୍ୱୟ ଅନୁଷ୍ଠାନ ପକ୍ଷରୁ ଆଲୋଚନା ସଭା

କଟକ,୨୩।୭ (କାର୍ତ୍ତିକ ସାହୁ)

ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସମନ୍ୱୟ ଆନୁକୂଲ୍ୟରେ ଚହଟାଘାଟସ୍ଥିତ ଚହଟେଶ୍ୱର ପୀଠ ପରିସରରେ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜାଙ୍କ ଉପରେ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଦୁଃଖୀଶ୍ୟାମ ଦାସ ଅଧକ୍ଷତା କରି କହିଥିଲେ, ପ୍ରାଣକୃଷ୍ଣ ପରିଜା ଜଣେ ସ୍ୱନାମଧନ୍ୟ ସାହିତ୍ୟିକ ଥିଲେ। ସରଳ ଓ ସାବଲୀଳ ଭାଷାରେ ପ୍ରବନ୍ଧ ରଚନା କରିବାରେ ସେ ଥିଲେ ସିଦ୍ଧହସ୍ତ। ଉତ୍କଳ ସାହିତ୍ୟ, ମୁକୁର ଆଦିରେ ତାଙ୍କ ଲେଖା ପ୍ରକାଶିତ ହେଉଥିଲା। ଭାଷା, ସାହିତ୍ୟ ଓ ସଂସ୍କୃତିର ସେ ଥିଲେ ବଳିଷ୍ଠ ପୃଷ୍ଠପୋଷକ ଏବଂ ଉତ୍କଳ ସାହିତ୍ୟ ସମାଜର ସଭାପତି। ଆଡ୍‌ଭୋକେଟ ବଂଶୀଧର ଶତପଥୀ ଡ. ପରିଜାଙ୍କ ଉପରେ ପ୍ରବନ୍ଧ ପାଠ କରିଥିଲେ। ଜଷ୍ଟିସ ମନୋରଞ୍ଜନ ମହାନ୍ତି କହିଥିଲେ, ପରିଜା ଜଣେ ବୁଦ୍ଧିମାନ୍, ଧୀଶକ୍ତି ସମ୍ପନ୍ନ ଓ ବୃତ୍ତିଧାରୀ ଛାତ୍ର ଥିଲେ। ବିଲାତରୁ ଫେରି ସେ ରେଭେନ୍‌ଶା କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ, ମୁଖ୍ୟ ଅଧ୍ୟାପକ ଓ ଅଧକ୍ଷ ପଦ ହାସଲ କରିପାରିଥିଲେ। ସେହିପରି ଅଧ୍ୟାପକ ଅଶୋକ କୁମାର ବାରିକ କହିଥିଲେ, ପରିଜା ଥିଲେ ଆଜୀବନ କର୍ମଯୋଗୀ। ତାଙ୍କ ଭଳି ଦୃଢ଼ମନା ଓ ସମୟାନୁବର୍ତ୍ତୀ ବ୍ୟକ୍ତିତ୍ୱ ଆଜିର ସମାଜରେ ବିରଳ। ଆଡ୍‌ଭୋକେଟ କବୀର କୁମାର ଜେନା, ଇଂ. ଅବିନାଶ ପରିଡ଼ା, କିଶୋର ଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର କୁମାର ସାହୁ, ସୌମ୍ୟ ସାରଥି ଦାସ, ଅଶୋକ କୁମାର ଦଳେଇ ଓ ସନ୍ତୋଷ କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଶୁତୋଷ ଦାସ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ କବିତା ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ତଥା ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପଣ୍ଡିତ ଦିଲ୍ଲୀପ କୁମାର ସାବତ ଶିବ ସ୍ତୁତି ଗାନ ଓ କାର୍ଯ୍ୟକାରୀ ସମ୍ପାଦକ ଆଲୋକ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ।


କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

## ସଂକ୍ଷେପରେ

### ଆଇଆର୍‌ସିଟିସି ପକ୍ଷରୁ ଟୁର୍ ପ୍ୟାକେଜ ଘୋଷଣା

ଜଟଣୀ,୨୩।୭ (ରବୀନ୍ଦ୍ର ନାଥ ମହାକୁଡ଼): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଆଣ୍ଡ ଟୁରିଜମ୍ କର୍ପୋରେଶନ ଲିମିଟେଡ(ଆଇଆରସିଟିସି) ପକ୍ଷରୁ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଯାତ୍ରୀ ଭ୍ରମଣ ପ୍ୟାକେଜକୁ ନେଇ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଜଏଣ୍ଟ ଜେନେରାଲ ମ୍ୟାନେଜର ଡ. କ୍ରାନ୍ତି ପି.ସାୱ୍ରକର ଯୋଗଦେଇ ଯାତ୍ରୀମାନଙ୍କ ପାଇଁ ନୂତନ ଭ୍ରମଣ ପ୍ୟାକେଜର ବିବରଣୀ ପ୍ରଦାନ କରିଥିଲେ। ଯାତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ବିମାନରେ ଯାତ୍ରା କରିବେ। ଅଗଷ୍ଟ ୧୯ ଓ ୨୯ ତାରିଖରେ କଶ୍ମୀର ଭ୍ରମଣ ନିମନ୍ତେ ଯାତ୍ରା ପାଇଁ ରହିଥିବା ବେଳେ ଏହି ପ୍ୟାକେଜରେ ୫ ରାତି/୬ ଦିନ ଓ ଜଣଙ୍କ ପିଛା ୩୭ହଜାର ୪୭୦ଟଙ୍କା ରହିଛି। ସେହିପରି ସେପ୍ଟେମ୍ବର ୬ରେ ଚାରିଧାମ ନର୍ଥ ଇଣ୍ଡିଆ ପ୍ୟାକେଜରେ ୧୧ରାତି/୧୨ ଦିନ ଓ ଜଣଙ୍କ ପିଛା ୫୩ହଜାର ୧୫୦ଟଙ୍କା ରହିଛି। ସେହିପରି ଜ୍ୟୋତିର୍ଲିଙ୍ଗସ ଅଫ୍ ମଧ୍ୟପ୍ରଦେଶ, ମହାଳୟ ପିଣ୍ଡଦାନ, ହେରିଟେଜ ଟୁର ଅଫ୍ ରାଜସ୍ଥାନ, ଏଲ୍‌ଟିସି ସ୍ପେଶାଲ ଆମାଜିଙ୍ଗ ଆଣ୍ଡାମାନ, ଲଦାଖ, ଶ୍ରୀନ୍‌ସ ଅଫ୍ ଗୁଜରାଟ ୱିଥ୍ ଷ୍ଟାଚ୍ୟୁ ଅଫ୍ ୟୁନିଟି ଭ୍ରମଣ ପାଇଁ ସୁବିଧା ରହିଛି। ଯାତ୍ରା ପାଇଁ ଟିକେଟ ଆଇଆରସିଟିସି ୱେବସାଇଟ କିମ୍ବା କାର୍ଯ୍ୟାଳୟରେ ବୁକ କରିପାରିବେ। ଯେଉଁଥିରେ ଥ୍ରୀଷ୍ଟାର ହୋଟେଲରେ ରହଣି ସହିତ ସମସ୍ତ ଖାଦ୍ୟ, ଶୀତତାପ ଯାନରେ ସାଇଟ ସିନ ଭ୍ରମଣ ସୁବିଧା, ଟୁର ଟ୍ରାଭେଲ ବୀମା ସହିତ ୨୪ଘଣ୍ଟା ଯାତ୍ରା ସ୍ଥଳରୁ ଫେରିବା ପର୍ଯ୍ୟନ୍ତ ଟୁର ମ୍ୟାନେଜରଙ୍କ ସହଯୋଗ ରହିବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆରସିଟିସି ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଟୁରିଜମ ଏକ୍‌ଜିକ୍ୟୁଟିଭ ସଂଘମିତ୍ରା ରାଉଳଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଚିଲିକା ରିଂବନ୍ଧରେ ତାଳ ଚାରା ରୋପଣ

କୃଷ୍ଣପ୍ରସାଦ,୨୩।୭(କୈଳାସ ଚନ୍ଦ୍ର ପଟ୍ଟନାୟକ) : ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାମାଜିକ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ଚିଲିକା ରିଂବନ୍ଧରେ ତାଳ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ଲାଗି ରିଂବନ୍ଧର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ। ଏହି ପ୍ରରିପ୍ରେକ୍ଷୀରେ ଗ୍ରୀନ ପାରିକୁଦର ଆବାହକ ହିମାଂଶୁ ଶେଖର ନାୟକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ବଡ଼ଝାଡ଼ ପଞ୍ଚାୟତର ଗୌରୀସାହି, ଜେନାପୁର, ମର୍ଦ୍ଦରାଜପୁର, କୁରୁପାଳ ଏବଂ ନୂଆପଡ଼ା ପଞ୍ଚାୟତର ଜହ୍ନିକୁଦା ଚିଲିକା ରିଂ ବନ୍ଧରେ ୪ହଜାର ତାଳ ମଞ୍ଜି ଲଗାଯାଇଛି। ରବିବାର ପଞ୍ଚମ ଦିବସରେ ଗ୍ରୀନ ପାରିକୁଦ ସଙ୍ଗଠନର ମୀନା ରାଣୀ ସାହୁ, ନକୁଳ ସୁନ୍ଦରା, ପ୍ରଭାତୀ ପାହାଣ, ରୂପାଲି ବରାଳ, କୁନ୍‌ମୁନ ଜେନା ସହଯୋଗ କରିଥିଲେ। ସଙ୍ଗଠନ ପକ୍ଷରୁ ୧ଲକ୍ଷ ତାଳ ମଞ୍ଜି ପକାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ସାତପଡ଼ା ଠାରୁ ବାଲିହରିଚଣ୍ଡୀ ପର୍ଯ୍ୟନ୍ତ ୩୫ କିମି ରିଙ୍ଗ ବନ୍ଧରେ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସଦସ୍ୟା ଅମିତା ତରେଇ କହିଛନ୍ତି।

### 'ଭଙ୍ଗା ଘରେ ଚକାଜହ୍ନ' ପାଠକାର୍ପିତ

ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ): ମନୋବିଜ୍ଞାନୀ ପ୍ରଫେସର ଡ.ବସନ୍ତ କୁମାର ଦାସଙ୍କ ଆତ୍ମଜୀବନୀ 'ଭଙ୍ଗାଘରେ ଚକାଜହ୍ନ' ରବିବାର ସ୍ଥାନୀୟ ଏକ ହୋଟେଲରେ ପାଠକାର୍ପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଔପନ୍ୟାସିକ ଡ.ବିଭୂତି ପଟ୍ଟନାୟକ ପ୍ରଫେସର ଦାସଙ୍କର ଜୀବନ ଉପରେ ଏକ ସାମଗ୍ରୀକ ସମୀକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଫେସର ବସନ୍ତ ଦାସଙ୍କର ଜୀବନର ନାନା ସଂଗ୍ରାମ ଏବଂ ସକାରାତ୍ମକ ମାନସିକତା ସହିତ ସେହି ସଂଗ୍ରାମର ସମ୍ମୁଖୀନ ପ୍ରସଙ୍ଗଗୁଡ଼ିକ ତାଙ୍କର ଅଭିଭାଷଣରେ ସ୍ଥାନିତ କରିଥିଲେ । ଜୀବନର ବିଭିନ୍ନ କ୍ଷେତ୍ରରେ ମନୋବିଜ୍ଞାନକୁ ପ୍ରୟୋଗ କରି ସଫଳତା ଆତ୍ମତୃପ୍ତି ଅର୍ଜନ କରିଥିବାର ପ୍ରସଙ୍ଗ ଗୁଡ଼ିକୁ ସମ୍ମାନିତ ଅତିଥି ପ୍ରଫେସର ଡକ୍ଟର ଅଜିତ୍ ମହାନ୍ତି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ନାଟ୍ୟକାର ସୁବୋଧ ପଟ୍ଟନାୟକ କହିଛନ୍ତି, ରଙ୍ଗମଞ୍ଚ ନାଟକର ନିର୍ଦ୍ଦେଶନା ଏବଂ ନିର୍ଦ୍ଦେଶନାରେ ପ୍ରଫେସର ଦାସ ନୃତ୍ୟ-ନାଟ୍ୟ ରଚନାରେ ଅପାର ଆନନ୍ଦ ଲାଭ କରୁଥିଲେ। ଲେଖକ ଦାସ ଆତ୍ମଜୀବନୀରେ ନିଜସ୍ୱ ଅନୁଭୂତି ଓ ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ତୀର୍ଥଙ୍କର ଦାସ ଧନ୍ୟବାଦ ଦେଇଥିଲେ।

# ମାର୍କେଟ ଆସୋସିଏଶନ, ଉଠାଦୋକାନୀ ମୁହାଁମୁହିଁ

ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)



କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ବନ୍ଦକୁ ଇତିମଧ୍ୟରେ ସପ୍ତାହେ ବିତିଛି। ମାର୍କେଟ ଭିତରୁ ଉଠାଦୋକାନୀଙ୍କୁ ସ୍ଥାୟୀ ଭାବେ ଉଠାଇବା ପାଇଁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ଜିଦ୍ ଧରି ବସିବା ସହ ଦୁଇ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଛି। ଏଯାଏ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀମାନେ ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀଙ୍କ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘ ରବିବାର ମାର୍କେଟ ଗେଟ୍ ଆଗରେ ଧାରଣା ଦେବାରୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଥିଲା। ଦୁଇ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କରୁ ଗଣ୍ଡଗୋଳ ହୋଇଥିଲା। ଫଳରେ ସେଠାରେ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଏନେଇ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘର ସଦସ୍ୟମାନେ କହିଛନ୍ତି, ଆସୋସିଏଶନ ମନଇଚ୍ଛା ମାର୍କେଟ ଗେଟ୍‌ରେ ତାଲା ପକାଇ ଦେଇଥିବାରୁ ଆମେ ଭିତରକୁ ଯାଇ ପାରୁନୁ କି ବେପାର କରି ପାରୁନୁ। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରି ଆସୁଛୁ। ଅନ୍ୟତ୍ର ଥଇଥାନ ନ ହେବା ଯାଏ ମାର୍କେଟ ବିଲ୍ଡିଂ ନ ଛାଡିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଆସୋସିଏଶନ ଆମକୁ ଗେଟ୍ ଭିତରକୁ ପଶିବାକୁ ଦେଉ ନ ଥିବାରୁ ଏହା ପ୍ରତିବାଦରେ ମାର୍କେଟର ପୂର୍ବଗେଟ୍ ଆଗରେ ଧାରଣା ଦେଇଛୁ। ଏଥିପାଇଁ ରୀତିମତ ପୋଲିସଠାରୁ ଅନୁମତି ମଧ୍ୟ ଅଣାଯାଇଛି। ମାତ୍ର ରବିବାର ଅପରାହ୍ନରେ ଆସୋସିଏଶନର ପ୍ରାୟ ୩୦/୪୦ ଜଣ ସଦସ୍ୟ ଆସି ଆମକୁ ଗେଟ୍ ସାମ୍ନାରୁ ହଟିବାକୁ କହିଥିଲେ। ମାର୍କେଟ ଆମର, ତେଣୁ ଏ ଗେଟ୍ ଆଗରେ ଆମେ ବସି ପାରିବୁ। ଏଥିସହ ସମ୍ପୃକ୍ତ ଗେଟ୍ ଖୋଲାଯିବ ବୋଲି ମଧ କହି ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ଗେଟ୍ ଖୋଲାଯାଇଥିଲେ। ଆମେ ଗେଟ୍ ସମ୍ମୁଖରୁ ହଟି ଗୋଟେ ପାର୍ଶ୍ୱରେ ବସିବା ପରେ ପୁଣିଥରେ ଗେଟ୍‌କୁ ତାଲା ପକାଇ ଦେଲେ ବୋଲି ଅସ୍ଥାୟୀ ବ୍ୟବସାୟୀମାନେ କହିଛନ୍ତି।

**ମାର୍କେଟ ବିଲ୍ଡିଂ ବନ୍ଦକୁ ସପ୍ତାହେ**
- ଉଠା ଦୋକାନୀଙ୍କ ଧାରଣାକୁ ବିରୋଧ
- ତାଲା ଖୋଲି ପୁଣି ପକାଇଲେ



ନିରାକାରପୁର: 'ସହଯୋଗ ପରିବାର' ପକ୍ଷରୁ ରବିବାର ଅନୁଷ୍ଠିତ ଗୋ ସୁରକ୍ଷା, ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା।

# ଗୋ ସୁରକ୍ଷା, ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ନିରାକାରପୁର, ୨୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁରର ସାମାଜିକ ଅନୁଷ୍ଠାନ 'ସହଯୋଗ ପରିବାର' ପକ୍ଷରୁ ଗୋ ସୁରକ୍ଷା, ସଡ଼କ ସୁରକ୍ଷା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଗେଟ୍ ବଜାରଠାରୁ ଅନୁଷ୍ଠାନର ସଦସ୍ୟମାନେ ପ୍ଲାକାର୍ଡ ଧରି ଗୋ ସୁରକ୍ଷା, ସଡ଼କ ସୁରକ୍ଷା ଓ ବୃକ୍ଷ ରୋପଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇ କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ପରେ ନିରାକାରପୁର ଡାକ୍ତରଖାନା ପରିସରରେ ମୁଖ୍ୟ ଅତିଥିଭାବେ ନିରାକାରପୁର ଆଇଆଇସି ସୁଚିତ୍ରା ଜେନା, ଅତିଥିଭାବେ ସହଯୋଗ ପରିବାରର ବରିଷ୍ଠ ଉପଦେଷ୍ଟା ଡ.ପୂର୍ଣ୍ଣ ଚନ୍ଦ୍ର ଦାଶ ଯୋଗଦେଇ ଗୋ ସୁରକ୍ଷା, ବୃକ୍ଷ ରୋପଣ ଓ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହିତ ଜନସାଧାରଣ ସଚେତନ ହେଲେ ଏହାର ସମାଧାନ ହୋଇପାରିବ ବୋଲି କହିଥିଲେ। ଅଂଶଗ୍ରହଣ କରିଥିବା ଯୁବତୀଯୁବକଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଡାକ୍ତରଖାନା ପରିସରରେ ଚାରାରୋପଣ କରାଯାଇଥିଲା। ଅନୁଷ୍ଠାନର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହେଶ୍ୱର ବେହେରା, ପଣ୍ଡିତ କୃପାସିନ୍ଧୁ ପଣ୍ଡା, ଲକ୍ଷ୍ମୀଧର ସାମନ୍ତରାୟ, ମାନସ ଚନ୍ଦ୍ର ପଟ୍ଟନାୟକ, ଅଶୋକ ବାହୁବଳେନ୍ଦ୍ର, ହରିବନ୍ଧୁ ସିଂହ, ମନମୋହନ ନାୟକ, ପ୍ରତ୍ୟୁଷ ସାମନ୍ତରାୟ, ଦେବାଶିଷ ବିଶ୍ୱଭୂଷଣ ପାହାଡସିଂହ, ସନ୍ତୋଷ ବାରିକ, ନୃସିଂହ ଚରଣ ସାହୁ, ରତ୍ନାକର ପ୍ରଧାନ, ସୁଶାନ୍ତ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ଅଶୋକ ମଙ୍ଗରାଜ, ଚନ୍ଦନ ପ୍ରଧାନ, ବିଶ୍ୱେଶ୍ୱର ପାଲଟାସିଂହ, ମନୋରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏକାମ୍ରରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୨୩।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧଉଳି, ଲିଙ୍ଗିପୁର ଓ ଇଟିପୁର ପଞ୍ଚାୟତରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଧଉଳି ପଞ୍ଚାୟତରେ ୧.୪୦ କୋଟି ଟଙ୍କାରେ ଆର୍‌ଆଇ କାର୍ଯ୍ୟାଳୟର ଶିଳାନ୍ୟାସ, ଲିଙ୍ଗିପୁର ପଞ୍ଚାୟତର ଇନ୍ଦିରା କଲୋନୀରେ ୧୦.୧୦ କୋଟି ଟଙ୍କାର ଡ୍ରେନ, ଇଟିପୁର ଦୟାବନ୍ଧଠାରୁ ଏମଆଇପି ଗଣେଶ ସିଡି ରାସ୍ତା ପାଇଁ ୪.୭୮ କୋଟି, ପଞ୍ଚାୟତ ଅଫିସ୍ ଠାରୁ ଗଣେଶ ସିଡି ବିଜୁ ସେତୁ ପାଇଁ ୧୧.୬୨ କୋଟି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଲିଙ୍ଗିପୁର ଏବଂ ଇଟିପୁରରେ ଭୂ ଉଚ୍ଚ ପାନୀୟଜଳ ଯୋଗାଣ ପ୍ରକଳ୍ପ, ସେହିପରି ବିଧାୟକ ଆଞ୍ଚଳିକ ଉନ୍ନୟନ ଅନୁଦାନ ପାଣ୍ଠିରୁ ୧୫ଟି ପ୍ରକଳ୍ପ ମଧ୍ୟରେ କୁକୁଡ଼ା ଘାଇ ପାଟଣା ମନ୍ଦିର ଏବଂ ଡିହପୁର ମନ୍ଦିର ରୋଷ ଘର, ବିକିପୁର ମଣ୍ଡପ, ପଶ୍ଚିମେଶ୍ୱର ମନ୍ଦିର ପାଚେରି, ଜୟପୁର ବ୍ୟାୟାମ ଘର, ହନୁମାନ ମଣ୍ଡପ, ଇଟିପୁର କଂକ୍ରିଟ ରାସ୍ତା, ମଦନମୋହନ ମଣ୍ଡପ, ବୁଢ଼ୀ ମଙ୍ଗଳା ମଣ୍ଡପ, ବିଶ୍ୱକର୍ମା ମଣ୍ଡପ, ସ୍ମାର୍ଟ କ୍ଲବ ଗୃହକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ଚନ୍ଦନ ମଲ୍ଲିକପ୍ରମୁଖ ଉପସ୍ଥିତ ଥିଲେ।

# 'ଶିଶୁର ଭବିଷ୍ୟତ ଗଠନରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ନିରାକାରପୁର,୨୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନରତ ଶିଶୁମାନଙ୍କ ମା'ମାନଙ୍କୁ ନେଇ ମାତୃ ସମ୍ମିଳନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ନଳିନୀ ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଅଭିଭାବକ ମୀରା ପରିଡ଼ା ପ୍ରଦୀପ ଉଜ୍ଜ୍ୱଳନ କରିଥିଲେ। ଅତିଥିଭାବେ ବିଦ୍ୟାମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ଶିଶୁର ଭବିଷ୍ୟତ ଗଠନରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଗୁରୁଜୀ, ଗୁରୁମା ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଶିଶୁର ଶିକ୍ଷାକ୍ଷେତ୍ରରେ ପ୍ରଗତି ହୋଇପାରିବ। ଶିଶୁମାନଙ୍କ ଶୈକ୍ଷିକ ଉନ୍ନତି ସହିତ ଅନ୍ତର୍ନିହିତ ଗୁଣାବଳୀର ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ପ୍ରଧାନ ଆଚାର୍ଯ୍ୟ ରଥ ମାର୍ଗଦର୍ଶନ କରିଥିଲେ। ଏହି ମାତୃ ସମ୍ମିଳନୀରେ ଦୁଇ ଶହରୁ ଉର୍ଦ୍ଧ୍ୱ ଶିଶୁଙ୍କ ମା'ମାନେ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିରର ସାଧନା ଗୁରୁମା, ସୁମିତ୍ରା ଗୁରୁମା, ତପସ୍ୱିନୀ ଗୁରୁମା, ଅନିତା ଗୁରୁମା, ସୌନ୍ଦର୍ଯ୍ୟା ଗୁରୁମା, ରୀନା ଗୁରୁମା, ଜ୍ୟୋତିର୍ମୟୀ ଗୁରୁମା, ସ୍ମିତା ଗୁରୁମା, ସର୍ବେଶ୍ୱର ଗୁରୁଜୀ, କିଶୋର ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ।


ମାତୃ ସମ୍ମିଳନୀ ଉତ୍ସବରେ ଉପସ୍ଥିତ ମହିଳାମାନେ।

## ଉତ୍କଳ ଖଡୁରା ସମାଜର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ

ବାଲୁଗାଁ,୨୩।୭(ସଂଗ୍ରାମ ପାଇକରାୟ)

ବାଲୁଗାଁସ୍ଥିତ ଉମାମହେଶ୍ୱର ଦେବଙ୍କ କଲ୍ୟାଣ ମଣ୍ଡପଠାରେ ରବିବାର ଉତ୍କଳ ଖଡୁରା ସମାଜର ଏକ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡୁରା ସମାଜର ପୁନଃଗଠନ ତଥା ରାଜ୍ୟସ୍ତରରେ ଏକତା ଏବଂ ମାନ ବୃଦ୍ଧି ଆଭିମୁଖ୍ୟ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ନିମିକ୍ଷେତା ଗ୍ରାମର ପ୍ରସନ୍ନ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଅତିଥିଭାବେ ଭିକାରୀ ଚରଣ ମହାପାତ୍ର, ଲିଙ୍ଗରାଜ ନାୟକ, ଗିରିଶ ନାୟକ, ସନ୍ନ୍ୟାସୀ ନାୟକ, ଟହଲ ସାହୁ, ଗଜରାଜ ପାତ୍ର, ଲୋକନାଥ ନାୟକ, ଦାମୋଦର ନାୟକ, ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଗାମୀ ଦିନରେ ଖଡୁରା ସମାଜ ସଙ୍ଗଠନର ସୁଦୃଢ଼ତା ଏବଂ ବହୁମୁଖୀ ଯୋଜନା ନେଇ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସଙ୍ଗଠନର ସଭାପତିଭାବେ ଗିରିଶ ଚନ୍ଦ୍ର ନାୟକ, ଉପସଭାପତି ଟହଲ ସାହୁ, ସମ୍ପାଦକ ପ୍ରସନ୍ନ କୁମାର ନାୟକ, ସହସମ୍ପାଦକ ଚନ୍ଦ୍ର ଶେଖର ନାୟକ, ଅଶୋକ କୁମାର ନାୟକ, ଯୁଗ୍ମ ସମ୍ପାଦକ ନବ କିଶୋର ନାୟକ ଏବଂ କୋଷାଧ୍ୟକ୍ଷଭାବେ ଦେବରାଜ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବିପିନ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବାଲୁଗାଁ, ବାଣପୁର ଓ ନିମିକ୍ଷେତା ଗ୍ରାମର ଖଡୁରା ସମାଜ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।


ଉତ୍କଳ ଖଡୁରା ସମାଜର ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଗମ୍ଭାରୀମୁଣ୍ଡା,୨୩।୭(ଦିଲ୍ଲୀପ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ଭେଟେଶ୍ୱର ପଞ୍ଚାୟତଠାରେ ପିଏଲ୍‌ଏଚଆଇଭି, ଥାଲାସେମିଆ, ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏପରି କି କଳିଙ୍ଗ ନେଟୱର୍କ ଫର୍ ପିଉପଲ୍ ଲିଭିଙ୍ଗ ୱିଥ ଏଚ୍.ଆଇ.ଭି (କେ.ଏନ୍.ପି.+) ର ଲିଙ୍କ୍ ୱର୍କର ସ୍କିମ(ଏଲ୍‌ଡବ୍ଲୁଏସ୍)ପ୍ରକଳ୍ପ, ଖୋର୍ଦ୍ଧାର ମିଳିତ ସହଯୋଗରେ ଏହା ଆୟୋଜନ କରାଯାଇଥିଲା। ଶିବିରରେ କଳିଙ୍ଗ କେ.ଏନ୍.ପି ପ୍ଲସ୍ ଏଲ୍.ଡବ୍ଲୁ.ଏସ୍ ପ୍ରକଳ୍ପର ଯୋଗ୍ୟ ମହିଳା ଓ ପୁରୁଷ କର୍ମଚାରୀ ରକ୍ତଦାନ କରିଥିଲେ। ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ, ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ଦେଓଗାଁ ସରପଞ୍ଚ ରେଣୁବାଳା ଛାଟୋଇ, ଆୟତପୁର ସରପଞ୍ଚ ନର୍ମଦା ପ୍ରଧାନଙ୍କ ସମେତ ଗ୍ରାମର ଯୁବକ ସଂଘ କର୍ମକର୍ତ୍ତା ରକ୍ତ ଦାନ କରିଥିଲେ। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତିର ସହଯୋଗୀ ନିର୍ଦ୍ଦେଶକ ଇଂ. ଅଜୟ କୁମାର ପାତ୍ର ରକ୍ତଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇଥିବା ବ୍ୟକ୍ତି ଏବଂ ସ୍ଥାନୀୟ ଲୋକଙ୍କୁ ଏଚ୍.ଆଇ.ଭି/ ଏଡ୍‌ସ ସମ୍ବନ୍ଧରେ ସଚେତନ କରାଇଥିଲେ। ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କେ.ଏନ୍.ପି ପ୍ଲସ୍‌ର ସଭାପତି ପ୍ରଭାସିନୀ ପ୍ରଧାନ, ଲିଙ୍କ୍ ୱର୍କର ସ୍କିମ, ପ୍ରକଳ୍ପର ଡି.ଆର୍.ପି. ଶଶିକାନ୍ତ ବରାଳ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଡେଙ୍ଗୁ ମୃତ୍ୟୁ: ସମୀକ୍ଷା ପରେ ସ୍ପଷ୍ଟ ହେବ

ଭୁବନେଶ୍ୱର,୨୩।୭(ବନ୍ଦନା ସେଠୀ)

- ଆଜି ସ୍ଥିତି ଯାଞ୍ଚ କରିବେ ଜନସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ
- ସହରରୁ ଦୈନିକ ପ୍ରାୟ ୨୫ ରୋଗୀ ଚିହ୍ନଟ ହେଉଛନ୍ତି
- ଭୟଭୀତ ନ ହୋଇ ଚିକିତ୍ସା କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ



ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ ଛୁଇଁଥିବାବେଳେ ଦୈନିକ କ୍ୟାପିଟାଲ ହସ୍ପିଟାଲକୁ ପାଖାପାଖି ୨୦ ରୋଗୀ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ ଡେଙ୍ଗୁରେ ଆକ୍ରାନ୍ତ ଥିବା ୭ ବର୍ଷର ନାବାଳିକା ସାଇସ୍ମିତା ସାହୁ ଓରଫ ପିହୁ(୭)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପିହୁଙ୍କ ଘର ଜାଗମରାସ୍ଥିତ ଉପରସାହିର ହୋଇଥିବାବେଳେ ଗତ ସୋମବାରଠାରୁ ସେ ଜ୍ୱରରେ ପୀଡିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଛି। ଏହା ଚଳିତବର୍ଷର ପ୍ରଥମ ଡେଙ୍ଗୁ ମୃତ୍ୟୁ କୁହାଯାଉଥିବାବେଳେ ଏନେଇ ସରକାରୀ ଭାବେ କିଛି ଘୋଷଣା କରାଯାଇନାହିଁ। ତେବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଉକ୍ତ ନାବାଳିକା ଜଣକ ଜ୍ୱର ସହ ଅନ୍ୟ ରୋଗରେ ମଧ୍ୟ ପୀଡିତ ଥିଲେ। ତେବେ କେଉଁ କାରଣ ଲାଗି ନାବାଳିକାଙ୍କ ମୃତ୍ୟୁ ହୋଇଛି ସେନେଇ ସମ୍ପୃକ୍ତ ଘରୋଇ ମେଡିକାଲ ପକ୍ଷରୁ କିଛି ରିପୋର୍ଟ ପ୍ରଦାନ କରାଯାଇନାହିଁ। ସୋମବାର ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏନେଇ ସମୀକ୍ଷା କରାଯିବ। ଯୁଗ୍ମ ନିର୍ଦ୍ଦେଶକଙ୍କ ସ୍ଥିତି ସମୀକ୍ଷା ପରେ ସରକାରୀ ଭାବେ ଏନେଇ ସୂଚନା ଦିଆଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଡେଙ୍ଗୁ ଟେଷ୍ଟିଂ ନ କରି ସମ୍ପୃକ୍ତ ନାବାଳିକା ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜ୍ୱର ସହ ଅନ୍ୟ ରୋଗରେ ପୀଡିତ ଥିଲେ। ଚିକିତ୍ସାରେ ଅବହେଳା ହୋଇଥିବା ଘଟଣା ମଧ ସାମ୍ନାକୁ ଆସୁଛି। ତେବେ ସୋମବାର ସନ୍ଧ୍ୟା ସୁଦ୍ଧା ଏନେଇ ସ୍ପଷ୍ଟ କରାଯିବ। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ପ୍ରଶାନ୍ତ ସାହୁ ଓ ଗୃହିଣୀ ଲିପିକାଙ୍କ ଝିଅ ପିହୁ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଥିଲେ। ଘରୋଇ ଡାକ୍ତରଖାନା ଆଇସିୟୁରେ ଚିକିତ୍ସାଧୀନ ଥିବାବେଳେ ଶନିବାର ପିହୁଙ୍କ ମୃତ୍ୟୁ ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। କିନ୍ତୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ହସ୍ପିଟାଲରେ ହୋହଲ୍ଲା କରିଥିଲେ। ଖଣ୍ଡଗିରି ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା ପରେ ମୃତଦେହ ହସ୍ତାନ୍ତର କରାଯାଇଥିଲା।

### ଅବହେଳାରୁ ହଟ୍‌ସ୍ପଟ୍

ଅବହେଳାରୁ ସ୍ମାର୍ଟସିଟି ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଛି। ରାଜ୍ୟର ସର୍ବାଧିକ ଡେଙ୍ଗୁ ରୋଗୀ ଭୁବନେଶ୍ୱରରୁ ଚିହ୍ନଟ ହେଉଛନ୍ତି। ପୂର୍ବବର୍ଷ ମଧ ସମାନ ସ୍ଥିତି ଉପୁଜିଥିଲା। ପ୍ରଥମରୁ ଡେଙ୍ଗୁକୁ ନେଇ ବିଏମ୍‌ସି ଅବହେଳା ଦେଖାଇ ଥିବାରୁ ଏକାଧିକ ଲୋକଙ୍କ ଜୀବନ ଯାଇଥିଲା। ମାତ୍ର ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ସ୍ଥିତି ଆହୁରି ଖରାପ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଏବଂ ଅପରିଷ୍କାର ପାଣି ଜମା ହୋଇ ରହୁଥିବାରୁ ଡେଙ୍ଗୁରୋଗର ବାହାକ ଏଡିସ୍ ମଶାର ବଂଶ ବିସ୍ତାର ପାଇଁ ସୁବିଧା ହେଉଛି। ବିଏମ୍‌ସି କେବଳ ଡ୍ରାଏ ଡେ' ପାଳନ କରି ଏବଂ ଅଳ୍ପ କେତେକ ସ୍ଥାନରେ ମଶା ଧୂଆଁଦେଇ ଚୁପ୍ ବସିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, କେବଳ ବିଏମ୍‌ସିରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୦୦ରୁ ଅଧିକ ରହିଛି। କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୧୩୦ରୁ ଅଧିକ ରକ୍ତ ନମୁନା ପରୀକ୍ଷା କରାଯାଉଥିବାବେଳେ ୨୫ରୁ ୨୬ ପଜିଟିଭ ବାହାରୁଛନ୍ତି। ତେବେ ଭୟଭୀତ ନ ହୋଇ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇବାକୁ ପରାମର୍ଶ ଦେଉଛନ୍ତି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ।

## ସଂକ୍ଷେପରେ

### ଡେଲାଙ୍ଗରେ ବିରଳ ବହୁରୂପୀ ଏଣ୍ଡୁଅ



ଡେଲାଙ୍ଗ, ୨୩।୭(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ବ୍ଲକ ବେରବୋଇ ପଞ୍ଚାୟତର ବ୍ରହ୍ମେଶ୍ୱରପୁର ଗ୍ରାମରେ ବିରଳ ବହୁରୂପୀ ଏଣ୍ଡୁଅ ଦେଖାଦେଇଛି। ଫଳରେ ଏହି ଏଣ୍ଡୁଅ ଦେଖିବା ପାଇଁ ଅନେକଙ୍କ ଭିଡ ଜମିବାର ଦେଖିବାକୁ ମିଳିଥିଲା । ତେବେ ଏହି ଏଣ୍ଡୁଅଟି ପ୍ରାୟତଃ ବିରଳ ପ୍ରଜାତିର ହୋଇଥିବାରୁ ଓଡ଼ିଶା ବାହାରେ ଘଞ୍ଚ ଜଙ୍ଗଲରେ ଦେଖିବାକୁ ମିଳେ । ଗ୍ରାମାଞ୍ଚଳରେ ଥିବା ସାଧାରଣ ଏଣ୍ଡୁଅଙ୍କ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବା ବେଳେ ଗଛର ପତ୍ର ଓ ଡାଳରେ ଏହା ବିଭିନ୍ନ ରଙ୍ଗ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା।ଏହି ଏଣ୍ଡୁଅ କିପରି ଭାବରେ ଏଠାକୁ ଆସିଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ

ପୁରୀ, ୨୩।୭(ଅଜିତ୍ ମହାନ୍ତି)- ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସ୍ଥାନୀୟ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ପ୍ରାଥମିକଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା କ୍ରମଶଃ ଭୁଶୁଡ଼ି ପଡିଥିବା ସମ୍ପର୍କରେ ଆଲୋଚନା କରି ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ସୁଧାରିବା, ଶିକ୍ଷକ ନିଯୁକ୍ତି କରିବା, ଶିକ୍ଷାଧିକାରୀମାନେ ବିଦ୍ୟାଳୟରେ ପାଠପଢ଼ାକୁ ନିୟମିତ ତଦାରଖ କରିବା ଓ ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅଭିଭାବକମାନେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପରିବର୍ତ୍ତେ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏହାଦ୍ୱାରା ସରକାରଙ୍କ ଶିକ୍ଷା ଗୁଣାତ୍ମକ ମାନର ବିକାଶ ନିମନ୍ତେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ମାଗଣା, ବହି ଖାତା, ପୋଷାକ, ଜୋତା, ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ବିଫଳ ହୋଇଛି ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର କାଳବିଳମ୍ବ ନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନକଲି ଶିକ୍ଷକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ନ ହେବା ଦୁର୍ଭାଗ୍ୟଜନକ। ନକଲି ଶିକ୍ଷକଙ୍କୁ ବାହାର କରି ଯୋଗ୍ୟ ଶିକ୍ଷକ ନିଯୁକ୍ତ କରିବାକୁ ସଭ୍ୟମାନେ ଦାବି କରିଥିଲେ। ୫ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ ନିମ୍ନମାନର ଓ ଅସୁରକ୍ଷିତ ଦୃଷ୍ଟିରୁ ଅନେକ ସ୍ଥାନରେ ଛାତରୁ ପଲସ୍ତରା ଖସିବା, ପାଣି ଗଳିବା, ସୁରକ୍ଷା ପ୍ରାଚୀର ଭୁଶୁଡିବା ଆଦି ସମସ୍ୟା ଲାଗି ରହିଛି। ଏଭଳି ଦୁର୍ନୀତିର ତୁରନ୍ତ ତଦନ୍ତ କରାଯାଇ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ସମ୍ପାଦକ ଦାବି କରିଛନ୍ତି। ଆଲୋଚନାରେ ପ୍ୟାରୀମୋହନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ବ୍ରହ୍ମାନନ୍ଦ ଦାସ, ସନ୍ତୋଷ ମହାନ୍ତି, ଅର୍ଜୁନ ପରମଗୁରୁ, ବିଜୟ ପଣ୍ଡା, କୃଷ୍ଣମୋହନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରଘୁନାଥ ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ଗଣେଶ୍ୱର ମହାପାତ୍ର ସଭା ପରିଚାଳନା କରିଥିଲେ।

# ଦୁର୍ନୀତି ରୋକିବା ନେଇ ସଚେତନତା

## ବ୍ଲକରେ ବୁଲିଲା ସୂଚନା ରଥ

ଗୋପ, ୨୩।୭
(ଭାରତୀ ଭୂଷଣ ଉପାଧ୍ୟାୟ)




ଗୋପ ବ୍ଲକରେ ପହଞ୍ଚିଥିବା ସୂଚନାରଥକୁ ସ୍ୱାଗତ କରାଯାଉଛି ।

ବ୍ଲକ ସମେତ ରାଜ୍ୟରେ ଦୁର୍ନୀତିକୁ ମୂଳ ପୋଛ ଲାଗି ଆମେ ସବୁବେଳେ ଚେଷ୍ଟା କରୁଛୁ। ଏହି ଲଢେଇ କେବଳ ଏତିକିରେ ସୀମିତ ରହିବ ନାହିଁ। ଏହା ବନ୍ଦ କରିବା ଓ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧରିବା ଏହାର ମୂଳ ଲକ୍ଷ୍ୟ ବୋଲି ରବିବାର ଗୋପ ବ୍ଲକର ବିଭିନ୍ନ ସ୍ଥାନରେ ଜନସଚେତନତା ସୃଷ୍ଟି ପାଇଁ ଓଷ୍ଟା ପକ୍ଷରୁ ସୂଚନା ରଥ ପରିକ୍ରମା ବେଳେ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ଏହା କହିଥିଲେ। ଏହି ସୂଚନା ରଥ ପରିକ୍ରମା ସମୟରେ ସୂଚନା ଅଧିକାର ଆଇନର ରାଜ୍ୟ ଆବାହକ ପ୍ରଦୀପ୍ତ କୁମାର ପ୍ରଧାନ, ଉପଦେଷ୍ଟା ଆଇନଜୀବୀ ସୁଧୀର କୁମାର ମହାନ୍ତିଙ୍କ ସମେତ ଆଉ କେତେକ ସୂଚନା ଅଧିକାର ଆଇନରେ ଥିବା ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ପୁରୀ ଜିଲାରେ ଏହି ସୂଚନା ରଥ ପରିକ୍ରମା ଦୀର୍ଘ ଦୁଇ ସପ୍ତାହ ଧରି ବୁଲିବାର କାର୍ଯ୍ୟକ୍ରମ ରହିଥିବା ବେଳେ ରବିବାର ପୂର୍ବାହ୍ନରେ ଗୋପ ବ୍ଲକ ନିକଟରେ ପହଞ୍ଚିବା ପରେ ସୂଚନା ରଥକୁ ସ୍ୱାଗତ କରାଯିବା ସହ ଏକ ପଥପ୍ରାନ୍ତ ସଭା କରାଯାଇ ଏହି ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷ ପରେ ବିଭିନ୍ନ ସ୍ଥାନରେ ସୂଚନା ରଥ ପରିକ୍ରମା ସମ୍ପର୍କରେ ସୂଚନା ଦିଆଯାଇଥିବା ବେଳେ ଜନସଚେତନତା ସୃଷ୍ଟି କରାଯାଇଥିଲା।

# ‘ପୋଲିସ ସର୍ବଦା ଶୃଙ୍ଖଳାକୁ ଧ୍ୟାନ ଦିଏ’

## ଟଙ୍କା ନେଇ ଭକ୍ତଙ୍କୁ ଛାଡିବା ଘଟଣାରେ ଏସ୍‌ପିଙ୍କ ସୂଚନା

ପୁରୀ, ୨୩।୭ (ଅଜିତ୍ ମହାନ୍ତି)

ଯାତ୍ରୀ ଗୁମାସ୍ତାଙ୍କଠାରୁ ଟଙ୍କା ନେଇ ଭକ୍ତମାନଙ୍କୁ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ପରିସରକୁ ପୋଲିସ କର୍ମଚାରୀ ଛାଡିବା ଘଟଣା ସମ୍ପର୍କରେ ଏସ୍‌ପି କେ ବିଶାଲ ସିଂହ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଶନିବାର ଶ୍ରୀମନ୍ଦିର ପଶ୍ଚିମଦ୍ୱାରଠାରେ ନିୟୋଜିତ ଥିବା ଜଣେ ପୋଲିସ କର୍ମଚାରୀ ଯାତ୍ରୀ ଗୁମାସ୍ତାଙ୍କଠାରୁ ଟଙ୍କା ନେଇ ଭକ୍ତଙ୍କୁ ଶ୍ରୀମନ୍ଦିରକୁ ଛାଡିବା ଘଟଣା ନଜରକୁ ଆସିବା ପରେ ପୋଲିସ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଅତିରିକ୍ତ ଏସ୍‌ପିଙ୍କ ପକ୍ଷରୁ ପ୍ରାଥମିକ ତଦନ୍ତ କରାଯାଇ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ବର୍ତ୍ତମାନ ପୂର୍ଣ୍ଣାଙ୍ଗ ତଦନ୍ତ ଜାରି ରହିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ କୁମାର ମିଶ୍ର ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ କୈଶିକ୍ ନାୟକଙ୍କ ପକ୍ଷରୁ ମିଳିତ ଭାବରେ ତଦନ୍ତ କରାଯାଉଛି। ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପରେ ସମସ୍ତ ଘଟଣାକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ। ପୋଲିସ ପକ୍ଷରୁ ସର୍ବଦା ଶୃଙ୍ଖଳା ଉପରେ ଧ୍ୟାନ ଦିଆଯାଉଛି। ତେବେ ପୋଲିସ ନଜରକୁ ଯାହା ଯାହା ଅଭିଯୋଗ ଆସୁଛି ତାହାର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭକ୍ତଙ୍କ ଦର୍ଶନ ଉପରେ ପୋଲିସ ପକ୍ଷକୁ ଫୋକସ କରାଯାଉଛି। ବର୍ତ୍ତମାନ ଭକ୍ତମାନେ ସୁବିଧାରେ ଶୃଙ୍ଖଳିତ ଭାବରେ ସିଂହଦ୍ୱାର ଦେଇ ଦର୍ଶନ କରୁଛନ୍ତି। ସେହିପରି ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଏସ୍‌ପି ସିଂହ କହିଥିଲେ, ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାହା ଯାହା ସାହାଯ୍ୟ ଦରକାର ତାହା ଯୋଗାଇ ଦେବା ପାଇଁ ପୋଲିସ ସର୍ବଦା ପ୍ରସ୍ତୁତ ରହିଛି। ତେବେ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ ବୋଲି ଏସ୍‌ପି ସିଂହ କହିଥିଲେ।

# ଲିଟିଲଷ୍ଟାର ଗ୍ରୁପ୍‌ର ପାଠ ମଉଜ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ମେଧାବୀ ଛାତ୍ରୀଛାତ୍ର ବୃନ୍ଦ।

ନିମାପଡ଼ା, ୨୩।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ସ୍ୱେଚ୍ଛାସେବୀ ସଂସ୍ଥା ଲିଟିଲଷ୍ଟାର ଗ୍ରୁପ୍‌ର ୧୯ତମ ପାଠ ମଉଜ ଉତ୍ସବ ମେଧାବୀ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ନିମାପଡ଼ା ପାଟପୁର ଗ୍ରାମରେ ବାବା କପିଳେଶ୍ୱରଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ଲେଖିକା, କବି, ସାହିତ୍ୟିକା, ଖବରଦାତା ଶୁଭଦର୍ଶିନୀ ମିଶ୍ର, ଭି.ଗାର୍ଡର ପରିଚାଳନା ନିର୍ଦ୍ଦେଶକ ସୁମନ୍ତ ପ୍ରଧାନ, ଶିକ୍ଷାବିତ୍ ତଥା ଶିଶୁ ପତ୍ରିକା ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ଅଧ୍ୟାପକ ସୁବ୍ରତ ମହାନ୍ତି, ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା, ଉତ୍ତମ ନାଗରିକ ଓ ଭଲ ମଣିଷ ହୋଇ ଦେଶ ଓ ରାଜ୍ୟକୁ ସମ୍ମାନ, ମର୍ଯ୍ୟାଦା ରଖିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଲିଟିଲଷ୍ଟାର ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା ଅଧକ୍ଷତା କରି ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷକ ନିର୍ମଳ ମିଶ୍ର, ସାମାଜିକ କର୍ମୀ ବିକାଶ ବାରିକ୍, ଅଜୟ ମିଶ୍ର, ନିରଞ୍ଜନ ସାହୁ ପ୍ରମୁଖ ସମାରୋହରେ ସଂଯୋଜନା ଓ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ କଲେଜରେ ଚଳିତ ଯୁକ୍ତ୨ ଓ ଯୁକ୍ତ ୩ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ବିଭାଗରେ ଟପ୍ପର, ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇଥିବା ଓ ଚଳିତ ମାଟ୍ରିକ ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରେ ଏ-୧ରେ ପାସ କରି ବିଦ୍ୟାଳୟର ମାନ, ଗୌରବ ରଖିଥିବା ମୋଟ୍ ୩୮ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବହୁ ଶିକ୍ଷାବିତ୍, କବି, ସାହିତ୍ୟିକ, ଅଧ୍ୟାପକ, ଶିକ୍ଷକ, ସାମାଜିକ କର୍ମୀ, ବହୁ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସମାରୋହରେ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




ପୁରୀ ନୀଳାଦ୍ରି ବେଳାଭୂମିରେ ସମ୍ପର୍କ ସାହିତ୍ୟ ଅନୁଷ୍ଠାନର ଆୟୋଜିତ ସାହିତ୍ୟ ଆସରରେ ସଦାଶିବ ମିଶ୍ରଙ୍କ ‘ଅପରାହ୍ନରେ ସୂର୍ଯ୍ୟ’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ମାନସିକ ବିକାରଗ୍ରସ୍ତ ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ

ନିମାପଡ଼ା, ୨୩।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧା(୭୫)ଙ୍କୁ ବଳାତ୍କାର କରାଯାଇଥିବା ତାଙ୍କ ବଡ଼ ବୋହୂ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ନଂ.୩୪୧, ୪୫୦, ୩୨୩, ୩୫୪(ବି), ୫୦୬, ୩୭୬ ଓ ୩୪ରେ ନଂ.କେସ ନଂ.୨୫୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ବଳାତ୍କାର କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖିଛି। ବୃଦ୍ଧାଙ୍କୁ ଡାକ୍ତରୀମାଇନା ପାଇଁ ନିମାପଡ଼ା ମେଡିକାଲକୁ ପଠାଇଛି। ଘଟଣାବେଳେ ବୃଦ୍ଧାଙ୍କ ପାଟିଶୁଣି ବଡ଼ ବୋହୂ ଆସିବା ବେଳେ ଯୁବକ ଜଣକ ଫେରାର ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ବୋହୂ ଜଣକ ଯୁବକଙ୍କୁ ଅଟକାଇବାରୁ ବିଭିନ୍ନ ଧମକ ଦେଇ ସେ ଖସିଯାଇଥିଲା। ଏ ସମ୍ପର୍କରେ ରବିବାର ବୋହୂ ଜଣକ ଉକ୍ତ ଯୁବକଙ୍କ ବୋଉ ଓ ଭଉଣୀ ମିଶି ମୋତେ ମାରି ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ବ୍ରହ୍ମଗିରି ସଂଗଠନ ନିର୍ମାଣ ଉପରେ ଏଏପି ବୈଠକ

ପୁରୀ ୨୩।୭( ଅଜିତ୍ ମହାନ୍ତି)

ଆମ୍ ଆଦମୀ ପାର୍ଟି(ଏଏପି) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ସାଂଗଠାନିକ ପ୍ରକ୍ରିୟା ଉପରେ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ରବିବାର ଏକ ବୈଠକ କରାଯାଇ ବିସ୍ତୃତ ଆଲୋଚନା କରାଯାଇଛି। ଆସନ୍ତା ଏକ ମାସ ପାଇଁ ବ୍ରହ୍ମଗିରିର ସଂଗଠନ ନିର୍ମାଣ ଉପରେ ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ପାର୍ଟି ପକ୍ଷରୁ ସୂଚନା ଦିଆଯାଇଛି। ବ୍ରହ୍ମଗିରି ନିର୍ବାଚନକୁ ଓହ୍ଲେଇବା ପୂର୍ବ ପ୍ରସ୍ତୁତି ପାଇଁ ଜିଲା ସଭାପତି ସଞ୍ଜୀବ ମହାନ୍ତି, ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ମୁଖ୍ୟ ପ୍ରବକ୍ତା ଅନିଲ କୁମାର ସେନାପତି, ଜିଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ବ୍ରହ୍ମଗିରି ବିଧାନସଭା ସଭାପତି ଶ୍ୟାମଳେନ୍ଦୁ ପ୍ରଧାନ, ବ୍ରହ୍ମଗିରି ବ୍ଲକ ସଭାପତି ଯୁଧିଷ୍ଠିର ବାରିକ ଆଦି ଉପସ୍ଥିତ ରହି ଆଲୋଚନା କରିଥିଲେ।

# ବିରିୟାନି ଖାଇବାବେଳେ ବାହାରିଲା ଝିଟିପିଟି

## ଭିଡିଓ ଭାଇରାଲ

ପୁରୀ, ୨୩।୭(ଅଜିତ୍ ମହାନ୍ତି)

ଚନ୍ଦନପୁର ବଜାରରେ ଥିବା ଏକ ହୋଟେଲରୁ ଜଣେ ଯୁବକ ବିରିୟାନୀ ଖାଇବାବେଳେ ନିଜ ପ୍ଲେଟରେ ଏକ ଝିଟିପିଟି ପଡିଥିବା ନେଇ ସେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଉକ୍ତ ଦୁଇ ଯୁବକ ହୋଟେଲ ମାଲିକଙ୍କୁ କହିବା ପରେ ହୋଟେଲ ମାଲିକ ସମ୍ପୃକ୍ତ ଯୁବକଙ୍କୁ ଦୁର୍ବ୍ୟବହାର କରିଥିବା ଭଳି ଅଭିଯୋଗ ହୋଇଛି। ଖାଦ୍ୟରୁ ଝିଟିପିଟି ବାହାରିବା ପରେ ହୋଟେଲରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିରିୟାନୀରେ ଝିଟିପିଟି ପଡିଥିବା ଦେଖି ସମ୍ପୃକ୍ତ ଯୁବକ ନିଜ ମୋବାଇଲରେ ଝିଟିପିଟି ପଡିବାର ଭିଜୁଆଲକୁ କଏଦ କରିଥିଲେ। ତେବେ ନିଜ ଭୁଲ୍‌କୁ ସ୍ୱୀକାର କରିବା ବଦଳରେ ହୋଟେଲର କର୍ମଚାରୀମାନେ ଓଲଟା ଯୁକ୍ତି କରୁଥିଲେ। ଚନ୍ଦନପୁର ବଜାର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କ’ଣ ପାଇଁ ଖାଦ୍ୟର ମାନକୁ ଯାଞ୍ଚ କରାଯାଉନାହିଁ, ତାହାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ଖାଦ୍ୟରୁ ବାହାରି ଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି, ଦୁଇଜଣ ଯୁବକ ଉକ୍ତ ହୋଟେଲରେ ବିରିୟାନି ଖାଉଥିବା ବେଳେ ସେଥିରୁ ଏକ ମଲା ଝିଟିପିଟି ପଡିଛି। ଉକ୍ତ ଘଟଣାକୁ ନେଇ ହୋଟେଲ ଏବଂ ଉକ୍ତ ଦୁଇ ଯୁବକଙ୍କ ମଧ୍ୟରେ କଥା କଟାକଟି ହେଉଛି।

# ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳିତ



ବିଦ୍ୟାଳୟ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ବ୍ରହ୍ମଗିରି, ୨୩।୭(ସ୍ୱାଧୀନ ଚମ୍ପତିରାୟ):

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଶୀତଳପଦାସ୍ଥିତ ଶିତଳପଦା ପ୍ରାଥମିକ ଓ ହରିସହଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ରବିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ଜେନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ସିଦ୍ଧେଶ୍ୱର କରଣ, ସରପଞ୍ଚ ସରୋଜ ଲେଙ୍କା ପ୍ରମୁଖ ଯୋଗଦେଇ ଥିଲେ। ଉତ୍ସବରେ ଅତିଥିମାନେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦଣ୍ଡପାଣି ନାୟକଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ଅବଦାନ ସମ୍ପର୍କରେ ଅଲୋକପାତ କରିଥିଲେ। ପରେ ଅତିଥିମାନେ ଏହି ବିଦ୍ୟାଳୟଦ୍ୱୟ ଶିକ୍ଷାକ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ତାହା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ବିଦ୍ୟାଳୟ ପାଇଁ ଅବଦାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଓ ପୁରାତନ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜାତୀୟସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ବନ୍ଧୁମିଳନ

ପୁରୀ, ୨୩।୭(ଅଜିତ୍ ମହାନ୍ତି)

ଜାତୀୟସେବା ଯୋଜନାର ପୁରାତନ ସ୍ୱେଚ୍ଛାସେବୀଙ୍କ ବନ୍ଧୁ ମିଳନ ଆଖଣ୍ଡଳମଣି ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ଅଧ୍ୟାପକ ଜାତୀୟ ସେବା ଯୋଜନାର ଅଧିକାରୀ ସୁକାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବାସୁଦେବ ଛାଟୋଇ ଯୋଗଦେଇଥିଲେ। ବିଭିନ୍ନ ବ୍ୟାଚର ଛାତ୍ରୀଛାତ୍ର ଯୋଗଦେଇ ଭବିଷ୍ୟତରେ ସେବା କାର୍ଯ୍ୟକ୍ରମକୁ ଆହୁରି ଆଗେଇ ନେବା ପାଇଁ ଉତ୍ସାହିତ କରିଥିଲେ। ପ୍ରାଧ୍ୟାପକ ବିଶ୍ୱଜିତ ଦାଶ, ଅଧ୍ୟାପକ ସୁଶାନ୍ତ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସନ୍ତୋଷ ସାହୁ, ରାଧାକାନ୍ତ ସରଙ୍ଗୀ, ମମତା ଦାସ ମହାପାତ୍ର, କାଳିପ୍ରସାଦ ରାଉତରାୟ, ସତ୍ୟସୁନ୍ଦର ଦାସ, ସତ୍ୟନାରାୟଣ ମିଶ୍ର, ରୁପାଲୀ ଦାସ, ରାମକୃଷ୍ଣ ସାହୁ, ରୁଦ୍ରପ୍ରସାଦ ବାରିକ, ପ୍ରଦ୍ୟୁମ୍ନ ପ୍ରଧାନ, ମିତାଲି ଦାଶ, ଦିବ୍ୟଜ୍ୟୋତି ବେହେରା, ସନ୍ଦୀପ ହୋତା, ରବିନାରାୟଣ ଦୁବେ, କୃଷ୍ଣଚନ୍ଦ୍ର ସାହୁ ନେତୃତ୍ୱ ନେଇଥିଲେ। ଆଗାମୀ ଦିନରେ ଚାରାରୋପଣ, ସ୍ୱଚ୍ଛତା, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଶପଥଗ୍ରହଣ କରିଥିଲେ। ସାମ୍ବାଦିକ ଜଗନ୍ନାଥ ବସ୍ତିଆଙ୍କୁ ପୁରାତନ ଛାତ୍ର ଓ ଜାତୀୟ ସେବା ଯୋଜନା ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ଡ. ମନୋଜ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।




ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ ।

# ଶୃଙ୍ଖଳିତ ସମାଜ ପାଇଁ କବିମାନେ ସଂକଳ୍ପବଦ୍ଧ ହୁଅନ୍ତୁ

ପୁରୀ, ୨୩।୭(ଅଜିତ୍ ମହାନ୍ତି)




ମୌସୁମୀ ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

କୋଣାର୍କ ଓଡ଼ିଶା ପରିବାର, ଭୁବନେଶ୍ୱର ପକ୍ଷରୁ କବି କପିଳେଶ୍ୱର ଖମାରୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ପରିଚାଳନାରେ ସ୍ଥାନୀୟ ଯୁଥ ହଷ୍ଟେଲ ପରିସରରେ ମୌସୁମୀ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଆସରକୁ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ଇଂ.ଯାମିନୀକାନ୍ତ ଦାସ, ରାଜକିଶୋର ଦାଶ, ରମେଶ ଚନ୍ଦ୍ର ଖାଡେଙ୍ଗା, ପ୍ରାବନ୍ଧିକ ସରୋଜ ହାତୀ ଓ ସତ୍ୟନାରାୟଣ ମିଶ୍ର, ଗୀତିକାର ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସାମ୍ପ୍ରତିକ ସମାଜରେ ଦେଶାତ୍ମବୋଧର ଅଭାବ, ଅରୁଚିକର ସଙ୍ଗୀତ ଓ ଗଣମାଧ୍ୟମର ଓଡ଼ିଆ ଭାଷା ଉପରେ ଆକ୍ରମଣକୁ ପ୍ରତିହତ କରି ଏକ ବିକଶିତ ଭାରତବର୍ଷ ଓ ଶୃଙ୍ଖଳିତ ସମାଜ ପାଇଁ କବିମାନେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସୋପାନରେ ଅନୁଷ୍ଠିତ ଏହି ଆସରରେ ଅନିତା ପଟ୍ଟନାୟକ ଓ ମୌସୁମୀ ଦାସ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିବାନନ୍ଦ ବାରିକ୍, ସର୍ବାଣୀ ଦାସ ଓ ସଞ୍ଜୟ ଜୟସିଂହ। ଏହି ଆସରରେ କବି ପବିତ୍ର ମୋହନ ଦାଶ, ପ୍ରସନ୍ନ ସ୍ୱାଇଁ, ଆଲୋକ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ପ୍ରେମଚାନ୍ଦ ମହାନ୍ତି, ତୋଫାନ ଜେନା, ଯୋଗେଶ ହୋତା, ମୁକୁନ୍ଦ ଶତପଥୀ, ବିପିନ୍ ଦଳାଇ, ଶ୍ୟାମପ୍ରକାଶ ସେନାପତି, ସଞ୍ଜୀବ ଦାସ, କମଳ କୁମାର ଦାସ, ଗୌରୀ ସାହୁ, ବିଚିତ୍ରା ଦାଶ, ସୁଚିତ୍ରା ରଥ, ସ୍ୱାଗତିକା ଦାଶ, ହୃଷୀକେଶ ଦାଶ, ସିଶ୍ରିକ୍ତା ଶୁଭଦର୍ଶିନୀ ନାୟକ, ରଜିତ ଦାଶ, ସସ୍ମିତା ଷଡ଼ଙ୍ଗୀ, ଜ୍ୟୋତିରଞ୍ଜନ, ପ୍ରଶାନ୍ତ ମହାନ୍ତି, କନକଲତା ଦାସ, ବିଜୟ ପଣ୍ଡା, ସଂଗ୍ରାମ ମହାରଣା, ବିଜୟ ପୃଷ୍ଟି, ବାସନ୍ତୀ ବାରିକ, ରବୀନ୍ଦ୍ର କୁମାର ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଶାର ବିଶିଷ୍ଟ କବିମାନଙ୍କ ମୌସୁମୀ କବିତାରେ ସମୁଦ୍ରରେ ଇନ୍ଦ୍ରଧନୁ ଦିଶୁଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ବିଶିଷ୍ଟ କବି ତଥା ସଂଗଠକ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କଠାରୁ ଚୋରି ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କଠାରୁ ଚୋରି କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ତିହିଡ଼ି ଥାନା ଅଞ୍ଚଳର ଗଦାଧର ଜେନା (୪୫)। ଗଦାଧରଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। ହେଲେ ସେ ଚୋରି ଟଙ୍କାକୁ ଖର୍ଚ୍ଚ କରିଦେଇଥିବା ପୋଲିସକୁ କହିଛନ୍ତି। ସୂଚନା ଅନୁଯାୟୀ, ରୋଗୀ ମୋନାଲିସା ଭଗତଙ୍କ ଗୋଡ ଖରାପ ଥିବାରୁ ସପ୍ତାହେ ହେବ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବୁଧବାର ସକାଳେ ଗଦାଧର ହସ୍ପିଟାଲକୁ ଯାଇ ମୋନାଲିସାଙ୍କ ନିକଟରେ ଥିବା ୮ ହଜାର ୫୦୦ ଟଙ୍କା ଏବଂ କିଛି କାଗଜପତ୍ର ଚୋରିକରି ନେଇଯାଇଥିଲେ। ସେହିଭଳି ଗୁରୁବାର ମଧ ମୋନାଲିସାଙ୍କଠାରୁ ଗଦାଧର ମୋବାଇଲ ଚୋରି କରି ନେଇଯାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ଏତଲା ପରେ ପୋଲିସ ଏକ ମାମଲା (ନଂ. ୪୫୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଡେଙ୍ଗୁ ମୃତ୍ୟୁ: ସମୀକ୍ଷା ପରେ ସ୍ପଷ୍ଟ ହେବ

ଭୁବନେଶ୍ୱର,୨୩।୭(ବନ୍ଦନା ସେଠୀ)

- ଆଜି ସ୍ଥିତି ଯାଞ୍ଚ କରିବେ ଜନସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ
- ସହରରୁ ଦୈନିକ ପ୍ରାୟ ୨୫ ରୋଗୀ ଚିହ୍ନଟ ହେଉଛନ୍ତି
- ଭୟଭୀତ ନ ହୋଇ ଚିକିତ୍ସା କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ




ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ୨୫୦ ଛୁଇଁଥିବାବେଳେ ଦୈନିକ କ୍ୟାପିଟାଲ ହସ୍ପିଟାଲରୁ ପାଖାପାଖି ୨୦ ରୋଗୀ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ ଡେଙ୍ଗୁରେ ଆକ୍ରାନ୍ତ ଥିବା ୭ ବର୍ଷର ନାବାଳିକା ସାଇସ୍ମିତା ସାହୁ ଓରଫ ପିହୁ(୭)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପିହୁଙ୍କ ଘର ଜାଗମରାସ୍ଥିତ ଉପରସାହିର ହୋଇଥିବାବେଳେ ଗତ ସୋମବାରଠାରୁ ସେ ଜ୍ୱରରେ ପୀଡିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଛି। ଏହା ଚଳିତବର୍ଷର ପ୍ରଥମ ଡେଙ୍ଗୁ ମୃତ୍ୟୁ କୁହାଯାଉଥିବାବେଳେ ଏନେଇ ସରକାରୀ ଭାବେ କିଛି ଘୋଷଣା କରାଯାଇନାହିଁ। ତେବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଉକ୍ତ ନାବାଳିକା ଜଣକ ଜ୍ୱର ସହ ଅନ୍ୟ ରୋଗରେ ମଧ ପୀଡିତ ଥିଲେ। ତେବେ କେଉଁ କାରଣ ଲାଗି ନାବାଳିକାଙ୍କ ମୃତ୍ୟୁ ହୋଇଛି ସେନେଇ ସମ୍ପୃକ୍ତ ଘରୋଇ ମେଡିକାଲ ପକ୍ଷରୁ କିଛି ରିପୋର୍ଟ ପ୍ରଦାନ କରାଯାଇନାହିଁ। ସୋମବାର ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏନେଇ ସମୀକ୍ଷା କରାଯିବ। ଯୁଗ୍ମ ନିର୍ଦ୍ଦେଶକଙ୍କ ସ୍ଥିତି ସମୀକ୍ଷା ପରେ ସରକାରୀ ଭାବେ ଏନେଇ ସୂଚନା ଦିଆଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଡେଙ୍ଗୁ ଟେଷ୍ଟିଂ ନ କରି ସମ୍ପୃକ୍ତ ନାବାଳିକା ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜ୍ୱର ସହ ଅନ୍ୟ ରୋଗରେ ପୀଡିତ ଥିଲେ। ଚିକିତ୍ସାରେ ଅବହେଳା ହୋଇଥିବା ଘଟଣା ମଧ ସାମ୍ନାକୁ ଆସୁଛି। ତେବେ ସୋମବାର ସନ୍ଧ୍ୟା ସୁଦ୍ଧା ଏନେଇ ସ୍ପଷ୍ଟ କରାଯିବ। ଅପରପକ୍ଷେ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜଧାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ପ୍ରଶାନ୍ତ ସାହୁ ଓ ଗୃହିଣୀ ଲିପିକାଙ୍କ ଝିଅ ପିହୁ ଧର୍ମବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଥିଲେ। ଘରୋଇ ଡାକ୍ତରଖାନା ଆଇସିୟୁରେ ଚିକିତ୍ସାଧୀନ ଥିବାବେଳେ ଶନିବାର ପିହୁଙ୍କ ମୃତ୍ୟୁ ହୋଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। କିନ୍ତୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା ନେଇ ପରିବାର ଲୋକେ ଅଭିଯୋଗ କରିବା ସହ ହସ୍ପିଟାଲରେ ହୋହଲ୍ଲା କରିଥିଲେ। ଖଣ୍ଡଗିରି ପୋଲିସ ସେଠାରେ ପହଞ୍ଚି ବୁଝାଶୁଝା ପରେ ମୃତଦେହ ହସ୍ତାନ୍ତର କରାଯାଇଥିଲା।

### ଅବହେଳାରୁ ହଟ୍‌ସ୍ପଟ୍

ଅବହେଳାରୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ୍ ପାଲଟିଛି। ରାଜ୍ୟର ସର୍ବାଧିକ ଡେଙ୍ଗୁ ରୋଗୀ ଭୁବନେଶ୍ୱରରୁ ଚିହ୍ନଟ ହେଉଛନ୍ତି। ପୂର୍ବବର୍ଷ ମଧ ସମାନ ସ୍ଥିତି ଉପୁଜିଥିଲା। ପ୍ରଥମରୁ ଡେଙ୍ଗୁକୁ ନେଇ ବିଏମ୍‌ସି ଅବହେଳା ଦେଖାଇଥିବାରୁ ଏକାଧିକ ଲୋକଙ୍କ ଜୀବନ ଯାଇଥିଲା। ମାତ୍ର ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ସ୍ଥିତି ଆହୁରି ଖରାପ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଏବଂ ଅପରିଷ୍କାର ପାଣି ଜମାହୋଇ ରହୁଥିବାରୁ ଡେଙ୍ଗୁରୋଗର ବାହକ ଏଡିସ୍ ମଶାର ବଂଶ ବିସ୍ତାର ପାଇଁ ସୁବିଧା ହେଉଛି। ବିଏମ୍‌ସି କେବଳ ଡ୍ରାଏ ଡେ' ପାଳନ କରି ଏବଂ ଅଳ୍ପ କେତେକ ସ୍ଥାନରେ ମଶାଧୂଆଁଦେଇ ଚୁପ୍ ବସିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, କେବଳ ବିଏମ୍‌ସିରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୨୦୦ରୁ ଅଧିକ ରହିଛି। କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୧୩୦ରୁ ଅଧିକ ରକ୍ତ ନମୁନା ପରୀକ୍ଷା କରାଯାଉଥିବାବେଳେ ୨୫ରୁ ୨୭ ପଜିଟିଭ ବାହାରୁଛନ୍ତି। ତେବେ ଭୟଭୀତ ନ ହୋଇ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଛନ୍ତି କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ।

# 'ଭଙ୍ଗା ଘରେ ଚକାଜହ୍ନ' ପାଠକାର୍ପିତ




ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ମନୋବିଜ୍ଞାନୀ ପ୍ରଫେସର ଡ.ବସନ୍ତ କୁମାର ଦାସଙ୍କ ଆତ୍ମଜୀବନୀ 'ଭଙ୍ଗାଘରେ ଚକାଜହ୍ନ' ରବିବାର ସ୍ଥାନୀୟ ଏକ ହୋଟେଲରେ ପାଠକାର୍ପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଔପନ୍ୟାସିକ ଡ.ବିଭୂତି ପଟ୍ଟନାୟକ ପ୍ରଫେସର ଦାସଙ୍କର ଜୀବନ ଉପରେ ଏକ ସାମଗ୍ରିକ ସମୀକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଫେସର ବସନ୍ତ ଦାସଙ୍କର ଜୀବନର ନାନା ସଂଗ୍ରାମ ଏବଂ ସକାରାତ୍ମକ ମାନସିକତା ସହିତ ସେହି ସଂଗ୍ରାମର ସମ୍ମୁଖୀନ ପ୍ରସଙ୍ଗଗୁଡ଼ିକ ତାଙ୍କର ଅଭିଭାଷଣରେ ସ୍ଥାନିତ କରିଥିଲେ । ଜୀବନର ବିଭିନ୍ନ କ୍ଷେତ୍ରରେ ମନୋବିଜ୍ଞାନକୁ ପ୍ରୟୋଗ କରି ସଫଳତା ଆତ୍ମତୃପ୍ତି ଅର୍ଜନ କରିଥିବାର ପ୍ରସଙ୍ଗ ଗୁଡ଼ିକୁ ସମ୍ମାନିତ ଅତିଥି ପ୍ରଫେସର ଡକ୍ଟର ଅଜିତ୍ ମହାନ୍ତି ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ନାଟ୍ୟକାର ସୁବୋଧ ପଟ୍ଟନାୟକ କହିଛନ୍ତି, ରଙ୍ଗମଞ୍ଚ ନାଟକର ନିର୍ଦ୍ଦେଶନା ଏବଂ ନିର୍ଦ୍ଦେଶନାରେ ପ୍ରଫେସର ଦାସ ନୃତ୍ୟ-ନାଟ୍ୟ ରଚନାରେ ଅପାର ଆନନ୍ଦ ଲାଭ କରୁଥିଲେ। ଲେଖକ ଡ.ଦାସ ୬ଶହ ପୃଷ୍ଠା ବିଶିଷ୍ଟ ଆତ୍ମଜୀବନୀରେ ନିଜସ୍ୱ ଅନୁଭୂତି ଓ ଏହାର ଆଭିମୁଖ୍ୟ ସମ୍ପର୍କ ଆଲୋକପାତ କରିଥିଲେ। ସଭା ସଞ୍ଚାଳନ କରିଥିଲେ ପ୍ରାବନ୍ଧିକ ତଥା ବନ୍ଧୁଘର ସାହିତ୍ୟ ପିଣ୍ଡାର ମୁଖ୍ୟ ବୈଷ୍ଣବ ଚରଣ ମହାନ୍ତି। ପ୍ରଫେସର ବସନ୍ତ ଦାସଙ୍କର କନିଷ୍ଠ ପୁତ୍ର ତୀର୍ଥଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷାଜଳ ନିଷ୍କାସନରେ ବାଧକ ଜବରଦଖଲ

ପୁରୁଣା ଭୁବନେଶ୍ୱର,୨୩।୭
(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫେଇ ଓ ମରାମତି କରାଯାଇଛି। ମାତ୍ର ଅସରାଏ ବର୍ଷା ହେଲେ ବିଏମ୍‌ସି ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରର ବହୁ କଲୋନୀ, ସାହି ରାସ୍ତାରେ ପାଣି ଜମିବା ସହ ଘରେ ପଶୁଥିବା ନଜିର ରହିଛି। ତେବେ ଜବରଦଖଲ ଯୋଗୁ ପାଣି ଜମୁଥିବା ସାଧାରଣରେ ମତପ୍ରକାଶ ପାଇଛି। ବହୁ ପାଣି ନାଳ ଥିବା ଜମି ପୋତାଯାଇ ରାସ୍ତା ଓ ଘର ନିର୍ମାଣ ହେବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଗୋସାଗୋରେଶ୍ୱର ଛକଠାରୁ ମାଉସୀମା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜମିରେ ଘର ନିର୍ମାଣ ହୋଇଛି। ପୁରୁଣା ଭୁବନେଶ୍ୱର ସାହିଗୁଡ଼ିକରେ ପୁରୁଣା ରାସ୍ତା ପତନ ପୂର୍ବ ଅପେକ୍ଷା ଉଚ୍ଚ କରି ନିର୍ମାଣ କରାଯାଇଛି। ବର୍ଷା ହେଲେ ଅନେକ ସାହି ବାସିନ୍ଦାଙ୍କୁ ଜଳବନ୍ଦୀ ସମସ୍ୟା ଭୋଗିବାକୁ ପଡୁଛି। ସେହିପରି ବର୍ଷ ବର୍ଷ ଧରି ତିନିମୁଣ୍ଡିଆ ଛକସ୍ଥିତ ବୈତାଳ ମନ୍ଦିର ପରିସରରେ ପାଣି ଜମୁଥିଲେ ମଧ ସ୍ଥାୟୀ ପ୍ରତିକାର କରାଯାଉନାହିଁ। କେବଳ ମୋଟର ପମ୍ପ ହିଁ ଜଳ ନିଷ୍କାସନର ମାଧ୍ୟମ ପାଲଟିଛି। ମନ୍ଦିରରୁ ସ୍ୱତନ୍ତ୍ର ଜଳ ନିଷ୍କାସନ ନାଳଟିଏ ସିଧା ଅସୁର କିଆରିକି ରହିଥିବାବେଳେ ଜବରଦଖଲକାରୀଙ୍କ ଘର ନିର୍ମାଣ, ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଏହା ପୋତିହୋଇଯାଇଛି। ସେହିପରି ବହୁ ଐତିହ୍ୟ ମନ୍ଦିରର ପରିସରରେ ମଧ ବର୍ଷାଜଳ ଜମିରହୁଛି। ଜନପ୍ରତିନିଧି ଓ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ସ୍ୱାସ୍ଥ୍ୟ ବିଭାଗର ଚୁକ୍ତିଭିତ୍ତିକ ଠିକା କର୍ମଚାରୀଙ୍କ ବୈଠକ

ଭୁବନେଶ୍ୱର,୨୩।୭(ଅଭିଜିତ ଦାସ): ସ୍ୱାସ୍ଥ୍ୟ ବିଭାଗର ଚୁକ୍ତିଭିତ୍ତିକ ଠିକା କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିନେଇ ରବିବାର ଭୁବନେଶ୍ୱରସ୍ଥିତ ଆଇଏମ୍ଏ ହାଉସ୍‌ଠାରେ ଏକାଠି ହୋଇ ବୈଠକ କରିଥିଲେ। ଉକ୍ତ ବୈଠକରେ ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସଦର ଓ ଉପଖଣ୍ଡ ହସ୍ପିଟାଲର ବହୁ ଠିକା କର୍ମଚାରୀ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀ ସଂଘ ସଭାପତି କବି ପ୍ରସାଦ ସାହୁ କ୍ଷୋଭ ପ୍ରକାଶ କରି କହିଛନ୍ତି, ସରକାର ସ୍ଥାୟୀ ନିଯୁକ୍ତି ଘୋଷଣା କରିଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାମ କରୁଥିବା ଠିକା କର୍ମଚାରୀଙ୍କର ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ଚାକିରି ମିଳିପାରିନାହିଁ। ବନ୍ୟା, ବାତ୍ୟା ଓ କୋଭିଡ୍ ଭଳି ମହାମାରୀ ସମୟରେ କାର୍ଯ୍ୟରତ କର୍ମୀମାନେ ଚିକିତ୍ସା ଯୋଗାଇଦେଉଥିଲେ ମଧ ଏବେ ବି ସ୍ଥାୟୀ ନିଯୁକ୍ତି ଆଶାରେ ରହିଛନ୍ତି। ଯଦି ଆଗାମୀ ଦିନରେ ଏହାର ସମାଧାନ ନ କରାଯାଏ ତେବେ ସ୍ୱାସ୍ଥ୍ୟ ବିଭାଗର କ୍ଷତି ହେବ ବୋଲି ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି।



ଭୁବନେଶ୍ୱରରର ଏକ ହୋଟେଲରେ ଚଳଚ୍ଚିତ୍ର 'ଅଭିସାର'ର ପୋଷ୍ଟର ଉନ୍ମୋଚନ କରାଯାଉଛି।

# ଚଳଚ୍ଚିତ୍ର 'ଅଭିସାର'ର ପୋଷ୍ଟର ଉନ୍ମୋଚନ

ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ନିଆରା ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ଅଭିସାର'ର ପୋଷ୍ଟର ଉନ୍ମୋଚନ ଉତ୍ସବ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଫ୍ୟୁଜନ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରର ନାୟିକା ଭୂମିକାରେ ଜଣେ କିନ୍ନରଙ୍କୁ ଦେଖିବାକୁ ମିଳିବ। ଏହି ପୋଷ୍ଟର ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ମୀରା ପରିଡା, ସମ୍ମାନିତ ଅତିଥି ସାଧନା ମିଶ୍ର , ଲୋରା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ରର କାହାଣୀ ସଂଘମିତ୍ରା ଭଞ୍ଜ ଲେଖିଛନ୍ତି। ଚିତ୍ରନାଟ୍ୟ, ସଂଳାପ ତଥା ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି ରଞ୍ଜିତ ମହାନ୍ତି। ଚିତ୍ର ଉତ୍ତୋଳନ ଦାୟିତ୍ୱ ପ୍ରସନ୍ନ କୁମାର ଏବଂ ସମ୍ପାଦନାରେ ଚନ୍ଦ୍ରଶେଖର ମିଶ୍ର ରହିଛନ୍ତି। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ, ମୁଖ୍ୟ ଉପଦେଷ୍ଟା ସନ୍ଦୀପ ମହାପାତ୍ର, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ରହିଛନ୍ତି। ମୁଖ୍ୟ ଚରିତ୍ରରେ ମୀରା ପରିଡା, ନବାଗତ ଅଭିନେତା ରୁଦ୍ର ପ୍ରତାପ ମହାନ୍ତି ଏବଂ ଅଭିନେତ୍ରୀ ଭୂମିଙ୍କ ବ୍ୟତୀତ ସହ କଳାକାର ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖ ଅଭିନୟ କରିଛନ୍ତି।

### ନାବାଳିକାଙ୍କୁ ଅପହରଣ ପରେ ନିର୍ଯାତନା,ମା-ପୁଅ ଗିରଫ

ଭୁବନେଶ୍ୱର,୨୩।୭
(ସୂର୍ଯ୍ୟକାନ୍ତ ବେହେରା)

ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଅଭିଯୁକ୍ତ ମା' ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜର ରଞ୍ଜିତା ହାଁସଦ ଓ ଶିବ ଶଙ୍କର ହାଁସଦ। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଗତ ଦୁଇ ମାସ ପୂର୍ବେ ସାଲିଆସାହିରେ ରହୁଥିବା ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଶିବଶଙ୍କର (୨୩) କଟକ ନେଇଯାଇଥିଲା। ଏହି ଅପହରଣରେ ଶିବକୁ ତା'ର ମା' ସହଯୋଗ କରିଥିଲେ। ନାବାଳିକାଙ୍କ ବାପା ଧିରେନ୍ଦ୍ର ନାଥ ହାଁସଦା ଏନେଇ ମୈତ୍ରୀବିହାର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ କଟକରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେଠାରେ ଅଭିଯୁକ୍ତ ଶିବ ଓ ତା'ର ମା ନାବାଳିକା ଜଣଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହେବା ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି।

# ଅଗଷ୍ଟ ୩୦ରୁ ଶ୍ରାବଣୀ ଉପାକର୍ମ ଉତ୍ସବ




ଖବରଦାତା ସମ୍ମିଳନୀରେ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୨୩।୭(ବନ୍ଦନା ସେଠୀ)

ରକ୍ଷା ବନ୍ଧନ ଅର୍ଥାତ୍ ଅଗଷ୍ଟ ୩୦ରୁ ଜନ୍ମାଷ୍ଟମୀ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ୮ଦିନ ଧରି ଆର୍ଯ୍ୟସମାଜ ଶହୀଦନଗର ପକ୍ଷରୁ ଆର୍ଯ୍ୟପର୍ବ ପଦ୍ଧତି ଶୃଙ୍ଖଳାର ବିଶେଷ ବୈଦିକ ପର୍ବ 'ଶ୍ରାବଣୀ ଉପାକର୍ମ' ଉତ୍ସବ ପାଳନ କରାଯିବ। ଏହି ଅବସରରେ ବୈଦିକ ବିଦ୍ୱାନଙ୍କ ଦ୍ୱାରା ଶାସ୍ତ୍ର ଅଧ୍ୟୟନ ଅଧ୍ୟାପନ ପରମ୍ପରାରେ ସମ୍ପୂର୍ଣ୍ଣ ପ୍ରଶ୍ନ ଉପନିଷଦର ଅଧ୍ୟାପନା ଆୟୋଜିତ ହେବ। ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଅଷ୍ଟଦିବସୀୟ କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ୮ଟା ପର୍ଯ୍ୟନ୍ତ ସହରର ଆର୍ଯ୍ୟଜଗତର ବୈଦିକ ବିଦ୍ୱାନଙ୍କ ଦ୍ୱାରା ବେଦ, ଉପନିଷଦ, ଦର୍ଶନ ଶାସ୍ତ୍ର ସମ୍ବଳିତ ବୈଦିକ ପ୍ରବଚନ ଅନୁଷ୍ଠିତ ହେବ। ସମାପନ ଦିବସରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତତମ (୨୦୦) ଜୟନ୍ତୀ ପାଳନ ଉପଲକ୍ଷେ ୨ଶହ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ କରାଯିବ ବୋଲି ଆର୍ଯ୍ୟସମାଜ ଉପସଭାପତି ସୁଦର୍ଶନ ଦେବ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସମ୍ପାଦକ ଡ. ବିକାଶ ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରସନ କୁମାର ଦାସ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମିଶ୍ର, ବୈଜ୍ଞାନିକ ଡ. ଦେବପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇଜି ପାର୍କ ନିକଟରୁ ଜିନିଷ ଭର୍ତ୍ତି ବ୍ୟାଗ ଜବତ

ଭୁବନେଶ୍ୱର,୨୩।୭ (ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ଆଇଜି ପାର୍କ ନିକଟରୁ ଏକ ବ୍ୟାଗ ଜବତ କରିଛି କମିଶନରେଟ ପୋଲିସ। ବ୍ୟାଗ ଭିତରୁ ଏକ ନେକଲେସ ସହ ହେୟାର ଡ୍ରାୟର ଓ ଚଷମା ,ଏକ ଭିଜିଟିଂ କାର୍ଡ,କାଗଜପତ୍ର ଆଦି ଜବତ କରାଯାଇଛି। ତେବେ ଏବ୍ୟାଗ କାହାର ଏଯାବତ ଜଣାପଡିନଥିବା ବେଳେ କେହି ଦୁର୍ବୃତ୍ତ ଚୋରି ପରେ ଏଠାରେ ଫିଙ୍ଗି ପଳାଇଥିବା ବା କୌଣସି ପ୍ରେମୀ ଯୁଗଳୀଙ୍କ ମଧ୍ୟରେ ଯଦି ଝଗଡା ହୋଇଥିବ ସେମାନେ ଫୋପାଡି ଦେଇଥିବା ସ୍ଥାନୀୟ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ଏସବୁ କାହାର ଏଯାବତ ଜଣାପଡିନଥିବା ବେଳେ ପୋଲିସ ଜବତ ପରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ସେହିପରି ମିଳିଥିବା ନେକଲେସ ସୁନା କି ଇଣିଟେସନ ତାହା ମଧ ଅସ୍ପଷ୍ଟ ରହିଛି। ଏନେଇ କ୍ୟାପିଟାଲ ଥାନାଧାକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି ଯେ ଭେରିଫାଏ କରାଯାଉଛି। ସମସ୍ତ ତଥ୍ୟ ମିଳିବା ପରେ ଘଟଣା ଜଣାଇ ଦିଆଯିବ।

# ସ୍ମୃତି ସାନ୍ତ୍ୱନାର ଶ୍ରୀଜଗନ୍ନାଥ ବିଶେଷାଙ୍କ ଲୋକାର୍ପିତ

ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟ ପତ୍ରିକା ସ୍ମୃତି ସାନ୍ତ୍ୱନାର ଦ୍ୱାଦଶ ବର୍ଷର ସ୍ୱତନ୍ତ୍ର ସାହିତ୍ୟ ଉତ୍ସବ ରବିବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ପ୍ରତିମାରାଣୀ ଷଡ଼ଙ୍ଗୀ ବେଦପାଠ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ, ଡ. ଚନ୍ଦ୍ର ଶେଖର ଦାସ, ପ୍ରଫେସର ଲୋପାମୁଦ୍ରା ମହାନ୍ତି ଓ ନିରୂପମା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ପତ୍ରିକାର 'ଶ୍ରୀ ଜଗନ୍ନାଥ ସ୍ୱତନ୍ତ୍ର-୨୦୨୩' ବିଶେଷାଙ୍କ, ଡ. ସୁମିତ୍ରା ମିଶ୍ରଙ୍କ ପୁସ୍ତକ 'କ୍ଷୁଧିତ ପାଷାଣ ଓ ଅନ୍ୟାନ୍ୟ ଗଳ୍ପ' ଏବଂ ଅନୁବାଦ ପୁସ୍ତକ 'ବାଲ୍ୟକାଳ' ଲୋକାର୍ପଣ କରିଥିଲେ। ମୋନିକା ମହାପାତ୍ର ଓ ନିରୂପମା କର ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ସବିତାରାଣୀ ବେହେରା ସମ୍ପାଦକୀୟ ବକ୍ତବ୍ୟ ରଖିଥିବାବେଳେ ସମ୍ପାଦିକା ସୁମିତ୍ରା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ କବି ମାନୀ ଦାଶ, ଅମ୍ବିକା ସ୍ୱାଇଁ, ଜୟଶ୍ରୀ ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। କବି ଶାନ୍ତିଲତା ଦେବୀ ଧନ୍ୟବାଦ ପ୍ରଦାନ କରିଥିଲେ।




ବୁଦ୍ଧ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# ଏକାମ୍ରରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର,୨୩।୭
(ସୁବାସ ଚନ୍ଦ୍ର ପ୍ରଧାନ)



ଆର୍‌ଆଇ କାର୍ଯ୍ୟାଳୟର ଶିଳାନ୍ୟାସ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଧଉଳି, ଲିଙ୍ଗିପୁର ଓ ଇଟିପୁର ପଞ୍ଚାୟତରେ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଧଉଳି ପଞ୍ଚାୟତରେ ୧.୪୦ କୋଟି ଟଙ୍କାରେ ଆର୍‌ଆଇ କାର୍ଯ୍ୟାଳୟର ଶିଳାନ୍ୟାସ, ଲିଙ୍ଗପୁର ପଞ୍ଚାୟତର ଇନ୍ଦିରା କଲୋନୀରେ ୧୦.୧୦ କୋଟି ଟଙ୍କାର ଡ୍ରେନ, ଇଟିପୁର ଦୟାବନ୍ଧଠାରୁ ଏମଆଇପି ଗଣେଶ ସିଡି ରାସ୍ତା ପାଇଁ ୪.୭୮ କୋଟି, ପଞ୍ଚାୟତ ଅଫିସ୍ ଠାରୁ ଗଣେଶ ସିଡି ବିଜୁ ସେତୁ ପାଇଁ ୧୧.୬୨ କୋଟି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଲିଙ୍ଗିପୁର ଏବଂ ଇଟିପୁରରେ ଭୂ ଉଚ୍ଚ ପାନୀୟଜଳ ଯୋଗାଣ ପ୍ରକଳ୍ପ, ସେହିପରି ବିଧାୟକ ଆଞ୍ଚଳିକ ଉନ୍ନୟନ ଅନୁଦାନ ପାଣ୍ଠିରୁ ୧୫ଟି ପ୍ରକଳ୍ପ ମଧ୍ୟରେ କୁକୁଡ଼ା ଘାଇ ପାଟଣା ମନ୍ଦିର ଏବଂ ଡିହପୁର ମନ୍ଦିର ରୋଷ ଘର, ବିକିପୁର ମଣ୍ଡପ, ପଶ୍ଚିମେଶ୍ୱର ମନ୍ଦିର ପାଚେରି, ଜୟପୁର ବ୍ୟାୟାମ ଘର, ହନୁମାନ ମଣ୍ଡପ, ଇଟିପୁର କଂକ୍ରିଟ ରାସ୍ତା, ମଦନମୋହନ ମଣ୍ଡପ, ବୁଢ଼ୀ ମଙ୍ଗଳା ମଣ୍ଡପ, ବିଶ୍ୱକର୍ମା ମଣ୍ଡପ, ସ୍ମାର୍ଟ କ୍ଲବ ଗୃହକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ଚନ୍ଦନ ମଲ୍ଲିକ, କ୍ଷୀରୋଦ ପ୍ରଧାନ, ଅନିତା ସୁବୁଦ୍ଧି, ସମିତି ସଭ୍ୟ ପ୍ରକାଶ ସାହୁ, ସରସ୍ୱତୀ ସେଠୀ, ନୃସିଂହ ସ୍ୱାଇଁ, ସୁଧାଂଶୁ ସୁବୁଦ୍ଧି, ଆଲୋକ ସାହୁ, ହରେକୃଷ୍ଣ ସାହୁ, ଭଗବାନ ସାହୁ, ସୁଧାରଞ୍ଜନ ପ୍ରଧାନ, ଗଜେନ୍ଦ୍ର ବେହେରା, ଅର୍ଜୁନ ବିଶ୍ୱାଳ, ହେମନ୍ତ ପ୍ରଧାନ, ଦିଲ୍ଲୀପ ଦାସ, ଗୋଲାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଯୁବକଙ୍କ ଉପରେ ପଛୁଆ ମାଡିଗଲା କାର**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ପଟିଆ କଲେଜ ରୋଡରେ ରବିବାର ଜଣେ ମହିଳା ବେପରୁଆ ଭାବେ କାର୍ ଚଳାଇ ଜଣେ ଯୁବକଙ୍କୁ ପଛରୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କ ପରିଚୟ ଜଣାପଡିନାହିଁ। କାର୍‌ଟି ବ୍ୟାକ୍ ଗିୟରରେ ଥିବାବେଳେ ପଛୁଆ ଗଡ଼ିଯାଇଥିଲା।

## ସଂକ୍ଷେପରେ

### ବନ୍ଧୁକ ଧରି ରିଲ୍ କରିବା ପଡ଼ିଲା ମହଙ୍ଗା

**ବନ୍ଧୁକ ଜବତ, ୭ ଯୁବକ ଅଟକ**

**ବାରଙ୍ଗ,୨୩।୭(ଲିଙ୍ଗରାଜ ରାଉତ):** ଫେସବୁକରେ ରିଲ୍ ଷ୍ଟୋରି କରିବା ନିଶା ଆଜିର ଯୁବପିଢ଼ିଙ୍କୁ ଘାରିଛି। ନୂଆ ନୂଆ ଷ୍ଟାଇଲରେ ରିଲ୍ କରିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ରବିବାର ବାରଙ୍ଗ ଥାନା ଅଧୀନ ବିଦ୍ୟାଧରପୁର ପାହାଡ଼ରେ ଦେଖିବାକୁ ମିଳିଛି। ହାତରେ ବନ୍ଧୁକ ଧରି ରିଲ୍ ପାଇଁ ଶୁଟିଂ କରିବା ଯୁବକମାନଙ୍କ ପାଇଁ ମହଙ୍ଗା ପଡିଛି। ଏହା ପୋଲିସ ଜାଣିବା ପରେ ବନ୍ଧୁକ ଜବତ କରିବା ସହ ୭ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରାହ୍ନରେ ଅରିଲୋ ବିଦ୍ୟାଧରପୁର ପାହାଡ଼ ଉପରେ କଟକ ବଙ୍ଗାଳିସାହି ଅଞ୍ଚଳର ୭ ଯୁବକ ଆସି ଫେସବୁକ ପାଇଁ ରିଲ ଷ୍ଟୋରି ନିମନ୍ତେ ମୋବାଇଲରେ ଶୁଟିଂ କରିଥିଲେ। ହେଲେ ଯୁବକମାନେ ହାତରେ ବନ୍ଧୁକ ଧରିଥିବାରୁ ସେହିବାଟେ ଯାଉଥିବା ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୭ ଯୁବକଙ୍କୁ ଥାନାକୁ ଆଣିବା ସହ ଶୁଟିଂ ପାଇଁ ବ୍ୟବହୃତ ବନ୍ଧୁକ, ମୋବାଇଲ ଓ ନମ୍ବର ବିହୀନ ୩ଟି ବାଇକ ଜବତ କରିଛି। ତେବେ ବନ୍ଧୁକ ନକଲି ନା ଅସଲି ସେ ବିଷୟରେ ପୋଲିସ ମୁହଁ ଖୋଲୁ ନ ଥିବାବେଳେ ତଦନ୍ତ ଆରମ୍ଭ କରିଛି।

### ୨୬ରେ ଏନ୍ଏଲ୍‌ୟୁଓରେ ସମାବର୍ତ୍ତନ ଉତ୍ସବ

**ରାଷ୍ଟ୍ରପତିଙ୍କୁ ମିଳିବ ସମ୍ମାନଜନକ ଡକ୍ଟରେଟ୍**

**କଟକ,୨୩।୭ (କାର୍ତ୍ତିକ ସାହୁ):** ଆସନ୍ତା ୨୬ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା(ଏନ୍ଏଲ୍‌ୟୁଓ)ର ଦଶମ ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆମ୍ଫି ଥିଏଟର ହଲ୍‌ରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏଥିସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଆଇନ୍‌ରେ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ପୋଲିସକୁ ନୋଟିସ୍ କରିବ ଶିଶୁ ସୁରକ୍ଷା ଆୟୋଗ

**ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ):** ଖଣ୍ଡଗିରି ଛକ ନିକଟ ଏକ ହୋଟେଲ ସାମ୍ନାରେ ଜଣେ ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଦେବା ଘଟଣାରେ ପୋଲିସ ପ୍ରାଥମିକ ତଦନ୍ତ ଜାରି ରଖିଛି। ଶନିବାର ଏନେଇ ଚାଇଲ୍ଡଲାଇନ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ବେଳେ ପୋଲିସ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ଏଭଳିସ୍ଥିତିରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ଙ୍କ ପକ୍ଷରୁ ପୋଲିସକୁ ନୋଟିସ୍ କରାଯିବ ବୋଲି ସୂଚନା ମିଳିଛି। ଏହି ମାମଲାରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ଆୟୋଗ ପକ୍ଷରୁ ରିପୋର୍ଟ ମଗାଯିବ। ସୋମବାର ପୋଲିସକୁ ଏନେଇ ରିପୋର୍ଟ ତଲବ କରାଯିବ ବୋଲି ସୂଚନା ମିଳିଛି। କିଛିଦିନ ତଳେ ଏହି ଭିଡିଓ ଭାଇରାଲ ହୋଇଥିଲା। ଭିଡିଓରେ ୫ରୁ ଊର୍ଦ୍ଧ୍ୱ ଯୁବକ ଦେଢ଼ ବର୍ଷର ଶିଶୁକନ୍ୟାଙ୍କୁ ହୋଟେଲ ଗ୍ରିଲରେ ବାନ୍ଧି ଭୟଭିତ କରିବା ସହ ନିର୍ଯାତନା ଦେଉଥିବା ଦେଖିବାକୁ ମିଳିଥିଲା।

**ଶିଶୁକନ୍ୟାଙ୍କୁ ବାନ୍ଧି ନିର୍ଯାତନା ଘଟଣା**

# ମାର୍କେଟ ବିଲ୍ଡିଂ ବନ୍ଦକୁ ସପ୍ତାହେ

# ମାର୍କେଟ ଆସୋସିଏଶନ, ଉଠାଦୋକାନୀ ମୁହାଁମୁହିଁ






ଉଠା ଦୋକାନୀଙ୍କ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ଓ ଉଠା ଦୋକାନୀମାନେ ମୁହାଁମୁହିଁ ହୋଇଛନ୍ତି।

- ଉଠାଦୋକାନୀଙ୍କ ଧାରଣାକୁ ବିରୋଧ
- ତାଲା ଖୋଲି ପୁଣି ପକାଇଲେ

**ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)**

ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ବନ୍ଦକୁ ଇତିମଧ୍ୟରେ ସପ୍ତାହେ ବିତିଛି। ମାର୍କେଟ ଭିତରୁ ଉଠାଦୋକାନୀଙ୍କୁ ସ୍ଥାୟୀ ଭାବେ ଉଠାଇବା ପାଇଁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ଜିଦ୍ ଧରି ବସିବା ସହ ଦୁଇ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଛି। ଏଯାଏ କୌଣସି ନିଷ୍କର୍ଷ ବାହାରିପାରି ନ ଥିବାବେଳେ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀମାନେ ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀଙ୍କ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘ ରବିବାର ମାର୍କେଟ ଗେଟ୍ ଆଗରେ ଧାରଣା ଦେବାରୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଥିଲା। ଦୁଇ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କରୁ ଗଣ୍ଡଗୋଳ ହୋଇଥିଲା। ଫଳରେ ସେଠାରେ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା।

ଏନେଇ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘର ସଦସ୍ୟମାନେ କହିଛନ୍ତି, ଆସୋସିଏଶନ ମନଇଚ୍ଛା ମାର୍କେଟ ଗେଟ୍‌ରେ ତାଲା ପକାଇ ଦେଇଥିବାରୁ ଆମେ ଭିତରକୁ ଯାଇପାରୁନୁ କି ବେପାର କରିପାରୁନୁ। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରିଆସୁଛୁ। ଅନ୍ୟତ୍ର ଥଇଥାନ ନ ହେବା ଯାଏ ମାର୍କେଟ ବିଲ୍ଡିଂ ନ ଛାଡିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଆସୋସିଏଶନ ଆମକୁ ଗେଟ୍ ଭିତରକୁ ପଶିବାକୁ ଦେଉ ନ ଥିବାରୁ ଏହା ପ୍ରତିବାଦରେ ମାର୍କେଟର ପୂର୍ବଗେଟ୍ ଆଗରେ ଧାରଣା ଦେଇଛୁ। ଏଥିପାଇଁ ରୀତିମତ ପୋଲିସଠାରୁ ଅନୁମତି ମଧ୍ୟ ଅଣାଯାଇଛି। ମାତ୍ର ରବିବାର ଅପରାହ୍ନରେ ଆସୋସିଏଶନର ପ୍ରାୟ ୩୦/୪୦ ଜଣ ସଦସ୍ୟ ଆସି ଆମକୁ ଗେଟ୍ ସାମ୍ନାରୁ ହଟିବାକୁ କହିଥିଲେ। ମାର୍କେଟ ଆମର, ତେଣୁ ଏ ଗେଟ୍ ଆଗରେ ଆମେ ବସି ପାରିବୁ। ଏଥିସହ ସମ୍ପୃକ୍ତ ଗେଟ୍ ଖୋଲାଯିବ ବୋଲି କହି ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ଗେଟ୍ ଖୋଲାଯାଇଥିଲା। ଆମେ ଗେଟ୍ ସମ୍ମୁଖରୁ ହଟି ଗୋଟେ ପାର୍ଶ୍ୱରେ ବସିବା ପରେ ପୁଣିଥରେ ଗେଟ୍‌କୁ ତାଲା ପକାଇ ଦେଲେ ବୋଲି ଅସ୍ଥାୟୀ ବ୍ୟବସାୟୀମାନେ କହିଛନ୍ତି।

### ଆଜି ବିଏମ୍‌ସି ସହ ହୋଇପାରେ ଆଲୋଚନା

ମାର୍କେଟ ବିଲ୍ଡିଂ ସମସ୍ୟା ନେଇ ସୋମବାର ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସହିତ ବିଏମ୍‌ସିର ଆଲୋଚନା ହେବ। ଉଠାଦୋକାନୀମାନେ ଷ୍ଟେ' ଅର୍ଡର ଆଣିଥିବାରୁ ସେମାନଙ୍କୁ ଥଇଥାନ ନ କରି ସେଠାରୁ ଉଠାଇ ହେବନାହିଁ। ବିଏମ୍‌ସି ଅଞ୍ଚଳର ସବୁ ଜମିର ମାଲିକ ହେଉଛି ସାଧାରଣ ପ୍ରଶାସନ (ଜିଏ) ବିଭାଗ। ତେଣୁ ଜିଏର ଅନୁମତି ନେଇ ସେମାନଙ୍କୁ ଥଇଥାନ ପାଇଁ ସମୟ ଲାଗୁଛି। ହକି ସମୟରେ ଆମେ ମାର୍କେଟକୁ ଉଠା ଦୋକାନୀଙ୍କୁ ସମ୍ପୂର୍ଣ୍ଣ ଉଠାଇ ଦେଇଥିଲୁ। ମାତ୍ର ଆସୋସିଏଶନ ଜଗି ପାରିଲା ନାହିଁ। ଏବେ ମାର୍କେଟ ବନ୍ଦ କରି ଭୁବନେଶ୍ୱର ବନ୍ଦ କରିବା ନିଷ୍ପତ୍ତି ନେଇ ବିଏମ୍‌ସିକୁ ଏଭଳି ବ୍ଲାକ୍‌ମେଲ କରିବା ଆଦୌ ଠିକ୍ ନୁହେଁ। ସେହିଭଳି ବିଏମ୍‌ସି ପଇସା ନେଇ ଉଠାଦୋକାନୀଙ୍କୁ ମାର୍କେଟରେ ବସାଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଉଭୟ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉଭୟ ପକ୍ଷଙ୍କୁ ସୁହାଇବା ଭଳି ନ୍ୟାୟୋଚିତ ପଦକ୍ଷେପ ନିଆଯିବ। ଉଠାଦୋକାନୀଙ୍କୁ ୟୁନିଟ-୨ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ଥଇଥାନ କରିବା ନେଇ ଯେଉଁ ଆଲୋଚନା ହେଉଛି ସେ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ଜିଏ ବିଭାଗର ବିନା ଅନୁମତିରେ କୌଣସି ଜାଗାରେ ଥଇଥାନ କରାଯାଇ ପାରିବ ନାହିଁ।

**-ବିଜୟ ଅମୃତା କୁଲାଙ୍ଗେ, ବିଏମ୍‌ସି କମିଶନର**

### ପୁଣି ଚେତାବନୀ ଦେଲା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ

ସୋମବାର ସନ୍ଧ୍ୟା ସୁଦ୍ଧା ବିଏମ୍‌ସି କର୍ତ୍ତୃପକ୍ଷ ଆଲୋଚନା ପାଇଁ ଚିଠି କରି ନ ଡାକିଲେ ଚରମ ପଦକ୍ଷେପ ନିଆଯିବ ବୋଲି ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଜେନା କହିଛନ୍ତି। ଆସୋସିଏଶନର ଏକ ୧୨ଜଣିଆ ଟିମ୍ ଗଠନ ହୋଇଛି। ଏହି ଟିମ୍ ବିଏମ୍‌ସି ସହ ଆଲୋଚନା କରି ସ୍ଥାୟୀ ପ୍ରତିକାର କାଢିବ। ନଚେତ୍ ଭୁବନେଶ୍ୱରର ସମସ୍ତ ବ୍ୟବସାୟୀ ସଂଘ ଆସୋସିଏଶନ ସହିତ ମିଶି ଭୁବନେଶ୍ୱର ବନ୍ଦ ଡାକରା ଦେବେ। ଶୁକ୍ରବାର ଆସୋସିଏଶନ ଭୁବନେଶ୍ୱରର ଅନ୍ୟ ବ୍ୟବସାୟୀ ସଂଘ ସହିତ ଆଲୋଚନା କରିଥିଲା। ପୁଣିଥରେ ରବିବାର ଅନ୍ୟ ୫୦ଟି ବ୍ୟବସାୟୀ ସଂଘ ସହିତ ଆଲୋଚନା କରି ସୋମବାର ଭିତରେ ସମସ୍ୟାର ସମାଧାନ କରିବାକୁ ସରକାରଙ୍କୁ ମହଲତ ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା ଆସୋସିଏଶନର ଆଗାମୀ ପଦକ୍ଷେପ ନେଇ ସ୍ପଷ୍ଟ ହେବ ବୋଲି ପ୍ରଦ୍ୟୁମ୍ନ କହିଛନ୍ତି। ୭ ଦିନ ଧରି ମାର୍କେଟ ବନ୍ଦ ଥିବାରୁ ଇତି ମଧ୍ୟରେ ପ୍ରାୟ ୧୫କୋଟି ଟଙ୍କାର କ୍ଷତି ହୋଇଥିବା ସୂଚନା ଦିଆଯାଇଛି। ଅସ୍ଥାୟୀ ଦୋକାନୀ ଉଚ୍ଛେଦ ଦାବି ଆସୋସିଏଶନ ପାଇଁ ନୂଆ ନୁହେଁ। ପୂର୍ବରୁ ମଧ୍ୟ ଏଭଳି ଦାବି କରାଯାଇଛି ଓ ମାର୍କେଟ ମଧ୍ୟ ବନ୍ଦ କରାଯାଇଛି। ସେତେବେଳେ ବିଏମ୍‌ସି ଆସୋସିଏଶନ ସହିତ ଆଲୋଚନା କରି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ମାର୍କେଟ ଖୋଲିଛି। ତେବେ ଏଥର ସ୍ଥାୟୀ ବ୍ୟବସାୟୀ ବା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର ଦାବିକୁ ବିଏମ୍‌ସି ସମ୍ପୂର୍ଣ୍ଣ ଅଣଦେଖା କରୁଛି। ବିଏମ୍‌ସି ଏଯାଏ କୌଣସି ଆଲୋଚନା କରୁ ନ ଥିବାରୁ ଆଉ ପ୍ରତିଶ୍ରୁତି ନୁହେଁ, ଦାବି ଅନୁସାରେ ପଦକ୍ଷେପ ଚାହୁଁଛୁ। ଉଠାଦୋକାନୀଙ୍କ ଯୋଗୁ ମାର୍କେଟ ବିଲ୍ଡିଂରେ ଗଣ୍ଡଗୋଳ, ଅସ୍ୱାସ୍ଥ୍ୟକର ପରିବେଶ ଓ ବ୍ୟବସାୟ ପ୍ରଭାବିତ ହେଉଥିବା ଆସୋସିଏଶନ ଅଭିଯୋଗ କରିଛି।



ରୋଟାରୀ ଭବନଠାରେ ଡ. ଇତି ସାମନ୍ତଙ୍କ ମନ୍ମୟ ପ୍ରବନ୍ଧ ସଂକଳନ 'ମହୀୟସୀ ଗରୀୟସୀ ଭାରତୀୟ ନାରୀ ପ୍ରତିମା'କୁ ଉନ୍ମୋଚନ କରାଯାଉଛି।

### 'ମହୀୟସୀ ଗରୀୟସୀ ଭାରତୀୟ ନାରୀ' ପ୍ରତିମା ଉନ୍ମୋଚିତ

**ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ):** କାଦମ୍ବିନୀ ସାହିତ୍ୟ ଏକାଡେମୀ ପ୍ରକାଶିତ ଡ. ଇତି ସାମନ୍ତଙ୍କ ମନ୍ମୟ ପ୍ରବନ୍ଧ ସଂକଳନ 'ମହୀୟସୀ ଗରୀୟସୀ ଭାରତୀୟ ନାରୀ ପ୍ରତିମା' ପୁସ୍ତକ ରବିବାର ରୋଟାରୀ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ୫୨ଜଣ ମହାନ ମହିୟସୀ ନାରୀଙ୍କ ଜୀବନର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରାଯାଇଛି। ଏହା ଆଜିର ଯୁବପିଢ଼ିଙ୍କୁ ଆଗକୁ ପ୍ରେରଣା ଦେବ। ଯେଉଁ ନାରୀମାନେ ଇତିହାସରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ସେମାନଙ୍କୁ ଏକାଠି କରି ଗବେଷଣାମୂଳକ ଭାବେ ଏହି ପୁସ୍ତକକୁ ସୁନ୍ଦର ଓ ସରଳ ଭାଷାରେ ଉପସ୍ଥାପନ କରିଛନ୍ତି ଲେଖିକା ଡ. ସାମନ୍ତ। କାର୍ଯ୍ୟକ୍ରମରେ ଅତିଥି ଭାବେ ଔପନାସିକା ଡ. ପ୍ରତିଭା ରାୟ, ସାହିତ୍ୟିକ ଡ. ଗୌରହରି ଦାସ, ଏସ୍ଆର୍ଏଫ୍‌ଟିଆଇର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ଗାଳ୍ପିକା ଡ. ହିରଣ୍ମୟୀ ମିଶ୍ର, ଗବେଷକ ଡ. ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପୁସ୍ତକ ଆଲୋଚନା ଆସର ଆୟୋଜିତ ହୋଇଥିଲା। ବ୍ଲାକ୍ ଇଗଲ୍ ବୁକ୍ସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଭିଏସ୍ଏସ୍‌ନଗର ହନୁମାନ ବସ୍ତିରେ ଅଗ୍ନିକାଣ୍ଡ



**ଜଳିଗଲା ୩ ବଖରା, ବହୁ ସମ୍ପତ୍ତି ନଷ୍ଟ**

**ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଭିଏସ୍ଏସ୍‌ନଗର ନଗରସ୍ଥିତ ହୁନାମାନ ବସ୍ତିରେ ରବିବାର ଅଗ୍ନିକାଣ୍ଡ ହୋଇଛି। ବସ୍ତି ବାସିନ୍ଦା ନିରୁପମା ଦାସ ନାମ୍ନୀ ଜଣେ ମହିଳାଙ୍କ ଆଜବେଷ୍ଟସ୍ ଘରେ ନିଆଁ ଲାଗି ବହୁ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏହି ଅଗ୍ନିକାଣ୍ଡରେ ଘରର ୩ ବଖରା ଏବଂ ସେଥିରେ ଥିବା ବିଭିନ୍ନ ଘରୋଇ ଆସବାବ ପତ୍ର ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅପରାହ୍ନ ପ୍ରାୟ ପ୍ରାୟ ୨ଟା ୪୫ ବେଳେ ଏହି ଅଗ୍ନିକାଣ୍ଡ ହୋଇଥିଲା। ଖବର ପାଇ ମଞ୍ଚେଶ୍ୱର ଫାୟାର ଷ୍ଟେଶନର ୬ ଜଣ ଲେଖାଏଁ ଦୁଇଟି ୟୁନିଟ୍ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଦୁଇଟି ଦମକଳ ଗାଡ଼ି ଦ୍ୱାରା ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ପ୍ରୟାସ ପରେ ଏହି ନିଆଁ ଆୟତ୍ତ ହୋଇଥିଲା। ତେବେ ଇଲେକ୍ଟ୍ରିକ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଡେପୁଟି ଫାୟାର ଅଫିସର ଅବନୀ ଚରଣ ସ୍ୱାଇଁ ସୂଚନା ଦେଇଛନ୍ତି।

### ମାନସିକ ବିକାରଗ୍ରସ୍ତ ନାବାଳିକା ଉଦ୍ଧାର

- ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କଲା ପୋଲିସ
- ପରିବାର ଲୋକ ଛାଡ଼ି ଚାଲିଯାଇଥିବା ଚର୍ଚ୍ଚା

**ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)**



ମଞ୍ଚେଶ୍ୱରଥାନାରେ ଉଦ୍ଧାର ହୋଇଥିବା ମାନସିକ ବିକାରଗ୍ରସ୍ତ ନାବାଳିକା।

ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଜଣେ ମାନସିକ ବିକାରଗ୍ରସ୍ତ ନାବାଳିକାଙ୍କୁ ରବିବାର ଉଦ୍ଧାର କରିଛି ପୋଲିସ। ନାବାଳିକା ଜଣକ କଥା କହିପାରୁ ନ ଥିବାବେଳେ ତାଙ୍କ ବୟସ ପାଖାପାଖି ୧୨ ବର୍ଷ ହେବ। ତାଙ୍କ ଠିକଣା ଓ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦିନବେଳା ଗାଡ଼କଣସ୍ଥିତ କେଳୁଚରଣ ପାର୍କ ନିକଟରେ ନାବାଳିକା ଜଣକ ଏଣେତେଣେ ବୁଲାବୁଲି କରୁଥିଲେ। ଏହା ଦେଖି ସ୍ଥାନୀୟ ଲୋକ ଖବର ଦେବା ପରେ ପୋଲିସ ଟିମ୍ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହାପରେ ଉଦ୍ଧାର ନାବାଳିକାଙ୍କୁ ପୋଲିସ ଭୁବନେଶ୍ୱର ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଅତିରିକ୍ତ ସିଡବ୍ଲୁସିଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ଯାଆଁଳାସ୍ଥିତ ମିଶନ୍ ଆଶ୍ରାରେ ନାବାଳିକାଙ୍କୁ ରଖାଯାଇଛି। ସେଠାରେ ଚିକିତ୍ସାପରେ ନାବାଳିକା ଜଣକ କଥା କହିପାରିବେ ବୋଲି ଆଶା କରାଯାଉଥିବା ଚାଇଲ୍ଡଲାଇନ ଅଧ୍ୟକ୍ଷ କହିଛନ୍ତି। ଅନ୍ୟପକ୍ଷରେ ନାବାଳିକା ଜଣକ ମାନସିକ ବିକୃତ ହୋଇଥିବାରୁ ତାଙ୍କୁ ପରିବାର ଲୋକ ଛାଡ଼ି ଚାଲିଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ନାବାଳିକାଙ୍କ ପରିବାର ଲୋକଙ୍କ ସନ୍ଧାନ ପାଇବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ନାବାଳିକାଙ୍କ ପରିବାର ଲୋକଙ୍କ ସନ୍ଧାନ ପାଇବା ପାଇଁ ଆମେ ଚାରିଆଡ଼େ ଖବର ଦେଉଛୁ। ଯଦି ଏନେଇ କିଛି ଖବର ନ ମିଳେ, ତେବେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

### ସୁବ୍ରତ ନାୟକ ସିଙ୍ଗାପୁର ଓଡ଼ିଆ ସୋସାଇଟିର ନୂଆ ସଭାପତି

**୧୩ତମ ବାର୍ଷିକ ସାଧାରଣ ସଭା**

**ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ)**



ବୈଠକରେ ଓଡ଼ିଆ ସୋସାଇଟିର ନୂତନ କର୍ମକର୍ତ୍ତା ଓ ସଦସ୍ୟମାନେ।

ସିଙ୍ଗାପୁର ଓଡ଼ିଆ ସୋସାଇଟିର ୧୩ତମ ବାର୍ଷିକ ସାଧାରଣ ସଭା ଶନିବାର ସିଙ୍ଗାପୁରର ମାଣ୍ଡାରିନ ଗାର୍ଡେନ୍ସରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋସାଇଟିର ସଦସ୍ୟ ଥିବା ଶତାଧିକ ଓଡିଆ ଯୋଗ ଦେଇଥିଲେ। ଏହି ଅବସରରେ ସୋସାଇଟିର ପରିଚାଳନା ସହ ବିଭିନ୍ନ କାର୍ଯ୍ୟ ସମ୍ପାଦନ ଲାଗି ନୂତନ କାର୍ଯ୍ୟନିର୍ବାହୀ କମିଟିଗଠନ କରାଯାଇଛି। ସଭାପତିଭାବେ ସୁବ୍ରତ କୁମାର ନାୟକ, ଉପ ସଭାପତି ରୂପକ କୁମାର ସାହୁ, ସଚିବ ହେମନ୍ତ ରାଉତ, ସହକାରୀ ସଚିବ ଲୋପାମୁଦ୍ରା ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ସହକାରୀ କୋଷାଧ୍ୟକ୍ଷ ସୌମ୍ୟ କୁମାର ପାଲ ମନୋନୀତ ହୋଇଛନ୍ତି। କମିଟି ସଦସ୍ୟ ଭାବେ ସ୍ୱାଗତିକା ବିଶ୍ୱାଳ, ପ୍ରସନ୍ନ କୁମାର ଜେନା, ନିରଞ୍ଜନ ବିଶ୍ୱାଳ, ସିତାଂଶୁ ଗଡ଼ନାୟକ, ଲଗ୍ନଜିତ ପଟ୍ଟନାୟକ, ରଞ୍ଜିତ ସାହୁ, ପ୍ରମୋଦ ସାହୁ, ଦିନେଶ ମହାପାତ୍ର, ସୋମେଶ୍ୱର ଶର୍ମା, ଧର୍ମ ଆଚାର୍ଯ୍ୟ ପ୍ରମୁଖ ରହିଛନ୍ତି।

### ବାର୍‌ରେ ବାଉନ୍‌ସରଙ୍କ ପୁଣି ଦାଦାଗିରି

**ଯୁବତୀଙ୍କୁ ଅସଦାଚରଣ, ପୁରୁଷ ବନ୍ଧୁଙ୍କୁ ମାଡ଼**

**କାର୍ଯ୍ୟାନୁଷ୍ଠାନ ନେଉନାହିଁ କମିଶନରେଟ ପୋଲିସ୍**

**ଭୁବନେଶ୍ୱର,୨୩।୭(ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ପୋଲିସ କଟକଣାକୁ ବେଖାତିର କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲୁଛି। ବାଉନ୍‌ସରମାନେ ଦାଦାଗିରି ଦେଖାଉଛନ୍ତି। ଶନିବାର ବିଳମ୍ବିତ ରାତିରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ବାର୍‌ରେ ପ୍ରେମୀଯୁଗଳଙ୍କୁ ବାଉନ୍‌ସରମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଯୁବତୀଙ୍କୁ ଅସଦାଚରଣ ସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଏନେଇ ପୀଡିତା ଯୁବତୀ ଇନ୍‌ଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ରବିବାର ସନ୍ଧ୍ୟାସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏନେଇ ପୀଡିତା ଅସନ୍ତୋଷ ପ୍ରକାଶ କରିବା ସହ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି ।

ଅଭିଯୋଗ ଅନୁସାରେ, ଶନିବାର ରାତିରେ ପୀଡିତା ଯୁବତୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବାର୍‌ରେ ଜନ୍ମଦିନ ପାଳନ କରିବା ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନେ ବାର ଭିତରେ ରହିଥିଲେ। ତେବେ କୌଣସି କାରଣକୁ ନେଇ ବାର୍ ବାଉନ୍‌ସର ଓ ଯୁବତୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାଦେଖି ଯୁବତୀଙ୍କ ପୁରୁଷ ବନ୍ଧୁ ଘଟଣାସ୍ଥଳକୁ ଚାଲିଆସିବାରୁ ବାଉନ୍‌ସରମାନେ ତାଙ୍କ ଆଗରେ ଅସଦାଚରଣ କରିଥିଲେ। ଫଳରେ ପୁରୁଷ ବନ୍ଧୁ ବିରୋଧ କରିବାରୁ ବାଉନ୍‌ରମାନେ ତାଙ୍କୁ ମାଡ ମାରିବା ସହ ଯୁବତୀଙ୍କୁ ପୁଣି ଅସଦାଚରଣ କରିଥିଲେ। ଶେଷରେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଭୟରେ ବାର୍ ଛାଡିଥିଲେ। ଅପରପକ୍ଷେ ବାର୍‌ରେ ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଅବକାରୀ ଓ କମିଶନରେଟ ପୋଲିସ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ମଝିରେ ମଝିରେ କିମ୍ବା କୌଣସି ଘଟଣା ଘଟିଲେ ଲୋକଦେଖାଣିଆ ଚଢ଼ାଉ କରି ଚୁପ୍ ବସୁଛି। ବାର୍ ମାଲିକଙ୍କଠାରୁ ପୋଲିସ ଓ ଅବକାରୀ ଅଧିକାରୀମାନେ ମାସିକିଆ ବଟି ସହ ଖାଦ୍ୟପେୟ ସୁବିଧା ପାଉଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ଏଭଳି ଅନେକ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏତେସବୁ ଘଟଣା ଘଟୁଥିଲେ ମଧ୍ୟ ଯୁବତୀଯୁବକ ବାର୍‌ରେ ବିଳମ୍ବିତ ରାତିରେ ମଉଜମସ୍ତି କରୁଛନ୍ତି ଏବଂ ଅସଦାଚରଣ ବା ଆକ୍ରମଣର ଶିକାର ହେଉଛନ୍ତି।

## ସଂକ୍ଷେପରେ

### ମୃତ ଯୁବକଙ୍କ ପରିଚୟ ମିଳିଲା

ସାଲେପୁର,୨୩।୭(ଅରବିନ୍ଦ ଭୂୟାଁ): କେନ୍ଦ୍ରାପଡ଼ା କେନାଲରୁ ଜଣେ ଯୁବକଙ୍କ ମୃତଦେହ ଶନିବାର ଜବତ କରାଯାଇଥିଲା। ସମ୍ପୃକ୍ତ ଯୁବକଙ୍କ ପରିଚୟ ରବିବାର ପୋଲିସକୁ ମିଳିଛି। ମୃତ ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଧୂମାତ ଗ୍ରାମର ବ୍ରଜକିଶୋର ମହାପାତ୍ରଙ୍କ ପୁଅ ମାନସ କୁମାର ମହାପାତ୍ର। ସେ ଜଗତପୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଶନିବାର କେନ୍ଦ୍ରାପଡ଼ା କେନାଲକୁ ଗାଧୋଇବାକୁ ଆସି ନିଖୋଜ ହୋଇଯାଇଥିଲେ। ଶନିବାର ସକାଳ ପ୍ରାୟ ୮ଟାରେ ସାଲେପୁର ଥାନା ବଟେଶ୍ୱର ଗ୍ରାମ ନିକଟ କେନାଲରେ ପୋଲିସ ତାଙ୍କ ମୃତଦେହ ଜବତ କରିଥିଲା। ମାତ୍ର ସେତେବେଳେ ତାଙ୍କ ପରିଚୟ ମିଳିପାରି ନ ଥିଲା।

### ସୁବ୍ରତ ନାୟକ ସିଙ୍ଗାପୁର ଓଡ଼ିଆ ସୋସାଇଟିର ନୂଆ ସଭାପତି

#### ୧୩ତମ ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର,୨୩।୭(ଶର୍ମିଷ୍ଠା ପାଣିଗ୍ରାହୀ): ସିଙ୍ଗାପୁର ଓଡ଼ିଆ ସୋସାଇଟିର ୧୩ତମ ବାର୍ଷିକ ସାଧାରଣ ସଭା ଶନିବାର ସିଙ୍ଗାପୁରର ମାଣ୍ଡାରିନ ଗାର୍ଡେନ୍ସରେ ହୋଇଯାଇଛି। ଏହି ବୈଠକରେ ଶତାଧିକ ଓଡିଆ ସୋସାଇଟିର ସଦସ୍ୟ ଯୋଗ ଦେଇଥିଲେ। ସମାଜକୁ ପରିଚାଳନା କରିବା ଏବଂ ଏହାକୁ ଆଗକୁ ନେବା ପାଇଁ ଏକ ନୂତନ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଥିଲା। ସୁବ୍ରତ କୁମାର ନାୟକ ନୂତନ ସଭାପତି, ଉପ ସଭାପତି ରୂପକ କୁମାର ସାହୁ, ସଚିବ ହେମନ୍ତ ରାଉତ, ସହକାରୀ ସଚିବ ଲୋପାମୁଦ୍ରା ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ସାହୁ, ସହକାରୀ କୋଷାଧ୍ୟକ୍ଷ ସୌମ୍ୟ କୁମାର ପାଲ ମନୋନୀତ ହୋଇଛନ୍ତି। କମିଟି ସଦସ୍ୟ ଭାମେ୍ ସ୍ୱାଗତିକା ବିଶ୍ୱାଳ, ପ୍ରସନ୍ନ କୁମାର ଜେନା, ନିରଞ୍ଜନ ବିଶ୍ୱାଳ, ସିତାଂଶୁ ଗଡ଼ନାୟକ, ଲଗ୍ନଜିତ ପଟ୍ଟନାୟକ, ରଞ୍ଜିତ ସାହୁ, ପ୍ରମୋଦ ସାହୁ, ଦିନେଶ ମହାପାତ୍ର, ସୋମେଶ୍ୱର ଶର୍ମା ପ୍ରମୁଖ ରହିଛନ୍ତି।

### ଯୋଗ, ପ୍ରାଣାୟାମ ଦ୍ୱାରା ରୋଗ ଦୂରହେବ

#### ଏକ ଦିବସୀୟ ଯୋଗ ଶିବିର

ବଡମ୍ବା,୨୩।୭(ମାୟାଧର ମଲ୍ଲିକ): ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ପତଞ୍ଜଳି ଯୋଗ ସମିତି, ବଡମ୍ବା ପ୍ରଖଣ୍ଡ ତରଫରୁ ଏକ ଦିବସୀୟ ଯୋଗ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପତାଞ୍ଜଳି ଯୋଗ ସମିତି ବଡ଼ମ୍ବା ତହସିଲ ପ୍ରଭାରୀ ପୀତବାସ କରଣଙ୍କ ସଂଯୋଜନାରେ ଯୋଗଗୁରୁ ଅଧାପକ ପଦ୍ମନାଭ ଶତପଥୀ ଉପସ୍ଥିତ ରହି ଯୋଗ,ପ୍ରାଣାୟାମ ସହ ଆଧାତ୍ମିକତା ଉପରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ। ଯୋଗ ଓ ପ୍ରାଣାୟାମ ଦ୍ୱାରା ଅନେକ ଦୁରାବ୍ୟାଧି ରୋଗ ଦୂରହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପତଞ୍ଜଳି ଯୋଗ ସମିତି, ଗୋପୀନାଥପୁର ଶାଖାର ବିକଳ ବେହେରା, ଅରୁଣ କୁମାର ସାହୁ, ବଳରାମ ସାମନ୍ତରାୟ, ରଘୁନାଥ ସାହୁ, ଉପେନ୍ଦ୍ର ସାହୁ, ପ୍ରାଣବନ୍ଧୁ ବେହେରା, ପ୍ରମୋଦ ସାମନ୍ତରାୟ, ନିଶାମଣୀ ସାହୁ, ଶାନ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଉ ସାଧିଲା ସ୍ୱଳ୍ପ, ଅନିୟମିତ ବୃଷ୍ଟିପାତ

- ହଳଦିଆ ପଡ଼ିଲାଣି ତଳି
- ଶତାଧିକ ଏକର ଜମି ପଡ଼ିଆ ପଡ଼ିଛି
- ଗଜାମରୁଡ଼ି ଆଶଙ୍କା

ବଡ଼ମ୍ବା,୨୩।୭(ମାୟାଧର ମଲ୍ଲିକ)


ପାଣି ଅଭାବରୁ ଚାଷଜମି ପଡ଼ିଆ ପଡ଼ିଛି।

ବଡ଼ମ୍ବା ବ୍ଲକରେ ସ୍ୱଳ୍ପ ଓ ଅନିୟମିତ ବୃଷିପାତ ଚଳିତ ବର୍ଷ କୃଷି ଓ କୃଷକଙ୍କ ଉପରେ ଦାଉ ସାଧିଛି। ଫଳରେ ଶତାଧିକ ଏକର ଚାଷ ଜମି ଚାଷ ହୋଇ ନ ପାରି ପଡ଼ିଆ ପଡ଼ିଛି। ବର୍ଷାକୁ ଚାହିଁ ଚାଷୀ ଜମିରେ ତଳି କରି ଖରଡ଼ି ବୁଣା କରିଥିଲେ। ପାଣି ଅଭାବରୁ ତଳି ସବୁ ହଳଦିଆ ପଡ଼ିବାକୁ ବସିଲାଣି। ଫଳରେ ତଳି ରୋଇବା ପାଇଁ ଅପେକ୍ଷା କରିଥିବା ଚାଷୀ ଆଗକୁ କ'ଣ କରିବେ ସେ ସମ୍ପର୍କରେ କିଛି ଜାଣିପାରୁନାହାନ୍ତି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ଚାଷୀ ସନାତନ ସାହୁ କହିଛନ୍ତି, ଚଳିତ ବର୍ଷ ବଡ଼ମ୍ବାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଧିକାଂଶ ଜମିରେ ଗଜାମରୁଡି ହୋଇଯାଇଛି। ସେହିପରି ଚାଷୀ ମାୟାଧର ରାଉତ କହିଛନ୍ତି, ବଡ଼ମ୍ବା ଅଞ୍ଚଳରେ ଅନିୟମିତ ଓ ସ୍ୱଳ୍ପ ବୃଷ୍ଟିପାତ ନେଇ ଗହୀରରେ ଥିବା ଅର୍ଦ୍ଧାଧିକ ଜମି ଚାଷ ନ ହୋଇ ପଡ଼ିଆ ପଡ଼ିଛି। ଶ୍ରାବଣ ମାସ ପ୍ରାୟ ଶେଷହେବାକୁ ବସିଥିବାବେଳେ ବଡ଼ମ୍ବା ଅଞ୍ଚଳରେ ଏପର୍ଯ୍ୟନ୍ତ ବିହୁଡା ବେଉଷଣ ହୋଇନାହିଁ। ଗତ ଦୁଇଦିନ ଅଞ୍ଚଳରେ କିଛି ମାତ୍ରାରେ ବର୍ଷା ହୋଇଥିଲେ ମଧ୍ୟ ତାହା ଜମିକୁ ବେଙ୍ଗ ମୂତ୍ର ସଦୃଶ। ପାଣି ଅଭାବରୁ ବିହୁଡା ବେଉଷଣ ପାଇଁ ସମ୍ପୂର୍ଣ ନିଅଣ୍ଟ ହେଉଛି। ଏଥିଯୋଗୁ ଚାଷକାର୍ଯ୍ୟ ଠିକ୍ ଭାବେ ହୋଇପାରିନାହିଁ ବୋଲି ଚାଷୀ ବିହାରୀ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ଚାଷୀ ନବକିଶୋର ମହାନ୍ତି କହିଛନ୍ତି, ଚଳିତ ବର୍ଷ ଚାଷ ଅବସ୍ଥା ଏପରି ହୋଇଛି ଯେ ଚାଷର ବିହନ ମୁଠାଏ ପାଇବା ଆଶା ମଉଳିବାକୁ ଲାଗିଛି। ଏନେଇ ସରକାର କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ସାଲେପୁର ଜେଏମ୍ଏଫ୍‌ସିର ୪୦ତମ ପ୍ରତିଷ୍ଠା ଦିବସ

ସାଲେପୁର,୨୩।୭(ଅରବିନ୍ଦ ଭୂୟାଁ)

ସାଲେପୁର ବାର ଆସୋସିଏଶନ୍ ପକ୍ଷରୁ ଜେଏମ୍ଏଫ୍‌ସି. କୋର୍ଟର ୪୦ତମ ପ୍ରତିଷ୍ଠା ଦିବସ ସାଲେପୁର ମଧୁସୂଦନ ମଣ୍ଡପରେ ପାଳିତ ହୋଇଯାଇଛି। ଏଥିରେ ସାଲେପୁର ବାର୍ ଆସୋସିଏଶନ୍‌ର ସଭାପତି ଆଇନ୍‌ଜୀବୀ ବିକ୍ରମ କେଶରୀ ବଳ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଲେପୁର ଜେଏମ୍ଏଫ୍‌ସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡା. କିଶୋରଚନ୍ଦ୍ର ଦାସ ଓ ବରିଷ୍ଠ ଆଇନ୍‌ଜୀବୀ ବିଜୟ କେତନ ନାୟକ, ରବିନାରାୟଣ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସାଲେପୁର କୋର୍ଟ ପରିସରରେ ଏକ ଫ୍ୟାମିଲି କୋର୍ଟ ସ୍ଥାପନ, ପୂର୍ବରୁ ସାଲେପୁର କୋର୍ଟ ଅଧୀନରେ ଥିବା ପାଗା ଫାଣ୍ଡି ଅଞ୍ଚଳକୁ ସାଲେପୁର କୋର୍ଟ ପରିସରଭୁକ୍ତ କରାଯିବାକୁ ଦାବି କରାଯାଇଥିଲା। ଏହି ଅବସରରେ ବାର ଆସୋସିଏଶନ୍ ପକ୍ଷରୁ ଚିତ୍ରଭାନୁ ମିଶ୍ର, ଅମରେନ୍ଦ୍ର ନାରାୟଣ ଦାଶ, ବନବିହାରୀ ମହାନ୍ତି, ଚିରଞ୍ଜନ ରାଉତରାୟ, ରବିନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ଦାଶ, ଗଗନ ବିହାରୀ ମହାପାତ୍ର, ଶ୍ୟାମସୁନ୍ଦର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଲେପୁର ବାର ଆସୋସିଏଶନର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ସହସମ୍ପାଦକ ହରପ୍ରସନ୍ନ ମିଶ୍ର, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଖୁଣ୍ଟିଆ, କ୍ରୀଡ଼ା ସମ୍ପାଦକ ରାମକୃଷ୍ଣ ସାହୁ, ପାଠାଗାର ସମ୍ପାଦକ ଦୀପ୍ତିମୟୀ ସାହୁ, ସାଂସ୍କୃତିକ ସମ୍ପାଦକ ପଦ୍ମଲୋଚନ ସିଂହଙ୍କ ସମେତ ସାଲେପୁର ବାର ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ନାଟକ 'ସ୍ୱର୍ଗଦ୍ୱାର'ମଞ୍ଚସ୍ଥ ହୋଇଥିଲା।



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି ଓ ଆଇନଜୀବୀମାନେ।

# ଖାର ପାଣିରେ ସିଝୁନି ଡାଲି, ଚାଉଳ

- କାର୍ଯ୍ୟକାରୀ ହେଉନାହିଁ ପାନୀୟ ଜଳ ପ୍ରକଳ୍ପ
- ଷ୍ଟାଣ୍ଡ ପଏଣ୍ଟରୁ ୪ଫୁଟ ଗଭୀରକୁ ଗାତ ଖୋଳିଲେ ବି ପାଣି ବାହାରୁ ନାହିଁ
- ବିଡିଓଙ୍କୁ ଲିଖିତ ଅଭିଯୋଗ

ବାଙ୍କୀ,୨୩।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଭିତ୍ତିପ୍ରସ୍ତର ସ୍ଥାପନଠାରୁ କାର୍ଯ୍ୟକାରୀ ହୋଇ ନ ଥିବା ପାନୀୟ ଜଳ ପ୍ରକଳ୍ପ।

ବାଙ୍କୀ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗଉଡଛେଲି ଗ୍ରାମରେ ପାଣିରେ ଡାଲି, ଚାଉଳ ସିଝୁନାହିଁ। ଏପରିକି ପାଣି ପାନୀୟ ଉପଯୋଗୀ ମଧ୍ୟ ହୋଇପାରୁନାହିଁ। ଏଠାକାର କୂପ ଓ ନଳକୂପର ଜଳ କ୍ଷାରିଆ ହୋଇଥିବା ଯୋଗୁ ଏଭଳି ସମସ୍ୟା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପଶ୍ଚିମ ବାଙ୍କୀ ଉନ୍ନୟନ ପରିଷଦ ତରଫରୁ ବାଙ୍କୀ ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗଉଡଛେଲି ଗ୍ରାମର ମହାନ୍ତି ସାହି, ଚଷା ସାହି, ମାଳିସାହି, କୈବର୍ତ୍ତ ସାହି, ଧୋବା ସାହି ଓ ଗୋଖା ସାହିର ଲୋକମାନେ ରୋଷେଇ ଓ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ଜଳ ଠିକ୍‌ରେ ଆସୁନାହିଁ। ଜଳର ଷ୍ଟାଣ୍ଡ ପଏଣ୍ଟରୁ ୪ଫୁଟ ଗଭୀରକୁ ଗାତ ଖୋଳିଲେ ମଧ୍ୟ ପାଣି ବାହାରୁ ନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ୨୦୨୨ଏପ୍ରିଲ୍ ୩୦ରେ ଗଉଡଛେଲିରେ ପାନୀୟ ଜଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରକଳ୍ପ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କ କାମରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ମାର୍କେଟ ବିଲ୍ଡିଂ ବନ୍ଦକୁ ସପ୍ତାହେ ମାର୍କେଟ ଆସୋସିଏଶନ, ଉଠା ଦୋକାନୀ ମୁହାଁମୁହିଁ

ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ବନ୍ଦକୁ ଇତିମଧ୍ୟରେ ସପ୍ତାହେ ବିତିଛି। ମାର୍କେଟ ଭିତରୁ ଉଠାଦୋକାନୀଙ୍କୁ ସ୍ଥାୟୀ ଭାବେ ଉଠାଇବା ପାଇଁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ଜିଦ୍ ଧରି ବସିବା ସହ ଦୁଇ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଛି। ଏଯାଏ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀମାନେ ମୁହାଁମୁହିଁ ହୋଇଛନ୍ତି। ଉଠା ଦୋକାନୀଙ୍କ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘ ରବିବାର ମାର୍କେଟ ଗେଟ୍ ଆଗରେ ଧାରଣା ଦେବାରୁ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଥିଲା। ଦୁଇ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କରୁ ଗଣ୍ଡଗୋଳ ହୋଇଥିଲା। ଫଳରେ ସେଠାରେ ବହୁ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଏନେଇ ବାଲୁଙ୍କେଶ୍ୱର ଦେବ କ୍ଷୁଦ୍ର ବ୍ୟବସାୟୀ ସଂଘର ସଦସ୍ୟମାନେ କହିଛନ୍ତି, ଆସୋସିଏଶନ ମନଇଚ୍ଛା ମାର୍କେଟ ଗେଟ୍‌ରେ ତାଲା ପକାଇ ଦେଇଥିବାରୁ ଆମେ ଭିତରକୁ ଯାଇ ପାରୁନୁ କି ବେପାର କରି ପାରୁନୁ। ବର୍ଷ ବର୍ଷ ଧରି ଏଠାରେ ବ୍ୟବସାୟ କରି ଆସୁଛୁ। ଅନ୍ୟତ୍ର ଥଇଥାନ ନ ହେବା ଯାଏ ମାର୍କେଟ ବିଲ୍ଡିଂ ନ ଛାଡିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଆସୋସିଏଶନ ଆମକୁ ଗେଟ୍ ଭିତରକୁ ପଶିବାକୁ ଦେଉ ନ ଥିବାରୁ ଏହା ପ୍ରତିବାଦରେ ମାର୍କେଟର ପୂର୍ବଗେଟ୍ ଆଗରେ ଧାରଣା ଦେଉଛୁ। ଏଥିପାଇଁ ରୀତିମତ ପୋଲିସଠାରୁ ଅନୁମତି ମଧ୍ୟ ଅଣାଯାଇଛି। ମାତ୍ର ରବିବାର ଅପରାହ୍ନରେ ଆସୋସିଏଶନର ପ୍ରାୟ ୩୦/୪୦ ଜଣ ସଦସ୍ୟ ଆସି ଆମକୁ ଗେଟ୍ ସାମ୍ନାରୁ ହଟିବାକୁ କହି ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏନେଇ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ଗେଟ୍ ଖୋଲାଯାଇଥିଲେ। ଆମେ ଗେଟ୍ ସମ୍ମୁଖରୁ ହଟି ଗୋଟେ ପାର୍ଶ୍ୱରେ ବସିବା ପରେ ପୁଣିଥରେ ଗେଟ୍‌କୁ ତାଲା ପକାଇ ଦେଲେ ବୋଲି ଅସ୍ଥାୟୀ ବ୍ୟବସାୟୀମାନେ କହିଛନ୍ତି।

# ଦୁର୍ନୀତିମୁକ୍ତ, ସ୍ଥିର ସରକାର ଦେବାକୁ ଏଏପି ଅଙ୍ଗୀକାରବଦ୍ଧ

ରଘୁନାଥପୁର,୨୩।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁରସ୍ଥିତ ମଦନମୋହନ ମଠ ପରିସରରେ ରବିବାର ସନ୍ଧ୍ୟାରେ ଆମ ଆଦ୍‌ମୀ ପାର୍ଟି(ଏଏପି)ର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିମାନେ ସାମିଲ ହୋଇଥିଲେ। ଆୟୋଜିତ ସଭାରେ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଉପସ୍ଥିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନିନ୍ଦା କରିଥିଲେ। ତୃଣମୂଳସ୍ତରରେ ସାଧାରଣ ଜନତାଙ୍କୁ ସେବା ଯୋଗାଇବା ଆମ୍ ଆଦ୍‌ମୀ ପାର୍ଟିର ଲକ୍ଷ୍ୟ। ଏଥିସହ ଦୁର୍ନୀତିମୁକ୍ତ ଓ ସ୍ଥିର ସରକାର ଦେବା ପାଇଁ ପାର୍ଟି ଅଙ୍ଗୀକାରବଦ୍ଧ ବୋଲି ରାଜ୍ୟ ସଭାପତି ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ପାର୍ଟିରେ ନୂତନ ଭାବେ ଯୋଗ ଦେଇଥିବା ସଭ୍ୟଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର କଟକ ଜିଲା ସଭାପତି ଦୁର୍ଗାପ୍ରସାଦ ପରିଡା, ଉପସଭାପତି ବିକାଶ ଚନ୍ଦ୍ର ମହାପାତ୍ର, ଜଗତ୍‌ସିଂହପୁର ଜିଲା ସଭାପତି ଅନୁପମା ସେଠୀ, କଟକ ସଦର ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଲିଗାଲ ସେଲ ଅଧ୍ୟକ୍ଷ ଅନୁପ କୁମାର ବ୍ରହ୍ମଚାରୀ, ସନ୍ତୋଷ କୁମାର ବେହେରା, ସଞ୍ଜୀବ ପରିଡାଙ୍କ ସହ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଶେଷରେ ବରିଷ୍ଠ ନେତା ଘନଶ୍ୟାମ ଦଳେଇ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇ ଧନ୍ୟବାଦ ଦେଇଥିଲେ।


ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଓ ଅନ୍ୟ କର୍ମୀମାନେ।

# ରାଜଧାନୀରୁ ମାନସିକ ବିକୃତ ନାବାଳିକା ଉଦ୍ଧାର

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ): ରାଜଧାନୀ ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ଜଣେ ମାନସିକ ବିକୃତ ନାବାଳିକାଙ୍କୁ ରବିବାର ଉଦ୍ଧାର କରିଛି ପୋଲିସ। ନାବାଳକା ଜଣଙ୍କ କଥା କହିପାରୁ ନ ଥିବା ବେଳେ ତାଙ୍କ ବୟସ ପ୍ରାୟ ୧୨ ବର୍ଷ ହେବ। ସେ କେଉଁ ଅଞ୍ଚଳର ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦିନବେଳା ଗାଡ଼କଣସ୍ଥିତ କେଳୁଚରଣ ପାର୍କ ନିକଟରେ ନାବାଳିକା ଜଣଙ୍କ ଏଣେତେଣେ ବୁଲାବୁଲି କରୁଥିଲେ। ଏହା ଦେଖି ସ୍ଥାନୀୟ ଲୋକ ଖବର ଦେବା ପରେ ପୋଲିସ ଟିମ୍ ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏହାପରେ ଭୁବନେଶ୍ୱର ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ପୋଲିସ ଉଦ୍ଧାର ନାବାଳିକାଙ୍କୁ ହସ୍ତାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରାଯାଇଥିଲା।

ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ଯାଆଁଳାସ୍ଥିତ ମିଶନ୍ ଆଶ୍ରାରେ ନାବାଳିକାଙ୍କୁ ରଖାଯାଇଛି। ସେଠାରେ ଚିକିତ୍ସାପରେ ନାବାଳିକା ଜଣଙ୍କ କଥା କହିପାରିବେ ବୋଲି ଆଶା କରଯାଉଛି ବୋଲି ଚାଇଲ୍ଡଲାଇନ ଅଧ୍ୟକ୍ଷ କହିଛନ୍ତି। ଅନ୍ୟପକ୍ଷରେ ନାବାଳିକା ଜଣଙ୍କ ମାନସିକ ବିକୃତ ହୋଇଥିବାରୁ ତାଙ୍କୁ ପରିବାର ଲୋକ ଛାଡ଼ି ଚାଲିଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ନାବାଳିକା ଜଣଙ୍କର ପରିବାର ଲୋକଙ୍କ ସନ୍ଧାନ ପାଇବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ନାବାଳିକାଙ୍କ ପରିବାର ଲୋକଙ୍କ ସନ୍ଧାନ ପାଇବା ପାଇଁ ଆମେ ଚାରିଆଡ଼େ ଖବର ଦେଉଛୁ। ଯଦି ଏନେଇ କିଛି ଖବର ନ ମିଳେ, ତେବେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ୨୬ରେ ଏନ୍‌ଏଲ୍‌ୟୁଓର ସମାବର୍ତ୍ତନ ଉତ୍ସବ


ଖବରଦାତା ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

କଟକ,୨୩।୭ (କାର୍ତ୍ତିକ ସାହୁ)

**ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମିଳିବ ସମ୍ମାନଜନକ ଡକ୍ଟରେଟ୍**

ଆସନ୍ତା ୨୬ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା(ଏନ୍‌ଏଲ୍‌ୟୁଓ)ର ଦଶମ ସମାବର୍ତ୍ତନ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଆମ୍ଫିଥିଏଟର ହଲ୍‌ରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏଥିସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଆଇନ୍‌ରେ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯିବ। ଚଳିତବର୍ଷ ୨୨ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏଥିସହ ୪ ଜଣଙ୍କୁ ଡକ୍ଟରେଟ୍, ୪୩ ଜଣଙ୍କୁ ଏଲ୍‌ଏଲ୍‌ଏମ୍, ୧୭୮ ଜଣଙ୍କୁ ଅଣ୍ଡରଗ୍ରାଜୁଏଟ୍ ମିଶାଇ ମୋଟ ୨୨୫ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟ କୁଳ ସଚିବ ରଙ୍ଗିଣ ପଲ୍ଲବ ତ୍ରିପାଠୀ, ପରୀକ୍ଷା ନିୟନ୍ତ୍ରକ ଡ. ଅନନ୍ୟା ଚକ୍ରବର୍ତ୍ତୀ ଓ ସହକାରୀ ରେଜିଷ୍ଟ୍ରାର କଲ୍ଲୋଳ ପଟ୍ଟନାୟକ ଉପସ୍ଥିତ ଥିଲେ।

# ରାସ୍ତାପାର୍ଶ୍ୱ ପାର୍କିଂ ବଢ଼ାଇଛି ଟ୍ରାଫିକ ସମସ୍ୟା

- ଜରୁରିକାଳୀନ ଗାଡ଼ି ଆସିପାରୁନାହିଁ
- କାର୍ଯ୍ୟାନୁଷ୍ଠାନ ନେଉନାହିଁ ପୋଲିସ ପ୍ରଶାସନ
- ଉଠାଦୋକାନୀଙ୍କ ବ୍ୟବସାୟ ଯୋଗୁ ଭିଡ଼ ଜମୁଛି

ସାଲେପୁର,୨୩।୭(ଅରବିନ୍ଦ ଭୂୟାଁ)

ସାଲେପୁର ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ମାତ୍ର ଏ ଦିଗରେ ପୋଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅଧିକାଂଶ ସମୟରେ ସାଲେପୁର ବଜାରରେ ଟ୍ରାଫିକ ଜାମ୍ ରହୁଛି। ଫଳରେ ଏହି ରାସ୍ତା ଦେଇ ଜରୁରୀକାଳୀନ ଗାଡ଼ି ଯାତାୟାତରେ ବାଧା ଉପୁଜିଛି।

ସାଲେପୁର ସହର କଟକ ଜିଲାର ଏକ ପ୍ରମୁଖ ସହର ହୋଇଥିବାବେଳେ ଏହି ଅଞ୍ଚଳ ଦେଇ ନିୟମିତ ଅନେକ ଯାନବାହନ ଯାତାୟାତ କରିଥାନ୍ତି। ବିଶେଷ କରି ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଚଣ୍ଡିଖୋଲ, ପାରାଦୀପ, ଆଳି, କୁଆଁପାଳ, ମାହାଙ୍ଗା, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳରୁ ଯାନବାହନ ଏହି ରାସ୍ତା ଦେଇ ଯାଇଥାଏ। କିନ୍ତୁ ସାଲେପୁର ସହରର ଡାକପୋଲଠାରୁ ମାଛୁଆତି ତାରିଣୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ୨ଚକିଆ ଯାନ ଓ ଚାରିଚକିଆ ଯାନ ପାର୍କିଂ କରାଯାଉଛି। ଫଳରେ ଯାନବାହନ ଚଳାଚଳରେ ବ୍ୟାଘାତ ହେଉଛି। ରାସ୍ତା ଉପରେ ଲୋକମାନେ ଗାଡ଼ି ପାର୍କିଂ କରୁଥିବାରୁ ବଜାରଟି ଅଧିକାଂଶ ସମୟରେ ଜାମ୍ ରହୁଛି। ଏହି ରାସ୍ତାରେ ସରକାରଙ୍କ ନିୟମକୁ ବେଖାତିର କରି ନିୟମିତ ହାଇୱା ଓ ବହୁ ଭାରୀଯାନ ଯାତାୟତ କରାଯାଉଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଫାଷ୍ଟ ଫୁଡ୍ ବ୍ୟବସାୟୀ ଓ ଉଠା ଦୋକାନୀ ନିଜର ବ୍ୟବସାୟିକ ପସରା ମେଲାଇଛନ୍ତି। ଏନେଇ ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରି ଦୋକାନକୁ ସାମଗ୍ରୀ କିଣିବାକୁ ଯାଉଛନ୍ତି। ଫଳରେ ରାସ୍ତାରେ ଭିଡ଼ ଜମୁଛି। ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ କହିଛନ୍ତି, ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ଅବଗତ ଅଛୁ। ଏହାର ତ୍ୱରିତ ସମାଧାନ କରିବାପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ।



ସାଲେପୁର ବଜାରରେ ଟ୍ରାଫିକ ଜାମ୍ ହୋଇଛି।

## ସଂକ୍ଷେପରେ

### ୨୬ରେ ଗୋଦାବରୀଶ ମହାବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ

**ବାଲୁଗାଁ (ସଂଗ୍ରାମ ପାଇକରାୟ)/ ବାଣପୁର, ୨୩ା୭ (ଶଙ୍କର ବସ୍ତି):** ଆସନ୍ତା ୨୬ତାରିଖରେ ବାଣପୁର ସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ଏବଂ ହୀରକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପୁରାତନ ଛାତ୍ର ସଙ୍ଗଠନର ମିଳିତ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂଗଠନର ସଭାପତି ଡା.ଦେବେନ୍ଦ୍ର ନାଥ ମାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲା ଉପାଧକ୍ଷ ଗୋପୀନାଥ ମହାରଣା, ବାଣପୁର ନଗରପାଳ ମିଟୁ ନାୟକ, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ମହାବିଦ୍ୟାଳୟ ଅଧକ୍ଷ ବିନାୟକ ହୋତା, ବହୁ ପୁରାତନ ଛାତ୍ର ଯୋଗଦେଇ ସମାରୋହକୁ କିପରି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ସେନେଇ ମତ ରଖିଥିଲେ। ଆସନ୍ତା ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ବହୁ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଯୁଗ୍ମ ସମ୍ପାଦକ ସର୍ବେଶ୍ୱର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ବୋଲଗଡ଼ରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଆଜି

**ବୋଲଗଡ଼,୨୩ା୭(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାର ସମସ୍ତ ବିଭାଗର ପଦାଧିକାରୀଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗର ତର୍ଜମା କରି ତ୍ୱରିତ ସମାଧାନର ବ୍ୟବସ୍ଥା କରିବେ। ଏନେଇ ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ଏବଂ ୩ଟି ଜୋନ୍ ଜିଲାପରିଷଦ ମେମ୍ବରମାନଙ୍କୁ ପ୍ରଶାସନ ପକ୍ଷରୁ ଉପସ୍ଥିତ ରହିବାକୁ ଚିଠି କରାଯାଇଛି। ତେବେ ସାମୂହିକ ଓ ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ସାଧାରଣ ଜନତା ଏହାର ସୁଯୋଗ ନେବା ଲାଗି ବିଡିଓ ଧୋବେଇ ନାୟକ ସୂଚନା ଦେଇଛନ୍ତି।

### ୧୫ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆ,୨୩ା୭(ହରପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ଦିନିଆରୀ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରଶକ୍ତି ମିଶନ ଓ ମେଧା ସୃଷ୍ଟି ଟିଉଟୋରିଆଲ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟର ଅଧିକାରୀ ଡା.ସୌରଭ ରାୟ, ଲାବ୍ ଟେକ୍ନିସିଆନ ଝୁନୁଲତା ସାହୁ, ଶ୍ରୀକାନ୍ତ ସାମନ୍ତସିଂହାର, ଷ୍ଟାଫ୍ ନର୍ସ ଝାନ୍ସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି, ବାସୁଦେବ ବେହେରା, ସୁକାନ୍ତ ସାହୁ, ସତ୍ୟ ନାରାୟଣ ସାହୁ, ଶରତ ବାରିକ, ବିବେକାନନ୍ଦ ମିଶ୍ର, ଶିକ୍ଷକ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ଶିବିର ପରିଚାଳନା କରିଥିଲେ।

### ସୁସ୍ଥ ପରିବେଶ ପାଇଁ ୧୦୦ ଚାରା ଲଗାଇଲେ

**ବେଗୁନିଆ,୨୩ା୭(ହର ପ୍ରସନ୍ନ ପଣ୍ଡା):** ବାୟୁମଣ୍ଡଳ ଓ ପରିବେଶ ବର୍ତ୍ତମାନ ଧ୍ୱଂସ ପାଇବାକୁ ବସିଲାଣି। ଦ୍ରୁତ ଶିଳ୍ପାୟନ ଏବଂ ଜଙ୍ଗଲ ବିନ୍ୟାସ ଏହାର ପ୍ରମୁଖ କାରଣ। ଏବେ ସଚେତନ ହେବାର ସମୟ ଆସିଛି। ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ହେଲେ ଚାରାଟିଏ ଲଗାଇ ତା'ର ଯତ୍ନ ନେବା ଜରୁରୀ ବୋଲି ବେଗୁନିଆ ସଦର ମହକୁମାର ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ସଦର ମହକୁମାର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ରେଳପଥ ପାର୍ଶ୍ୱବର୍ତ୍ତୀ, ପଞ୍ଚାୟତ ସମିତି ସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ୧୦୦ଟି ଚାରାରୋପଣ କରାଯାଇଛି। ଜାମୁ, ନିମ୍ବ, ପେସ୍ତାବାଦାମ, ଅର୍ଜୁନ, କୃଷ୍ଣଚୂଡ଼ା, ରାଧାଚୂଡ଼ା ଏବଂ ବଉଳ ଆଦି ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ, ଏସ୍‌ଆଇ ଉମାକାନ୍ତ ବେହେରା, ଶିକ୍ଷାବିତ୍ ଦିବାକର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ହିମାଂଶୁ ଭୂଷଣ ଦାଶ, ସମ୍ପାଦକ ଗଙ୍ଗାଧର ମାର୍ଥାଙ୍କ ସମେତ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# 'ଶିକ୍ଷକଙ୍କ ଆଶୀର୍ବାଦ ରହିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ'

**ବେଗୁନିଆ,୨୩ା୭(ହରପ୍ରସନ୍ନ ପଣ୍ଡା)**


ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଖୋର୍ଦ୍ଧା ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ରବିବାର ବେଗୁନିଆ ସଦର ମହକୁମାସ୍ଥିତ ମା'ବରମୂଳେଇଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଖୋର୍ଦ୍ଧା ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲା ସଭାପତି ଜମ୍ବେଶ୍ୱର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପସଭାପତି ସଙ୍ଗୀତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର ବକ୍ତାଭାବେ ଯୋଗଦେଇଥିବା ବେଳେ ରାଜ୍ୟ କୋଷାଧକ୍ଷ ଆଲୋକ ରଞ୍ଜନ ସାହୁ, ରାଜ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ଦାଶ, ଉପସଭାପତି ସୁକାନ୍ତ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବେଗୁନିଆ ବ୍ଲକ ସଭାପତି ରାମଚନ୍ଦ୍ର ଷଣ୍ଢ, ସମ୍ପାଦକ ବସନ୍ତ କୁମାର ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ ପ୍ରାରମ୍ଭିକ

**ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ**

ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବସନ୍ତ କୁମାର ଜୟସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଜଗନ୍ନାଥ ଷ୍ଟକମ୍ ମନ୍ତ୍ରପାଠ କରିଥିଲେ। ସମାଜରେ ଯିଏ ବି ପ୍ରତିଷ୍ଠିତ ହୋଇଛି ସବୁ ସେହି ଶିକ୍ଷକମାନଙ୍କ ଆଶୀର୍ବାଦରୁ ହିଁ ହୋଇଛି ବୋଲି ଅତିଥି ଦାସ କହିଥିଲେ। ପୁରୁଣା ପେନସନ ବ୍ୟବସ୍ଥା, ୨୮୦୦ ଟଙ୍କା ଗ୍ରେଡ୍ ପେ, ୬ଟି ଇନ୍‌କ୍ରିମେଣ୍ଟ, ପଦୋନ୍ନତି ଏବଂ ଅନ୍ୟାନ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ପ୍ରଶାସକ ସୁଧାକର ସାମନ୍ତରାୟଙ୍କୁ ସାମାଜିକ ମାର୍ଗଦର୍ଶକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟବାଦୀ ପଣ୍ଡା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ପାଣିଗ୍ରାହୀଙ୍କୁ ଶୈକ୍ଷିକ ସାଙ୍ଗଠନିକ ଓ ମାର୍ଗଦର୍ଶକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଆଦର୍ଶ ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ୱର୍ଗତ ଶିକ୍ଷକ ଛବି ନାୟକଙ୍କ ପରିବାର ସଦସ୍ୟଙ୍କୁ ଶିକ୍ଷକ କଲ୍ୟାଣ ପାଣ୍ଠି ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିକ୍ଷକ ଆଶିଷ ସୁବୁଦ୍ଧି, ରବୀନ୍ଦ୍ର ମହାପାତ୍ର, ବିଶ୍ୱଜିତ ପଟ୍ଟନାୟକ, ଦାଶରଥି ବେହେରା, ସୁଧାକର ସେଠୀ, ଗୋପୀନାଥ ସାହୁ, ଉମାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା ଏବଂ ଉପଦେଷ୍ଟା ବଟକୃଷ୍ଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବଟି ଆଦାୟ କରି ୩ ଗିରଫ

**ପୁରୀ,୨୩ା୭( ଅଜିତ୍ ମହାନ୍ତି)**

ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିନୋଳିଆ ସାହିର ପି.କାଳିଆ ରାଓ(୨୦), ଦୀପକ କୁମାର ପଟ୍ଟନାୟକ, ଚୁଡ଼ଙ୍ଗସାହିର ଲିପୁ ଓରଫ ମହାବୀର ମହାନ୍ତି(୨୯)। ପୋଲିସ ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍, ଗୋଟିଏ ଛୁରି ଏବଂ ନଗଦ ୩୦୦ଟଙ୍କା ଜବତ କରିଛି। ଏନେଇ ପୋଲିସ କେସ ନଂ. ୧୮୭/୨୩ ରେ ଏକ ମାମଲା କରିଛି । ପୋଲିସ ସୂଚନା ଅନୁଯାୟୀ ଭିକ୍ଟୋରିଆ ହୋଟେଲ ନିକଟ ରତ୍ନାକର ରୋଡ଼ ନିକଟରେ ବ୍ୟବସାୟୀ, ପର୍ଯ୍ୟଟକଙ୍କୁ ଛୁରି ଦେଖାଇ ଅଭିଯୁକ୍ତମାନେ ବଟି ଆଦାୟ କରୁଥିଲେ। ଏସମ୍ପର୍କରେ ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ର ଏକ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଥାନାକୁ ଆଣିବା ପରେ କୋର୍ଟ ଚାଲାଣ କରିଛି ।


ଜଟଣୀ ପୌରାଞ୍ଚଳ ୮ନମ୍ବର ୱାର୍ଡ ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ରାସ୍ତାରେ ବର୍ଷା ପାଣି ଜମି ରହିଛି। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

## ରାଧାବଲ୍ଲଭ ମଠରୁ ଚୋରି, ଅଭିଯୁକ୍ତ ଗିରଫ

**ପୁରୀ,୨୩ା୭ (ଅଜିତ୍ ମହାନ୍ତି)**

ରାଧାବଲ୍ଲଭ ମଠରୁ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଛି । ସେ ହେଲେ କଟକ ଚୌଦ୍ୱାରର ବିଭୂତି ମହାରଣା(୩୨)। ଅଭିଯୁକ୍ତଙ୍କଠାରୁ ୨ଟି ରୁପା ବଇଁଶୀ, ଗୋଟିଏ ରୁପା ଚାମର ଜବତ କରାଯାଇଛି। ଏନେଇ ପୋଲିସ ୧୦୫/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ ରବିବାର ସକାଳ ୮ଟା ସମୟରେ ଅଭିଯୁକ୍ତ ମଠ ଭିତରେ ପ୍ରବେଶ କରି ବଇଁଶୀ ଓ ଚାମର ଚୋରି କରିଥିଲା। ଏହି ସମୟରେ ମଠର ଗୁମାସ୍ତା ହିମାଂଶୁ ଶେଖର ମିଶ୍ର ଦେଖିଦେଇଥିଲେ। ଏହାପରେ ସେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## 'ବାସ୍ତବତାର ଅନୁଭବ ନାଟକକୁ ଜୀବନ୍ତ କରିଥାଏ'

**ଖୋର୍ଦ୍ଧା,୨୩ା୭ (ପ୍ରଭାତ ପାଣିଗ୍ରାହୀ)**

ଆମରି ସତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ 'ସାମାଜିକୀକରଣରେ ନାଟକ' ଶୀର୍ଷକ ଏକ ଆଲୋଚନାଚକ୍ର ରବିବାର ମୁକୁନ୍ଦପ୍ରସାଦ ସ୍ଥିତ ବିଶ୍ୱାମିତ୍ର ଟ୍ରଷ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ଗୋପାଳ ଦେ ଯୋଗଦେଇ ନାଟକର ଉପସ୍ଥାପନା ଶୈଳୀ ଓ ମଞ୍ଚ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ବାସ୍ତବତାର ଅନୁଭବ ନାଟକକୁ ଜୀବନ୍ତ କରିଥାଏ ବୋଲି କହିଥିଲେ। ନାଟକ ଆରମ୍ଭ ପୂର୍ବରୁ ମଞ୍ଚ ଅନ୍ଧକାର କରାଯାଏ, କାରଣ ଦର୍ଶକ ଭାବିବେ ସମସ୍ତେ ଜଣେ ଜଣେ ଚରିତ୍ର। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ.ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ଗାଳ୍ପିକ ତପନ କୁମାର ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

**'ସାମାଜିକୀକରଣରେ ନାଟକ' ଆଲୋଚନାଚକ୍ର**

ଆଲୋଚନାଚକ୍ରରେ ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇତିଶ୍ରୀ ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରମାକାନ୍ତ ମିଶ୍ର, ବିଜୟ କୁମାର ବ୍ରହ୍ମା, ବିକ୍ରମ କେଶରୀ ଚମ୍ପତି, ରଶ୍ମିତା ନାୟକ, ଅଧ୍ୟାପିକା ରଜନୀ ରଣସିଂହ, ଅଧ୍ୟାପିକା ଆରତୀ ସେନ, ଆଶିଷ କୁମାର ରାୟ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ଅକ୍ଷୟ କୁମାର ଦାଶ, ମିନାରାଣୀ ସାହୁ, ପଦ୍ମ ଲୋଚନ ସାହୁ, ଡ. ରଶ୍ମୀ କର, ବାସନ୍ତି ଦେଈ, ରାମଶଙ୍କର, ସନ୍ତୋଷ ସାହୁ, ମନୋରମା ପାଢୀ, ସୁରେଶ କୁମାର ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାସୁଦେବ ସାହୁଙ୍କୁ ଆମରି ସତ୍ୟ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।



ଆମରି ସତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ 'ସାମାଜିକୀକରଣରେ ନାଟକ' ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ସମନ୍ୱୟ ରଖି ଏକାଠି ହୁଅ, ଦଳର ପ୍ରଚାର କର

**ଖୋର୍ଦ୍ଧା,୨୩ା୭(ପ୍ରଭାତ ପାଣିଗ୍ରାହୀ)**

୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତୃଣମୂଳସ୍ତରରେ ଦଳକୁ ମଜଭୁତ ପାଇଁ ଦଳୀୟ ନେତୃବୃନ୍ଦ ଅଣ୍ଟା ଭିଡିଲେଣି। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏବେଠୁ ସାଧାରଣ ନିର୍ବାଚନ ପାଇଁ ରାଜନୀତି ସରଗରମ ହେବାରେ ଲାଗିଛି। ସବୁଠି ଚାଲିଛି ବୈଠକ। ଭୋଟରଙ୍କୁ ମନାଇବା ପାଇଁ ଦଳୀୟ ପ୍ରଚାରରେ ମାତିଛନ୍ତି ନେତା ଓ କର୍ମୀ। ଏଥିରେ ଶାସକ ଦଳ ଆଗରେ ରହିଛି। ନିକଟରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଦଳର

**ବିଜେଡିର ସାଙ୍ଗଠନିକ ବୈଠକ**

ଯୁବ, ଛାତ୍ର ଓ ମହିଳାଙ୍କ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତସ୍ତରରେ କର୍ମୀ ସମାବେଶ ଆୟୋଜନ ଲାଗି କୁହାଯାଇଛି। ଏହିକ୍ରମରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତ ସ୍ତରରେ ଚାଲିଛି ସାଙ୍ଗଠନିକ ବୈଠକ। ରବିବାର ରାଜ୍ୟ ବିଜୁ ମହିଳା ସଭାନେତ୍ରୀ ବାସନ୍ତୀ ମହାପାତ୍ର ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଦଳୀୟ କର୍ମୀ ସମାବେଶରେ ଯୋଗଦେଇଥିଲେ। କାଇପଦର, ବଙ୍ଗିଦା, ଓରବରସିଂ, ଜଙ୍କିଆ, ଗୋଡିପଡା, ଧଉଳିମୁହଁ, ନିଜିଗଡ ତାପଙ୍ଗ, ମଳିପଡା, କଣ୍ଟୁର, କୁହୁଡି, ରତନପୁର, ବଡପାରୀ, ଟାଙ୍ଗୀ, ବାଲିପାଟପୁର, ସାନ ରାଉତପଡା, ନୂଆଗଡ଼, ସରପାରି, ଅଚ୍ୟୁତପୁର, ଲେଣ୍ଢୋ ଆଦି ପଞ୍ଚାୟତରେ ଆୟୋଜିତ ବୈଠକରେ ଯୋଗଦେଇ ବାସନ୍ତୀ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ତୃଣମୂଳସ୍ତରରେ କର୍ମୀଙ୍କୁ ଏକାଠି କାମ କରିବାକୁ କର୍ଣ୍ଣମନ୍ତ୍ର ଦେଇଥିଲେ। ସୋସିଆଲ ମିଡିଆରେ ସଜାଗ ରହିବା ସହ ବିରୋଧୀଙ୍କୁ କଡା ସମାଲୋଚନା ଲାଗି କହିଥିଲେ। ଦଳର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିକାଶ କ୍ଷେତ୍ରରେ ମହିଳାଙ୍କ ସହଭାଗିତାକୁ ସର୍ବାଗ୍ରେ ଗୁରୁତ୍ୱ ଦେଉଥିବା ବେଳେ ଗ୍ରାମାଞ୍ଚଳରେ ଆର୍ଥିକ ବିକାଶ ଉପରେ ବିଶେଷ ଦୃଷ୍ଟି ଦେଉଛନ୍ତି ମୁଖ୍ୟମନ୍ତ୍ରୀ। ସମସ୍ତଙ୍କ ସହଯୋଗ, ପରସ୍ପର ମଧ୍ୟରେ ଠିକ୍ ବୁଝାମଣା ରହିଲେ, ପୁଣି ଥରେ ବିଜେଡି ଓଡ଼ିଶାରେ ସରକାର ଗଢ଼ିବ ବୋଲି ମହାପାତ୍ର କହିଥିଲେ।


ବୈଠକରେ ରାଜ୍ୟ ବିଜୁ ମହିଳା ସଭାନେତ୍ରୀ ବାସନ୍ତୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବୈଠକ

**ନିରାକାରପୁର,୨୩ା୭ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସୈନିକ ଯୋଗଦେଇ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ସେନାମାନେ କିପରି ସରକାରଙ୍କଠାରୁ ସୁବିଧା ପାଇପାରିବେ ଏବଂ ସମାଜସେବାରେ ଅନ୍ୟକୁ ସହଯୋଗ କରିପାରିବେ ସେନେଇ ମଧ୍ୟ ଆଲୋକପାତ କରାଯାଇଥିଲା।

## ରାତ୍ରିକାଳୀନ ପାଟ୍ରୋଲିଂକୁ ଗୁରୁତ୍ୱ

**ବୋଲଗଡ଼,୨୩ା୭(ଦେବବ୍ରତ ହୋତା)**

ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘ ପକ୍ଷରୁ ସ୍ଥାନୀୟ ଥାନାରେ ଯୋଗଦେଇଥିବା ନୂତନ ଥାନା ନିରୀକ୍ଷକ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାସଂଘ ସଭାପତି ପାଣ୍ଡବ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଓ ୭ଟି ବଣିକ ସଂଘର ସଭାପତି, ସମ୍ପାଦକ ଓ ସଦସ୍ୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ଥାନୀୟ ବଜାର ଅଞ୍ଚଳରେ ଚୋରି, ଡକାୟତି ନ ହେବା ପାଇଁ ଜଗୁଆଳି ବ୍ୟବସ୍ଥା ସହ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡ଼ି କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। କୌଣସି ପରିସ୍ଥିତିରେ ଥାନା ସହ ଯୋଗାଯୋଗ କଲେ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ନିରୀକ୍ଷକ ପଣ୍ଡା କହିଥିଲେ। ମହାସଂଘ ସମ୍ପାଦକ ଅରୂପ କୁମାର ପରିଡା, ସନାତନ ସାହୁ, ସଞ୍ଜୟ ବେହେରା, ରାଜେଶ ମହାପାତ୍ର, ତପନ କୁମାର କର, ଅଭିମନ୍ୟୁ ବାଦୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବୋଲଗଡ଼ ଆଞ୍ଚଳିକ ବଣିକ ସଂଘ ପକ୍ଷରୁ ଥାନା ନିରୀକ୍ଷକଙ୍କୁ ସ୍ୱାଗତସମ୍ବର୍ଦ୍ଧନା ଦିଆଯାଉଛି।

## ରାସ୍ତାରେ ଜମୁଛି ବର୍ଷାଜଳ, ଲୋକେ ହଇରାଣ

**ବୋଲଗଡ଼,୨୩ା୭(ଦେବବ୍ରତ ହୋତା)**

ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଫଳରେ ବୋଲଗଡ଼ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ହରିଜନ ସାହି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥରୁ ଏହି ସାହିକୁ ଯାଇଥିବା ସିମେଣ୍ଟ କଂକ୍ରିଟ ରାସ୍ତାଟି ରାଜପଥଠାରୁ ନିଚା ଥିବାରୁ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ସାହିର ମଇଳା ପାଣି ଓ ରାଜପଥର ପାଣି ଏକ ଫୁଟ ଉଚ୍ଚରେ ଜମି ରହି ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏପରି ଅବସ୍ଥା ୫ବର୍ଷ ଧରି ଲାଗିରହିଛି। ଏନେଇ ଜିଲାପାଳ, ବିଧାୟକ ଓ ସରପଞ୍ଚଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ପ୍ରକାଶ ଯେ, ଏହି ରାସ୍ତା ଉପରେ ସାହିର ୬୫ ପରିବାର ସମେତ ୧୨ନମ୍ବର ୱାର୍ଡ ବନ୍ଧସାହି ବାସିନ୍ଦା ଓ ଅନ୍ୟମାନେ ନିର୍ଭର କରିଥାନ୍ତି। ସ୍କୁଲ, କଲେଜ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ମଙ୍ଗଳା ମନ୍ଦିର, ଜମିବାଡି ଓ ଗାଡ଼ିଆକୁ ଯାତାୟାତ କରିଥାନ୍ତି। ଜାତୀୟ ରାଜପଥରୁ ମଧ୍ୟ ବୋଲଗଡ ମୁଖ୍ୟ ବଜାର ମଧ୍ୟକୁ ପ୍ରବେଶ ପାଇଁ ଶର୍ଟକଟ ରାସ୍ତା ଭାବେ ବ୍ୟବହୃତ ହୋଇଥାଏ। ପାଣି ଜମିରହିବାରୁ ମଶା, ମାଛି ବଂଶ ବୃଦ୍ଧି ସହ ସଂକ୍ରାମକ ରୋଗ ହେବାର ଆଶଙ୍କା ରହିଛି। ଉକ୍ତ ରାସ୍ତାର ପୁନଃ ନିର୍ମାଣ କିମ୍ବା ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ପାଇଁ ରାଜପଥ ପାର୍ଶ୍ୱର ଡ୍ରେନ ନିର୍ମାଣ ଲାଗି ରସାନନ୍ଦ ଦଳାଇ, ବିରଞ୍ଚି ନାୟକ, ସୁରେଶ ପ୍ରଧାନ, ଗଙ୍ଗାଧର ଘଡାଇ, ରଞ୍ଜିତ ନାୟକ, ପ୍ରଫୁଲ ପ୍ରଧାନ, ରଜନୀ ନାୟକ, ବାସନ୍ତୀ ନାୟକ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ କହିଛନ୍ତି, ଏହି ରାସ୍ତାର ପାଣି ଆଗରୁ ବିଲକୁ ଯାଉଥିଲା। ଏବେ ରାସ୍ତାର ଉଭୟ ପାର୍ଶ୍ୱରେ ପାଚେରି ନିର୍ମାଣ ହେବାରୁ ଏଭଳି ଅବସ୍ଥା ଉପୁଜିଛି। ସ୍ଥାନୀୟ ୱାର୍ଡମେମ୍ବର ରେଣୁକା ନାୟକଙ୍କ ପ୍ରସ୍ତାବକ୍ରମେ ନିଚା ରାସ୍ତାଟିକୁ ଉଚ୍ଚ କରି ପୁନଃନିର୍ମାଣ ପାଇଁ ଆକ୍ସନପ୍ଲାନରେ ସାମିଲ କରାଯାଇଛି।


ରାସ୍ତା ଉପରେ ଜମି ରହିଥିବା ବର୍ଷା ପାଣି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୭।୨୦୨୩

| | |
|---|---|
| ୭,୨୪,୧୯୫ ଟଙ୍କା | |
| ସୁନା | ୧.୯୫୦ ଗ୍ରାମ୍ |
| ରୁପା | ୭.୮୦୦ ଗ୍ରାମ୍ |

# ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ମନ୍ଥର

### ସମସ୍ୟା ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଡେଲାଙ୍ଗ,୨୩।୭(ରଶ୍ମିରଞ୍ଜନ ପ୍ରଧାନ)

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଉତ୍ତମ ଶିକ୍ଷାଦାନ ପାଇଁ ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବାର ବ୍ୟବସ୍ଥା କରିଛନ୍ତି। ବିଦ୍ୟାଳୟ ନିର୍ମାଣ ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଏହି ଅର୍ଥ ଏବେ ପାଣିରେ ପଡିଛି। ବିଦ୍ୟାଳୟ ଓ ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ହେତୁ ପାଠପଢ଼ାରେ ହୀନସ୍ତା ଭୋଗୁଛନ୍ତି ଛାତ୍ରୀଛାତ୍ର। ଏଭଳି ଅବସ୍ଥା ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ଦେଖିବାକୁ ମିଳିଛି । ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେତୁ ଛାତ୍ରୀଛାତ୍ର ହୀନସ୍ତା ଭୋଗୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ଏପ୍ରିଲ ମାସରେ ଅଭିଭାବକମାନେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟସରିବାର ନା ନେଉନି। ଏ ନେଇ ଡେଲାଙ୍ଗ ବ୍ଲକର ୧୭ଟି ପଞ୍ଚାୟତର ଅଭିଭାବକମାନଙ୍କୁ ନେଇ ରାମଚନ୍ଦ୍ରପୁରସ୍ଥିତ ବିଜୟା ମଣ୍ଡପ ପରିସରରେ ରବିବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଭାବକ ଅଶୋକ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମମତା ସାହୁ, ମୋହନ ମହାନ୍ତି, ପ୍ରଶନ୍ନ କୁମାର ବିଶ୍ୱାଳ, ସୁପ୍ରଭା ରାଉତରାୟ, ଜୟନ୍ତୀ ପ୍ରଧାନ, ସସ୍ମିତା ମହାନ୍ତି, ସନାତନ ସାହୁ, ବିଜୟ ସେଠୀ, ପବିତ୍ର ଭୋଇ ପ୍ରମୁଖଙ୍କ ସହିତ ୭୦ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ନିର୍ମାଣ କାର୍ଯ୍ୟ ମନ୍ଥର, ଶିକ୍ଷକ ଅଭାବ, ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଥାଉ କି, ଚଳିତବର୍ଷ ମୋଟ ୮୦ଜଣ ଛାତ୍ରୀଛାତ୍ର ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। କିନ୍ତୁ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଛାତ୍ରୀଛାତ୍ର ଅସ୍ଥାୟୀ ଭାବେ ନିକଟସ୍ଥ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆଜବେଷ୍ଟସ ଗୃହରେ ପାଠ ପଢୁଛନ୍ତି। ଏହି ଉଚ୍ଚ ବିଦ୍ୟାଳୟ ପରିସରରେ ସୀମିତ ଶ୍ରେଣୀ ଗୃହ ଥିବାରୁ ବେଳେବେଳେ ଛାତ୍ରୀଛାତ୍ରମାନେ ପାଠପଢ଼ାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ସମୟରେ ଏହି ଆଜବେଷ୍ଟସ ଶ୍ରେଣୀଗୃହରେ ପାଣି ଗଳୁଛି। ପାନୀୟ ଜଳ ସମସ୍ୟା ଓ ଶିକ୍ଷକ ଅଭାବ ରହିଥିବା ମଧ୍ୟ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସୂଚନା ଫଳକ ଅନୁଯାୟୀ ଗତ ୨୦୨୨ ମେ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଚଳିତ ବର୍ଷ ମେ ୨୬ ତାରିଖରେ ସମାପ୍ତ ହେବ ବୋଲି ଲେଖାଯାଇଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା କାନ୍ଥ ଗଡ଼ା ସମାପ୍ତ ହୋଇନାହିଁ। ଆଗାମୀ ଦିନରେ ଜିଲାପାଳ ଏହି ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନ ନେଲେ ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଭାବକ ମହାସଂଘ ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି।



ଅଭିଭାବକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ବାଲ୍ୟ ବିବାହ ଉଚ୍ଛେଦ ନେଇ ସଚେତନତା

ପିପିଲି,୨୩।୭(ଦୁର୍ଗାମାଧବ ମିଶ୍ର)

ବାଲ୍ୟ ବିବାହ ଏକ ସାମାଜିକ କଳଙ୍କ ଏବଂ ସମାଜ ବିରୋଧୀ ବ୍ୟାଧି। ଏହି ଘୃଣ୍ୟ ପ୍ରଥାଠାରୁ ନିଜକୁ ଏବଂ ସମାଜକୁ ଦୂରେଇ ରଖିବା ପାଇଁ ପିପିଲି ଅଞ୍ଚଳର ସ୍ଥାନୀୟ ନହଳାପଡା ହାଇ ସ୍କୁଲଠାରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ବାଲ୍ୟ ବିବାହ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଶପଥ ନେଇଥିଲେ। ପ୍ରଧାନ ଶିକ୍ଷକ ଅମିୟ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରୁଚିକା ସମାଜ ମଙ୍ଗଳ ଅନୁଷ୍ଠାନ ଭୁବନେଶ୍ୱରରେ ନିମାପଡ଼ା ବ୍ଲକ ସଂଯୋଜକ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବାଲ୍ୟ ବିବାହର କରୁଣ ପରିଣତି ସମ୍ବନ୍ଧରେ ବୁଝାଇବା ସହିତ ଏଥିରୁ ନିଜକୁ ତଥା ସମାଜକୁ ବଞ୍ଚାଇବା ପାଇଁ ଶପଥ ପାଠ କରାଇଥିଲେ। ଉକ୍ତ ସଭାରେ ଅତିଥିଭାବେ ଲକ୍ଷ୍ମୀନାରାୟଣପୁର ସିଆର୍‌ସିସି ପ୍ରଦୀପ କୁମାର ନାୟକ ଯୋଗଦେଇଥିବା ବେଳେ ଏହି ସଚେତନତା କାର୍ଯ୍ୟକ୍ରମକୁ ଶିକ୍ଷକ କୈଳାସଚନ୍ଦ୍ର ରାଉତ, ହେମନ୍ତ ପ୍ରଧାନ, ସନ୍ତୋଷ ଦାସ, ସୁଚିତ୍ର ସାହୁ, ଦିଲୀପ ଦାସ ଏବଂ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।



ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ବାଲ୍ୟ ବିବାହ ଉଚ୍ଛେଦ ନେଇ ସଚେତନ କରୁଛନ୍ତି ।

## ସଂକ୍ଷେପରେ

### ରାଧାବଲ୍ଲଭ ମଠରୁ ଚୋରି, ଅଭିଯୁକ୍ତ ଗିରଫ

ପୁରୀ,୨୩।୭ (ଅଜିତ୍ ମହାନ୍ତି) - ରାଧାବଲ୍ଲଭ ମଠରୁ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଚୌଦ୍ୱାରର ବିଭୂତି ମହାରଣା(୩୨)। ଅଭିଯୁକ୍ତଙ୍କଠାରୁ ୨ଟି ରୂପା ବଇଁଶୀ, ଗୋଟିଏ ରୂପା ଚାମର ଜବତ କରାଯାଇଛି। ଏନେଇ ପୋଲିସ ୧୦୫/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ ରବିବାର ସକାଳ ୮ଟା ସମୟରେ ଅଭିଯୁକ୍ତ ମଠ ଭିତରେ ପ୍ରବେଶ କରି ବଇଁଶୀ ଓ ଚାମର ଚୋରି କରିଥିଲା। ଏହି ସମୟରେ ମଠର ଗୁମାସ୍ତା ହିମାଂଶୁ ଶେଖର ମିଶ୍ର ଦେଖିଦେଇଥିଲେ। ଏହାପରେ ସେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ବଟି ଆଦାୟ କରି ୩ ଗିରଫ

ପୁରୀ,୨୩।୭( ଅଜିତ୍ ମହାନ୍ତି) ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିନୋଳିଆ ସାହିର ପି.କାଳିଆ ରାଓ(୨୦), ଦୀପକ କୁମାର ପଟ୍ଟନାୟକ, ଚୁଡ଼ଙ୍ଗସାହିର ଲିପୁ ଓରଫ ମହାବୀର ମହାନ୍ତି(୨୯)। ପୋଲିସ ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍, ଗୋଟିଏ ଛୁରି ଏବଂ ନଗଦ ୩୦୦ଟଙ୍କା ଜବତ କରିଛି। ଏନେଇ ପୋଲିସ କେସ ନଂ. ୧୮୭/୨୩ ରେ ଏକ ମାମଲା କରିଛି । ପୋଲିସ ସୂଚନା ଅନୁଯାୟୀ ଭିକ୍ଟୋରିଆ ହୋଟେଲ ନିକଟ ରତ୍ନାକର ରୋଡ଼ ନିକଟରେ ବ୍ୟବସାୟୀ, ପର୍ଯ୍ୟଟକଙ୍କୁ ଛୁରି ଦେଖାଇ ଅଭିଯୁକ୍ତମାନେ ବଟି ଆଦାୟ କରୁଥିଲେ। ଏସମ୍ପର୍କରେ ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ର ଏକ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଥାନାକୁ ଆଣିବା ପରେ କୋର୍ଟ ଚାଲାଣ କରିଛି ।



ଶ୍ରାବଣମାସ ଉପଲକ୍ଷେ ପୁରୀ ବେଳାଭୂମିରେ ଶିଳ୍ପୀ ରଞ୍ଜନ ଗାଙ୍ଗୁଲୀଙ୍କ ଦ୍ୱାରା ମହାଦେବଙ୍କ ଉପରେ ପ୍ରସ୍ତୁତ ବାଲୁକା କଳା ।

## ଋଣ କରାଇଦେବାକୁ କହି ୧.୩ ଲକ୍ଷ ଠକେଇ

ବଳଙ୍ଗା,୨୩।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନିକଟସ୍ଥ ବାଗଲପୁର ଗ୍ରାମର ଅଶୋକ ପରିଡ଼ା (୨୮) ଅନଲାଇନ ମାଧ୍ୟମରେ ଏକ ପ୍ରାଇଭେଟ ଫାଇନାନ୍ସରୁ ଲୋନ ପାଇଁ ଆବେଦନ କରିଥିବା ବେଳେ ଗତ ୧୦ଦିନ ତଳେ ଏକ ଅଜଣା ଫୋନ ନମ୍ବରରୁ ଅଶୋକଙ୍କ ନିକଟକୁ ଫୋନ ଆସିଥିଲା। କାଗଜପତ୍ର ପାଇଁ ଅଗ୍ରୀମ ୨୫୫୦ ଟଙ୍କା ଖର୍ଚ୍ଚ ଦେବା ପାଇଁ କହିବା ପରେ ଅଶୋକ ତୁରନ୍ତ ଟଙ୍କାକୁ କୁନ୍ଦନ କୁମାରଙ୍କ ନାମରେ ଥିବା ଫୋନପେ ଆକାଉଣ୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ୨ଟି ପର୍ଯ୍ୟାୟରେ ଅଶୋକ ୧ଲକ୍ଷ ୩୦ ହଜାର ୮ ଶହ ଟଙ୍କା ପଠାଇଥିଲେ। ଏତେ ଟଙ୍କା ଦେବାପରେ ଅଶୋକଙ୍କ ଆକାଉଣ୍ଟକୁ ଲୋନ ରାଶି ନ ଆସିବାରୁ ବ୍ୟସ୍ତ ହୋଇ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କୁ ଜଣାଇବାରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବାପରେ ପୋଲିସ ନଂ.୧୩୨/୨୩ରେ ସାଇବର ଅପରାଧରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ କିପରି ସାଧାରଣ ଲୋକମାନଙ୍କ ନିକଟରେ ପହଞ୍ଚିବ। ସାଧାରଣ ଲୋକ ମାନେ କିପରି ଏହି ସବୁ ଯୋଜନାଗୁଡ଼ିକରେ ଫଳପ୍ରଦ ହୋଇପାରିବେ ଓ ସଂଗଠନ କିପରି ସୁଦୃଢ଼ ହେବ ସେନେଇ ମୁଁ ୧୮ ଘଣ୍ଟା ସାଧାରଣ ଲୋକଙ୍କ ନିକଟରେ ରହିଥାଏ ବୋଲି ରବିବାର ଗୋପ ନିକଟସ୍ଥ କୁସୁପୁରୁ ଠାରେ ଆୟୋଜିତ ଗୋପ ପଞ୍ଚାୟତର କର୍ମୀ ସମ୍ମିଳନୀରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମତ ରଖିଥିଲେ। ସେ ଆହୁରି କହିଥିଲେ, ମୁଁ ମୋ ପରିବାରକୁ ଛାଡ଼ି ଦେଇ ଦୀର୍ଘ ୪୦ ବର୍ଷ ଧରି ନିମାପଡ଼ା ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିଥିବା ୪୬ ପଞ୍ଚାୟତର ୭ ଶହରୁ ଊର୍ଦ୍ଧ୍ୱ ୱାର୍ଡ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳରେ ରହିଥିବା ଦୁଇ ଲକ୍ଷରୁ ଲୋକ ସମସ୍ୟା ମୁଁ ରହିଛି ବୋଲି କହିଥିଲେ। ଗୋପ ପଞ୍ଚାୟତର ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଗୋପ ପଞ୍ଚାୟତର ପର୍ଯ୍ୟବେକ୍ଷକ ଯୁବରାଜ ବିଶ୍ୱାଳଙ୍କ ସହିତ ଆଉ କେତେକ ବରିଷ୍ଠ ନେତୃତ୍ୱ ଯୋଗଦେଇ ବିଜେଡି ଶାସନ ସମୟରେ ସାଧାରଣ ଲୋକ କିପରି ଆଗକୁ ବଢ଼ିବା ସହିତ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମତ ରଖିଥିଲେ। ଏହି ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀରେ ୫ ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ରହି ଚଳିତ ସାଧାରଣରେ ନିର୍ବାଚନରେ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ ୪ର୍ଥ ଥର ଲାଗି ସମୀର ରଞ୍ଜନ ଦାଶଙ୍କୁ ବିଧାୟକ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।



ସମ୍ମିଳନୀରେ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି ।

## କାମ ନ ହୋଇ ମିଥ୍ୟା ବିଲ୍ ହୋଇଥିବା ଅଭିଯୋଗ

### ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

ପୁରୀ,୨୩।୭(ଅଜିତ୍ ମହାନ୍ତି)

ପୁରୀ ସଦର ବ୍ଲକ ଅଧୀନ ପ୍ରତାପପୁରୁଷୋତ୍ତମପୁର ପଞ୍ଚାୟତର ଲୋକନାଥପୁର ଗ୍ରାମରେ ସୋଲାର ୱାଟର ସପ୍ଲାଇ କାର୍ଯ୍ୟ ନହୋଇ କାମ ବାବଦକୁ ୫ ଲକ୍ଷ ଟଙ୍କା ମିଥ୍ୟା ବିଲ ହେବା ଏବଂ ବିନା ନାମ ଫଳକ ଲେଖା ନହୋଇ ୨ ଟି ରାସ୍ତା କାମର ମିଥ୍ୟା ବିଲ ହୋଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ପକ୍ଷରୁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତାପପୁରୁଷୋତ୍ତମପୁର ପଞ୍ଚାୟତ ୱାଡ ନଂ. ୨ ତଥା ଲୋକନାଥପୁର ଗ୍ରାମରେ ସୋଲାର ପାଣି ସପ୍ଲାଇ ନାମରେ ଜମା କାମ ନହୋଇ ମିଥ୍ୟା ବିଲ୍ କରାଯାଇଛି। ଏଥିରେ ଗ୍ରାମର ସରପଞ୍ଚ, ପିଇଓ ଓ ଜେଇଙ୍କ ସମେତ ସରକାରୀ ଅଧିକାରୀମାନେ ସମ୍ପୃକ୍ତ ରହିଛନ୍ତି। ସରପଞ୍ଚ ତାଙ୍କର କିଛି ପୋଷ୍ୟ ଲୋକ ତଥା ଦୁର୍ନୀତିଗ୍ରସ୍ତ ଲୋକଙ୍କ ସହଯୋଗରେ ଉପରିସ୍ଥ ଅଧିକାରୀମାନଙ୍କୁ ହାତ କରି ଫଲ୍ସବିଲ କରିଛନ୍ତି। ସେହିପରି ଗତ ୧୫ ଦିନ ତଳେ ବିନା ନାମ ଫଳକରେ ୨ଟି କଂକ୍ରିଟ୍ ରୋଡ ପ୍ରାୟ ୧୫୦ ଫୁଟ୍‌ର ନିମ୍ନମାନର କାମ କରି ଅର୍ଥ ହରିଲୁଟ କରିଛନ୍ତି। ତେଣୁ ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ଯଦି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ ତେବେ ଜନ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତ। ଦାବିପତ୍ରର ନକଲ ଜିଲାପାଳ, ପିଡିଡିଆର୍‌ଡିଏଙ୍କୁ ପ୍ରଦାନ କରାଯାଇଛି।

## ଥାନା କର୍ମଚାରୀଙ୍କୁ ଡିଏସ୍‌ପିଙ୍କ ତାଗିଦ

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନାରେ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ବଦଳି ପରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସହିତ ମାଛ ଓ ବଟି ଟଙ୍କା ନେଇ ଥାନାରେ ଠେଲାପେଲା ପର୍ଯ୍ୟନ୍ତ କଥା ହୋଇଥିଲା। ଏହି ଘଟଣା ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ରବିବାର ସନ୍ଧ୍ୟାରେ ନିମାପଡ଼ା ଡିଏସପି ଦେବାଶିଷ ମିଶ୍ର ଥାନାରେ ପହଞ୍ଚି ସମସ୍ତ ପୋଲିସ କର୍ମଚାରୀଙ୍କୁ ତାଗିଦ କରିବା ସହ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂପର୍କରେ ଜିଲା ଏସପିଙ୍କୁ ମଧ୍ୟ ଅବଗତ କରାଯିବ ବୋଲି କହିଛନ୍ତି। ପ୍ରକାଶ ଯେ, ପୂର୍ବତନ ଥାନା ଅଧିକାରୀଙ୍କ ବଦଳି ହେବା ପରେ ନୂତନ ଥାନା ଅଧିକାରୀ ମହେଶ୍ୱର ସେଠୀ ଯୋଗଦେଇଛନ୍ତି। ମାତ୍ର ନୂତନ ଥାନା ଅଧିକାରୀଙ୍କ ଅଗୋଚରରେ ଟଙ୍କା ଆଦାୟ କରିବା, ଆନ୍ଧ୍ର ପୋଖରୀରୁ ମାଛ ସହିତ ଟଙ୍କା ଆଣିବା ଭଳି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଖବର ପ୍ରକାଶିତ ହେବା ପରେ ନୂତନ ଥାନା ଅଧିକାରୀ ମହେଶ୍ୱର ସେଠୀ ଥାନାର ସମସ୍ତ କର୍ମଚାରୀ ଓ କାର୍ଯ୍ୟରତ ଅଧିକାରୀଙ୍କୁ ତାଗିଦ କରିଥିବା ବେଳେ ସନ୍ଧ୍ୟାରେ ଡିଏସ୍‌ପି ଦେବାଶିଷ ମିଶ୍ର ମଧ୍ୟ ତାଗିଦ କରିଛନ୍ତି।

## ତୃତୀୟା ଦେବ ସାହିତ୍ୟ ସଂସଦର କବିତା ଆସର

ସାକ୍ଷୀଗୋପାଳ, ୨୩।୭(ଭରତ ରାଉତ)

ସାହିତ୍ୟ ସଂଗଠନ ତୃତୀୟାଦେବ ସାହିତ୍ୟ ସଂସଦର ମାସିକ କବିତା ଆସର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଶୁକଳ ତୃତୀୟା ଦେବ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୃଷ୍ଣମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ଅନୁଷ୍ଠାନର ସମସ୍ତ କବିମାନେ ପରିଚୟ ପ୍ରଦାନ କରିବା ସହ ସ୍ୱରଚିତ କବିତାମାନ ଆବୃତ୍ତି କରିଥିଲେ। ଅନୁଷ୍ଠାନର ବାର୍ଷିକୋତ୍ସବ ଓ ପତ୍ରିକା ସମ୍ପାଦନା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ ମଞ୍ଚାସୀନ ଅତିଥି ଅଜୟ କୁମାର ବଳିୟାର ସିଂ, ଦୀନକୃଷ୍ଣ ପ୍ରଧାନ, ଶରତ ଚନ୍ଦ୍ର ମହାପାତ୍ର, ସରୋଜ ବରାଳ, ପ୍ରମୋଦ କୁମାର ଜେନା, ସଚ୍ଚିକାନ୍ତ ପ୍ରଧାନ, ବାଳକୃଷ୍ଣ ଜେନା, କସ୍ତୁରୀ ଦୀକ୍ଷିତ, ସୁମିତ୍ରା ପ୍ରଧାନ ପ୍ରମୁଖ ଯୋଗଦେଇ ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସାଂପ୍ରତିକ ସାହିତ୍ୟରେ ଉତ୍ତର ଆଧୁନିକ କବିତାର ଗତି ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶେଷରେ ସାଧୀନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ସାକ୍ଷୀଗୋପାଳରେ ଅନୁଷ୍ଠିତ କବିତା ଆସରରେ ମଞ୍ଚାସୀନ କବି ଓ ଅନ୍ୟମାନେ ।

## ଭକ୍ତ ଦାସିଆ ପୀଠରେ ଆଲୋଚନା

ପିପିଲି,୨୩।୭(ଦୁର୍ଗାମାଧବ ମିଶ୍ର)

ଭକ୍ତ ସିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ଏମସ୍ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ନୂତନ ସଭ୍ୟମାନଙ୍କ ପରିଚୟ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ପ୍ରସ୍ତାବ ଗୃହିତ କରିଥିଲେ। ଆଲୋଚନାରେ ମୁଖ୍ୟ ପ୍ରସଙ୍ଗ ଭାବେ ଓବିସିସିର ସମାଜ ମଙ୍ଗଳ କଲ୍ୟାଣ ପାଣ୍ଠିରୁ ଅନୁମୋଦିତ ଆର୍ଥିକ ସହାୟତାରେ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରବେଶ ପଥରେ ଏକ ପଦ ପ୍ରେକ୍ଷାଳୟ ଓ ଦର୍ଶନାର୍ଥୀମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ସ୍ଥାନ ନିରୂପଣ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। ଓଡ଼ିଶା ଭାଗବତର ରାଜ୍ୟ ସଭାପତି ତଥା କେନ୍ଦ୍ରାପଡ଼ା ବ୍ରହ୍ମାଣୀ ପୀଠର ପୀଠାଧୀଶ ତପନ ବାବାଙ୍କ ଆର୍ଥିକ ସହାୟତାରେ ନିର୍ମାଣ ହେବାକୁ ଥିବା ଭାଗବତ ଟୁଙ୍ଗୀର କାର୍ଯ୍ୟ ଓ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ହରେରାମ ସାହୁଙ୍କ ଅନୁଦାନରେ ଭୋଗ ଦୋକାନ ଗୃହ ଯଥାଶୀଘ୍ର ନିର୍ମାଣ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ବାଲିଗ୍ରାମର ଅଧିବାସୀମାନଙ୍କ ପରାମର୍ଶକ୍ରମେ ପୀଠ ନିକଟସ୍ଥ ଦୋଳବେଦୀର ଚର୍ତୁପାର୍ଶ୍ୱ, ନିକଟରେ ଥିବା ବଟବୃକ୍ଷର ଚର୍ତୁପାର୍ଶ୍ୱ ଏବଂ ରାଧାମୋହନ ମଠର ପୀଠ ପରିସରରେ ଥିବା ଫୁଲବଗିଚାର ସୌନ୍ଦର୍ଯ୍ୟକରଣ କରାଯିବାକୁ ସ୍ଥିର କରାଯାଇଥିଲା । ଭୁବନେଶ୍ୱରସ୍ଥ ଡୁମୁଡୁମାର ଶ୍ରୀଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟିର କର୍ମକର୍ତ୍ତାମାନଙ୍କ ଦ୍ୱାରା ଭକ୍ତ ଦାସିଆଙ୍କ ଆସ’। ଜନ୍ମତିଥିରେ ଭକ୍ତ ଦାସିଆ ଗୀତିନାଟ୍ଟ ମ*ସ୍ତ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା ।

ଏହି ଅବସରରେ ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଅନ୍ୟ ପାର୍ଶ୍ୱ ମନ୍ଦିରର ଦୈନନ୍ଦିନ ଦେବନୀତିରେ ଆବଶ୍ୟକ ହେଉଥିବା ଫୁଲଫଳ ନିମନ୍ତେ ଭକ୍ତ ଦାସିଆ ସ୍ମୃତି କମିଟି, ଟେମ୍ପଲ ସିଟି ରୋଟାରୀ କ୍ଲବ, ଭୁବନେଶ୍ୱର ଏବଂ ରୋଟାରୀ କ୍ଲବ ଭୁବନେଶ୍ୱର(ନର୍ଥ)ର ସଦସ୍ୟମାନଙ୍କ ଦ୍ୱାରା ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରା ରୋପଣ କାର୍ଯ୍ୟକ୍ରମ ଇଂ.ବସ’ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ଯ ଇଂ. ରୋହିତ କୁମାର ସେଠୀ, ଇଂ.ଭରତ ଚନ୍ଦ୍ର ଦଳାଇ, ରୋଟାରୀଆନ ଜୟପ୍ରକାଶ ମିଶ୍ର, ଅବନୀକା’ ପାଟ୍ଟଯୋଶୀ, ପଞ୍ଚାନନ ନାୟକ, ସରୋଜ ସାହୁ, ମନୋରଞ୍ଜନ ପଟ୍ଟନାୟକ, ଇଂ.ପ୍ରତାପ ଚନ୍ଦ୍ର ସିଂ, ଚିରଞ୍ଜନ ସେନାପତି ତଥା ବାଲିଗ୍ରାମର ସମସ୍ତ ଅଧିବାସୀ ସହଯୋଗ କରିଥିଲେ।




ବୈଠକରେ ଯୋଗଦେଇଥିବା ଅତିଥି ଓ ଭକ୍ତ ଦାସିଆ ସ୍ମୃତି କମିଟି ସଦସ୍ୟ ।

# ଆଜିଠୁ ପଶ୍ଚିମଦ୍ୱାର ଦେଇ ଯିବେ ପୁରୀବାସୀ



■ପରିଚୟ ପତ୍ର ଦେଖାଇବେ

■ସୁଦର୍ଶନଙ୍କ ଧାରଣା ଟୁଇଟ୍ ପରେ ଏପରି ନିଷ୍ପତ୍ତି ହୋଇଥିବା ଚର୍ଚ୍ଚା

**ପୁରୀ,୨୩।୭(ଅଜିତ ମହାନ୍ତି)**

ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ନେଇ ବିଭିନ୍ନ ମହଲରେ ତିବ୍ର ପତିକ୍ରିୟା ଦେଖିବାକୁ ମିଳିଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ କରିଥିଲେ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଭକ୍ତଙ୍କ ପାଇଁ ଦ୍ୱାର ଖୋଲିବା ନେଇ ଦାବି କରାଯାଇଥିଲା। ଏପରିକି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ଲୋକଙ୍କ ପାଇଁ ଅତ୍ୟନ୍ତ ଗୋଟିଏ ଦ୍ୱାର ଖୋଲିବା ପାଇଁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠି ଲେଖିଥିଲେ। ବିଭିନ୍ନ ମହଲରୁ ଦାବି ହେବା ପରେ ଚାରି ଦ୍ୱାର ଖୋଲିବା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତିଶା ନିଯୋଗ ବୈଠକ ଡକାଯାଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରି ନଥିଲା। ଫଳରେ ଏକ ୫ ଜଣିଆ ସବ୍‌କମିଟି ଗଠନ କରାଯାଥିଲା। ଉକ୍ତ ସବ୍ କମିଟି ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ଦ୍ୱାର ଖୋଲିବା ନେଇ ଆଲୋଚନା ହେବାର ନିଷ୍ପତ୍ତି ହୋଇଥିଲା। ତେବେ ବିଭିନ୍ନ ଦିଗରୁ ଦାବି ହେଉଥିବା ବେଳେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଦ୍ୱାର ଖୋଲିବା ନେଇ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ବୈଠକରେ ଜିଲାପାଳ, ଏସ୍‌ପି, ପରିଚାଳନା କମିଟି ସଦସ୍ୟ, ସବ୍‌କମିଟି ସଦସ୍ୟ ଏବଂ ଛତିଶା ନିଯୋଗର କେତେଜଣ ବରିଷ୍ଠ ସେବକ ଉପସ୍ଥିତ ରହି ଶ୍ରୀମନ୍ଦିର ଦ୍ୱାର ଖୋଲିବା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ପୁରୀବାସୀଙ୍କ ନିମନ୍ତେ ସୋମବାରଠାରୁ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ଖୋଲିବାକୁ ନିଷ୍ପତ୍ତି ହୋଇଛି। ସକାଳ ୭ଟାରୁ ପୁରୀବାସୀ ସେମାନଙ୍କ ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିପାରିବେ। ତେବେ ବୈଠକ ପରେ ଜିଲାପାଳ ଓ ଏସ୍‌ପିଙ୍କ ସହ ସେବାୟତମାନେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ସୋମବାରଠାରୁ ପଶ୍ଚିମଦ୍ୱାର ବାଟେ ଦର୍ଶନ ଆରମ୍ଭ ହେବାକୁ ଥିବାରୁ ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଥିଲା।

“ ସୋମବାର ସୁଦ୍ଧା ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଖୋଲଯାଉ ବୋଲି ଦାବି କରି ଜିଲାପାଳଙ୍କୁ ଚିଠି କରିବା ସହ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏସ୍‌ପିଙ୍କୁ ଟୁଇଟ୍ କରିଥିଲି। ପୁରୀବାସୀଙ୍କ ପାଇଁ ଗୋଟିଏ ଦ୍ୱାର ନ ଖୋଲିଲେ ପଶ୍ଚିମଦ୍ୱାର ସମ୍ମୁଖରେ ସୋମବାର ବସି ମହାପ୍ରଭୁଙ୍କ ଆରାଧନା କରିବେ ବୋଲି ଟୁଇଟ୍‌ରେ ଉଲ୍ଲେଖ କରିଥିଲି। ବୈଠକରେ ପୁରୀବାସୀ ପାଇଁ ପଶ୍ଚିମଦ୍ୱାର ଖୋଲିବାକୁ ନିଷ୍ପତ୍ତି ହୋଇଛି। ଯାହା ପୁରୀବାସୀଙ୍କ ଲାଗି ଖୁସି ଖବର।

**– ସୁଦର୍ଶନ ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ**

“ ଶ୍ରୀମନ୍ଦିର ଦ୍ୱାର ଖୋଲିବା ନେଇ ବୈଠକ ହୋଇଥିଲା। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ପୁରୀ ବାସିନ୍ଦାମାନେ ସୋମବାର ପରିଚୟ ପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇପାରିବେ। ସହରବାସୀଙ୍କୁ ଅଗ୍ରାଧିକାର ଦେଇ ସୁବ୍ୟବସ୍ଥା କରାଯାଇଛି। ଏବେ ପଶ୍ଚିମଦ୍ୱାର ଖୋଲାଯାଇଛି, ଶ୍ରୀମନ୍ଦିର ଉତ୍ତର ଦ୍ୱାର ଏବଂ ଦକ୍ଷିଣ ଦ୍ୱାର ପଟେ ପରିକ୍ରମା ମାର୍ଗ କାର୍ଯ୍ୟ ଜାରି ରହିଥିବାରୁ କାର୍ଯ୍ୟ ସରିବା ପରେ ଉକ୍ତ ଦୁଇ ଦ୍ୱାର ସମ୍ପର୍କରେ ଯାହା କିଛି ଆଲୋଚନା କରାଯିବ।

**–ଭବତାରଣ ସାହୁ, ଉପଜିଲାପାଳ**

“ ଏଣିକି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲାଯିବ। ବୈଠକରେ ଚାରି ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଉତ୍ତର ଏବଂ ଦକ୍ଷିଣ ଦ୍ୱାର ପଟେ ପରିକ୍ରମା କାର୍ଯ୍ୟ ଜାରି ରହିଛି, ସେହି ରାସ୍ତାରେ ଯାତାୟାତ ସୁବିଧା ହେବ ନାହିଁ, ତେଣୁ ଉକ୍ତ ଦୁଇ ଦ୍ୱାର ବନ୍ଦ ରହିବ।

**– ରାମଚନ୍ଦ୍ର ଦାସମହାପାତ୍ର, ସବ୍ କମିଟି ସଦସ୍ୟ**

“ ଶୃଙ୍ଖଳିତ ଭାବେ ବୈଠକ ସମ୍ପନ୍ନ ହୋଇଛି । ତେବେ ପରିକ୍ରମା ମାର୍ଗ କାର୍ଯ୍ୟ ଜାରି ରହିଥିବାରୁ ଦକ୍ଷିଣ ଏବଂ ଉତ୍ତର ଦ୍ୱାର ପୂର୍ବଭଳି ବନ୍ଦ ରହିବ। ପରିକ୍ରମା ମାର୍ଗ କାର୍ଯ୍ୟ ସରିବା ପରେ ଉକ୍ତ ଦୁଇ ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ତେବେ ଏପରି ହଠାତ୍ ବୈଠକ ଡାକି ସୋମବାର ପଶ୍ଚିମଦ୍ୱାର ଖୋଲିବା ନିଷ୍ପତ୍ତି ସୁଦର୍ଶନଙ୍କ ଟୁଇଟ୍‌ର ପ୍ରଭାବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

**–ଦାମୋଦର ମହାସୁଆର, ସଦସ୍ୟ**

## ନେଚର ଫଟୋଗ୍ରାଫର ସିଦ୍ଧାର୍ଥ ଶୁଭଦର୍ଶନଙ୍କ ପରଲୋକ

**କଟକ,୨୩।୭ (କାର୍ତ୍ତିକ ସାହୁ):** ଓଡ଼ିଶାର ଜଣାଶୁଣା ନେଚର ଫଟୋଗ୍ରାଫର ଏବଂ ଆକ୍ୱାରିୟମ ସେଟର ସିଦ୍ଧାର୍ଥ ଶୁଭଦର୍ଶନ(୪୫)ଙ୍କର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି।



ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଗାୟତ୍ରୀ ନାୟକ, ବାପା ଡ. ଶଙ୍କରେଶ୍ୱର ସ୍ୱାଇଁ, ମାତା ଧୀରା ସ୍ୱାଇଁ, ଭିଣୋଇ ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଓ କନ୍ୟା ସୁଦୀକ୍ଷା ଉପସ୍ଥିତ ଥିଲେ। ସତୀଚୌରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ ଜଣେ ଦକ୍ଷ ନେଚର ଫଟୋଗ୍ରାଫର ସହିତ ବିଭିନ୍ନ ପ୍ରକାର ଆକ୍ୱାରିୟମର ସେଟିଂ ସ୍ୱତନ୍ତ୍ର ଶୈଳୀରେ କରିବାରେ ବେଶ୍ ନିପୁଣ ଥିଲେ। ସୌଖିନ ବୃକ୍ଷ ପରାମର୍ଶଦାତା ଭାବେ ମଧ୍ୟ ସେ ପରିଚିତ ଥିଲେ। ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

## ଟ୍ରଲିରେ ବୁହାହେଲା ଶ୍ରୀଜଗନ୍ନାଥ, ବଳଭଦ୍ରଙ୍କ ପ୍ରତିମୂର୍ତ୍ତି

**ପୁରୀ,୨୩।୭(ଅଜିତ୍ ମହାନ୍ତି)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୁଣି ଅପମାନ, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଲାଗିଛି। ଏକ ଟ୍ରଲିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ରଙ୍କ ପ୍ରତିମୂର୍ତ୍ତିକୁ ତଳେ ଶୁଆଇ ନିଆଯାଉଥିବା ଭଳି ଭିଡିଓ ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ କ୍ଷେତ୍ର ଶ୍ରୀକ୍ଷେତ୍ରରେ ଏଭଳି ଅଭାବନୀୟ ଦୃଶ୍ୟକୁ ଜଗନ୍ନାଥପ୍ରେମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏକ ଟ୍ରଲିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କୁ ପୁରୀ ପୋଲିସ ଲାଇନ ଛକଠାରେ ନିଆଯାଉଥିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କୁ ଏଭଳି ଟ୍ରଲିରେ ବୋହିକି ନେବା କେତେଦୂର ଠିକ୍, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳୁଛି ଟ୍ରଲିଟି ଦରଜିପୋଖରୀ ଛକ ପଟୁ ଖାଡ଼େଶ୍ୱରୀ ଛକ ଆଡକୁ ଯାଉଛି। ଟ୍ରଲି ଚାଳକ ଟ୍ରଲି ଚଲାଉଥିବା ବେଳେ ଅନ୍ୟଜଣେ ବୟସ୍କ ବ୍ୟକ୍ତି ଟ୍ରଲିର ବାମପାର୍ଶ୍ୱରେ ବସିଛନ୍ତି। ଟ୍ରଲି ଉପରେ ଖୁଲମ ଖୋଲା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ବଳଭଦ୍ରଙ୍କ ପ୍ରତିମୂର୍ତ୍ତି ଶୋଇ ରହି ଉପରକୁ ମୁହଁ କରିଛନ୍ତି, ଯାହାକୁ କେହି ଜଣେ ବ୍ୟକ୍ତି ଯାଉଥିବା ସମୟରେ ତାଙ୍କ ମୋବାଇଲରେ ଭିଡିଓ କରିଛନ୍ତି। ଅପରପକ୍ଷେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିକୁ ଏପରି ଟ୍ରଲିରେ ଅସମ୍ମାନ ଭାବରେ ବୋହି ନେବା ଘଟଣା ପ୍ରଥମ ନୁହେଁ। ପୂର୍ବରୁ ମଧ୍ୟ ଏପରି ଘଟଣା ସାମ୍ନାକୁ ଆସିଥିଲା। ଜଣେ ଟେଷ୍ଟ ମାଲିକ ଶ୍ରୀବିଗ୍ରହମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଟ୍ରଲିରେ ବାନ୍ଧି ବଡ଼ଦାଣ୍ଡରେ ନେଉଥିବା ଦୃଶ୍ୟ ଗତ ବର୍ଷ ଦେଖିବାକୁ ମିଳିଥିଲା। ତେବେ ଏପରି ଘଟଣା ବାରମ୍ବାର ପୁରୀ ସହରରେ ଘଟୁଥିବା ବେଳେ କୋଟି କୋଟି ଭକ୍ତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପଟେ ପ୍ରଶାସନ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା କାରଣରୁ ଏପରି ଘଟଣା ବାରମ୍ବାର ହେଉଛି ବୋଲି ଜଗନ୍ନାଥପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି। ତେଣୁ ମହାପ୍ରଭୁଙ୍କୁ ଅସମ୍ମାନ କରିଥିବା ଏଭଳି ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି କରାଯାଉଛି।



ପୁରୀ ପୋଲିସ ଲାଇନ ରାସ୍ତାରେ ଟ୍ରଲିରେ ନିଆଯାଉଥିବା ମୂର୍ତ୍ତି।

**ଅସମ୍ମାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶ୍ରୀନିବାସ



@ ସନ୍ଦୀପ



@ ଚିନ୍ମୟ



@ ବାମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

| କ୍ର. ନଂ. | ସର୍ଭେ ନମ୍ବର | ଜମିର ପ୍ରକାର | ଜମିର କିସମ | ଜମିର ରକବା (ହେକ୍ଟରରେ) | ଜମିର ମାଲିକ / ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୨୬ | ୩୯ | ବେସରକାରୀ | ଶାରଦ ୨ | ୦.୦୧୬୭ | ଫଗୁନାଥ ଭୋଇ, ପି. ନରେଶ ଚନ୍ଦ୍ର ଭୋଇ, ଜାତି- ବାଉରୀ, ଗ୍ରାମ- ଖଡିଚୁଆନ ଦେଉଳି, ଥାନା- କଟକ ସଦର, ଜିଲ୍ଲା- କଟକ ୩୯ |
| ୧୨୭ | ୯ | ବେସରକାରୀ | ଶାରଦ ୩ | ୦.୦୦୩୮ | ଇନ୍ଦ୍ରମଣୀ ସାହୁ, ପି. ମହାନ୍ତ ସାହୁ, ଜାତି- ଗୁଡିଆ, ଗ୍ରାମ- ନିଜଗାଁ |
| ଗ୍ରାମ : ମଙ୍ଗରାଜପୁର | | | | | |
| ୧୨୮ | ୨୨ | ବେସରକାରୀ | ଶାରଦ ୩ | ୦.୦୧୦୬ | ନଟବର ବେହେରା, ପି. କେଳେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୨୨ |
| ୧୨୯ | ୨୪ | ବେସରକାରୀ | ଶାରଦ ୩/୧୦ | ୦.୦୧୨୯ | ଅମରାବତୀ ଦେବୀ, ସ୍ୱା. ରାମଚନ୍ଦ୍ର ରାମାନୁଜ ଦାସ, ଜାତି- ବ୍ରାହ୍ମଣ, ଗ୍ରାମ- ଜଗନ୍ନାଥ ବଲ୍ଲଭ କଟକ ୨୪ |
| ୧୩୦ | ୩୧ | ବେସରକାରୀ | ଶାରଦ ୩/୩ | ୦.୦୨୫୩ | ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୩୧ |
| ୧୩୧ | ୩୨ | ବେସରକାରୀ | ଶାରଦ ୩/୨ | ୦.୦୩୨୫ | ଭାରତୀ ବେହେରା, ପି. ବାସୁ ବେହେରା, କୁଞ୍ଜ ବେହେରା, ପି. ଚିନ୍ତେଇ ବେହେରା, ବେଣୁଧର ବେହେରା, ଅରକ୍ଷିତ ବେହେରା, ପି. ପଦନା ବେହେରା, ସାଧୁ ବେହେରା, ପଠାନୀ ବେହେରା, ପି. ଭାଗୀ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୩୨ |
| ୧୩୨ | ୩୩ | ସରକାରୀ | ରାସ୍ତା | ୦.୦୬୪୫ | ଜିଲ୍ଲା କମିଟି ୩୩ |
| ୧୩୩ | ୩୫ | ବେସରକାରୀ | ଶାରଦ ୩/୭ | ୦.୦୧୪୫ | ଏକାଦଶୀ ସାମଲ, ପି. ସନେଇ ସାମଲ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୩୫ |
| ୧୩୪ | ୪୪ | ବେସରକାରୀ | ଶାରଦ ୩/୧୦ | ୦.୦୨୯୫ | ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୪ |
| ୧୩୫ | ୪୫ | ବେସରକାରୀ | ଶାରଦ ୩ | ୦.୦୧୭୩ | ଭାରତୀ ବେହେରା, ପି. ବାସୁ ବେହେରା, କୁଞ୍ଜ ବେହେରା, ପି. ଚିନ୍ତେଇ ବେହେରା, ବେଣୁଧର ବେହେରା, ଅରକ୍ଷିତ ବେହେରା, ପି. ପଦନା ବେହେରା, ସାଧୁ ବେହେରା, ପଠାନୀ ବେହେରା, ପି. ଭାଗୀ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୫ |
| ୧୩୬ | ୪୬ | ବେସରକାରୀ | ଶାରଦ ୩/୩ | ୦.୦୨୧୮ | ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୬ |
| ୧୩୭ | ୪୭ | ବେସରକାରୀ | ଶାରଦ ୩/୫ | ୦.୦୦୯୩ | ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୪୭ |
| ୧୩୮ | ୪୮ | ସରକାରୀ | ଚବଭସ ନାଳ | ୦.୦୦୨୫ | ରକ୍ଷିତ ୪୮ |
| ୧୩୯ | ୫୪ | ସରକାରୀ | ରାସ୍ତା | ୦.୦୫୩ | ଜିଲ୍ଲା କମିଟି ୫୪ |
| ୧୪୦ | ୫୫ | ବେସରକାରୀ | ଶାରଦ ୩/୬ | ୦.୦୦୫୫ | ବାଜା ପାଣ୍ଡବ ପି. ଆନନ୍ଦ ପାଣ୍ଡବ, ଭୀମା ପାଣ୍ଡପ, ପି. ମଦନ ପାଣ୍ଡବ, ଧୋବଣି ବେୱା, ସ୍ୱା. କାଶୀ ପାଣ୍ଡବ, ଦିଜ ପାଣ୍ଡବ, ବରଜୁ ପାଣ୍ଡବ ପି. ଆକୁଳି ପାଣ୍ଡବ, ବାଉରୀବନ୍ଧୁ ପାଣ୍ଡବ ପି. ନରସିଂହ ପାଣ୍ଡବ, ଗୋପୀନାଥ ପାଣ୍ଡବ, କାଳନ୍ଦୀ ପାଣ୍ଡବ, ପି. ଅନାଦି ପାଣ୍ଡବ, ଭିକାରି ପାଣ୍ଡବ, ପି. ଦୈତାରୀ ପାଣ୍ଡବ, ବାସୁ ପାଣ୍ଡବ, ପି. ଶ୍ରୀଧର ପାଣ୍ଡବ, ମଦନା ପାଣ୍ଡବ, ସାନନ୍ଦ ପାଣ୍ଡବ ପି. ମହେଶ୍ୱର ପାଣ୍ଡବ, କାଶୀ ପାଣ୍ଡବ, ଭାସ୍କର ପାଣ୍ଡବ, ପି. ଈଶ୍ୱର ପାଣ୍ଡବ, ଆକୁଳି ପାଣ୍ଡବ, ପି. ପଞ୍ଚୁ ପାଣ୍ଡବ, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୫୫ |
| ୧୪୧ | ୫୬ | ସରକାରୀ | ରାସ୍ତା | ୦.୦୦୨ | ସର୍ବସାଧାରଣ ୫୬ |
| ୧୪୨ | ୫୭ | ବେସରକାରୀ | ଶାରଦ ୩/୭ | ୦.୦୨ | ବିଦ୍ୟାଧର ବେହେରା, ଶ୍ରୀଧର ବେହେରା, ଗିରିଧାରୀ ବେହେରା, ଏକାଦଶୀ ବେହେରା, କାର୍ତ୍ତିକ ବେହେରା, ପି. ଦନେଇ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୫୭ |
| ୧୪୩ | ୫୮ | ବେସରକାରୀ | ଶାରଦ ୩/୭ | ୦.୧୯୦୫ | ଅଲେଖ ବେହେରା, ଅର୍ଜୁନ ବେହେରା, ସଂଜୟ ବେହେରା, ପି. କାର୍ତ୍ତିକ ବେହେରା, ନିଶାମଣୀ ବେହେରା, ସ୍ୱା. କାର୍ତ୍ତିକ ବେହେରା, ପୁରୁଷୋତ୍ତମ ବେହେରା, ବଳରାମ ବେହେରା, ପି. ହରି ବେହେରା, ଜାତି- ଗୋପାଳ, ଗ୍ରାମ- ଗୋଡିପାଟଣା, ଥାନା- ଚୌଦ୍ୱାର, ଜିଲ୍ଲା- କଟକ ୫୮ |
| ୧୪୪ | ୮୯ | ବେସରକାରୀ | ଶାରଦ ୩/୬ | ୦.୦୮୧୬ | ରୁଷି ବେହେରା, କେଶବ ବେହେରା, ପି. ଭଗବାନ ବେହେରା, ରାମ ବେହେରା, ରାଜୁ ବେହେରା, ଦିଜ ବେହେରା, ପି. ନାଥ ବେହେରା, ପାଟନା ବେହେରା, ପି. ଗାଡେ ବେହେରା, ଶ୍ୟାମ ବେହେରା, ଦାମ ବେହେରା, ପି. ସିନ୍ଧୁ ବେହେରା, ଜାତି- ଗୋପାଳ, ଗ୍ରାମ- ନିଜଗାଁ ୮୯ |
| ଗ୍ରାମ : ମହିସାଲଣ୍ଡା | | | | | |
| ୧୪୫ | ୬୧୫ | ବେସରକାରୀ | ଶାରଦ ୨/୧୧ | ୦.୦୧୦୨ | ଇନ୍ଦୁମତୀ ରାଉତ, ପି. ନିତ୍ୟାନନ୍ଦ ରାଉତ, ଜାତି- ଓଡ ପ୍ରଧାନ, ଗ୍ରାମ- ନିଜଗାଁ ୬୧୫ |
| ୧୪୬ | ୬୧୯ | ବେସରକାରୀ | ଶାରଦ ୨ | ୦.୦୪୫୮ | ମମତା ମାହାନ୍ତା ସ୍ୱା. ଦିଲ୍ଲୀପ କୁମାର ମାହାନ୍ତା, ଜାତି- କୁଡୁମି, ଗ୍ରାମ- ପୁରୁଣାଘାଟି, ୱାର୍ଡ ନଂ-୫, ଥାନା- ରାଇରଙ୍ଗପୁର, ଗ୍ରାମ- ମୟୂରଭଞ୍ଜ ୬୧୯ |
| ୧୪୭ | ୬୨୧ | ବେସରକାରୀ | ଶାରଦ ୨ | ୦.୦୧୦୨ | ଲିଲିମା ସାହୁ, ସ୍ୱା. ଲିଙ୍ଗରାଜ ସାହୁ, ଜାତି- ଗୁଡିଆ, ଗ୍ରାମ- ବଡବେରେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୧ |
| ୧୪୮ | ୬୨୨ | ସରକାରୀ | ରାସ୍ତା | ୦.୦୯୪୭ | ସର୍ବସାଧାରଣ ୬୨୨ |
| ୧୪୯ | ୬୨୬ | ବେସରକାରୀ | ଶାରଦ ୨/୩ | ୦.୦୦୮୬ | ଲିଲିମା ସାହୁ, ସ୍ୱା. ଲିଙ୍ଗରାଜ ସାହୁ, ଜାତି- ଗୁଡିଆ, ଗ୍ରାମ- ବଡବେରେନା, ଥାନା- ଖୋର୍ଦ୍ଧା, ଜିଲ୍ଲା- ଖୋର୍ଦ୍ଧା ୬୨୬ |
| ଗ୍ରାମ : ଚମ୍ପାଦେଇପୁର | | | | | |
| ୧୫୦ | ୩୭/୧୫୨ | ବେସରକାରୀ | ଶାରଦ ୩ | ୦.୦୯୭୧ | ବୈରାଗୀ ସାମଲ, ଦୈତାରୀ ସାମଲ, ପି. ସୁଦର୍ଶନ ସାମଲ, ତୁଳସୀ ବେୱା, ସ୍ୱା. ଜୟରାମ ସାମଲ, ଜାତି- ଓଡ ପ୍ରଧାନ, ଗ୍ରାମ- ଶଙ୍କରପୁର ୩୭/୧୫୨ |
| ଗ୍ରାମ : ବନ୍ତୋ | | | | | |
| ୧୫୧ | ୧୧ | ସରକାରୀ | ମାହାରା | ୦.୦୦୨ | ରକ୍ଷିତ ୧୧ |
| ୧୫୨ | ୧୧୦ | ବେସରକାରୀ | ଶାରଦ ୩ | ୦.୦୧୪ | ଅଶୋକ କୁମାର ମହାନ୍ତି, ପି. ବେଣୁ ଚରଣ ମହାନ୍ତି, ଜାତି- କରଣ, ଗ୍ରାମ-ନିଜଗାଁ ୧୧୦ |
| ୧୫୩ | ୭୭ | ବେସରକାରୀ | ଶାରଦ ୨ | ୦.୦୪୬୨ | ଧୋବେଇ ନାୟକ ପି. କୁରୁପ ନାୟକ, ଜାତି- ଖଣ୍ଡାୟତ, ଗ୍ରାମ- ଜେମାଦେଇପୁର ୭୭ |
| ୧୫୪ | ୯୧ | ସରକାରୀ | ମାହାରା | ୦.୦୫୯ | ରକ୍ଷିତ ୯୧ |
| ଗ୍ରାମ : ବ୍ରାହ୍ମଣପୁର | | | | | |
| ୧୫୫ | ୧୭୨୫ | ବେସରକାରୀ | ଶାରଦ ୨/୫ | ୦.୦୬ | ବଟକୃଷ୍ଣ ସାହୁ, ନଟବର ସାହୁ, ପି. ଗନି ସାହୁ, ଜାତି- ଖଣ୍ଡାୟତ, ଗ୍ରାମ- ନିଜଗାଁ ୧୭୨୫ |
| ୧୫୬ | ୬୨୧ | ବେସରକାରୀ | ଶାରଦ ୨/୬ | ୦.୦୧୫୫ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ୬୨୧ |
| ୧୫୭ | ୬୫୪ | ବେସରକାରୀ | ଶାରଦ ୨/୨ | ୦.୦୦୩ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ୬୫୪ |
| ୧୫୮ | ୭୪୬ | ବେସରକାରୀ | ଶାରଦ ୨ | ୦.୦୦୩୫ | ଗୋପିନାଥ ଷଡଙ୍ଗୀ, ପି. ବୈଦ୍ୟନାଥ ଷଡଙ୍ଗୀ, ଜାତି- ବ୍ରାହ୍ମଣ, ଗ୍ରାମ- ନିଜଗାଁ ୭୪୬ |
| ୧୫୯ | ୭୫୧ | ବେସରକାରୀ | ଶାରଦ ୨ | ୦.୦୦୨୫ | ଅଭିନ୍ତ ସାହୁ, ପି. ଗୋବିନ୍ଦ ସାହୁ, ବନମାଳୀ ସାହୁ, ପି. ଆନନ୍ଦ ସାହୁ, ସୁକାନ୍ତ କୁମାର ସାହୁ, ପି. ଉଚ୍ଛବ ସାହୁ, ବୁଲି ଦେଇ, ସ୍ୱା. କେଶବ ସାହୁ, ଜାତି- ଗୁଡିଆ, ଗ୍ରାମ- ନିଜଗାଁ ୭୫୧ |
| ୧୬୦ | ୭୫୫ | ବେସରକାରୀ | ପାଳ ୧ | ୦.୦୧୮୯ | ବିନୋଦ କୁମାର ବାରିକ, ପି. ମୁରଲିଧର ବାରିକ, ଜାତି- ଭଣ୍ଡାରୀ, ଗ୍ରାମ- ହରିପୁର, ଥାନା- ପୁରାଘାଟ, ଜିଲ୍ଲା- କଟକ ୭୫୫ |
| ଗ୍ରାମ : ସଳଗାଁ | | | | | |
| ୧୬୧ | ୪୫୯ | ବେସରକାରୀ | ଶାରଦ ୨ | ୦.୦୫୫୬ | ରାଜୁ ଦେହୁରୀ, ବିଜୁ ଦେହୁରୀ, ଯୋଗୀ ଦେହୁରୀ, ପି. କାଶୀ ଦେହୁରୀ, ଶଙ୍କର ଦେହୁରୀ, ପି. ଦାସ ଦେହୁରୀ, ମୂଳି ଦେହୁରୀ, ପି. ବାସୁ ଦେହୁରୀ, ଭାସ୍କର ଦେହୁରୀ, ପି. ନିଧୀ ଦେହୁରୀ, ଜାତି- ସାର, ଗ୍ରାମ- ନିଜଗାଁ ୪୫୯ |
| ୧୬୨ | ୬୩୪ | ସରକାରୀ | ଗୋଚର | ୦.୦୨୬୩ | ରକ୍ଷିତ ୬୩୪ |
| ୧୬୩ | ୬୩୭ | ବେସରକାରୀ | ପଡିତ | ୦.୨୩୪ | ହେମ ମଞ୍ଜରୀ, ସ୍ୱା. ନଗେନ୍ଦ୍ର ନାଥ କାନୁନ୍‌ଗୋ, ଜାତି- କରଣ, ଗ୍ରାମ- ନିଜଗାଁ ୬୩୭ |
| ୧୬୪ | ୬୯୦ | ସରକାରୀ | ଗୋଚର | ୦.୨୩୬ | ରକ୍ଷିତ ୬୯୦ |
| ୧୬୫ | ୬୯୦/୨୯୭୭ | ବେସରକାରୀ | ବିଆଳି | ୦.୦୫୭୮ | ଦୋଳ ବେହେରା, ପି. ଫକୀର ବେହେରା, ଗ୍ରାମ- ମାଛୁଆ ବଜାର, କଟକ ୬୯୦/୨୯୭୭ |
| ୧୬୬ | ୬୯୧ | ସରକାରୀ | ନାଳ | ୦.୦୦୩ | ରକ୍ଷିତ ୬୯୧ |
| | | | ମୋଟ | ୧୦.୯୬୪୫ | |

[[F. No. NHAI/CRRR-II/GP-Tangi/LA/3a/3D]
ABHAY JAIN, Dy. Secy.

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିଲ୍‌ଖା, ଉଷାଙ୍କୁ ଏସ୍‌ଜେଏଫ୍‌ଆଇ ପଦକ

- ବାର୍ଷିକ ସାଧାରଣ ବୈଠକରେ ନିର୍ବାଚନ ଅନୁଷ୍ଠିତ
- କାର୍ଯ୍ୟକାରୀ କମିଟିରେ ଓସ୍‌ଜାର ସୁରେଶ ସାମିଲ

**ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ)ର ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଅହମଦାବାଦରେ ଅନୁଷ୍ଠିତ ହୋଇଯାଇଛି। ଫ୍ଲାଇଂ ଶିଖ୍ ମିଲ୍‌ଖା ସିଂ ଏବଂ ଟ୍ରାକ୍ ଷ୍ଟାର ପି.ଟି. ଉଷାଙ୍କୁ ସମ୍ମାନଜନକ ଏସ୍‌ଜେଏଫ୍‌ଆଇ ପଦକ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ମିଲ୍‌ଖାଙ୍କୁ ମରଣୋତ୍ତରଭାବେ ଏହି ପଦକ ପ୍ରଦାନ କରାଯିବ। ପୂର୍ବରୁ ବିଜୟ ଅମୃତରାଜ, ପ୍ରକାଶ ପାଦୁକୋନେ ଓ ସୁନୀଲ ଗାଭାସ୍କର ଏହି ପଦକ ପାଇଥିଲେ। ୨୦୨୩ରୁ ୨୦୨୫ପାଇଁ ଅନୁଷ୍ଠିତ ନିର୍ବାଚନରେ ତୁଷାର ତ୍ରିବେଦୀ ସଭାପତି ଓ ପ୍ରଶାନ୍ତ କେନି ସମ୍ପାଦକ ମନୋନୀତ ହୋଇଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ଏସ୍‌ଜେଏଫ୍‌ଆଇର କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇଛନ୍ତି।

ନବନିର୍ବାଚିତ ସଦସ୍ୟ: ସଭାପତି: ତୁଷାର ତ୍ରିବେଦୀ, ଉପସଭାପତି: ବିକାଶ ପାଣ୍ଡେ, ମନୁଜା ଭୀରାପ୍ପା, ସରଜୁ ଚକ୍ରବର୍ତ୍ତୀ, ପରିତୋଶ ପରମାଣିକ, ସମ୍ପାଦକ: ପ୍ରଶାନ୍ତ କେନି, ଯୁଗ୍ମ ସମ୍ପାଦକ ରମେଶ ଭରିକୁପ୍ପାଲା, କୋଷାଧ୍ୟକ୍ଷ: ପାର୍ଥ ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ କମିଟି: ସୁରେଶ କୁମାର ସ୍ୱାଇଁ, ରିପ୍‌ଲେ ଚିରିଷ୍ଟେ, କେ. କୀର୍ତ୍ତିବାସନ, ସୁପ୍ରଭାତ ଦେବନାଥ, ବିଦ୍ୟୁତ କାଲିଟା, ନିଲେଶ ଦେଶପାଣ୍ଡେ, ସବି ହୁସେନ ନକ୍‌ଭି।



ଏସ୍‌ଜେଏଫ୍‌ଆଇର ନବନିର୍ବାଚିତ କର୍ମକର୍ତ୍ତା।

# ଅଷ୍ଟ୍ରେଲିଆ ଆଶେସ ବଜାୟ ରଖିଲା

**ମାଞ୍ଚେଷ୍ଟର, ୨୩।୭:** ବର୍ଷା ଯୋଗୁ ଇଂଲଣ୍ଡ-ଅଷ୍ଟ୍ରେଲିଆ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟ ଡ୍ର ରହିଛି। ଫଳରେ ଅଷ୍ଟ୍ରେଲିଆ ସମ୍ଭାବ୍ୟ ପରାଜୟରୁ ରକ୍ଷା ପାଇଯାଇଛି। ଅନ୍ୟପକ୍ଷରେ ସିରିଜରେ ୨-୧ରେ ଅଗ୍ରଣୀ ଥିବାରୁ ଅଷ୍ଟ୍ରେଲିଆ ଆଶେସ ବଜାୟ ରଖିଛି। କ୍ରମାଗତ ୪ର୍ଥ ସିଜନପାଇଁ ଅଷ୍ଟ୍ରେଲିଆ ଆଶେସକୁ ନିଜ ପାଖରେ ରଖିବାରେ ସକ୍ଷମ ହୋଇଛି। ବର୍ଷା ଯୋଗୁ ରବିବାର ଅନ୍ତିମ ଦିବସରେ ଗୋଟିଏ ବି ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ପଡ଼ିଆ ପୁଷ୍କରିଣୀ ସଦୃଶ ହୋଇ ଯାଇଥିବାରୁ ଅମ୍ପାୟର ମ୍ୟାଚ ସମ୍ଭବ ନୁହେଁ ବୋଲି ଜଣାଇ ଦେଇଥିଲେ। ୧୮୯ ରନର ଇନିଂସ ଖେଳିଥିବା ଇଂଲଣ୍ଡର ଜ୍ୟାକ କ୍ରଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। **ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୭। ଇଂଲଣ୍ଡ ପ୍ରଥମ ଇନିଂସ: ୫୯୨। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୧୪/୫।

# ବିପର୍ଯ୍ୟୟ: ଦହିୟାଙ୍କୁ ହରାଇଲେ ଟୋଡ୍‌କର

**ନୂଆଦିଲ୍ଲୀ, ୨୩।୭ (ପି.ଟି.):** ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ୫୭କେଜି ଶ୍ରେଣୀ ପୁରୁଷ ବାଉଟ୍‌ରେ ଅଲିମ୍ପିକ ରୌପ୍ୟ ବିଜେତା ରବି ଦହିୟାଙ୍କୁ ଅପ୍ରତ୍ୟାଶିତ ଭାବେ ହରାଇ ଦେଇଛନ୍ତି ମହାରାଷ୍ଟ୍ରର ଆତିଶ ଟୋଡ୍‌କର। କିନ୍ତୁ ଅମନ ଶେରାୱତ ୫୭କେଜି ଟ୍ରାଏଲ୍ସ ଜିତି ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଚଣ୍ଡ ଶକ୍ତି ଓ ସାମର୍ଥ୍ୟ ପାଇଁ ଦହିୟାଙ୍କୁ ଅନେକେ 'ମେଶିନ୍' ବୋଲି କହିଥାନ୍ତି। ଯେଉଁମାନେ ଦହିୟାଙ୍କ କୁସ୍ତି ଦେଖିଛନ୍ତି, ସେମାନେ କହିଛନ୍ତି, କୌଣସି ଭାରତୀୟ ରେସ୍‌ଲର ଦହିୟାଙ୍କଠାରୁ ୨ ପଏଣ୍ଟ ନେବା ଏକ କଠିନ ବ୍ୟାପାର। ଦହିୟାଙ୍କ ଡାହାଣ ଆଣ୍ଠୁରେ ଏସିଏଲ୍ (ଅଣ୍ଟେରିଅର୍ କ୍ରୁସିଏଟ୍ ଲିଗାମେଣ୍ଟ) ଓ ଏମ୍‌ସିଏଲ୍ (ମେଡିଆଲ୍ କୋଲାଟରାଲ ଲିଗାମେଣ୍ଟ) ଇଞ୍ଜୁରି ଯୋଗୁ ଚଳିତବର୍ଷ କୌଣସି ପ୍ରତିଯୋଗିତାରେ ଭାଗ ନେଇପାରି ନ ଥିଲେ।

# ଭର୍ଷ୍ଟାପେନ୍‌ଙ୍କ କ୍ରମାଗତ ୭ମ ବିଜୟ

**ବୁଦାପେଷ୍ଟ, ୨୩।୭ (ଏପି):** ଚଳିତ ଫର୍ମୁଲା ୱାନ ସିଜନରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ ଆଧିପତ୍ୟ ଜାରି ରଖି ଏଠାରେ ହଙ୍ଗେରିଆନ ଗ୍ରାଁ ପ୍ରି ଜିତିଛନ୍ତି। ସିଜନରେ ଏହା ହେଉଛି ତାଙ୍କର କ୍ରମାଗତ ୭ମ ଏବଂ ମୋଟ ଉପରେ ୯ମ ବିଜୟ। ଅନ୍ୟପକ୍ଷରେ ରେଡ୍‌ବୁଲ କ୍ରମାଗତ ସର୍ବାଧିକ ୧୨ ବିଜୟ ସହ ନୂଆ ରେକର୍ଡ କରିଛି। ପୂର୍ବରୁ ୧୯୮୮ରେ ଆଇର୍ଟନ ସିନା ଓ ଆଲେନ୍ ପ୍ରଷ୍ଟଙ୍କୁ ନେଇ ମ୍ୟାକଲରେନ ଟିମ୍ କ୍ରମାଗତ ୧୧ ବିଜୟ ହାସଲ କରି ଏହି ରେକର୍ଡର ଅଧିକାରୀ ଥିଲା। ରେଡ୍‌ବୁଲର ସର୍ଗିଓ ପେରେଜଙ୍କ ଆଗରେ ମ୍ୟାକଲରେନର ଲାଣ୍ଡୋ ନୋରିସ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପୋଲ୍ ପୋଜିଶନରୁ ଆରମ୍ଭ କରିଥିବା ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଫାଇନାଲ ଲାପ୍‌ରେ ପେରେଜଙ୍କ ନିକଟତର ହୋଇପାରିଥିଲେ ହେଁ ତାଙ୍କୁ ଅତିକ୍ରମ କରିପାରି ନ ଥିଲେ। ସେ ୪ର୍ଥ ସ୍ଥାନରେ ରହିଥିଲେ। ଡ୍ରାଇଭର ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ଭର୍ଷ୍ଟାପେନ୍ କ୍ରମାଗତ ତୃତୀୟ ଟାଇଟଲ ଫର୍ମୁଲା ୱାନ ଆଡକୁ ଅଗ୍ରସର ହେଉଛନ୍ତି।


**ଏକାଦଶ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା**




**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**
ଜନ୍ମ ତାରିଖ: ତା୨୪।୦୭।୨୦୧୨
ଲୋକେଶ୍ୱରପୁର, ଖୋର୍ଦ୍ଧା
ତୋର ଏକାଦଶ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଶ୍ରୀଜିଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ନନା, ବୋଉ, ଅଜା, ଆଈ, ମାମୁ, ମାଈଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମା ନାନୀ।
ଧ-୦୮୮୮


# ଓଡ଼ିଶାରୁ ଭାଗନେବେ ୧୮ ଆଥ୍‌ଲେଟ



ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ମନୋନୀତ ଓଡ଼ିଶାର ପ୍ରତିଯୋଗୀ ଓ ଅଫିସିଆଲଙ୍କ ଗହଣରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

**ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚାଇନାର ଚେଙ୍ଗଡୁଠାରେ ଚଳିତ ମାସ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ ୩୨୫ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ଓଡ଼ିଶାର ୨୯ ଜଣ ସାମିଲ। ଓଡ଼ିଶା ପ୍ରତିନିଧି ଦଳ ମଧ୍ୟରେ ୧୮ ଖେଳାଳି ଓ ୧୧ ଅଫିସିଆଲ ରହିବେ। ଖେଳାଳିଙ୍କ ମଧ୍ୟରୁ ୧୪ ଜଣ କିଟ୍, ୩ ଜଣ ସମ୍ବଲପୁର ଓ ଜଣେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିବେ। ଏମାନଙ୍କ ମଧ୍ୟରେ ୯ ମହିଳା ଓ ୯ ପୁରୁଷ ଖେଳାଳି ସାମିଲ। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ନିଯୁକ୍ତ ହୋଇଛନ୍ତି।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ମୋଟ ୧୮ଟି ଗେମ୍‌ର ୨୬୯ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ୪୯ଟି ଭେନ୍ୟୁକୁ ପ୍ରସ୍ତୁତ କରାଯାଇଛି। ଏହା ମଧ୍ୟରେ ଗୋଟିଏ ଉଦ୍‌ଘାଟନୀ ସମାରୋହ ଭେନ୍ୟୁ, ୨୭ଟି ପ୍ରତିଯୋଗିତା, ୧୮ଟି ଟ୍ରେନିଂ ଏବଂ ୩ଟି ବ୍ୟାକ୍‌ଅପ୍ ଭେନ୍ୟୁ ସାମିଲ। ଭାରତୀୟ ପ୍ରତିନିଧି ଦଳରେ ଯେଉଁ ୩୨୫ ସାମିଲ ରହିବେ ସେମାନଙ୍କ ମଧ୍ୟରେ ଅଛନ୍ତି ୨୬୫ ଆଥଲେଟ୍ ଏବଂ ୬୦ ଅଫିସିଆଲ ଓ କୋଚ୍। ପ୍ରତିଯୋଗିତାରେ ମୋଟ ୭୦ଟି ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିବେ। ଭାରତୀୟ ଆଥଲେଟ୍‌ମାନେ ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଫେନ୍‌ସିଂ, ଜୁଡୋ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟାଏକୋଣ୍ଡୋ, ଟେନିସ, ଭଲିବଲ, ଉଶୁ ଆଦି ୧୨ଟି ଗେମ୍‌ରେ ଅଂଶଗ୍ରହଣ କରିବେ। ଆଥଲେଟିକ୍ସରେ ସର୍ବାଧିକ ୪୦ ଏବଂ ଟେନିସ ଓ ଉଶୁରେ ୪ ଜଣ ଲେଖାଏ ପ୍ରତିଯୋଗୀ ଭାଗ୍ୟ ପରୀକ୍ଷା କରିବେ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅଫିସିଆଲଙ୍କ ମଧ୍ୟରେ ଗଗନେନ୍ଦୁ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ହୋଇଥିବାବେଳେ ଶୈଳେନ୍ଦ୍ର କୁମାର ଜେନା ଆଥଲେଟିକ୍ସ ମ୍ୟାନେଜର, କୈଳାସ ଚନ୍ଦ୍ର ଦାସ ଓ ସୁଶାନ୍ତ କୁମାର ଦାଶ ପ୍ରଶାସନିକ ଅଧିକାରୀ, ସନ୍ତୋଷ କୁମାର ଦାଶ ବ୍ୟାଡ୍‌ମିଣ୍ଟନ ସ୍ପୋର୍ଟ୍ସ ଅଫିସିଆଲ ଏବଂ ସଞ୍ଜୟ ଗଡ଼ନାୟକ କୋଚ୍‌ଭାବେ ଦାୟିତ୍ୱ ତୁଲାଇବେ।

# ଭିଙ୍ଗେଗାର୍ଡ ଟାଇଟଲ ବଜାୟ ରଖିଲେ

**ପ୍ୟାରିସ, ୨୩।୭:** ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ କ୍ରମାଗତ ଦ୍ୱିତୀୟ ବର୍ଷ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍ ଜିତିଛନ୍ତି। ବେଲ୍‌ଜିୟମର ଜୋର୍ଡି ମିଅସ୍ ଅପ୍ରତ୍ୟାଶିତ ଅନ୍ତିମ ୨୧ତମ ଷ୍ଟେଜ୍ ଜିତିଛନ୍ତି। ଏହି ଟୁରର ୪ ଷ୍ଟେଜ୍ ବିଜେତା ଜାସ୍ପର ଫିଲିପସେନ୍ ଓ ଡାଇଲାନ୍ ଗ୍ରୋନ୍‌ୱେନ୍‌ଙ୍କ ଉପରେ କିନ୍ତୁ ସମସ୍ତଙ୍କ ନଜର ଥିଲା। ୩ ସପ୍ତାହ ଧରି ଅନୁଷ୍ଠିତ ଏହି ଇଭେଣ୍ଟ ୩,୪୦୫ କିଲୋମିଟର (୨,୧୧୬ ମାଇଲ) ବିଶିଷ୍ଟ ଥିଲା। ତନ୍ମଧ୍ୟରେ ୮ଟି ମାଉଣ୍ଟେନ ଷ୍ଟେଜ୍, ୫ମାଉଣ୍ଟେନ ରେଞ୍ଜ ରହିଥିଲା। ଆଲପ୍ସ ପର୍ବତ୍ୟାଞ୍ଚଳରେ ଅନୁଷ୍ଠିତ ଏହି ରେସ୍‌ର ଦୁଇଟି ଷ୍ଟେଜ୍ ଭିଙ୍ଗେଗାର୍ଡଙ୍କ ନିୟନ୍ତ୍ରଣରେ ରହିଥିଲା। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସ୍ଲୋଭେନିଆର ଟାଡେଜ ପୋଗାକାର।

# ଶୁଟିଂ: ଖୋର୍ଦ୍ଧା ଦଳଗତ ଚାମ୍ପିୟନ

**ଭୁବନେଶ୍ୱର, ୨୩।୭ (ବିଜୟ ରଣା)**

ରାଜ୍ୟ ଶୁଟିଂ ପ୍ରତିଯୋଗିତାର ଦ୍ୱାଦଶ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ରାଇଫଲ ସଂଘ ତରଫରୁ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଉଭୟ କଳିଙ୍ଗ ଷ୍ଟାଡିୟମ ଓ ଉତ୍କଳ କରାଟେ ସ୍କୁଲରେ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ସର୍ବାଧିକ ୧୧ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଅନୁଗୋଳ ୪ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ କଟକ ଦୁଇ ସ୍ୱର୍ଣ୍ଣ ସହ ତୃତୀୟ ସ୍ଥାନରେ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଶିଷ ସାମନ୍ତରାୟ, ଆଶିଷ ନାୟକ, ବଳଭଦ୍ର ଦାସ, ଗୌରୀ ମହାନ୍ତି, ରୋମିଓକାନ୍ତ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ, ରାକେଶ ମହାନ୍ତି, ସୋନୁ ପଣ୍ଡା, ଅରବିନ୍ଦ ସାହୁ ଏବଂ ସଂଘର ସମ୍ପାଦକ ଡ. ହରିପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟ ଶୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।


# Classified Everyday
0674-2580101, 2549949




**SALE**

Puri location Charinala near Jena Sahi 1200sqft. plot for sale. Contact-Phone. 8018702198, 9090917149. D-69090

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ ବିକ୍ରିହେବ, **9439832956, 9337513276.** D-0833

"600sqft. commercial space for sale at Master Canteen, Ashok Nagar, Bhubaneswar. 14,500/- per sqft. Price negotiable. Contact: 9938540951". D-0879

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886

Duplex sale at Bhubaneswar @ 57 Lakhs only. Contact-9777433701. D-74893




**3BHK independent Unit at Udayagiri Vihar, Patrapada. Contact on Whatsapp-9437189374.** D-71682




Newly open SPA positively health benefit with expert. Contact : 7749976301. D-74554

Asribadha Panchakarma herbal SPA Kesharimall, Bhubaneswar. Contact : 8926173473. D-75011

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly opened (one 8 SPA)/(Salon Service) with export therapist. 9938843929. D-75131

**AFFIDAVIT**

By virtue of an affidavit in the Court of Executive Magistrate, Balasore I Ruji Sahu, W/o- Rabindra Sahu of Srikanthapur, hereby declare that in all my identify & residential proof my name is mentioned as Ruji Sahu. But in LIC Certificate my name is recorded as Khulana Sahu. Ruji Sahu and Khulana Sahu is one & same person. D-0889

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ଅତିରିକ୍ତ କମିଶନର ନଂ. ୩, ଏଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ ଭୁବନେଶ୍ୱର, ଓ. ଏସ୍.ଏସ୍.କେସ୍ ନଂ- ୧୫୮୦ / ୨୦୧୯
ସ୍ମାରକ ଭୂୟା ........ବାଦୀ
ବନାମ
ଶଶୀ କୁମାର ସାହୁ ଏବଂ ଅନ୍ୟମାନେ ........ପ୍ରତିବାଦୀ
ନୋଟିସ ସି. ପି. ସି. ଅର୍ଡର- ୫ ରୁଲ- ୨୦ ମୁତାବକ

୨.ବିଚିତ୍ର ଦେଇ, ସ୍ୱାମୀ ଭଗତ ଚରଣ ରାଉତ @ ରାଉତରାୟ, ୩. ମାନଗୋବିନ୍ଦ ରାଉତ @ ରାଉତରାୟ, ପିତା ସ୍ୱର୍ଗତ ଭଗତ ଚରଣ ରାଉତ @ ରାଉତରାୟ, ୫. ସଞ୍ଜୁକ୍ତା ଜେନା, ପିତା ସ୍ୱର୍ଗତ ଭଗତ ଚରଣ ରାଉତ @ ରାଉତରାୟ, ୭. ରାଧା ଚରଣ ରାଉତ, ପିତା ସ୍ୱର୍ଗତ ବାଳକୃଷ୍ଣ ରାଉତ @ ରାଉତରାୟ, ୯. ଆରତି ସ୍ୱାଇଁ, ସ୍ୱାମୀ ଦିଲ୍ଲୀପ ଚରଣ ସ୍ୱାଇଁ, ୧୬. ବିଜୟଲକ୍ଷ୍ମୀ ପରିଡା, @ ରାଉତ, ସ୍ୱାମୀ ଦୁର୍ଯ୍ୟୋଧନ ପରିଡା, ୧୭. ଶଚୀ @ ସଚିତ୍ର ଚମ୍ପତି, ପିତା ସ୍ୱର୍ଗତ ନିତ୍ୟାନନ୍ଦ ଚମ୍ପତି, ୧୯. ଆଶାଲତା ରାଉତରାୟ, ପିତା ସ୍ୱର୍ଗତ ନିତ୍ୟାନନ୍ଦ ରାଉତରାୟ ପ୍ରତିବାଦୀ ନଂ. ୨, ୩, ୫, ୭, ୯, ୧୬, ୧୭ ଏବଂ ୧୯ ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଝାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨ ଏବଂ ୩, ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୫, ୭,୯, ୧୬, ୧୭ ଏବଂ ୧୯ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୧୬.୦୯.୨୦୨୩ ଦିବା ୦୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା। ତଫସିଲ ସମ୍ପତ୍ତିର ବିବରଣୀ ମୌଜା- ଚଣ୍ଡୀହଦା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲା- ଖୋର୍ଦ୍ଧା, ସାବକ ଖାତା ନଂ. ୬, ସାବକ ପ୍ଲଟ୍ ନଂ.୨୭, ଏରିଆ ଏ.୦.୦୨୫ଡି., ହାଲ ଖାତା ନଂ. ୩୬, ହାଲ ପ୍ଲଟ୍ ନଂ.୧୧୪, ଏରିଆ ଏ.୦.୦୨୫ଡି.ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ (କୋର୍ଟ ଅଧିକାରୀ)
ଧ-୦୮୮୧


# ସ୍କୁଲ୍ସ ଚେସ୍: ଲଳିତ ଚାମ୍ପିୟନ

**ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନ ମନ୍ଦିର ପରିସରରେ ରବିବାର ୩ୟ ଉପେନ୍ଦ୍ର ନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକ ଓଲ୍ଡ ଷ୍ଟିୱାର୍ଟ ସ୍କୁଲ୍‌ର ଲଳିତ ରଞ୍ଜନ ସାହୁ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। କେଦାରଗୌରୀ ଜେଣ୍ଟ ଜାଭିଅର ହାଇସ୍କୁଲର ନମସ୍ୟ ନଳିନୀ ଓ ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲର ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆରିହନ ମିଶ୍ର, ରିଶିତ ଦେବନାଥ, ପ୍ରିୟଦର୍ଶନ ରାୟ, ଅକ୍ଷୟ ଅଗ୍ରୱାଲ, ସତ୍ୟ ନାରାୟଣ ସ୍ୱାଇଁ, ଅଭନେଶ ସାମନ୍ତରାୟ ଓ ଆୟୁଷ ପରିଡ଼ା ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସବର୍ଗ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉପେନ୍ଦ୍ର ନାୟକଙ୍କ ଝିଅ ପ୍ରିୟଦର୍ଶିନୀ ନାୟକ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏମର୍ଜିଂ ପୁରସ୍କାର ଯୋଜନା

**ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ସଂଘର ବାର୍ଷିକ ବୈଠକ**

**ଭୁବନେଶ୍ୱର, ୨୩।୭ (ତପନ ସ୍ୱାଇଁ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ ପ୍ରଶାସନିକ ଓ ବୈଷୟିକ ଅଧିକାରୀ ସଂଘର ବାର୍ଷିକ ବୈଠକ ରବିବାର ପୁରୀସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପରାମର୍ଶଦାତା ବୋର୍ଡ ଗଠନ କରାଯାଇଛି। ଏଥିରେ ହରିପ୍ରସାଦ ଶତପଥୀ, କିଶୋର ମାଣିଆ, ଅରୁଣ ଦାସ ଓ ପଙ୍କଜ ସାହୁ ରହିଛନ୍ତି। ଗଠିତ ଆଡ୍‌ହକ୍ କମିଟିରେ ସଭାପତି ଗିରିଜା ମହାନ୍ତି, କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି, ସମ୍ପାଦକ ଆର.ଏନ୍. ସେନାପତି, ଓ କୋଷାଧ୍ୟକ୍ଷ ଭାବେ ଆର.କେ. ମଣ୍ଡଳ ମନୋନୀତ ହୋଇଛନ୍ତି। ଜୋନାଲ ସମ୍ପାଦକଭାବେ ଏନ୍.କେ. ମିଶ୍ର, ବି.ଡି. ପ୍ରଧାନ, କୁମାର ପଣ୍ଡା, ଅକ୍ଷୟ ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ ସଦସ୍ୟଭାବେ ଜଇରାଜ ପଟ୍ଟନାୟକ, ଜ୍ଞାନ ରଞ୍ଜନ ପରିଡ଼ା, ଅଭୟ ପଟ୍ଟନାୟକ, ସନାତନ ସାହୁ, ଆର.ପି. ପାଣି ରହିଛନ୍ତି। ନିଜ ଅଭିଜ୍ଞତାକୁ ପାଥେୟ କରି ସଂଘର କର୍ମକର୍ତ୍ତାମାନେ କ୍ରୀଡ଼ା ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅବସରରେ ସେମାନଙ୍କ ମତାମତ ରଖିବେ। ସଂଘର ସଦସ୍ୟଙ୍କ ସହଯୋଗରେ ବର୍ଷର ପ୍ରତି କ୍ୱାର୍ଟରରେ ନ୍ୟୁଜଲେଟର ପ୍ରକାଶ କରିବା ସହିତ ଭବିଷ୍ୟତରେ ଜଣେ ଏମର୍ଜିଂ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି।


ବୈଠକରେ ଉପସ୍ଥିତ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ।

# ଭିଟାମିନ୍ ବି-୧୨



ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବା ଲାଗି ଆମେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ନିହାତି ଦରକାର। କାରଣ ଏଗୁଡ଼ିକର ପରିମାଣ ଅସନ୍ତୁଳିତ ରହିଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ଠିକ୍ ସେହିପରି ଆମ ଶରୀରରେ ଭିଟାମିନ୍ ବି-୧୨ ପରିମାଣ ସନ୍ତୁଳିତ ରହିବା ଆବଶ୍ୟକ। ଏହାର ଅଭାବରେ କେତେକ ଶାରୀରିକ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ବିଶେଷଭାବରେ ଏହାର ଅଭାବ ମାନସିକ ଅବସ୍ଥା ଉପରେ ପଡ଼େ। ଏହା ଠିକ୍ ରହିଲେ ମୁଡ୍ ସକାରାତ୍ମକ ରହିଥାଏ। ଏପରି ଭିଟାମିନ୍ ଅସନ୍ତୁଳିତ ରହିଲେ ତାହା ଷ୍ଟ୍ରେସ୍‌ଜନିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏହାଠାରୁ ଦୂରେଇ ରହିବା ଲାଗି ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହାର ଅଭାବ ଆଉ ଏକ ଗୁରୁତର ସମସ୍ୟା ସୃଷ୍ଟି କରେ। ଏହାର ପରିମାଣ ଯଦି ଠିକ୍ ନ ରହେ ତେବେ ଶରୀର ଭିତରେ ରକ୍ତର ପରିମାଣ କମିଯାଇଥାଏ। ଏହାଦ୍ୱାରା ଅଳ୍ପ କାମ କଲେ ଥକ୍କା ଲାଗିବା, ଦୁର୍ବଳ ଲାଗିବା ପରି ସମସ୍ୟା ଦେଖାଦିଏ। ଭିଟାମିନ୍ ବି-୧୨ର ଅଭାବ ଆଉ ଏକ ଅଙ୍ଗ ଉପରେ ମଧ୍ୟ ପଡ଼ିଥାଏ। ତାହା ହେଲା ଅସ୍ଥି। ଉକ୍ତ ଭିଟାମିନ୍‌ର ଅଭାବରେ ଅସ୍ଥି ଦୁର୍ବଳ ହୋଇଯାଏ। ଭିଟାମିନ୍ ବି-୧୨ର ପ୍ରମୁଖ ଉତ୍ସଗୁଡ଼ିକ ହେଲା, ମାଛ, ମାଂସ, ଅଣ୍ଡା, ପାଚିଲା କଦଳୀ ଏବଂ ଦୁଗ୍ଧଜାତୀୟ ଖାଦ୍ୟ।

# ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖେ ଦହି



ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ନିୟମିତ ଦହି ଖାଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିଥାଏ। ତା'ସହ ଶରୀରକୁ ଶକ୍ତି ପ୍ରଦାନ କରେ। ଏଥିରେ ଥିବା କ୍ୟାଲ୍‌ସିୟମ୍ ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜ୍‌ଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରୋସିସ୍ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଏଥିସହ ଦାନ୍ତକୁ ମଧ୍ୟ ଦୃଢ଼ ରଖେ। ତା' ସହ ଚର୍ମ ଏବଂ କେଶକୁ ବଢ଼ିବାରେ ମଧ୍ୟ ସାହାଯ୍ୟ କରେ। ଏଥିରେ ଥିବା ଲାକ୍‌ଟିକ୍ ଏସିଡ୍ ଯୋଗୁ କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ଦହିରେ ଲାକ୍‌ଟିକ୍ ଏସିଡ୍ ତତ୍ତ୍ୱ ଫଙ୍ଗାଲ ସମସ୍ୟା ଦୂର କରିଥାଏ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ଖାଦ୍ୟରେ କିଛି ପରିମାଣରେ ଦହି ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ଏହାବ୍ୟତୀତ ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ ଦହି। ଶରୀରରେ ହରମୋନ୍ ପରିମାଣକୁ ସନ୍ତୁଳିତ ରଖିଥାଏ। ରକ୍ତରେ ଶର୍କରାର ପରିମାଣକୁ ଏହା ସନ୍ତୁଳିତ ରଖେ ଯାହା ହୃଦ୍‌ଜନିତ ଏବଂ ଡାଇବେଟିସ୍ ଭଳି ସମସ୍ୟାରୁ ରକ୍ଷା କରେ।

# ମାନବୀୟ ଅଭିବୃଦ୍ଧିରେ ଜୈବ ପ୍ରଯୁକ୍ତିବିଜ୍ଞାନ



ଡ. ମାନସ ରଞ୍ଜନ ଶତପଥୀ

''ଜୈବ ପ୍ରଯୁକ୍ତିବିଜ୍ଞାନଭିତ୍ତିକ ଉଦ୍ୟୋଗ ବିଶେଷ ପୁଞ୍ଜି ଆବଶ୍ୟକତା ଦୃଷ୍ଟିରୁ କୌଣସି ବିକାଶଶୀଳ ରାଷ୍ଟ୍ରରେ ସ୍ଥାନୀୟ ପ୍ରତିଭାଙ୍କୁ ବିନିଯୋଗ କରି ବିନା ସରକାରୀ ସହାୟତାରେ ଜୀବିତ ରହିବା କଷ୍ଟକର ବ୍ୟାପାର। ସେଥିପାଇଁ ଆବଶ୍ୟକସ୍ଥଳେ ଅନେକ ଉଦ୍ୟୋଗ ବାହ୍ୟ ସୂତ୍ରରୁ ଏପରିକି ବିକଶିତ ରାଷ୍ଟ୍ରଙ୍କ ଠାରୁ ଆର୍ଥିକ ସହାୟତା ଗ୍ରହଣ କରନ୍ତି। ତେଣୁ ଏପରି ଉଦ୍ୟୋଗ, ଜ୍ଞାନକୌଶଳ ତଥା ପରିସଂସ୍ଥା ସ୍ଥାନୀୟ ବଜାର ପରିସ୍ଥିତିରେ ବଞ୍ଚିରହିବା ନିମନ୍ତେ ସରକାରୀ ପ୍ରୋତ୍ସାହନ ଏବଂ ତତ୍‌ସଂଲଗ୍ନ ଆବଶ୍ୟକ ନୀତି ନିତାନ୍ତ ଆବଶ୍ୟକ।''





ବିଜ୍ଞାନର ଏକ ନୂତନ ଆଲୋଡ଼ନକାରୀ ସମ୍ଭାବନା ଭାବେ ଜୈବ ପ୍ରଯୁକ୍ତିବିଜ୍ଞାନ (ବାୟୋଟେକ୍ନୋଲୋଜି) ସମଗ୍ର ପୃଥିବୀରେ ଉଭା ହୋଇଅଛି, ଯାହା ମୌଳିକ ବିଜ୍ଞାନର ବିଭିନ୍ନ ଶାଖା ଯଥା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଭଳି ଅନ୍ୟାନ୍ୟ ବିଜ୍ଞାନକୁ ସମାହିତ କରି ଏକ ଯୁଗ୍ମ ଔଦ୍ୟୋଗିକ ପ୍ରକ୍ରିୟା ନିର୍ଦ୍ଧାରିତ କରିପାରିବାରେ ସକ୍ଷମ। ଏପରି ଭିନ୍ନ ଶୈଳୀର ବିଜ୍ଞାନରେ ଯେକୌଣସି ଜୀବକୋଷ ବା କୋଷରେ ଥିବା ଡି.ଏନ୍.ଏ., ଆର୍.ଏନ୍.ଏ., ପ୍ରୋଟିନ୍ ଇତ୍ୟାଦିକୁ ମାନବୀୟ ଆବଶ୍ୟକତା ଅନୁସାରେ ଭାଙ୍ଗି ଯୋଡ଼ି ବା ରୂପାନ୍ତରିତ କରି ସଙ୍କର କୋଷ ସୃଷ୍ଟି କରିବା କ୍ଷମତା ଥିବାରୁ ଏହାକୁ ପ୍ରଯୁକ୍ତି ବିଜ୍ଞାନର ଆଖ୍ୟା ଦିଆଯାଇଛି। ବିକଶିତ ରାଷ୍ଟ୍ରମାନେ ପୂର୍ବରୁ ଏହାର ବହୁଳ ଉପଯୋଗ କରି କୃଷି, ଖାଦ୍ୟ ଉପାର୍ଜନ, ସ୍ୱାସ୍ଥ୍ୟସେବା, ପରିବେଶ ନିୟନ୍ତ୍ରଣ ତଥା ଜନହିତକାରୀ କ୍ଷେତ୍ରଗୁଡ଼ିକରେ ବୈପ୍ଳବିକ ସଫଳତା ପାଇ ଲାଭବାନ ହେଉଥିବା ବେଳେ ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ଏହାକୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଦରି ପାରିନାହାନ୍ତି। କିନ୍ତୁ ବିଜ୍ଞାନର ଏହି ନୂତନ ଆଲୋଡ଼ନ ଦ୍ୱାରା ବିକାଶଶୀଳ ଦେଶଗୁଡ଼ିକ ସେମାନଙ୍କ ନିଜର ପରିବେଶ ତଥା ସାମାଜିକ ଆବଶ୍ୟକତା ଅନୁଯାୟୀ ନୂତନ ପ୍ରୟୋଗ ବିଜ୍ଞାନକୁ ଆଦରି ନେବାର ଅଙ୍ଗୀକାରବଦ୍ଧତା ସୁଯୋଗ ସୃଷ୍ଟି କରି ଆର୍ଥିକ ଅଗ୍ରଗତି, ନିଯୁକ୍ତି, ଉନ୍ନତ ସ୍ୱାସ୍ଥ୍ୟ, ପୋଷଣୀୟ ବିକାଶ ତଥା ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ବେଶ ଲାଭବାନ ହୋଇପାରନ୍ତେ। ଏହା କହିବା ବାହୁଲ୍ୟ ଯେ ଜୈବ ପ୍ରଯୁକ୍ତିବିଜ୍ଞାନ ସମାଜରେ ଭିନ୍ନ ସୁଯୋଗ ସୃଷ୍ଟି କରିବା ସହିତ ବହୁ କଷ୍ଟକର ଓ ଉଦ୍ଦୀପକ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରେ ଯେଉଁଗୁଡ଼ିକୁ ଅତ୍ୟନ୍ତ ସମ୍ବେଦନଶୀଳତା ସହ ଭରଣା କରିପାରିଲେ ଏହାର ସଫଳ ରୂପାୟନ ସମ୍ଭବ। ବିକାଶଶୀଳ ରାଷ୍ଟ୍ରରେ କୌଣସି ଜୈବ ପ୍ରଯୁକ୍ତିବିଜ୍ଞାନ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ବିକଶିତ ଜ୍ଞାନକୌଶଳ, ଠିକ୍ ଓ ନିରାପଦ ଉତ୍ପାଦ, ନିରୀକ୍ଷଣକାରୀ ଏବଂ ପ୍ରବର୍ତ୍ତନକ୍ଷମ ନିୟାମକ ସଂସ୍ଥାନ ମାନ ନିତାନ୍ତ ଆବଶ୍ୟକ ନଚେତ ଯେ କୌଣସି ଉଦ୍ୟୋଗ ନିୟମିତ ଭାବେ ପ୍ରବର୍ତ୍ତନ ନିୟମ ଓ ଆର୍ଥିକ ଚାପ ବଶବର୍ତ୍ତୀ ହୋଇ ପରିଚାଳନାଗତ ତ୍ରୁଟିର ସମ୍ମୁଖୀନ ହେବା ବିଧେୟ।

ଜୈବ ପ୍ରଯୁକ୍ତିବିଜ୍ଞାନଭିତ୍ତିକ ଉଦ୍ୟୋଗ ବିଶେଷ ପୁଞ୍ଜି ଆବଶ୍ୟକତା ଦୃଷ୍ଟିରୁ କୌଣସି ବିକାଶଶୀଳ ରାଷ୍ଟ୍ରରେ ସ୍ଥାନୀୟ ପ୍ରତିଭାଙ୍କୁ ବିନିଯୋଗ କରି ବିନା ସରକାରୀ ସହାୟତାରେ ଜୀବିତ ରହିବା କଷ୍ଟକର ବ୍ୟାପାର। ସେଥିପାଇଁ ଆବଶ୍ୟକସ୍ଥଳେ ଅନେକ ଉଦ୍ୟୋଗ ବାହ୍ୟ ସୂତ୍ରରୁ ଏପରିକି ବିକଶିତ ରାଷ୍ଟ୍ରଙ୍କଠାରୁ ଆର୍ଥିକ ସହାୟତା ଗ୍ରହଣ କରନ୍ତି। ତେଣୁ ଏପରି ଉଦ୍ୟୋଗ, ଜ୍ଞାନ କୌଶଳ ତଥା ପରିସଂସ୍ଥା ସ୍ଥାନୀୟ ବଜାର ପରିସ୍ଥିତିରେ ବଞ୍ଚିରହିବା ନିମନ୍ତେ ସରକାରୀ ପ୍ରୋତ୍ସାହନ ଏବଂ ତତ୍‌ସଂଲଗ୍ନ ଆବଶ୍ୟକ ନୀତି ନିତାନ୍ତ ଆବଶ୍ୟକ। ଗବେଷଣାକୁ ଅଧିକ ଶାଣିତ କରିବା ପାଇଁ ସରକାରୀ ଆର୍ଥିକ ପ୍ରୋତ୍ସାହନ ଆବଶ୍ୟକ ଥିବାବେଳେ ସରକାରଙ୍କ ସହାୟତାରେ ଅତ୍ୟାଧୁନିକ ଇନ୍‌କ୍ୟୁବେସନ କେନ୍ଦ୍ର ପ୍ରତିଷ୍ଠା, କ୍ଲିନିକାଲ ଟ୍ରାଏଲ ନିମନ୍ତେ ନିରାପଦ ସ୍ଥାନ ତଥା ନିୟାମକ ଆଧୁନିକୀକରଣ ଭଳି ପଦକ୍ଷେପ ଅତ୍ୟାବଶ୍ୟକ। ଏପରିକି, ଏହି ଉଦ୍ୟୋଗ ପାଇଁ ଆବଶ୍ୟକ ସାମଗ୍ରୀଗୁଡ଼ିକୁ ଦେଶୀୟ ଉତ୍ପାଦ ଭାବେ ସ୍ଥାନୀୟ ବଜାରରେ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ମଧ୍ୟ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ। କାରଣ ବାହ୍ୟ ଦେଶର ଏପରି ସାମଗ୍ରୀ ଅତ୍ୟନ୍ତ ମହଙ୍ଗା ହୋଇଥିବାରୁ ନୂତନ ଭାବେ ଗଢ଼ିଉଠୁଥିବା ଉଦ୍ୟୋଗ ପାଇଁ ମହଙ୍ଗା ଉପକରଣ ଘାତକ ହେବା ସମ୍ଭାବନା ଅଧିକ।

ଭାରତରେ ଜୈବ ପ୍ରଯୁକ୍ତିବିଜ୍ଞାନ ଯୁବପିଢ଼ି ତଥା ସରକାରଙ୍କ ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟିକାରୀ ଭାବେ ଆଗାମୀ ବର୍ଷଗୁଡ଼ିକରେ ୩୦,୦୦୦ କୋଟି ଆମେରିକୀୟ ଡଲାର ଅର୍ଥନୀତି ହେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଅଛି। ୨୦୨୨ ମସିହାରେ ଏହି ଉଦ୍ୟୋଗଗୁଡ଼ିକର ଆୟ ୮୦୦୦ କୋଟି ଡଲାର ଛୁଇଁଥିବା ବେଳେ ଭାରତବର୍ଷ ଆନ୍ତର୍ଜାତିକ ସ୍ତରରେ ୧୨ତମ ଶ୍ରେଷ୍ଠ ଗବେଷଣା ଗନ୍ତବ୍ୟସ୍ଥଳୀ ଭାବେ ବିବେଚିତ ହେଉଅଛି। କିନ୍ତୁ ଏସିଆ ମହାଦେଶରେ ଏହା ତୃତୀୟ ଭାବେ ପରିଚିତ। ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରାଳୟ ଅଧୀନରେ ଜୈବ ପ୍ରଯୁକ୍ତିବିଜ୍ଞାନ ବିଭାଗ ୧୯୮୬ ମସିହାରୁ କାର୍ଯ୍ୟରତ, ଯାହା ମାଧ୍ୟମରେ ସରକାର ଏ ସମ୍ବନ୍ଧୀୟ କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରିଥା'ନ୍ତି। ଏକ ଜାତୀୟ ମିଶନ ରୂପେ ଭାରତ ସରକାର ଏହି କୌଶଳର ସୁବିନିଯୋଗ କରି ଉନ୍ନତ ଗବେଷଣା, ବିକାଶ ଓ ବ୍ୟବସାୟ ମାଧ୍ୟମରେ ଦେଶରେ ବିଶାଳ ଜୈବ ଅର୍ଥନୀତି ଗଠନ କରିବାକୁ ଆଗାମୀ ଦିନରେ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ରୀୟ ବଜେଟ ୨୦୨୨-୨୩ରେ ପ୍ରାୟ ୨,୬୮୪ କୋଟି ଟଙ୍କାର ପ୍ରାବଧାନ କରି ଭାରତରେ ଗବେଷଣା ଓ ବିକାଶ କାର୍ଯ୍ୟ ପ୍ରତି ସରକାରୀ ପ୍ରତିବଦ୍ଧତା ପ୍ରମାଣିତ କରିଛନ୍ତି। ଆକଳନରୁ ଜଣାଯାଏ ଅଦ୍ୟାବଧି ୧୭୫ ଗୋଟି ଜୈବ ପ୍ରଯୁକ୍ତି ଉଦ୍ୟୋଗ ଭାରତରେ ସ୍ଥାପିତ ହୋଇ ସଫଳତାର ସହ କାର୍ଯ୍ୟକ୍ଷମ ଥିବାବେଳେ ଏହାର ଶତକଡ଼ା ୩୦ ପ୍ରତିଶତ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଅବସ୍ଥିତ।

ଓଡ଼ିଶା ସରକାର ମଧ୍ୟ ନିଜର ଜୈବ ପ୍ରଯୁକ୍ତିବିଜ୍ଞାନ ବିଭାଗ ସ୍ଥାପନ କରି 'ଓଡ଼ିଶା ବାୟୋଟେକ୍ନୋଲୋଜି ପଲିସି-୨୦୧୮' ପ୍ରଣୟନ ପରେ ବଛା ବଛା ଅତି ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକରେ ଗବେଷଣାକୁ ଅଗ୍ରାଧିକାର ଦେଇ ଉଦ୍ୟୋଗ-ଅଧ୍ୟାପନା ମଣ୍ଡଳୀ-ସାମାଜିକ କ୍ଷେତ୍ର ସହଯୋଗରେ ସର୍ବୋତ୍ତମ ପ୍ରୟୋଗାତ୍ମକ କୌଶଳ ବିକାଶ କରିବା ଲକ୍ଷ୍ୟ ରଖିଛନ୍ତି। ଉକ୍ତ ପଲିସି ମାଧ୍ୟମରେ ସରକାର ଏହି ଉଦ୍ୟୋଗର ବିକାଶ ନିମନ୍ତେ ଆର୍ଥିକ, ଅଣଆର୍ଥିକ ସହାୟତା ତଥା ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି। ରାଜ୍ୟ ସରକାର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ ଯଥା ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ତଥା ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକୁ ଜୈବ ପ୍ରଯୁକ୍ତି ଉଦ୍ୟୋଗ କିମ୍ବା ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ନିମନ୍ତେ ଉତ୍ସାହିତ କରୁଛନ୍ତି। ଉଦ୍ୟୋଗୀମାନଙ୍କ ଅନ୍ତରସ୍ଥ ଦକ୍ଷତା ବିକାଶ ଓ ବାଣିଜ୍ୟିକ ପ୍ରତିଯୋଗିତା ବଢ଼ାଇବା ଉଦ୍ଦେଶ୍ୟରେ ସ୍ୱଳ୍ପ ମିଆଦୀ କୋର୍ସ ଭିନ୍ନ ଭିନ୍ନ ବ୍ୟବସାୟିକ ଦିଗରେ ଯଥା ବିଜନେସ ମ୍ୟାନେଜମେଣ୍ଟ, ଏଣ୍ଟରପ୍ରିନିୟରଶିପ ଡେଭେଲପମେଣ୍ଟ, ବାୟୋସେଫ୍‌ଟି, ବାୟୋଏଥିକ୍ସ, ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟ୍ସ ଇତ୍ୟାଦି ପ୍ରଚଳିତ କରାଉଛନ୍ତି। ସରକାର ନିଜସ୍ୱ କିମ୍ବା ବେସରକାରୀ ସହଭାଗିତାରେ ଔଦ୍ୟୋଗିକ ବାତାବରଣ ବୃଦ୍ଧି ନିମନ୍ତେ ଏକାଧିକ ଇନକ୍ୟୁବେଟର ପ୍ରତିଷ୍ଠା ଲାଗି ମଧ୍ୟ ପ୍ରୟାସ କରୁଛନ୍ତି। ଜୈବ ପ୍ରଯୁକ୍ତି କ୍ଷେତ୍ରର ସମ୍ପ୍ରସାରଣ ନିମନ୍ତେ ଗବେଷଣା ଓ ବିକାଶ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଦିଗ ଯଥା କୃଷି, ଔଷଧୀୟ ଶାସ୍ତ୍ର, ପ୍ରାଣୀ ବିଜ୍ଞାନ, ଜୀବ ବିଜ୍ଞାନ, ସାମୁଦ୍ରିକ ବିଜ୍ଞାନ, ପରିବେଶ ବିଜ୍ଞାନ, ଇତ୍ୟାଦି ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ରାଶିର ବ୍ୟବସ୍ଥା କରନ୍ତୁ। ଏହି ବିଦ୍ୟାକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମ୍ମିଳନୀ, ଆଲୋଚନା ଚକ୍ର, କର୍ମଶାଳା ଇତ୍ୟାଦି ଆୟୋଜନ କରିବା ପାଇଁ ସୁଯୋଗ ଏବଂ ଆର୍ଥିକ ସହଯୋଗ ଯୋଗାଇ ଦେଉଛନ୍ତି। (କ୍ରମଶଃ...)

-ସହକାରୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଉଦ୍ଭିଦ ବିଜ୍ଞାନ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ : ୯୪୩୭୪୭୯୦୪୫

# ଦାନ୍ତ ସମସ୍ୟା ଓ ମସ୍ତିଷ୍କ



ଆମେ ସକାଳେ ଏବଂ ରାତ୍ର ଭୋଜନ ପରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ପରିଷ୍କାର ପରିଚ୍ଛନ୍ନ ରହିଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ରଖିଥାଏ। ଯଦି ଦାନ୍ତମୂଳରେ ଖାଦ୍ୟର ଅବଶିଷ୍ଟାଂଶ ରହିଲା ତେବେ ତାହା ଅନେକ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରେ। ଏପରି କି ଏହା ଗୁରୁତର ଅବସ୍ଥା ଧାରଣ କଲେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ତେବେ ଦାନ୍ତ ସମସ୍ୟା ସହ ଆଉ ଏକ କଥାକୁ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଯୋଡ଼ିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଦାନ୍ତଜନିତ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଲେ ତାହାର ପ୍ରଭାବ ମସ୍ତିଷ୍କ ବା ବ୍ରେନ୍ ଉପରେ ପଡ଼ିବାର ଆଶଙ୍କା ରହିଛି। ଏହାଦ୍ୱାରା ମସ୍ତିଷ୍କ ଭିତରେ ଥିବା ହିପ୍ପୋକେମ୍ପସ ତତ୍ତ୍ୱ ପ୍ରଭାବିତ ହୋଇଥାଏ। ତେଣୁ ଦାନ୍ତ ଯେପରି ସବୁବେଳେ ପରିଷ୍କାର ରହେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ମୁଣ୍ଡ ବିନ୍ଧୁଥିଲେ...



ବେଳେବେଳେ ଠିକ୍ ସମୟରେ ଖାଦ୍ୟ ନ ଖାଇବା କି ପାଣି ନ ପିଇବା ଦ୍ୱାରା ମୁଣ୍ଡ ବହୁତ ଜୋର୍‌ରେ ବିନ୍ଧିଥାଏ। ତେଣୁ ସମୟ ଅନୁଯାୟୀ ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମୁଣ୍ଡ ବ୍ୟଥାରୁ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାର ରହିଛି। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ମୁଣ୍ଡବ୍ୟଥା କମାଇବାରେ ସାହାଯ୍ୟ କରେ। ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ପ୍ରତିଦିନ ରାତିରେ ପ୍ରାୟ ୬-୭ ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ରହିଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ତାହା ମୁଣ୍ଡବ୍ୟଥାରୁ ଅନେକାଂଶର ଉପଶମ ଦେଇଥାଏ। ହର୍‌ବାଲ୍ ଉପଚାରକୁ ମଧ୍ୟ ଏଥିପାଇଁ ଆପଣେଇ ପାରନ୍ତି। ମୁଣ୍ଡବ୍ୟଥା ଯୋଗୁ ବେଳେବେଳେ ବାନ୍ତି ଆସିଥାଏ। ଏହି ସମୟରେ ଅଦା ମିଶ୍ରିତ ଚା' ପିଇଲେ ତାହା ମୁଣ୍ଡ ବିନ୍ଧାରୁ ସାମୟିକ ଉପଶମ ଦେଇଥାଏ। ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇଲେ ତାହା ସେତେ ଭଲ। ମୁଣ୍ଡବିନ୍ଧାର ଅନ୍ୟତମ କାରଣ ହେଲା ଟେନ୍‌ସନ୍। ଏହାଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ମୁଣ୍ଡବିନ୍ଧା ଯଦି ଦୀର୍ଘ ଦିନ ଧରି ଲାଗି ରହେ ତେବେ ଏଭଳି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ।

# ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



କୁହାଯାଏ ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଗମୁକ୍ତ ତଥା ସୁସ୍ଥ ଜୀବନ ପାଇଁ ଖାଦ୍ୟର ଭୂମିକା କେତେ ଅଛି ତାହା କହିବା ବାହୁଲ୍ୟ। ତେଣୁ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଗ୍ଲିନିଆସିସ୍ ଗ୍ଲୋବାଲ ହସ୍ପିଟାଲ୍ ପକ୍ଷରୁ ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଆମେ ଖାଦ୍ୟପେୟକୁ ସନ୍ତୁଳିତ ରଖିବା ତେବେ ଡିପ୍ରେସନ ଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା। 'ଡିପ୍ରେସନ ଏବଂ ଖାଦ୍ୟପେୟ' ଶୀର୍ଷକ ବିଷୟକୁ ନେଇ ଏହି ହସପିଟାଲ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କଠାରେ ଡିପ୍ରେସନ ସମସ୍ୟା କମ୍ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସ୍ୱାସ୍ଥ୍ୟ ସୂଚନା

- ନିୟମିତ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ ଠାରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। କାରଣ ନିଶାଦ୍ରବ୍ୟରେ ଥିବା ବିଷାକ୍ତ ତତ୍ତ୍ୱ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନ ବୃଦ୍ଧି କରାଇଥାଏ। ଫଳରେ ରକ୍ତଚାପ ବୃଦ୍ଧି ପାଇଥାଏ।
- ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଇବା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।
- ଗାଜରରେ ପ୍ରଚୁର ପରିମାଣର ଭିଟାମିନ ଥିବାରୁ ଏହା ଚର୍ମକୁ ସତେଜ ରଖେ ଏବଂ କେଶ ଝଡ଼ିବାକୁ ଦେଇ ନ ଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରନ୍ତୁ।
- କୌଣସି କାମ କରୁଥିବାବେଳେ ଯଦି ହାଲିଆ ଲାଗୁଛି, ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଟିକେ ବିଶ୍ରାମ ନିଅନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ଅଧିକ କାମ କରିବାକୁ ଇଚ୍ଛା ହେବ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।



# ଚନ୍ଦ୍ରଯାନ-୩ର ଲକ୍ଷ୍ୟ

(ଶେଷ ଭାଗ)

ପୁନଶ୍ଚ ମେରୁ ଅଞ୍ଚଳର ଅତ୍ୟଧିକ ଥଣ୍ଡା ଯୋଗୁଁ ଏଠାରେ ବହୁ ପୂର୍ବରୁ ରହିଯାଇଥିବା ଅନେକ ବସ୍ତୁ ଘନୀଭୂତ ଅବସ୍ଥାରେ ଅଛି ଏବଂ ଏହାର ବିଶେଷ ପରିବର୍ତ୍ତନ ହୋଇନାହିଁ। ଚନ୍ଦ୍ରର ଉତ୍ତର ଓ ଦକ୍ଷିଣ ମେରୁରେ ଥିବା ପଥର ଓ ମୃତ୍ତିକା ସୌରଜଗତର ଗଠନ ସମ୍ବନ୍ଧରେ ସୂଚନା ଦେଇପାରେ।

ଏଠାରେ ପ୍ରଶ୍ନ ଉଠେ ଯେ ଚନ୍ଦ୍ର ମେରୁ ଅଞ୍ଚଳର କିଛି ଅଞ୍ଚଳ କାହିଁକି ସୂର୍ଯ୍ୟାଲୋକ ପାଏନାହିଁ? ପୃଥିବୀର ଘୂର୍ଣ୍ଣନ ଅକ୍ଷ ପୃଥିବୀର କକ୍ଷ ଠାରୁ ୨୩.୫ ଡିଗ୍ରୀ ଢଳିକରି ଥିବା ବେଳେ ଚନ୍ଦ୍ରର ଅକ୍ଷ ଏହାର କକ୍ଷ ସହିତ ମାତ୍ର ୧୫ ଡିଗ୍ରୀ ଢଳିକରି ରହିଛି। ଏହି ଅନନ୍ୟ ଜ୍ୟାମିତି ପାଇଁ ଚନ୍ଦ୍ରର ଉଭୟ ମେରୁରେ ଥିବା ଅନେକ ଗର୍ତ୍ତର ଚଟାଣରେ ସୂର୍ଯ୍ୟାଲୋକ କେବେ ପହଞ୍ଚି ପାରେ ନାହିଁ। ଏହି ଅଞ୍ଚଳଗୁଡ଼ିକୁ 'ସ୍ଥାୟୀରୂପେ ଛାୟାଞ୍ଚଳ' କୁହାଯାଏ। ନାସା ୨୦୧୯ ମସିହାରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ, ଏହି ଛାୟାଞ୍ଚଳକୁ ପ୍ରବେଶ କରିଥିବା ଜଳ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିପାରିବ। ନାସା ପଠାଇଥିବା 'ଲୁନାର ରିକନାଇସାନ୍‌ସ ଅର୍ବିଟର' ବର୍ତ୍ତମାନ ଚନ୍ଦ୍ର କକ୍ଷରେ ରହି ଏହାକୁ ପ୍ରଦକ୍ଷିଣ କରୁଛି। ଏଥିରେ ଥିବା ଡିଭାଇନ୍ ଯନ୍ତ୍ର ଚନ୍ଦ୍ରର ବିଭିନ୍ନ ତାପମାତ୍ରା ମଧ୍ୟ ମାପିଛି, ଯେଉଁଥିରୁ ସୂଚନା ମିଳୁଛି ଯେ ଏହି ପୃଷ୍ଠଗୁଡ଼ିକର ଅତ୍ୟଧିକ ଥଣ୍ଡା ଯୋଗୁଁ ସେଠାରେ ଜଳ ସ୍ଥିର ଭାବରେ ଅଛି। ଏଠାରେ ମଧ୍ୟ ମୂଲ୍ୟବାନ୍ ଖଣିଜ ପଦାର୍ଥ ଥିବାର ଅନୁମାନ କରାଯାଉଛି।

ଏଣୁ ଦକ୍ଷିଣ ମେରୁର ଲୁକ୍କାୟିତ ତଥ୍ୟ ଉନ୍ମୁକ୍ତ କରିବା ପାଇଁ ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର ସେଠାରେ ଅବତରଣ କରିବ। ଏହା ଯଦି ସଫଳ ଭାବେ ସେଠାରେ ସଫ୍ଟ ଲ୍ୟାଣ୍ଡିଙ୍ଗ କରେ, ତାହାହେଲେ ଏହି କ୍ଷେତ୍ରରେ ଭାରତ ପ୍ରଥମ ଦେଶ ହେବ। ଅନ୍ୟପକ୍ଷରେ ନିଶ୍ଚିତଭାବେ ଇସ୍ରୋ ପାଇଁ ଗର୍ବର ବିଷୟ ହେବ। ଇସ୍ରୋ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ ସେମାନେ ଚନ୍ଦ୍ରଯାନ-୨ର ତ୍ରୁଟିକୁ ସୁଧାରିଛନ୍ତି ଏବଂ ଚନ୍ଦ୍ରଯାନ-୩ର ସଫଳତା ପାଇଁ ଆଶାବାଦୀ ଅଛନ୍ତି।

**-ଇଂ ମାୟାଧର ସ୍ୱାଇଁ**
୭୦, ଲକ୍ଷ୍ମୀବିହାର,
ଫେଜ୍-୧, ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪



DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜୁଲାଇ ୨୪/୨୦୨୩ Bhubaneswar, Monday, July 24/ 2023

# ସାତ୍ତ୍ୱିକ-ଚିରାଗଙ୍କୁ ଡବଲ୍ସ ଟାଇଟଲ

## କୋରିଆ ଓପନ

**ୟୋସୁ, ୨୩।୭(ପି.ଟି)**

କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ଭାରତୀୟ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଯୋଡି ଇଣ୍ଡୋନେସିଆର ଫଜର ଆଲଫିଆନ୍ ଓ ମହମ୍ମଦ ରିଆନ୍ ଆର୍ଡିଆଣ୍ଟୋଙ୍କୁ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରିଛନ୍ତି ଭାରତୀୟ ଯୋଡି। ଦୁଇ ଦୁଇ ଥର ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଆଲଫିଆନ୍-ଆର୍ଡିଆଣ୍ଟୋଙ୍କ ଯୋଡିକୁ ୧୭-୨୧, ୨୧-୧୩ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି ଚିରାଗ-ସାତ୍ତ୍ୱିକ। ଚଳିତ ବର୍ଷ ଭାରତୀୟ ଯୋଡିଙ୍କର ଏହା ଚତୁର୍ଥ ଟାଇଟଲ। ପୂର୍ବରୁ ଉଭୟ ସ୍ୱିସ୍ ଓପନ, ଏସିଆନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଓ ଇଣ୍ଡୋନେସିଆ ଓପନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ରବିବାରର ବିଜୟ ସହିତ ଚିରାଗ-ସାତ୍ତ୍ୱିକ କ୍ରମାଗତ ୧୦ମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।

ପ୍ରଥମ ସେଟ୍‌ରେ ସାତ୍ତ୍ୱିକ-ଚିରାଗଙ୍କ ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ଏକଦା ୧୦-୧୯ରେ ପଛୁଆ ରହିଥିବା ବେଳେ କ୍ରମାଗତ ୪ ପଏଣ୍ଟ ଅର୍ଜନ କରିଥିଲେ। ଏହାପରେ ୧୭-୨୦ରେ ପହଞ୍ଚିଥିଲେ ମଧ୍ୟ ଆଲଫିଆନ୍-ଆର୍ଡିଆଣ୍ଟୋ ୨୧-୧୭ରେ ପ୍ରଥମ ସେଟ୍‌କୁ ଜିତି ନେଇଥିଲେ। ମାତ୍ର ପରବର୍ତ୍ତୀ ଦୁଇ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହିତ ଟାଇଟଲ କବ୍‌ଜା କରିଥିଲେ ଚିରାଗ-ସାତ୍ତ୍ୱିକ। ଇଣ୍ଡୋନେସିଆ ଓପନ ପରେ ଏହା ଉଭୟ ଖେଳାଳିଙ୍କ ପାଇଁ କ୍ରମାଗତ ଟାଇଟଲ। ପ୍ରଥମ ସେଟ୍‌ରେ ଆମର ଆରମ୍ଭ ଭଲ ରହି ନ ଥିଲା। ମାତ୍ର ଦ୍ୱିତୀୟ ସେଟ୍ ପରଠାରୁ ଆମର ପ୍ରଦର୍ଶନରେ ବେଶ୍ ଉନ୍ନତି ଆସିଥିଲା। କ୍ରମାଗତ ଟାଇଟଲ୍ ହାସଲ ପାଇଁ ଆମେ ବେଶ୍ ଖୁସି ଅଛୁ ବୋଲି ମ୍ୟାଚ୍ ପରେ କହିଥିଲେ ଚିରାଗ। ଚଳିତ ସପ୍ତାହରେ ଆମେ ଉତ୍ତମ କ୍ୱାଲିଟିର ବ୍ୟାଡ୍‌ମିଣ୍ଟନ ଖେଳିଛୁ। ସମାନ ପ୍ରଦର୍ଶନ ଆମେ ଆସନ୍ତା ସପ୍ତାହର ଜାପାନ ଓପନରେ ଦୋହରାଇବାକୁ ପ୍ରୟାସ କରିବୁ ବୋଲି କହିଛନ୍ତି ସାତ୍ତ୍ୱିକ। ମ୍ୟାଚ୍ ପରେ କୋରିଆର ପପ୍ ସଙ୍ଗ ଗଙ୍ଗନମ୍ ଷ୍ଟାଇଲରେ ଉଭୟ ଖେଳାଳି ନୃତ୍ୟ କରି ସେଲିବ୍ରେଶନ୍ କରିଥିଲେ। ଚିରାଗ ଓ ସାତ୍ତ୍ୱିକ ସାଥୀ ହୋଇ ଖେଳିବା ପରଠାରୁ ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ, ଥୋମାସ୍ କପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ବ୍ୟତୀତ ସୁପର-୩୦୦ ସିରିଜ ସୟଦ ମୋଦି ଓ ସୁଇସ୍ ଓପନ ବିଜେତା ରହିଛନ୍ତି। ସୁପର ୫୦୦ ବର୍ଗରେ ଥାଇଲାଣ୍ଡ, ଇଣ୍ଡିଆ ଓପନ, ସୁପର ୭୫୦ ବର୍ଗରେ ଫ୍ରେଞ୍ଚ ଓପନ ଓ ସୁପର ୧୦୦୦ ବର୍ଗରେ ଇଣ୍ଡୋନେସିଆ ଓପନରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି।



ମ୍ୟାଚ୍ ପରେ ପପ୍ ସଙ୍ଗ ଗଙ୍ଗନମ୍ ଷ୍ଟାଇଲରେ ନୃତ୍ୟରତ ଚିରାଗ-ସାତ୍ତ୍ୱିକ।

# ନ୍ୟୁଜିଲାଣ୍ଡ ଖେଳାଳିଙ୍କ ହୋଟେଲରେ ଅଗ୍ନିକାଣ୍ଡ

**ଅକଲାଣ୍ଡ ୨୩।୭ (ପି.ଟି.):** ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ଆଉ ଏକ ଅଘଟଣ ଦେଖିବାକୁ ମିଳିଛି। ନ୍ୟୁଜିଲାଣ୍ଡ ଖେଳାଳି ଅବସ୍ଥାନ କରୁଥିବା ହୋଟେଲରେ ନିଆଁ ଲାଗିବା କାରଣରୁ ସମସ୍ତ ଖେଳାଳିଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ୩୪ ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କୁ ସୋମବାର କୋର୍ଟରେ ହାଜର କରାଯିବ। ଏହା ପୂର୍ବରୁ ମଧ୍ୟ ନରୱେ ଖେଳାଳି ଅବସ୍ଥାନ କରୁଥିବା ହୋଟେଲ ନିକଟରେ ଏକ ଗୁଳିକାଣ୍ଡ ଘଟିଥିଲା। ଏଥିରେ ଦୁଇ ଜଣ ସାଧାରଣ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ଆତତାୟୀ ପୋଲିସ ଗୁଳିରେ ପ୍ରାଣ ହରାଇଥିଲା। ତେବେ ଉଭୟ ଘଟଣା ମଧ୍ୟରେ କୌଣସି ସମ୍ପର୍କ ଅଛି କି ନାହିଁ ତାହାର ତଦନ୍ତ ଜାରି ରହିଛି।

# ପାକିସ୍ତାନ 'ଏ' ଚାମ୍ପିୟନ

**କଲମ୍ବୋ, ୨୩।୭:** ଏସିସି ଏମର୍ଜିଂ କପ୍ କ୍ରିକେଟରେ ପାକିସ୍ତାନ 'ଏ' ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ 'ଏ' ୧୨୮ ରନରେ ଭାରତ 'ଏ'କୁ ପରାସ୍ତ କରିଛି। ତାୟବ ତାହିର (୧୦୮ ରନ, ୭୧ ବଲ, ୧୨ ଚୌକା, ୪ ଛକା)ଙ୍କ ଦ୍ରୁତ ଶତକ ବଳରେ ପାକିସ୍ତାନ 'ଏ' ୫୦ ଓଭରରେ ୮ ଉଇକେଟ ହରାଇ ୩୫୨ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତ 'ଏ' ୪୦ ଓଭରରେ ୨୨୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅଭିଷେକ ଶର୍ମା ସର୍ବାଧିକ ୬୧ ରନ କରିଥିଲେ। ତାହିର ପ୍ଲେୟର ଅଫ୍ ଦି ମ୍ୟାଚ ଓ ଭାରତର ନିଶାନ୍ତ ସିନ୍ଧୁ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ସିରାଜଙ୍କୁ ୫ ଉଇକେଟ ସଫଳତା

## ଦ୍ୱିତୀୟ ଟେଷ୍ଟ

**ପୋର୍ଟ ଅଫ୍ ସ୍ପେନ୍, ୨୩।୭**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚରେ ଭାରତର ମହମ୍ମଦ ସିରାଜଙ୍କୁ ୫ ଉଇକେଟ ସଫଳତା। କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ସିରାଜ ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଘରୋଇ ଦଳ ପ୍ରଥମ ଇନିଂସରେ ୨୫୫ ରନ୍‌ରେ ସୀମିତ ରହିଛି। ଭାରତ ୧୮୧/୨ରେ ଇନିଂସ ଘୋଷଣା କରିବାରୁ ଘରୋଇ ଦଳ ଆଗରେ ୩୬୫ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଚତୁର୍ଥ ଦିନର ଦୁଇ ଅପରାଜିତ ବ୍ୟାଟର ଆଲିକ୍ ଆଥନାଜେ ଓ ଜୋସୁଆ ଡି ସିଲ୍‌ଭା ଖେଳ ଆରମ୍ଭ କରିଥିଲେ। ଆଥନାଜେଙ୍କୁ ଆଉଟ କରି ମୁକେଶ କୁମାର ଭାରତକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ପରେ ମହମ୍ମଦ ସିରାଜ ଅଗ୍ନିବର୍ଷୀ ବୋଲିଂ କରିବା ସହିତ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଥିଲେ। ରବିବାର ସିରାଜ ନିଜ ସ୍ପେଲରେ ଜୋସୁଆ ଡି ସିଲ୍‌ଭା(୧୦), ଜାସନ୍ ହୋଲ୍ଡର(୧୫), ଆଲଜାରି ଯୋଶେଫ୍(୪), କେମାର ରୋଚ୍(୪) ଓ ଶାନନ୍ ଗାବ୍ରିଏଲ(୦)ଙ୍କୁ ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଅଧିନାୟକ କ୍ରେଗ୍ ବ୍ରାଥୱେଟ ସର୍ବାଧିକ ୭୫ ରନ୍ କରିଥିବା ବେଳେ ଆଲିକ୍ ଆଥନାଜେ ୩୭ ଓ ଟାଗେନାରିନ୍ ଚନ୍ଦ୍ରପାଲ ୩୩ ରନ୍ ସ୍କୋର କରିଥିଲେ। ମୁକେଶ କୁମାର ଓ ରବୀନ୍ଦ୍ର ଜାଡେଜା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୮୩ ରନ୍‌ରେ ଆଗୁଆ ରହିବା ପରେ ଭାରତ ଏହାର ଦ୍ୱିତୀୟ ଇନିଂସ ଦୃଢ ଭାବେ ଆରମ୍ଭ କରିଥିଲା। ରୋହିତ ଶର୍ମା ୫୭ ଓ ଯଶସ୍ୱୀ ଜୟସ୍ୱାଲ ୩୮ ରନ୍‌ରେ ଆଉଟ ହୋଇଛନ୍ତି। ଟେଷ୍ଟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବା ଇଶାନ୍ କିଶନ୍ ୩୪ ବଲ୍‌ରୁ ୫୨ ରନ୍ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୨ ଛକା ସାମିଲ ଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୩୮। ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ ୧୧୫.୪ ଓଭରରେ ୨୫୫/୧୦ (କ୍ରେଗ୍ ବ୍ରାଥୱେଟ-୭୫, ଆଲିକ୍ ଆଥନାଜେ-୩୭, ଟାଗେନାରିନ୍ ଚନ୍ଦ୍ରପାଲ-୩୩, ମହମ୍ମଦ ସିରାଜ୍-୫/୬୦, ରବୀନ୍ଦ୍ର ଜାଡେଜା-୨/୩୭, ମୁକେଶ କୁମାର-୨/୪୮)। ଭାରତ ଦ୍ୱିତୀୟ ଇନିଂସ ୨୪ ଓଭରରେ ୧୮୧/୨ (ରୋହିତ ଶର୍ମା-୫୭, ଇଶାନ କିଷନ ୫୨*, ଯଶସ୍ୱୀ ଜୟସ୍ୱାଲ-୩୮, ଶାନନ ଗାବ୍ରିଏଲ-୧/୧୫, ଜୋମେଲ ୱାରିକାନ-୧/୧୫)।



ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ